

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar





୩ ଅପରାଧିକ ଆଇନର ଉତ୍ସର୍ଗ | ୬

ଯମଜ ସନ୍ତାନର ମାଆ ହେଲେ ଶ୍ରଦ୍ଧା | ୮



RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୨୪୫ Vol. 21 No-245 4 DECEMBER 2024 WEDNESDAY BHUBANESWAR ବୁଧବାର, ୪ ଡିସେମ୍ବର ୨୦୨୪ ପୃଷ୍ଠା-୮ ମୂଲ୍ୟ: ୭.୦୦


## ଓଡ଼ିଶାରେ ମହାମହିମ ରାଷ୍ଟ୍ରପତି

# ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତି ଲୋକାର୍ପିତ







- ବିମାନବନ୍ଦରରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା
- ଜାହିରା ପୀଠରେ କଲେ ପୂଜାର୍ଚ୍ଚନା
- ନୌସେନା ଦିବସ ସମାରୋହରେ ହେବେ ସାମିଲ
- ୫ ଦିନିଆ ଗସ୍ତକୁ ଦୃଷ୍ଟିରେ ରଖି ସୁରକ୍ଷା କଡ଼ାକଡ଼ି

ଭୁବନେଶ୍ୱର,୩।୧୨(ଭାସ୍କର ନ୍ୟୁଜ): ପୁଣି ଓଡ଼ିଶାରେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ମାଟିର ଝିଅଙ୍କ ଟିକିଏ ଝଲକ ପାଇଁ ରାଜଧାନୀ ଭୁବନେଶ୍ୱରରେ ନାହିଁନଥିବା ଉତ୍ସାହ ଓ ଉଦ୍ଦୀପନା। ସମୟ ଅପରାହ୍ନ ଠିକ୍ ସାଢେ ଚାରିଟା। ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିଲା ବାୟୁସେନାର ସ୍ୱତନ୍ତ୍ର ବିମାନ। ବିମାନବନ୍ଦରରେ ମହାମହିମଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଲେ ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମେୟର ସୁଲୋଚନା ଦାସ, ମୁଖ୍ୟ ସଚିବ ମନୋଜ ଆହୁଜା ଏବଂ ପୋଲିସ ମହାନିର୍ଦ୍ଦେଶକ ୱାଇ.ବି.ଖୁରାନିଆଙ୍କ ସମେତ ବରିଷ୍ଠ ଅଧିକାରୀ। ପରେ ଶ୍ରୀମତୀ ମୁର୍ମୁ ବିମାନବନ୍ଦରରୁ ସିଧାସଳଖ ଯାଇଥିଲେ ଚନ୍ଦ୍ରଶେଖରପୁରର ନୀଳାଦ୍ରିବିହାର। ସେଠାରେ ଆଦିମ ଓୱାର ଜାର୍‌ପା ଜାହେର ପରିଦର୍ଶନ କରିଥିଲେ। ନୀଳାଦ୍ରିବିହାରରେ ଅଲଚିକି ଲିପିର ପ୍ରଣେତା ପଣ୍ଡିତ ରଘୁନା ମୁର୍ମୁଙ୍କ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଥିଲେ ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓ, ପ୍ରଭାତୀ ପରିଡ଼ା, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟମାନେ। ଏହାପରେ ରାଷ୍ଟ୍ରପତି ନିକଟସ୍ଥ ପାର୍କ ବୁଲି ଦେଖିଥିଲେ। ପରେ ସ୍ଥାନୀୟ ବୁଦ୍ଧିଜୀବୀଙ୍କ ସହ କଥା ହୋଇଥିଲେ। ପ୍ରତିମୂର୍ତ୍ତି ଲୋକାର୍ପଣ ପରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ରାଜଭବନ ଫେରି ଯାଇଥିଲେ। ସେଠାରେ ସେ ରାତ୍ରିଯାପନ କରିବେ। ବୁଧବାର ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ପୁରୀ ଅଭିମୁଖେ ଯାଇ ନୌସେନା ଦିବସରେ ଯୋଗଦେବେ। ବୁଧବାର ସକାଳ ୯.୪୫ ମିନିଟରେ ତାଳବଣିଆ ହେଲିପ୍ୟାଡରେ ପହଞ୍ଚିବା ପରେ କଡ଼ା ସୁରକ୍ଷା ଓ ସ୍ୱତନ୍ତ୍ର କାର୍କେଡ ମଧ୍ୟରେ ଶ୍ରୀମନ୍ଦିର ଅଭିମୁଖେ ଯାତ୍ରା କରିବେ। ପୂର୍ବାହ୍ନ ୧୦.୧୫ରୁ ୧୦.୪୦ ମଧ୍ୟରେ ଶ୍ରୀମନ୍ଦିର ଭିତରେ ମହାପ୍ରଭୁଙ୍କ ଦର୍ଶନ ସହ ପୂଜାର୍ଚ୍ଚନା କରି ଆଶୀର୍ବାଦ ନେବେ। ୧୦.୪୦ରେ ଶ୍ରୀମନ୍ଦିରରୁ ପ୍ରତ୍ୟାବର୍ତ୍ତନ କରିବେ। ସେଠାରୁ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ୭୫ତମ ହୀରକ ଜୟନ୍ତୀରେ ମୁଖ୍ୟ ଅତିଥିଭାବେ ଯୋଗଦେବେ। ଅପରାହ୍ନ ୧୨ଟାରେ ସେଠାରୁ ରାଜଭବନ ଅଭିମୁଖେ ଯିବେ। ରାଜଭବନରେ ଦ୍ୱିପ୍ରହର ଭୋଜନ ସାରି ବ୍ଲୁଫ୍ଲାଗ୍ ବିଚ୍‌ରେ ଅନୁଷ୍ଠିତ ହେବାକୁ ଥିବା ନୌସେନା ଦିବସରେ ସାମିଲ ହେବେ। ସେଠାରେ ଦେଢଘଣ୍ଟାରୁ ଅଧିକ ସମୟ ରହିବେ। ସେଠାରୁ ରାଜଭବନ ଫେରି ରାତ୍ରୀଯାପନ କରିବେ। ତା ପରଦିନ ଅର୍ଥାତ୍ ୫ ତାରିଖ ଗୁରୁବାର ସକାଳ ୧୦.୦୫ରେ ତାଳବଣିଆ ହେଲିପ୍ୟାଡରୁ ସ୍ୱତନ୍ତ୍ର ବିମାନଯୋଗେ ଭୁବନେଶ୍ୱରରେ ପହଞ୍ଚିବେ। ଭୁବନେଶ୍ୱର କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ୪୦ତମ ସମାବର୍ତ୍ତନ ଉତ୍ସବରେ ସାମିଲ ● ପୃଷ୍ଠା ୫ ଦେଖନ୍ତୁ

## ଆଜି ପୁରୀରେ ନୌସେନା ଦିବସ

# ପରାକ୍ରମ ଦେଖାଇବେ ନୌସେନା ବୀର



ପୁରୀ (ଭାସ୍କର ନ୍ୟୁଜ) : ୪ ତାରିଖ ବୁଧବାର ପୁରୀ ବ୍ଲୁ ଫ୍ଲାଗ ବିଚରେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉପସ୍ଥିତିରେ ଶତ୍ରୁକୁ କିଭଳି ମାତ୍ ଦିଆଯାଏ ସେନେଇ ଯୁଦ୍ଧ କଳା କୌଶଳ ପ୍ରଦର୍ଶନ କରିବ ନୌସେନା। ଏହାକୁ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଦ୍‌ଘାଟନ କରିବେ। ଏଥିପାଇଁ ବ୍ଲୁ ଫ୍ଲାଗ ବିଚରେ ନୌସେନାର ଯବାନ ମାନେ ଯୁଦ୍ଧାଭ୍ୟାସ ଜାରି ରଖିଥିବା ବେଳେ ବ୍ଲୁ ଫ୍ଲାଗ ବିଚ ଏବେ ଯୁଦ୍ଧର ରଣକ୍ଷେତ୍ର ପରି ମନେ ହେଉଛି। ନୌସେନା ଦିବସ କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଓ ସୁରକ୍ଷିତ କରିବା ନିମନ୍ତେ ବଡ଼ଦାଣ୍ଡ ସମେତ ପୁରୀ ବେଳାଭୂମିରେ ପୋଲିସ ଫୋର୍ସ ମୁତୟନ କରାଯାଇଛି । ସମୁଦ୍ର ଭିତରକୁ ପ୍ରବେଶ ନେଇ ମଧ ପର୍ଯ୍ୟଟକଙ୍କ ଉପରେ କଟକଣା ଜାରି କରାଯିବ । ପୁରୀ ସହର ସମେତ ବିଭିନ୍ନ ପ୍ରବେଶ ପଥରେ ସିସିଟିଭି କ୍ୟାମେରା ଲଗାଯାଇ କଡ଼ା ନଜର ରଖାଯାଇଛି । ନୌସେନା ଭଳି ଏକ ଜାତୀୟସ୍ତରୀୟ କାର୍ଯ୍ୟକ୍ରମ ପୁରୀରେ ଆୟୋଜିତ ହେବା ଆମପାଇଁ ଗର୍ବର ବିଷୟ ହୋଇଥିବା ବେଳେ ଏହାକୁ ସଫଳତାର ସହ ଆୟୋଜନ ନେଇ ପୁରୀ ପୋଲିସ ପକ୍ଷରୁ ଯାହା କିଛି ବ୍ୟବସ୍ଥା ହୋଇଛି ସେନେଇ ସହଯୋଗ କରିବାକୁ ପୁରୀ ଆସୁଥିବା ପର୍ଯ୍ୟଟକ

### ଉଦ୍‌ଘାଟନ କରିବେ ରାଷ୍ଟ୍ରପତି

ଏବଂ ସହରବାସୀ ପୋଲିସକୁ ସହଯୋଗ କରିବା ପାଇଁ ଏସପି ନିବେଦନ କରିଛନ୍ତି ।ନୌସେନା ଦିବସ ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସମେତ ପ୍ରତିରକ୍ଷା ମନ୍ତ୍ରୀ, ଗୃହମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ସମେତ ବହୁ ଉଚ୍ଚପଦସ୍ଥ ଅଧିକାରୀ ଏବଂ ଭିଭିଆଇପି ଯୋଗ ଦେବେ । ଏହି ଉତ୍ସବରେ ନୌସେନାର ୨୪ଟି ଯୁଦ୍ଧ ଜାହାଜ, ୪୦ଟି ଯୁଦ୍ଧ ହେଲିକପ୍ଟର, ● ପୃଷ୍ଠା ୫ ଦେଖନ୍ତୁ






କେନ୍ଦୁଝର(ଭାସ୍କର ନ୍ୟୁଜ୍):ସୋମବାର ଦିନ ଜିଲ୍ଲାପାଳ ବିଶାଳ ସିଂହଙ୍କ ନେତୃତ୍ୱରେ କେନ୍ଦୁଝର ଜିଲ୍ଲା ସଦର ମହକୁମାସ୍ଥ ଦରବାର ହଲ୍‌ଠାରେ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୋଟ୍ ୨୦୬ ଅଭିଯୋଗ ଗ୍ରହଣ କରାଯାଇଥିଲା । ସମୁଦାୟ ଅଭିଯୋଗ ମଧ୍ୟରୁ ୨୧ଟି ଅଭିଯୋଗ ଗୋଷ୍ଠୀ ସମସ୍ୟା/ଗ୍ରାମ୍ୟ ସମସ୍ୟାମୂଳକ ହୋଇଥିବାବେଳେ ୧୮୫ଟି ଅଭିଯୋଗ ବ୍ୟକ୍ତିଗତ ସମସ୍ୟା ଉପରେ ପର୍ଯ୍ୟବେଶିତ ଥିଲା । ସେଥିମଧ୍ୟରୁ ୮୦ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା । ଜିଲ୍ଲା ରେଡ଼କ୍ରସ ପାଣ୍ଠିରୁ ସହାୟତା ପାଇଁ ୧୦ଟି ଆବେଦନପତ୍ର ଗ୍ରହଣ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲକର, ବନଖଣ୍ଡ ଅଧିକାରୀ ଧନରାଜ ଏଚଡ଼ି, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ଆଲୋକ ରଞ୍ଜନ ପ୍ରଧାନ, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୁଷଣ, ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଡାଃ କିଶୋର କୁମାର ପୃଷ୍ଟି, କେନ୍ଦୁଝର ଉପଜିଲ୍ଲାପାଳ ଉମାଶଂକର ଦଳାଇ, ସଦର ବିଡିଓ ବିନୋଦ ପଣ୍ଡା ଏବଂ ସହକାରୀ ଜିଲ୍ଲାପାଳ ସରୋଜ କୁମାର ମଲ୍ଲିକଙ୍କ ସମେତ ଜିଲ୍ଲାସ୍ତରର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଏଥିରେ ଯୋଗଦେଇଥିଲେ ।

## ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଭାବେ ଧର୍ମାନନ୍ଦ ବେହେରାଙ୍କ ଦାୟିତ୍ୱ ଗ୍ରହଣ

ବାରିପଦା(ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଭାବେ ବରିଷ୍ଠ ଓଡିଶା ପ୍ରଶାସନିକ ସେବା ଅଧିକାରୀ ଧର୍ମାନନ୍ଦ ବେହେରା କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ଏହା ପୂର୍ବରୁ ଶ୍ରୀ ବେହେରା ଦେଓଗଡ଼ ଜିଲ୍ଲା



ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ ଏବଂ ପୂର୍ବରୁ ମଧ୍ୟ ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଉପଖଣ୍ଡର ଉପଜିଲ୍ଲାପାଳ ଭାବେ କାର୍ଯ୍ୟ କରିଛନ୍ତି । ଜଣେ ମିଷ୍ଟଭାଷୀ ଏବଂ ମେଳାପୀ ସହିତ ଦକ୍ଷ ପ୍ରଶାସକ ଭାବେ ଶ୍ରୀ ବେହେରା ଖ୍ୟାତି ଅର୍ଜନ କରିଥିବା ବେଳେ, ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ହେମକାନ୍ତ ସୟ ଶ୍ରୀ ବେହେରାଙ୍କୁ ସ୍ୱାଗତ କରିଛନ୍ତି । ଜିଲ୍ଲା ପରିଷଦରେ ମଧ୍ୟ ଆଜି ଶ୍ରୀ ବେହେରାଙ୍କୁ ସ୍ୱାଗତ କରାଯାଇଛି । ପୂର୍ବରୁ ଏହି ଦାୟିତ୍ୱରେ ରଜନୀକାନ୍ତ ସ୍ୱାଇଁ କାର୍ଯ୍ୟରତ ଥିଲେ ଏବଂ ପ୍ରଶାସନିକ ସ୍ତରର ଅଦଳବଦଳରେ ପଦୋନ୍ନତି ପାଇ ସେ ବଦଳି ହୋଇ ଯାଇଥିଲେ । ଏଣୁ ଭାରପ୍ରାପ୍ତ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଭାବେ ଶାନ୍ତନୁ ନାୟକ ବର୍ତ୍ତମାନ କାର୍ଯ୍ୟରତ ଥିଲେ ଏବଂ ଆଜି ଶ୍ରୀ ବେହେରାଙ୍କ କାର୍ଯ୍ୟସ୍ଥଳୀରେ ଯୋଗଦାନ ପରେ ସେ ଶ୍ରୀ ନାୟକଙ୍କ ଠାରୁ ଏହି ଦାୟିତ୍ୱ ଗ୍ରହଣ କରିଛନ୍ତି ।

## ଶିକ୍ଷକ ଅଭାବ, ପାଠପଢ଼ା ବିପର୍ଯ୍ୟସ୍ତ

କଣାସ(ଭାସ୍କର ନ୍ୟୁଜ୍): କେନ୍ଦ୍ର ଓ ରାଜ୍ୟସରକାର ପ୍ରାଥମିକ ଶିକ୍ଷାର ପ୍ରଗତି ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ କୋଟିକୋଟି ଟଙ୍କା ଖର୍ଚ୍ଚକରି କୋମଳମତୀ ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାଳୟକୁ ଆସିବା ପାଇଁ ମାଗଣାରେ ମାଧାହ୍ନଭୋଜନ, ପାଠ୍ୟ ଉପକରଣ, ପୋଷାକପତ୍ର, ଖେଳଉପକରଣ ଯୋଗାଇ ଦେଉଥିବା ବେଳେ କଣାସ ବ୍ଲକ ତ୍ରିଲୋଚନପୁର ଗ୍ରାମପଞ୍ଚାୟତର ତ୍ରିଲୋଚନପୁର ଗ୍ରାମରେ ପ୍ରତିଷ୍ଠିତ ସର୍ବପୁରାତନ ତ୍ରିଲୋଚନପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ଯୋଗୁଁ ଶିକ୍ଷାବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଥିବା ଜଣାପଡିଛି । ଖବର ନେବାରେ ଜଣାପଡିଛି ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୮ଟି ଶ୍ରେଣୀରେ ୧୭୧ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ୮ଟି ଶ୍ରେଣୀ ପାଇଁ ମାତ୍ର ୪ଜଣ ଶିକ୍ଷକ ଶିକ୍ଷୟିତ୍ରୀ ନିଯୁକ୍ତି ପାଇଛନ୍ତି । ପ୍ରଧାନ ଶିକ୍ଷୟିତ୍ରୀ ପଦବୀ ଦୀର୍ଘଦିନ ହେଲା ଖାଲିପଡିଥିବାରୁ ସହକାରୀ




ଶିକ୍ଷୟିତ୍ରୀ ପ୍ରଧାନଶିକ୍ଷକ କାର୍ଯ୍ୟ ତୁଲାଉଛନ୍ତି । ଗ୍ରାମବାସୀମାନେ ଶିକ୍ଷକ ନିଯୁକ୍ତି ପାଇଁ କଣାସ ବ୍ଲକ ଶିକ୍ଷା ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ବାରମ୍ବାର ନିବେଦନ କରି ବିଫଳ ହେବାପରେ ଜିଲ୍ଲା ଅଧିକାରୀ ଏବଂ କଣାସ ବ୍ଲକ ଶିକ୍ଷାଧିକାରୀଙ୍କୁ ଏକ ପତ୍ର ଲେଖିଛନ୍ତି ଯଦି ୮ଦିନ ମଧ୍ୟରେ ଶିକ୍ଷକ ନିଯୁକ୍ତି ଦିଆ ନ ଯାଏ ବିଦ୍ୟାଳୟରେ ତାଲା ପକାଇ ବିଦ୍ୟାଳୟ ସମ୍ମୁଖରେ ଧାରଣାରେ ବସି ରହିବେ ।

## ବରିଷ୍ଠ ନାଗରିକଙ୍କ ପାଇଁ ଦୁଇଦଫାରେ ତୀର୍ଥଯାତ୍ରା ସ୍ଥିରୀକୃତ

ଭଦ୍ରକ(ଭାସ୍କର ନ୍ୟୁଜ୍): ଓଡ଼ିଶା ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା ଅନୁଯାୟୀ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଦୁଇ ଦଫାରେ ଶିରିଡ଼ି-ନାସିକ ଓ ବନାରସ-ଅଯୋଧ୍ୟା ଯାତ୍ରା ସ୍ଥିରୀକୃତ କରାଯାଇଅଛି । ଏଥିନିମନ୍ତେ ତା.୨୨.୧୧.୨୦୨୪ ରିଖ ଠାରୁ ୧୨.୧୨.୨୦୨୪ ରିଖ ପର୍ଯ୍ୟନ୍ତ ୬୦ ବର୍ଷରୁ ଉର୍ଦ୍ଧ୍ୱ ଓ ୭୫ ବର୍ଷରୁ କମ୍ ନିମ୍ନୋକ୍ତ ଯୋଗ୍ୟତା ପୂରଣ କରୁଥିବା ଓଡ଼ିଶାର ସ୍ଥାୟୀବାସିନ୍ଦା ବ୍ୟକ୍ତି ବିଶେଷମାନେ ଆବେଦନ କରିପାରିବେ । ଆବେଦନକାରୀ ଆବେଦନ ଫର୍ମକୁ ସଂପୂର୍ଣ୍ଣ ରୂପେ ପୁରଣ କରି ଆବଶ୍ୟକୀୟ ପ୍ରମାଣପତ୍ର ଓ ଦୁଇଗୋଟି ଫଟୋ ସହିତ ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟ ବା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ (କକ୍ଷ ସଂ ୨୦୧) ଦାଖଲ କରିପାରିବେ । ଅଥବା ଅନଲାଇନରେ yatra.odisha.gov.in ମାଧ୍ୟମରେ ଆବେଦନ କରିପାରିବେ । ଆର୍ଥିକ ଦୁର୍ବଳଶ୍ରେଣୀ / ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା (ଖାଉଟି କାର୍ଡ଼ / ଅନ୍ତୋଦୟ କାର୍ଡ଼ / ଅନ୍ନପୂର୍ଣ୍ଣା କାର୍ଡ଼ / ବିଧବା ଭତ୍ତା / ବାର୍ଦ୍ଧକ୍ୟ ଭତ୍ତାଧାରୀ) ବରିଷ୍ଠ ନାଗରିକମାନଙ୍କୁ ଗସ୍ତ ଖର୍ଚ୍ଚର ସଂପୂର୍ଣ୍ଣ ରିହାତି ବ୍ୟବସ୍ଥା କରାଯାଇଅଛି । ୭୦ ଓ ୭୫ ବର୍ଷ ବୟସର ବରିଷ୍ଠ ନାଗରିକମାନେ ଯାତ୍ରା ସମୟରେ ନିଜ ସାଙ୍ଗରେ ୧୮ ବର୍ଷ ବୟସରୁ ଉର୍ଦ୍ଧ୍ୱ ଜଣେ ବ୍ୟକ୍ତିଙ୍କୁ ନିଜର ସହାୟକଭାବେ ନେଇପାରିବେ । ସହାୟକ ବାବଦକୁ ମୂଳ ଗସ୍ତ ଖର୍ଚ୍ଚର ୫୦ ଭାଗ ଅର୍ଥ ଅର୍ଥାତ ଟ. ୧୦,୫୦୦ ଙ୍କା (ଦଶ ହଜାର ପାଞ୍ଚ ଶହ ଟଙ୍କା) ମାତ୍ର ଅର୍ଥ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ "ପର୍ଯ୍ୟଟନ ନିର୍ଦ୍ଦେଶକ, ଭୁବନେଶ୍ୱର"ଙ୍କ ନାମରେ ଦରଖାସ୍ତ ସହ ଦାଖଲ କରିବେ ।

## ଗରିବ ପରିବା ବିକ୍ରେତାଙ୍କ ଠାରୁ ଟିକସ ଆଦାୟ ଘଟଣା

# ବିରୋଧାଭାସ ପରେ ଆର୍‌ଏମ୍‌ସିର ପଛଘୁଞ୍ଚା

ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଦୈନିକ ବଜାରର ରାସ୍ତାପାର୍ଶ୍ୱରେ ପନିପରିବା ବିକ୍ରି କରି ଗୁଜରାଣ ମେଣ୍ଟାଉଥିବା ମହିଳା ବେପାରୀଙ୍କ ଠାରୁ ଟିକସ୍ ଆଦାୟକୁ ସହରବାସୀ ନାପସନ୍ଦ କରିଛନ୍ତି । ଆରଏମ୍‌ସି ପକ୍ଷରୁ ପ୍ରତିଦିନ ଆଦାୟ କରାଯାଉଥିବା ଟିକସ ତୁରନ୍ତ ବନ୍ଦ କରିବାକୁ ଲୋକେ ଦାବି କରିଛନ୍ତି । ଲୋକଙ୍କ କହିବା ପ୍ରକାରେ, ପେଟପାଟଣା ପାଇଁ କମ୍ ପରିମାଣ ପନିପରିବା ନେଇ ଆଦିବାସୀ ମହିଳା ଓ ପୁରୁଷମାନେ ଗାଁ ରୁ ସହରକୁ ଆସି ଫୁଟ୍‌ପାଥ୍‌ରେ ଦିନ ତମାମ ୧୦ରୁ ୨୦ଟଙ୍କିଆ ପରିବା ଭାଗ ବସାଉଛନ୍ତି । ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ପନିପରିବା ନେଇ ବସ୍ ଓ ଅଟୋ ଯୋଗେ ଏହି ଗରିବ ମହିଳାମାନେ ଏଠାକୁ ଆସୁଛନ୍ତି । ଜଣେ ମହିଳା ଓ ପୁରୁଷ ଅତି ବେଶିରେ ଦୈନିକ ୩୦୦ ରୁ ୪୦୦ ଟଙ୍କାର



ପରିବା ବିକୁଛନ୍ତି । ବହୁକଷ୍ଟରେ ମାତ୍ର ୧୦୦ରୁ ୧୫୦ଟଙ୍କା ଲାଭ ମିଳୁଥିବ କି ନହିଁ ସନ୍ଦେହ ସେଥିରେ ବସ୍ ଓ ଅଟୋ ଭଡ଼ା ଦେଇ ସେମାନେ ଯିବାଆସିବା କରୁଛନ୍ତି । ଏଭଳି ସ୍ଥିତିରେ ଆରଏମ୍‌ସି ପକ୍ଷରୁ ଏହି ଗରିବ ଗୁରୁବା ଚାଷୀଙ୍କ ଉପରେ ଟିକସ୍ ଆଦାୟ କରାଯିବା କେତେଦୂର ଠିକ୍ ବୋଲି ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି । ଗରିବ ମହିଳାମାନେ ବାଧହୋଇ ନିଜ ପେଟରୁ କାଟି ଟିକସ ଦେଉଥିବା କହିଛନ୍ତି । ଅନ୍ୟପକ୍ଷେ ଟିକସ ଦେଇଥିଲେ ମଧ୍ୟ ଏମାନଙ୍କୁ ଆରଏମ୍‌ସି ପକ୍ଷରୁ କୌଣସି ସୁବିଧା ମିଳୁନି । ନା ମୁଣ୍ଡ ଉପରେ ପକ୍କା ଛାତ ଅଛି ନା ପରିବା ରଖିବା ପାଇଁ ପିଣ୍ଡି ଅଛି । ନିଜେ ଘରୁ ଆଣିଥିବା ପଲିଥିନରେ ସେମାନେ ପରିବା ରଖି ବିକୁଛନ୍ତି ଓ ନିଜ ପାଖରେ ନିକିତି ନଥିବାରୁ ସେମାନେ ଭାଗ ବସାଇ ପରିବା ବିକୁଛନ୍ତି । ଏପରି ସ୍ଥିତିରେ ସେମାନଙ୍କ ଠାରୁ କର ଆଦାୟ ବୋଝ ଉପରେ ନଳିତା ବିଡ଼ା ସଦୃଶ ହେଉଛି । ଏସମ୍ପର୍କରେ ଆଏମ୍‌ସି କର୍ମଚାରୀଙ୍କୁ ପଚାରିବାରୁ ଅଫିସ୍ ପକ୍ଷରୁ ନିର୍ଦ୍ଦେଶ ଥିବାରୁ ରସିଦ୍ ଦେଇ କର ଆଦାୟ କରାଯାଉଥିବା କହିଛନ୍ତି । ଏନେଇ ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇଙ୍କୁ ପଚାରିବାରୁ ସେ କହିଛନ୍ତି, ଏଭଳି ଗରିବ ଆଦିବାସୀଙ୍କ ଠାରୁ ଟିକସ ଆଦାୟ କରିବା ଉଚିତ ନୁହେଁ । ଘଟଣାକୁ ନେଇ ସେ ଆଲୋଚନା କରି ପଦକ୍ଷେପ ନେବେ । ଘଟଣା ସମ୍ପର୍କରେ ଅବଗତ ହେବା ପରେ ଅର୍‌ଏମ୍‌ସି ସମ୍ପାଦକ ଦେବୀପ୍ରସାଦ ତ୍ରିପାଠୀ ତୁରନ୍ତ ବଜାରରେ ପହଞ୍ଚି ଗରୀବ ଚାଷୀ ଓ ମହିଳାଙ୍କଠାରୁ ଟିକସ ଆଦାୟ ନ କରିବା ପାଇଁ କର୍ମଚାରୀଙ୍କୁ ତାଗିଦ୍ କରିଛନ୍ତି ।

## ବିଶ୍ୱ ଶୌଚାଳୟ ଦିବସ



ଫୁଲନଖରା(ଭାସ୍କର ନ୍ୟୁଜ୍): ବିଡିଓ ଧର୍ମରଞ୍ଜନ ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ବାରଙ୍ଗ ବ୍ଲକ ମୁଣ୍ଡଳୀ ଓ ରାମଦାଶପୁର ଗ୍ରାମପଞ୍ଚାୟତରେ ବିଶ୍ୱ ଶୌଚାଳୟ ଦିବସ ପାଳନ ଅବସରରେ ସଭା, ସ୍ୱଚ୍ଛତା ପାଇଁ ଶପଥ ପାଠ, ସ୍ୱଚ୍ଛତା ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା । ବ୍ଲକ ସ୍ୱଚ୍ଛ ଭାରତ ସଂଯୋଜକ ମହେନ୍ଦ୍ର ବେହେରା ଉଭୟ କାର୍ଯ୍ୟକ୍ରମ ଯୋଗଦାନ କରି ନିୟମିତ ଶୌଚାଳୟ ବ୍ୟବହାର କରିବା ଉପକାରୀତା ସଂପର୍କରେ ଅବଗତ କରିଥିଲେ । ଶୌଚାଳୟରୁ ବାଦ ପଡିଥିବା ଗରିବ ପରିବାରକୁ ଚିହ୍ନଟ କରି ଅନୁମତି ପତ୍ର ଶିଘ୍ର ପ୍ରଦାନ କରାଯିବ ବୋଲି ସରକାରଙ୍କ ନିର୍ଦ୍ଦେଶ ରହିଛି ବୋଲି କହିଥିଲେ । ଶୌଚାଳୟ ନିର୍ମାଣ ପାଇଁ ଅନୁମତି ପତ୍ର ପ୍ରଦାନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଗ୍ରାମପଞ୍ଚାୟତ ନିର୍ବାହୀ ଅଧିକାରୀ ଭବାନୀ ଶଙ୍କର ସାହୁ, ପ୍ରୀତମ ପ୍ରକାଶ ପୃଷ୍ଟି,ସରପଞ୍ଚ କଣ୍ଟେଇ ସାହୁ, ଏଡିଇ ଓ ମୋନାଲିସା ଦାସ, ସମାଜସେବୀ ଚିନ୍ମୟ ପତି, ସନ୍ତୋଷ କୁମାର ଜେନା,ଜନପ୍ରତିନିଧି, ସ୍ୱୟଂ ସହାୟିକା ଗୋଷ୍ଠୀ ଯୋଗଦାନ କରିଥିଲେ ।

## ଡିଏସ୍‌ଆର ପ୍ରଣାଳୀରେ ଧାନ ଫସଲର ଶସ୍ୟକାଟ ପରୀକ୍ଷଣ କାର୍ଯ୍ୟକ୍ରମ

କଣିହାଁ (ଭାସ୍କର ନ୍ୟୁଜ୍): ଅନୁଗୋଳ ଜିଲା କଣିହାଁ ବ୍ଲକରେ ସାମାଜିକ ସଂଗଠନ ସୋସିଆଲ ଡେଭେଲପମେଣ୍ଟ ଫାଉଣ୍ଡେସନ ଦ୍ୱାରା, ଅନୁଗୋଳ ଜିଲା ମୁଖ୍ୟ କୃଷି ଅଧିକାରୀ ଏବଂ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ତରଫରୁ ଧାନଚାଷ ଫସଲର ଶସ୍ୟକାଟି ଅମଳ ପରୀକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସୂଚନାଯୋଗ୍ୟଯେ ଚଳିତ ବର୍ଷ କଣିହାଁ ବ୍ଲକ ଅନ୍ତର୍ଗତ ରେଙ୍ଗାଳି ଗ୍ରାମ ପଞ୍ଚାୟତ ଅଧିନସ୍ଥ ଦେନାଳି ଗ୍ରାମର ଅଗ୍ରଣୀଚାଷୀ ଏବଂ ସ୍ଥାନୀୟ କୃଷି ଗ୍ରାମ ସେବକ ଶରତ ପ୍ରଧାନଙ୍କ ସହିତ ଅନୁଷ୍ଠାନର କର୍ମକର୍ତ୍ତା ନେତୃତ୍ୱରେ ଡି.ଏସ୍.ଆର୍ ଡାଇରେକ୍ଟ ସିଡେଡ଼ ରାଇସ ପଦ୍ଧତିରେ କରାଯାଇଥିବା ଧାନଚାଷ ଫସଲର ଶସ୍ୟକାଟି ଅମଳ ପରୀକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା । ୫/୫ ମିଟର ପରିଧି ମଧ୍ୟରେ ସମସ୍ତ ଧାନକୁ କାଟିବା ସହ ମେଶିନ ମାଧ୍ୟମ ରେ ଓଜନ କରାଯାଇଥିଲା, ଏହି ଡିଏସଆର ପଦ୍ଧତି ହେଉଛି କୃଷକମାନେ ରଖିଥିବା ବିହନକୁ ଲୋକଙ୍କ ଦ୍ୱାରା ବିଲରେ ନପକାଇ, ମେସିନୀ ମାଧ୍ୟମରେ ଏକା ସାଥିରେ ବିହନ ଓ ସାର ଦେଇ ବିହନ ପୋତାଯାଇ ଥାଏ, ଏହି ପଦ୍ଧତିରେ ଧାନ ଫସଲ ଚାଷ କଲେ କୃଷକ ଅଧିକ ଫସଲ ଅମଳ ଲାଭ ମିଳେ ।



ଏହା ସହିତ ଏହି ପଦ୍ଧତି ରେ ଧାନ ଚାଷ କଲେ ଚାଷୀଙ୍କୁ ପ୍ରଥମ ବର୍ଷ ହେକ୍ଟର ପ୍ରତି ୭୦୦୦ ଟଙ୍କା ଓ ଦ୍ୱିତୀୟ ବର୍ଷ ସେହି ପଦ୍ଧତି ରେ ଚାଷ କଲେ ୫୦୦୦ଟଙ୍କା ଚାଷୀ ଙ୍କୁ ପ୍ରଦାନ କରାଯିବ ବୋଲି ସମ୍ପୃକ୍ତ ସଂସ୍ଥାର ସଦସ୍ୟ ବୁଦ୍ଧଦେବ ଦାଶ ପ୍ରକାଶ କରି ଥିଲେ । ଏଥିସହିତ ହଳ କରି ଚାଷୀ,ପାଞ୍ଚ ବାଇ ପାଞ୍ଚ ମିଟର ରେ କେତେ ଧାନ ପାଇଲେ ଓ ମେସିନ ଦ୍ୱାରା ଚାଷ କଲେ କେତେ ଲାଭ ପାଇଲେ ତାର ଅମଳ ପରୀକ୍ଷଣ, କଣିହାଁ ବ୍ଲକ ର ବାଲିପଶି,ବଡ଼ ତ୍ରିବିଡା, ସାନ ତ୍ରିବିଡା ,କମରେଇ, କର୍ଣ୍ଣପାଳ ,ସୁସୁବା , କୁଲେଇ,ବିଜିଗୋଳ ଏବଂ ହନୁମାନପୁର୍ ଆଦି ପଞ୍ଚାୟତରେ ଶସ୍ୟକାଟି ପରୀକ୍ଷଣ ଚାଲୁ ରହିଛି,

## ପିତା ମାତା ସହଭାଗିତା ଓ ବିର୍ସା ମୁଣ୍ଡାଙ୍କ ଜନ୍ମ ଜୟନ୍ତୀ ପାଳିତ



ବୋଲଗଡ(ଭାସ୍କର ନ୍ୟୁଜ୍):ବୋଲଗଡ ଶିକ୍ଷା ବ୍ଲକ ଅନ୍ତର୍ଗତ ଦଦରାକାନ୍ଥ ସ୍ଥିତ ଆଶ୍ରମ ବିଦ୍ୟାଳୟ ଆନୁକୂଲ୍ୟରେ ଓ ପ୍ରଧାନ ଶିକ୍ଷକ ବିଦ୍ୟାଭୂଷଣ ତ୍ରିପାଠୀଙ୍କ ଆବାହକତ୍ୱରେ ଓ ସ୍କୁଲ ପରିଚାଳନା କମିଟିର ସଭାନେତ୍ରୀ ବନିତା ସେଠୀଙ୍କ ଅଧ୍ୟକ୍ଷତାରେ ପିତା ମାତା ସହାଭାଗିତା ଓ ୧୫୦ତମ ବିର୍ସା ମୁଣ୍ଡାଙ୍କ ଜନ୍ମ ଜୟନ୍ତୀ ମହାଡ଼ମ୍ବର ସହକାରେ ବିଦ୍ୟାଳୟ ପରିସରରେ ଆଜି ପାଳିତ ହୋଇଯାଇଛି । ଏହି ଜନ୍ମ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ସମାଜ ସେବୀ ରାହାସ କୁମାର ନାଏକ, ମୁଖ୍ୟ ବକ୍ତାଭାବେ ସୁକାନ୍ତ କୁମାର ନାଏକ ଓ ସମ୍ମାନିତ ଅତିଥିଭାବେ ମମିତା ଶବର, ପ୍ରତିମା ନାଏକ ପ୍ରମୁଖ ଯୋଗଦେଇଥିଲେ । ସମସ୍ତ ନିମନ୍ତ୍ରିତ ଅତିଥିମାନେ ଜଗତର ନାଥ ଜଗନ୍ନାଥ ଓ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ଫୁଲମାଳ, ଚନ୍ଦନ, ଧୂପ ଓ ଦୀପ ପ୍ରଜ୍ୱଳନ କରି ଏହାକୁ ଶୁଭ ଉଦଘାଟନ କରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ । ସଭାପତି ବନିତା ସେଠୀ ସ୍ୱାଗତ ଭାଷଣ ଦେଇ ବିର୍ସା ମୁଣ୍ଡାଙ୍କ ଜନ୍ମ ଜୟନ୍ତୀ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ପ୍ରଧାନ ଶିକ୍ଷକ ବିଦ୍ୟା ଭୂଷଣ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରି ଛାତ୍ର ଛାତ୍ରୀ ମାନଙ୍କର ପିତା ମାତା ମାନଙ୍କୁ ସ୍ୱାଗତ କରିଥିଲେ । ଶିକ୍ଷୟିତ୍ରୀ ପଙ୍କଜିନୀ ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ପିତା ମାତା ସହାଭାଗିତାରେ ଖୋର୍ଦ୍ଧା, ନୟାଗଡ, ରାୟଗଡା, କନ୍ଧମାଳ ପ୍ରଭୃତି ଜିଲ୍ଲା ମାନଙ୍କରୁ ୧୮୩ ଜଣ ପିତା ମାତା ଯୋଗଦେଇଥିଲେ । ଏହି ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ୧୯୨ ଜଣ ଅନୁସୂଚିତ ଜାତି ଓ ଜନଜାତି ସମ୍ପ୍ରଦାୟର ଛାତ୍ର ଛାତ୍ରୀମାନେ ଶିକ୍ଷା ଅଧ୍ୟୟନ କରୁଅଛନ୍ତି । ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ବିଭାଗର ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମ, ଶିକ୍ଷାର ବିକାଶ, ସ୍ୱାସ୍ଥ୍ୟ ସଚେତନତା, ସାମାଜିକ ସୁରକ୍ଷା ଓ ନିରାପତ୍ତା ଓ ଛାତ୍ର ଛାତ୍ରୀମାନଙ୍କୁ ସୁଷମ ଖାଦ୍ୟ ବଣ୍ଟନ ସମ୍ପର୍କରେ ସମସ୍ତ ନିମନ୍ତ୍ରିତ ଅତିଥିମାନେ ଆଲୋଚନା କରିଥିଲେ । ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପିତା, ମାତା ମାନଙ୍କ ମଧ୍ୟରେ ମଧ୍ୟ ମ୍ୟୁଜିକ ଚେୟାର, ଝୋଟି ଓ ହୁଳହୁଳି ଇତ୍ୟାଦି ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା । ସମସ୍ତ କାର୍ଯ୍ୟକ୍ରମ ଗୁଡିକୁ ଶିକ୍ଷକ ସଦାନନ୍ଦ ନାଏକ , କବିରାଜ ସେଠୀ , ଶଶିକାନ୍ତ ଖଟୁଆ ଓ ଶିକ୍ଷୟିତ୍ରୀ ରଶ୍ମିତା ମହାପାତ୍ର, ମିନତୀ ମହାପାତ୍ର, ସବିତା ପ୍ରଧାନ ପ୍ରମୁଖ ସହଯୋଗ କରି ପରିଚାଳନା କରିଥିଲେ । ସମସ୍ତ କୃତୀ ଛାତ୍ର ଛାତ୍ରୀ ଓ ପିତା ମାତା ମାନଙ୍କୁ ସମସ୍ତ ନିମନ୍ତ୍ରିତ ଅତିଥିମାନେ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ କରିଥିଲେ । ଶିକ୍ଷା ଅନୁଷ୍ଠାନର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ମନୋରଞ୍ଜନ ଧର୍ମୀ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷଣ କରାଯାଇଥିଲା । ପରିଶେଷରେ ବରିଷ୍ଠ ଶିକ୍ଷକ ନୃସିଂହ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆମ ଚାଟଶାଳୀ କାର୍ଯ୍ୟକ୍ରମ

ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ଆକୁଳିକଣା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଉତ୍କଳ ଫାଉଣ୍ଡେସନ ତରଫରୁ ଆମ ଚାଟଶାଳୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗ୍ରାମବାସୀ ପ୍ରଦୀପ ସାମଲଙ୍କ ସହଯୋଗରେରେ ସ୍କୁଲ ଛାତ୍ରଛାତ୍ରୀଙ୍କୁ ନେଇ ଶିକ୍ଷା ସମ୍ବନ୍ଧିତ ଆଲୋଚନାଚକ୍ର ହୋଇଥିଲା । ପ୍ରଧାନ ଶିକ୍ଷକ ହେମନ୍ତ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଞ୍ଜୁକ୍ତା ରଥ, ସବିତା ଧଳ, ଜିତେନ୍ଦ୍ର ଜେନା, ବନବିହାରୀ ମହାନ୍ତି ଅଂଶଗ୍ରହଣ କରିଥିଲେ । ଉତ୍କଳ ଫାଉଣ୍ଡେସନ ପ୍ରତିଷ୍ଠାତା ପିଲାମାନଙ୍କୁ ଶିକ୍ଷା ଓ ଜୀବନଚର୍ଯ୍ୟା ବିଷୟରେ କହିଥିଲେ । ସର୍ବଶେଷରେ ପିଲାମାନଙ୍କୁ ପାଠ୍ୟ ଉପକରଣ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଉତ୍କଳ ଫାଉଣ୍ଡେସନ ସମସ୍ତ କର୍ମକର୍ତ୍ତା ମାନେ ପରିଚାଳନା କରିଥିଲେ ।



## ନୂତନ ଗ୍ରାମ୍ୟ କମିଟି ଗଠନ ଓ ଶପଥ ପାଠ



କଣାସ (ଭାସ୍କର ନ୍ୟୁଜ୍): କଣାସ ଅଞ୍ଚଳର ଆରାଧ୍ୟ ଠାକୁରାଣୀ କଣାସ ଠାରେ ପ୍ରତିଷ୍ଠିତ ମା କୁଶେଶ୍ୱରୀଙ୍କ ପୀଠରେ କଣାସ ଗ୍ରାମ୍ୟ ପରିଚ୍ଳନା କମିଟିର କର୍ମକର୍ତ୍ତା ନିର୍ବାଚନ ହେବାସହ ଶପଥ ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କଣାସ ଆଇନ୍‌ଜୀବୀର ସଭାପତି ଆଇନ୍‌ଜୀବୀ ସଦାନନ୍ଦ ପ୍ରଧାନଙ୍କ ତତ୍ତ୍ୱାବଧାନରେ ରୋହିତ ପ୍ରଧାନ ସଭାପତି, ଗୁଣ୍ଡିଚି ପ୍ରଧାନ ଓ ଦାମଦର ବେହେରା ଉପସଭାପତି, ପ୍ରଦୀପ କୁମାର ଭୋଳ ସଂପାଦକ, ଅନସାର ମହମ୍ମଦ, ପ୍ରେମାନନ୍ଦ ପରିଡା ଯୁଗ୍ମସଂପାଦକ, ସୁବାସ ଚନ୍ଦ୍ର ପ୍ରଧାନ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇ ଶପଥ ପାଠ କରିଥିଲେ । କଣାସ ଗ୍ରାମପଞ୍ଚାୟତ ସରପଞ୍ଚ ଭାଗବାନ ସୁବୁଦ୍ଧି ଓ ବରିଷ୍ଠ ଗ୍ରାମବାସୀ ଗଙ୍ଗାଧର ଶତପଥୀ, ମୃଷା ମହାପାତ୍ର, ଯଶ ଚନ୍ଦ୍ର ରାଉତରାୟ, ମଙ୍ଗୁ ଭୋଇ, ସୁରେଶ ଚନ୍ଦ୍ର ପ୍ରଧାନ ପ୍ରଭୃତି କର୍ମକର୍ତ୍ତମାନଙ୍କୁ କଣାସର ଆରଧ୍ୟ ଦେବ ରାଧାକାନ୍ତ ଦେବ ବଡମଠ ପ୍ରାଙ୍ଗଣରେ ଶପଥ ପାଠ କରାଇଥିଲେ । ସଦସ୍ୟମାନେ ହେଲେ ମାଧବ ଚନ୍ଦ୍ର ଭୋଳ, ଶଶାଙ୍କ ପ୍ରଧାନ, କୃତିବାସ ସୁନ୍ଦରାୟ, ପୂର୍ଣ୍ଣ ଚନ୍ଦ୍ର ଭୋଳ, ବିଜୟ ଭୋଳ, ଅନିଲ ବରିଶଲ, ସନତ ପ୍ରଧାନ, ସୁଧିର ମହାପାତ୍ର, ଭାଗିରଥି ଖୁଣ୍ଟିଆ, ପ୍ରହଲ୍ଲାଦ ଭଣ୍ଡୋଳ, ମହେଶ୍ୱର ପ୍ରଧାନ, ପ୍ରକାଶ ଭୋଇ, ଧୋଇଧର ଦାସ, ଦେବକିଶୋର ପ୍ରଧାନ, ସଂଜୟ କୁମାର ପ୍ରଧାନ, ସନ୍ତୋଷ ମଲ୍ଲିକ, ରହିମ୍ ଖାଁ, ଧନୁର୍ଦ୍ଧର ସୁବୁଦ୍ଧି, ନାରାୟଣ ମହାପାତ୍ର, ସନ୍ତୋଷ ପରିଡା ପ୍ରମୁଖ ସଭ୍ୟ ଶପଥ ପାଠ କରିଥିଲେ । ଶପଥପାଠ ପରେ ପରେ କଣାସର ଗ୍ରାମଦେବା ଦେବୀଙ୍କ ନିମନ୍ତେ ସମସ୍ତ ସଦସ୍ୟମାନେ ଶ୍ରୀଶ୍ରୀ ଲୋକନାଥ ଦେବ ମନ୍ଦିର, କଣାସ ସାନମଠ ଶ୍ରୀଶ୍ରୀ ଲକ୍ଷ୍ମୀନାରାୟଣ ମନ୍ଦିର ଓ ହନୁମାନ ଜିଙ୍କ ମନ୍ଦିର, କଣାସର ଗ୍ରାମ୍ୟ ଦେବୀ ଦଧିବମନ ମନ୍ଦିର, ପାଟଣା ସାହି ଛୋଟା ଗୋସେଇଁ, ଦାସସାହି ମହାବୀର ମନ୍ଦିର, କଣାସ ଆରାଧ୍ୟ ଦେବୀ ମା' କୁଶେଶ୍ୱରୀ ମନ୍ଦିର ପରିଦର୍ଶନ କରି ନଡିଆ ବାଡେଇ ଆର୍ଶୀବାଦ ଭିକ୍ଷା କରିଥିଲେ ।

## ବୟାଳିଶ ମୌଜା ମୁଖ୍ୟ ରାସ୍ତା ସମସ୍ୟା ସମାଧାନ ନେଇ ଦାବି



ଫୁଲନଖରା (ଭାସ୍କର ନ୍ୟୁଜ୍): ବୟାଳିଶ ମୌଜା ମୁଖ୍ୟ ରାସ୍ତାର ପିଚୁ କାମ ଅଧା ପନ୍ତରିଆ ଭାବେ ଏବେବି ମଧ୍ୟ ପଡି ରହିଛି । ଏପରିକି ବେଣ୍ଟକାର ବଜାର ଠାରୁ କିଛି ଦୂରରେ ପ୍ରାୟ ଏକ ଶହ ମିଟର ରାସ୍ତା କାମ ସମ୍ପୂର୍ଣ୍ଣ ନହେବାରୁ ରାସ୍ତାଟି ତଳ ଉପର ହୋଇ ରହିଛି । ଦୈନନ୍ଦିନ ଜୀବନରେ ଯାତାୟତର ବହୁ ଅସୁବିଧା ଭୋଗୁଛନ୍ତି ବାସିନ୍ଦା । ଫଳରେ ଦୁର୍ଘଟଣା ଘଟିବାର ସମ୍ଭାବନା ମଧ୍ୟ ରହିଛି । ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ବରିଷ୍ଠ ସମାଜସେବୀ ଇଂ.ଅଶୋକ ବିଶ୍ୱାଳ,ଅଭିରାମ ଦଳାଇ,ଶିବ ବେହେରା,ବାଇନ ନାୟକ,ରମେଶ ମଲିକ,ସମୀର ଦଳାଇ,ପ୍ରକାଶ ସାହୁ,କୁଲୁ ସେନାପତି,ପ୍ରମୋଦ ଲେଙ୍କା ପ୍ରମୁଖ ଦାବୀ କରିଛନ୍ତି ।

# ବିଶ୍ୱ ଏଡ଼ସ୍ ଦିବସ ପାଳିତ

ଭଦ୍ରକ(ଭାସ୍କର ନ୍ୟୁଜ୍): ଡିସେମ୍ବର ୧ ତାରିଖକୁ ପ୍ରତିବର୍ଷ ବିଶ୍ୱ ଏଡସ୍ ଦିବସ ଭାବେ ପାଳନ କରାଯାଇ ଆସୁଛି । ଦୁରାରୋଗ୍ୟ ଭାବେ ବିବେଚିତ ମହାମାରୀ ଏଡ଼ସ୍ ରୋଗର ସଂକ୍ରମଣ ରୋକିବା ନେଇ ଜନ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଭଦ୍ରକ ଜିଲ୍ଲା କାର୍ଯ୍ୟାଳୟ ଠାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏ ପତାକା ପ୍ରଦର୍ଶନ କରି ଏହି ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ଲାୟନ୍‌ସ କ୍ଲବର ସଭାପତି ଅଶୋକ ମହାନ୍ତି ପ୍ରମୁଖ ଏଥିରେ ଯୋଗ ଦେଇଥିଲେ । ଶୁଭମ୍ ନର୍ସିଂ ହୋମ ଏବଂ ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ର, ଛାତ୍ରୀ ଏହି ଶୋଭାଯାତ୍ରାରେ ସାମିଲ ହୋଇ ଏଡ଼ସ୍ ସଚେତନତା ବାର୍ତ୍ତା ସମ୍ବଳିତ ପ୍ଲାକାର୍ଡ଼ ପ୍ରଦର୍ଶନକରି ସ୍ଲୋଗାନ ଦେଇଥିଲେ । ପଦଯାତ୍ରା କାର୍ଯ୍ୟକ୍ରମର ଶେଷ ଭାଗରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଏକ ସାଧାରଣ ସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସି.ଡ଼ି.ଏମ୍.ଓ. ସୁଧାଂଶୁ ଶେଖର ବଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ଜିଲ୍ଲାପାଳ, ଉପଜିଲ୍ଲାପାଳ, ଏଡ଼ି.ପି.ଏଚ୍.ଓ.ଟି.ବି., ଡା. ସନ୍ତୋଷ କୁମାର ପୃଷ୍ଟି, ଡି.ପି.ଏମ୍. ସରିତା ମହାପାତ୍ର, ଫେଲୋସିପ୍ ନିର୍ଦ୍ଦେଶକ ଲଲାଟେନ୍ଦୁ ମହାନ୍ତି, ସଭାପତି ଲାୟନସ୍ କ୍ଲବ ପ୍ରମୁଖ ଅତିଥି ଭାବେ



ଯୋଗଦେଇ ଏଡ଼ସ୍ ସଚେତନତା ନେଇ ଚଳିତ ବର୍ଷ ପାଇଁ ରଖାଯାଇଥିବା ବିଷୟ 'ଅଧିକାରର ସଠିକ୍ ମାର୍ଗ ଅନୁସରଣ କରିବା' ଶୀର୍ଷକ ଉପରେ ଆଲୋକପାତ କରିଥିଲେ । ଆଚରଣ ଓ ଉଚ୍ଚାରଣରେ ଆମେ ସମସ୍ତେ ସଞ୍ଜମତା ଅବଲମ୍ବନ କଲେ ସମାଜକୁ ନିଶ୍ଚେ ଏଡ଼ସ୍ ମୁକ୍ତ କରିପାରିବା ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ଏହି ଦିବସ ପାଳନ ଉପଲକ୍ଷେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ଏରେଇଁ, ଚରମ୍ପା ଠାରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇ ୩୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ସନ୍ଧ୍ୟା ୫ ଟାରେ ରେଳଷ୍ଟେସନ୍, ଚରମ୍ପା ଠାରେ ଏଡ଼ସ୍ ସଚେତନତା ଉଦ୍ଦେଶ୍ୟରେ ଏକ କ୍ୟାଣ୍ଡଲ ଶୋଭାଯାତ୍ରା କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା । ଡି.ପି.ଏମ୍.ଡ଼ି. ଏ.ପି.ସି.ୟୁ., ଦେବବ୍ରତ ମହାପାତ୍ର ଙ୍କ ସଂଯୋଜନାରେ ଏହି ଦିବସ ପାଳନ ଭିତ୍ତିକ ସମସ୍ତ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ।

## ଶତାୟୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉତ୍ସବ

ଗୁଣପୁର(ଭାସ୍କର ନ୍ୟୁଜ୍): ଗୁଣପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ୨୮ ରୁ ୩୦ତାରିଖ ତିନିଦିନ ଧରି ବାର୍ଷିକ କ୍ରୀଡା ଉତ୍ସବ ପାଳିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ହେମାନନ୍ଦ ବରିହା ଉଦ୍‌ଘାଟନ କରି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶୈକ୍ଷିକ ସହ କ୍ରୀଡାର ବିକାଶ ହେଲେ ସାମୂହିକ ବିକାଶ ହୋଇପାରିବ ବୋଲି କହିଥିଲେ । ଏହି ଅବସରରେ କ୍ରୀଡା ମଶାଲ ପଡିଆରେ ସ୍ଥାପନ ସହ କ୍ରୀଡା ପତାକା ଉତ୍ତୋଳନ କରାଯାଇଥିଲା ।ଏହି କ୍ରିଡା ଉତ୍ସବରେ ଛାତ୍ର ମାନଙ୍କ ମଧ୍ୟରେ ଦୌଡ଼, ଲମ୍ବଡିଆଁ, ଇତ୍ୟାଦି ଖେଳ ପ୍ରତିଯୋଗିତା ସହ କ୍ରିକେଟ ଏବଂ ବ୍ୟାଡ଼ମିଣ୍ଟନ୍ ଭଳି ଦଳଗତ ପ୍ରତିଯୋଗିତା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କ୍ରୀଡ଼ା ଶିକ୍ଷକ ଗୌତମ ମାଦୋଳି କ୍ରୀଡା ପ୍ରତିଯୋଗିତାକୁ ପରିଚାଳନା କରିଥିବା ବେଳେ ଅନୁଷ୍ଠାନର ଅନ୍ୟାନ୍ୟ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ ।



# ପ୍ରାଥମିକ ଉପଚାର ତାଲିମ

ବୋଲଗଡ(ଭାସ୍କର ନ୍ୟୁଜ୍): ବୋଲଗଡ ବ୍ଲକ ଅନ୍ତର୍ଗତ ସଂପୁର ସ୍ଥିତ ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟର ବିଦ୍ୟାର୍ଥୀମାନଙ୍କୁ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁଙ୍କ ଅନୁରୋଧ କ୍ରମେ ସେଣ୍ଟ ଜନ ଆମ୍ବୁଲାନ୍ସର ଆଜୀବନ ସଦସ୍ୟ ତଥା ଅଧ୍ୟାପକ ଅନନ୍ତ ଚରଣ ଖଟେଇ ପ୍ରାଥମିକ ଉପଚାର ଉପରେ ତାଲିମ ପ୍ରଦାନ କରିଥିଲେ । ହାତ,ଗୋଡ, ବେକ, ଅଣ୍ଟା, ମୁଣ୍ଡ,କଚଟି ଓ ପାଦ ଆଦି ଅଙ୍ଗରେ ଆଘାତ ଲାଗିଲେ ଡାକ୍ତରଖାନାରେ ଚିକିତ୍ସା ପାଇଁ ପହଞ୍ଚିବା ପୂର୍ବରୁ ଆଘାତପ୍ରାପ୍ତ ସ୍ଥାନକୁ ଡ୍ରେସିଂ ଓ ବ୍ୟାଣ୍ଡେଜ୍ କରିବାର ପଦ୍ଧତି ସ୍କାଉଟ୍ସ, ଗାଇଡ୍ସ ଏବଂ ଜୁନିଅର ରେଡ୍‌କ୍ରସ ଛାତ୍ରଛାତ୍ରୀ ମାନଙ୍କୁ ବୁଝାଇଥିଲେ । ତା ପରେ ଶିକ୍ଷୟିତ୍ରୀ ଶୈବାଳିକା ମଲିକ, ସ୍ୱର୍ଣ୍ଣଲତା ପ୍ରଧାନ ଓ ସୌଦାମିନୀ ସୁବୁଦ୍ଧି ଗାଇଡ୍ସ, ଶିକ୍ଷକ ଦିପ୍ତୀରଂଜନ



ଦାସ, ବିଶ୍ୱଜିତ ସରୋଜ କୁମାର ଏବଂ ବିଭୂପ୍ରସାଦ ମହାପାତ୍ର ସ୍କାଉଟ୍ସ, ଶିକ୍ଷୟିତ୍ରୀ ଶୁଭଶ୍ରୀ ଧଳ,ନମିତା ସାହୁ,ସ୍ରୋତାଲିନି ସାହୁ ରେଡ୍‌କ୍ରସ ବିଦ୍ୟାର୍ଥୀ ମାନଙ୍କ ମଧ୍ୟରେ ପ୍ରାଥମିକ ଉପଚାର ଉପରେ ପ୍ରତିଯୋଗିତା ପରିଚାଳନା କରିଥିଲେ । ସ୍ନେହଲତା ପାଇକରାୟ ଓ ସମ୍ପିତ କେଦାର କର ଉକ୍ତ କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ ।

## ଜିଲ୍ଲାସ୍ତରୀୟ ଆନ୍ତଃ ମହାବିଦ୍ୟାଳୟ ଅଭିନୟ ପ୍ରତିଯୋଗିତା 'ହିଡେନ୍ ଷ୍ଟାର'

ବାରିପଦା(ଭାସ୍କର ନ୍ୟୁଜ୍): ବାରିପଦାର ସୁପ୍ରତିଷ୍ଠିତ ନାଟ୍ୟାନୁଷ୍ଠାନ ରୂପାନ୍ତର ଦ୍ୱାରା ଆୟୋଜିତ ଜିଲ୍ଲାସ୍ତରୀୟ ଆନ୍ତଃ ମହାବିଦ୍ୟାଳୟ ଅଭିନୟ ପ୍ରତିଯୋଗିତା 'ହିଡେନ୍ ଷ୍ଟାର'-୨୦୨୪ ସ୍ଥାନୀୟ ସହିଦ ସ୍ମୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ମଞ୍ଚ ଅଭିନୟ କ୍ଷେତ୍ରରେ ଆଜିର ଯୁବପିଢିଙ୍କୁ ଅକୃଷ୍ଟ କରିବାପାଇଁ ରୂପାନ୍ତର ଅନୁଷ୍ଠାନର ଏହାଥିଲା ଏକ ଅଭିନବ ପ୍ରୟାସ । ଏଥିରେ ଜିଲ୍ଲାର ପ୍ରାୟ ତିରିଶଟି ମହାବିଦ୍ୟାଳୟର ଏକଶହରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ଅନୁଷ୍ଠାନର ଅଧ୍ୟକ୍ଷ ବିରେନ୍ଦ୍ରନାଥ ସାହୁ ଏବଂ ନିର୍ଦ୍ଦେଶକ ପରେଶ ସାହୁ ଏହାକୁ ଉଦଘାଟନ କରି ମଞ୍ଚ ଅଭିନୟ ଦିଗରେ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ଏକକ ଅଭିନୟ ପ୍ରତିଯୋଗିତାରେ ଛାତ୍ରୀ ସୁଦିତୀ ମହାନ୍ତି ପ୍ରଥମ ସ୍ଥାନ, ଓଡିଶା ଆଦର୍ଶ ବିଦ୍ୟାଳୟ, ରାଣୀଭୋଳର ଛାତ୍ରୀ କଲ୍ୟାଣୀ ଦେଓ ଦ୍ୱିତୀୟ ସ୍ଥାନ, ଇ. ଟି. ଇ. ଆଇ, ବାରିପଦାର ଛାତ୍ରୀ ଯମୁନା ବେଶ୍ରା ତୃତୀୟ ସ୍ଥାନରେ ବିଜେତା ହୋଇଥିଲା ବେଳେ ଯୁଗ୍ମ ଅଭିନୟ ପ୍ରତିଯୋଗିତାରେ ବାରିପଦା ସ୍ୱୟଂ ସାଶିତ ମହାବିଦ୍ୟାଳୟର ଛାତ୍ର ଇନ୍ଦ୍ରଜୀତ ନାୟକ ଏବଂ ସୁଦିପ୍ତା ସାହୁ ପ୍ରଥମ ସ୍ଥାନ, ବି.ବି.ମହାବିଦ୍ୟାଳୟ, ବାଇଗଣବାଡିଆର ଛାତ୍ରୀ ଲୀପସା ପାଢୀ ଏବଂ ପ୍ରଜ୍ଞାସ୍ମିତା ସାହୁ ଦ୍ୱିତୀୟ ସ୍ଥାନ ଓ ଖୁଣ୍ଟା ଡିଗ୍ରୀ ମହାବିଦ୍ୟାଳୟର ଛାତ୍ର ଶିବନାରାୟଣ ହାଁସଦା ଏବଂ ମନାଲୀ ଟୁଡୁ ତୃତୀୟ ସ୍ଥାନ ଅଧିକାର କରିଥିଲା ବେଳେ




ବି.ବି.ମହାବିଦ୍ୟାଳୟର ଛାତ୍ର କଣୀଶ ନାଥ ଚେୟାରମେନ ଆୱାର୍ଡ ପାଇଥିଲେ । ସମସ୍ତ ପୁରସ୍କୃତ ଛାତ୍ର ଛାତ୍ରୀମାନଙ୍କୁ ଅନୁଷ୍ଠାନ ତରଫରୁ ନଗଦ ଅର୍ଥରାଶି, ସ୍ମୃତି ଫଳକ ଏବଂ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା । ଛାତ୍ର ଛାତ୍ରୀମାନଙ୍କର ମନୋରଞ୍ଜନ ନିମିତ୍ତ ସନ୍ଧ୍ୟା ସମୟରେ ସ୍ଥାନୀୟ ହରିହର କଳା ମନ୍ଦିରର କଳାକାରମାନେ ଶାସ୍ତ୍ରୀୟ ନୃତ୍ୟ ପରିବେଷଣ କରିଥିଲେ ଏବଂ ରୂପାନ୍ତର ଅନୁଷ୍ଠାନ ଦ୍ୱାରା ଏକ ହାସ୍ୟ ରସାତ୍ମକ ନାଟକ – "ଏବଂ କିଏ ?" ପରିବେଷଣ କରଯାଇଥିଲା । ନାଟକଟିକୁ ନାଟ୍ୟକାର ଡଃ. ପ୍ରଦୀପ ଭୌମିକ ରଚନା କରିଥିଲା ବେଳେ ସତ୍ୟନାରାୟଣ ଦାସ ନିର୍ଦ୍ଦେଶନା ଦେଇଥିଲେ । ଅଭିନୟରେ ସତ୍ୟ, ମଦନ, ରବୀନ୍ଦ୍ର, ଟୁଟୁ, କ୍ରୀଷ୍ଣା, ପଦ୍ମିନୀ ଏବଂ ଖୁଦୀ ଅଂଶ ଗ୍ରହଣ କରିଥିଲା ବେଳେ ସଂଗୀତ ନିର୍ଦ୍ଦେଶନା ଦେଇଥିଲେ ଶୁଭେନ୍ଦୁ ସାହୁ । ଏହି ନାଟକକୁ ପ୍ରଦୀପ ପ୍ରଜ୍ୱଳନ କରି ମୁଖ୍ୟ ଅତିଥି ଭାବେ ବାରିପଦା ପୌରପରିଷଦର ଅଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି ଉଦଘାଟନ କରିବା ସହିତ ରୂପାନ୍ତର ଅନୁଷ୍ଠାନର ଏଭଳି ପ୍ରୟାସକୁ ପ୍ରଶଂସା କରିଥିଲେ । ନାଟକ ଶେଷରେ ଉତ୍ସବର ଉଦଯାପନୀ ସଭାରେ ମୟୂରଭଞ୍ଜର ଜିଲ୍ଲାଶିକ୍ଷାକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ ।

ଓଡ଼ିଶା ଭାସ୍କର ODISHA BHASKAR

# ମହାନଗର





ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମଙ୍ଗଳବାର ବିଧାନସଭା ପରିସରରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସହ ଓଡ଼ିଶା କେନ୍ଦୁପତ୍ର ସଂଘ ସଦସ୍ୟଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା କେନ୍ଦୁପତ୍ର ସଂଘର ବିଭିନ୍ନ ଦାବି ଓ ସମସ୍ୟା ଉପମୁଖ୍ୟମନ୍ତ୍ରୀଙ୍କ ଆଗରେ ଉପସ୍ଥାପନ କରିଥିଲେ । ଚଳିତବର୍ଷ ଅନୁକୂଳ ପାଣିପାଗ ଯୋଗୁଁ ଉତ୍କୃଷ୍ଟ ମାନର କେନ୍ଦୁପତ୍ର ଫଳିଛି । ତଦନୁସାରେ କେନ୍ଦୁପତ୍ର ତୋଳାଳୀଙ୍କ ଆୟ ମଧ୍ୟ ବଢ଼ିବା ଆବଶ୍ୟକ। ଏନେଇ ଓଡ଼ିଶା କେନ୍ଦୁପତ୍ର ସଂଘ ଉପମୁଖ୍ୟମନ୍ତ୍ରୀଙ୍କ ନିକଟରେ ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ । ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ସଂଘକୁ ଆଶ୍ୱାସନା ଦେଇ କହିଥିଲେ ଯେ, ଆମେ ଆପଣଙ୍କ ଦାବି ଓ ସମସ୍ୟା ବିଷୟରେ ଅବଗତ ହେଲୁ ଓ ଏହାକୁ ସହୃଦୟତାର ସହ ଗ୍ରହଣ କରିଛୁ । ଦାବିକୁ ଆମେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଉପସ୍ଥାପନ କରି ସମାଧାନର ପନ୍ଥା ଖୁବ୍‌ଶୀଘ୍ର ବାହାର କରିବୁ । ବୈଠକରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ବନବାହିନୀ ମୁଖ୍ୟ ଦେବୀ ଦତ୍ତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ସୁଚିନ୍ତିତ ପରାମର୍ଶ ଦେଇଥିଲେ ।

### ଦିବ୍ୟାଙ୍ଗଙ୍କୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ

## ଅଭିଯୋଗ ଶୁଣିଲେ, ସମାଧାନର ଆଶ୍ୱାସନା ଦେଲେ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଲୋକଙ୍କ ମୁଖ୍ୟମନ୍ତ୍ରୀ ଭାବେ ପରିଚିତ ମୋହନ ଚରଣ ମାଝୀ ଯେଉଁଠି କି ଯାଆନ୍ତୁ ନା କାହିଁକି, ଯେଉଁଠି ବି ଥାଆନ୍ତୁ, ଲୋକଙ୍କ ଅଭିଯୋଗ ଓ ସମସ୍ୟା ଶୁଣିବାକୁ ଓ ତା'ର ପ୍ରତିକାର ପାଇଁ ବ୍ୟବସ୍ଥା କରିବାକୁ ସବୁବେଳେ ପ୍ରାଧାନ୍ୟ ଦେଇଥାନ୍ତି । ମଙ୍ଗଳବାର ସକାଳେ ତାଙ୍କ ବାସଭବନକୁ କିଛି ଲୋକ ସେମାନଙ୍କ ଅଭିଯୋଗ ନେଇ ଆସିଥିଲେ । ମୁଖ୍ୟମନ୍ତ୍ରୀ ସମସ୍ତଙ୍କ ଅଭିଯୋଗ ଶୁଣିଥିଲେ। ଅଭିଯୋଗକାରୀଙ୍କ ମଧ୍ୟରେ କେତେ ଜଣ ଦିବ୍ୟାଙ୍ଗ ମଧ୍ୟ ଆସିଥିଲେ। ଆଜି ହେଉଛି ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ । ଏହି ଅବସରରେ ଦିବ୍ୟାଙ୍ଗମାନେ ତାଙ୍କ ଘରକୁ ଆସିଥିବାରୁ ସେମାନଙ୍କୁ ମୁଖ୍ୟମନ୍ତ୍ରୀ ପ୍ରଥମେ ସମ୍ବର୍ଦ୍ଧିତ କରିଥିଲେ ଓ ପରେ ସେମାନଙ୍କ ସମସ୍ୟା ଶୁଣିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଏଭଳି ସହୃଦୟତାପୂର୍ଣ୍ଣ ବ୍ୟବହାରରେ ଭାବପ୍ରବଣ ହୋଇଯାଇଥିଲେ ସମସ୍ତେ । ସେମାନଙ୍କ ମଧ୍ୟରେ ଥିଲେ କଟକ ବାଉଁଶଗଳିର ଦିବ୍ୟାଙ୍ଗ ଶେଖ୍ ରେହେମାନ। ସେ ଭୁବନେଶ୍ୱରରୁ ନୂଆଦିଲ୍ଲୀ ପର୍ଯ୍ୟନ୍ତ ଏକ ତିନି-ଚକିଆ ସାଇକେଲରେ ଯାତ୍ରା ଆରମ୍ଭ କରୁଛନ୍ତି। ସେ ଆସିଥିଲେ ମୁଖ୍ୟମନ୍ତ୍ରୀଙ୍କ ପାଖରୁ ଶୁଭେଚ୍ଛା ପାଇ ତାଙ୍କର ଯାତ୍ରା ଆରମ୍ଭ କରିବାକୁ। ମୁଖ୍ୟମନ୍ତ୍ରୀ ତାଙ୍କର ଯାତ୍ରା ପାଇଁ ଶୁଭକାମନା ଜଣାଇଥିଲେ ।

### ମେଜର ଧ୍ୟାନଚାନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମେଜର ଧ୍ୟାନଚାନ୍ଦଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏକ୍ସ ହ୍ୟାଣ୍ଡେଲରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କିମ୍ବଦନ୍ତୀ ହକି ତାରକା, କ୍ରୀଡ଼ାବିତଙ୍କ ଆଦର୍ଶ, ପଦ୍ମଭୂଷଣ ମେଜର ଧ୍ୟାନଚାନ୍ଦଙ୍କ ପୁଣ୍ୟତିଥିରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି। ଭାରତୀୟ ହକି ଦଳକୁ ବିଶ୍ୱ ଦରବାର ଭିନ୍ନ ପରିଚୟ ଦେବାରେ ତାଙ୍କର ଅବଦାନ ଅତୁଳନୀୟ।

### ୫ ବର୍ଷରେ ମରିଛନ୍ତି ୩୪ କଲରାପତରିଆ ବାଘ: ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ୫ ବର୍ଷରେ ମରିଛନ୍ତି ୩୪ କଲରାପତରିଆ ବାଘ । ବିଧାୟକଙ୍କ ପ୍ରଶ୍ନରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମସିଂହ ଖୁଣ୍ଟିଆ ଉତ୍ତର ରଖିଛନ୍ତି । ୧୭ ବାଘ ଶିକାର, ୩ଟିର ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଓ ରେଳ ଦୁର୍ଘଟଣାରେ ୩ ବାଘ ପ୍ରାଣ ହରାଇଛନ୍ତି ।



ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଉପସ୍ଥିତ ଅଛନ୍ତି ରାଜ୍ୟପାଳ ଏବଂ ମେୟର

## ଜଳବିଦ୍ୟୁତ ପ୍ରକଳ୍ପ ନେଇ ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମଙ୍ଗଳବାର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଜଳବିଦ୍ୟୁତ୍ ପ୍ରକଳ୍ପ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଲାଞ୍ଜିଗଡ଼, ବାଲିଗୁଡ଼ା ଓ ଫୁଲବାଣୀର ବିଧାୟକ, ଓଡ଼ିଶା ଜଳବିଦ୍ୟୁତ ନିଗମ (ଓଏଚ୍‌ପିସି)ର ଚେୟାରମ୍ୟାନ ତଥା ମ୍ୟାନେଜିଂ ଡ଼ାଇରେକ୍ଟର ଶାଶ୍ୱତ ମିଶ୍ର, ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ ଦେବ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ସୁଚିନ୍ତିତ ମତ ପ୍ରଦାନ କରିଥିଲେ । ପୂର୍ବରୁ ସରକାର ରାଜ୍ୟରେ ୪ଟି ଜଳବିଦ୍ୟୁତ ପ୍ରକଳ୍ପ କରିବାକୁ ଅନୁମୋଦନ ପ୍ରାପ୍ତ କରିଛନ୍ତି । ସେଥି ମଧ୍ୟରୁ ୩ ଗୋଟି ପମ୍ପଡ୍ ଷ୍ଟୋରେଜ୍ ପ୍ରକଳ୍ପ ଓ ଗୋଟିଏ ହାଇଡ୍ରୋ ଇଲେକ୍ଟ୍ରିକ୍ ପ୍ରକଳ୍ପ ରହିଛି । ସେଗୁଡ଼ିକ ହେଲା, କଳାହାଣ୍ଡି ଜିଲ୍ଲାର ୬୦୦ ମେଗାୱାଟ୍‌ର ଉପର ଇନ୍ଦ୍ରାବତୀ ପ୍ରକଳ୍ପ, କୋରାପୁଟ ଜିଲ୍ଲାର ୬୦୦ ମେଗାୱାଟ୍‌ର ଉପର କୋଲାବ୍ ପ୍ରକଳ୍ପ, ମାଲକାନଗିରି ଜିଲ୍ଲାର ୫୦୦ ମେଗାୱାଟ୍‌ର ବାଲିମେଳା ପ୍ରକଳ୍ପ ଏବଂ କନ୍ଧମାଳ ଜିଲ୍ଲାର ୬୩ ମେଗାୱାଟ୍ ବିଶିଷ୍ଟ ଖଡଗ ଜଳବିଦ୍ୟୁତ ପ୍ରକଳ୍ପ ରହିଛି । ଉପମୁଖ୍ୟମନ୍ତ୍ରୀ ଏହିସବୁ ପ୍ରକଳ୍ପର ଅଗ୍ରଗତି ବିଷୟରେ ସମୀକ୍ଷା କରିଥିଲେ । ଆଜିର ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ପିଏସ୍‌ପି ପ୍ରକଳ୍ପ ଦ୍ୱାରା ବିଦ୍ୟୁତ ଉତ୍ପାଦନକୁ ପ୍ରାଧାନ୍ୟ ଦେଉଛନ୍ତି । ଏହା ଦ୍ୱାରା ଜଳବାୟୁ ଓ ପରିବେଶର ସ୍ୱଚ୍ଛତା ବଜାୟ ରହିବା ସହ ଓଡ଼ିଶାର ପ୍ରାକୃତିକ ସମ୍ପଦକୁ ବ୍ୟବହାର କରି ସ୍ଥାନୀୟ ଅଂଚଳର ବିଦ୍ୟୁତ ଚାହିଦା ମେଣ୍ଟାଇ ହେବ । ବୈଠକରେ ଜଳଭଣ୍ଡାର ବା ବ୍ୟାରେଜ୍ ନିର୍ମାଣ ଅଂଚଳରେ ବିସ୍ଥାପିତଙ୍କୁ ଥଇଥାନ ବ୍ୟବସ୍ଥା ସହ ଉପଯୁକ୍ତ କ୍ଷତିପୂରଣ ସମୟାନୁଯାୟୀ ଦିଆଯିବା ଉପରେ ଉପମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ଏତଦ୍‌ବ୍ୟତୀତ ବିସ୍ଥାପିତ ପରିବାରର ଯେକୌଣସି ସଦସ୍ୟଙ୍କୁ ଦକ୍ଷତା ବିକାଶ କରାଯାଇ ସ୍ଥାନୀୟ ଅଞ୍ଚଳରେ କିମ୍ବା ସେହି ପ୍ରକଳ୍ପରେ ନିଯୁକ୍ତି ପ୍ରଦାନ କରିବା ପାଇଁ ମଧ୍ୟ ସେ ପରାମର୍ଶ ଦେଇଥିଲେ । ଏହା ସହ ପ୍ରକଳ୍ପ କାର୍ଯ୍ୟଗୁଡ଼ିକର ଅଗ୍ରଗତି ନିମନ୍ତେ ସ୍ଥାନୀୟ ଜନସାଧାରଣ ଓ ଜନପ୍ରତିନିଧିଙ୍କ ସହଯୋଗ କାମନା କରିଥିଲେ । ଜଳବିଦ୍ୟୁତ ପ୍ରକଳ୍ପ ହେଉଥିବା ଅଞ୍ଚଳର ଆଖପାଖର ବିଦ୍ୟୁତ ଯୋଗାଣ, ଭିତ୍ତିଭୂମି ସୁଦୃଢ଼ କରିବା ଲାଗି ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ତଥା ଓଏଚ୍‌ପିସିର ସିଏମ୍‌ଡି ଶାଶ୍ୱତ ମିଶ୍ର ମତବ୍ୟକ୍ତ କରିଥିଲେ । ଏହି ଅବସରରେ ବାଲିଗୁଡ଼ା ବିଧାୟକ, ଲାଞ୍ଜିଗଡ଼ ବିଧାୟକ, ଫୁଲବାଣୀ ବିଧାୟକ ଉପସ୍ଥିତ ଥିଲେ ।

### ରାଜ୍ୟସଭା ଉପନିର୍ବାଚନ ପାଇଁ ବିଜ୍ଞପ୍ତି, ୨୦ରେ ଭୋଟ୍ ଗ୍ରହଣ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟସଭା ଉପନିର୍ବାଚନ ଲାଗି ବିଧାନସଭା ପକ୍ଷରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। ଆଜିଠାରୁ ନାମାଙ୍କନ ପତ୍ର ଦାଖଲ ଆରମ୍ଭ ହୋଇଛି। ଡିସେମ୍ବର ୧୦ ଯାଏ ପ୍ରାର୍ଥୀ ନିଜର ପ୍ରାର୍ଥୀପତ୍ର ଦାଖଲ କରିପାରିବେ। ଡିସେମ୍ବର ୧୩ ହେଉଛି ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ। ଡିସେମ୍ବର ୧୦ରେ ଭୋଟିଂ ହେବ। ୧୧ ତାରିଖରେ ପ୍ରାର୍ଥୀପତ୍ର ଯାଞ୍ଚ ହେବ। ଡିସେମ୍ବର ୧୩ ସୁଦ୍ଧା ପ୍ରାର୍ଥୀମାନେ ନିଜର ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିପାରିବେ। ୨୦ ସକାଳ ୯ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯିବ। ଅପରାହ୍ଣ ୫ଟାରେ ଭୋଟଗଣିତ ହେବ। ଓଡ଼ିଶାରୁ ରାଜ୍ୟସଭା ସାଂସଦ ସୁଜିତ କୁମାର ଇସ୍ତଫା ଦେବାପରେ ଖାଲି ପଡ଼ିଥିବା ରାଜ୍ୟସଭା ପଦ ପାଇଁ ଆସନ୍ତା ୧୦ରେ ଏହି ଉପନିର୍ବାଚନ ହେବ।

### ଖୁଦିରାମ ବୋଷଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କଲେ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସ୍ୱାଧୀନତା ସଂଗ୍ରାମୀ ଖୁଦିରାମ ବୋଷଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏକ୍ସ ହ୍ୟାଣ୍ଡେଲରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଭାରତ ମାତାର ସୁପୁତ୍ର, ସ୍ୱାଧୀନତା ସଂଗ୍ରାମୀର ଅମର ନାୟକ ଖୁଦିରାମ ବୋଷଙ୍କୁ ତାଙ୍କ ଜୟନ୍ତୀ ଅବସରରେ କୋଟି କୋଟି ପ୍ରଣାମ କରୁଛି । କିଶୋରାବସ୍ଥାରେ ହିଁ ଦେଶର ସ୍ୱାଧୀନତା ପାଇଁ ଫାଶୀର ଦଉଡିକୁ ଚୁମ୍ବନ କରିଥିବା ଏହି ମହାନ କ୍ରାନ୍ତିକାରୀ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଯୁବକଙ୍କୁ ଦେଶଭକ୍ତି ଓ ତ୍ୟାଗର ପ୍ରେରଣା ଦେଇଥାନ୍ତି । ତାଙ୍କ ବଳିଦାନ ପ୍ରତି ଭାରତୀୟଙ୍କ ହୃଦୟରେ ଦେଶପ୍ରେମର ଭାବନାକୁ ପ୍ରଜ୍ୱଳିତ କରିଥାଏ । ଖୁଦିରାମ ବୋଷଙ୍କ ବୀରତା ଓ ନିସ୍ୱାର୍ଥ ବଳିଦାନ ସର୍ବଦା ଆମ ସ୍ମୃତିରେ ଅମର ରହିବ ।

### ରମାଦେବୀ ଚୌଧୁରୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କଲେ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରମାଦେବୀ ଚୌଧୁରୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏକ୍ସ ହ୍ୟାଣ୍ଡେଲରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମହାନ ସ୍ୱାଧୀନତା ସଂଗ୍ରାମୀ ରମାଦେବୀ ଚୌଧୁରୀଙ୍କ ଜୟନ୍ତୀରେ ବିନମ୍ର ଶ୍ରଦ୍ଧାଞ୍ଜଳି। ସ୍ୱାଧୀନତା ଆନ୍ଦୋଳନରେ ଜଣେ ନାରୀନେତ୍ରୀ ଭାବେ ତାଙ୍କର ଅବଦାନ ଚିର ସ୍ମରଣୀୟ। ସେହିପରି ରମାଦେବୀ ଚୌଧୁରୀଙ୍କ ସ୍ମୃତିଚାରଣ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏକ୍ସ ହ୍ୟାଣ୍ଡେଲରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ସମାଜସେବୀ ସ୍ୱର୍ଗତ ରମାଦେବୀ ଚୌଧୁରୀଙ୍କ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି ।

### ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଭେଟିଲେ ଏକତା କପୁର



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କଲେ ଏକତା କପୁର । ବିଧାନସଭାରେ ପହଂଚି ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଭେଟିଛନ୍ତି 'ଦ ସାବରମତୀ ରିପୋର୍ଟ'ର ପ୍ରଯୋଜିକା ଏକତା କପୁର । ସାବରମତୀ ରିପୋର୍ଟ ଫିଲ୍ମ ଉପରୁ ସରକାର ଟିକସ ଛାଡ଼ କରିଥିବାରୁ ଧନ୍ୟବାଦ ଦେଇଛନ୍ତି ଏକତା ।

## ରାଜ୍ୟରେ ୨୦୭ ପାନୀୟ ଜଳ ପ୍ରକଳ୍ପରୁ ୧୬ଟି ସରିଛି: ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟର ୨୦୭ ମେଗା ପାନୀୟ ଜଳ ପ୍ରକଳ୍ପରୁ ୧୬ଟି ଶେଷ ହୋଇଛି । ରାଜ୍ୟରେ ଏବେ ୧୯୧ଟି ପାନୀୟ ଜଳ ପ୍ରକଳ୍ପ ନିର୍ମାଣାଧୀନ ରହିଛି । ସୌଭିକ ବିଶ୍ୱାଳଙ୍କ ମୂଳ ପ୍ରଶ୍ନ ଓ ଅନ୍ୟ ବିଧାୟକ ମାନଙ୍କର ଅତିରିକ୍ତ ପ୍ରଶ୍ନର ଉତରରେ ପଂଚାୟତିରାଜ ମନ୍ତ୍ରୀ ରବି ନାୟକ ଏହି ଉତର ଦେଇଛନ୍ତି । ସେ କହିଛନ୍ତି ପୂର୍ବ ସରକାର କେବଳ ପାଇପ ବିଛାଇବା କାମ କରିଥିଲେ । ଯେଉଁମାନେ ଠିକା ନେଇଥିଲେ, ସେମାନେ ୫୮% ପଇସା ନେଇ ପଳାଇଛନ୍ତି । ଯେଉଁମାନେ ପ୍ରକଳ୍ପ କାମ ନେଇଛନ୍ତି ସେମାନେ ଆମ ରାଜ୍ୟର ନୁହନ୍ତି । ଠିକାଦାରମାନେ ମଲେଇ ନେଇ ପଳାଇଛନ୍ତି, ପରବର୍ତ୍ତୀ କଷ୍ଟ କାମ ଏବେ ବି ବାକି ଅଛି । ପ୍ରକଳ୍ପ ନେଇଥିବା କମ୍ପାନୀ ଟଙ୍କାଟିଏ ବି ନିଜ ପକେଟରୁ ଖର୍ଚ୍ଚ କରି ନାହାନ୍ତି । ସେ କହିଛନ୍ତି ଯେ, ସରକାର ଟଙ୍କା ଦେବା ପରେ ହିଁ ପ୍ରକଳ୍ପ କାମ ଆରମ୍ଭ କରିଛନ୍ତି ଠିକାଦାର । ପ୍ରକଳ୍ପ କାମ ପାଇବା ପାଇଁ ପେଟି ଆକାରରେ ଟଙ୍କା ବାଣ୍ଟିଛନ୍ତି ଠିକାଦାର। ପ୍ରଥମ ପର୍ଯ୍ୟାୟରେ ମାର୍ଚ୍ଚ ୨୦୨୫ ସୁଦ୍ଧା ୫୬ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହେବ । ଡିସେମ୍ବର ୨୦୨୫ ସୁଦ୍ଧା ଆଉ ୫୪ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହେବ । ୨୦୨୨-୨୩ ଶେଷ ଭାଗରେ ଆରମ୍ଭ ହୋଇଥିବା ୮୧ଟି ପ୍ରକଳ୍ପ ୨୦୨୬ ସୁଦ୍ଧା ସରିବ ।

### ଡ. ଅଚ୍ୟୁତ ସାମନ୍ତଙ୍କୁ 'ଅସ୍ମିତାର ନାୟକ' ସମ୍ମାନ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବିଶିଷ୍ଟ ଶିକ୍ଷାବିତ୍, ସମାଜସେବୀ, 'କିଟ୍' ଓ 'କିସ୍'ର ପ୍ରତିଷ୍ଠାତା ଡକ୍ଟର ଅଚ୍ୟୁତ ସାମନ୍ତ ଗତ ଏକମାସ ମଧ୍ୟରେ ଏକାଧିକ ଜାତୀୟ ଓ ଅନ୍ତର୍ଜାତୀୟ ସଂସ୍ଥା ଦ୍ୱାରା ପୁରସ୍କୃତ ଏବଂ ସମ୍ମାନିତ ହୋଇଥିବାରୁ ଓଡ଼ିଶା ସଚେତନ ନାଗରିକ ଫୋରମ୍ ଏବଂ 'ସଂସ୍କୃତି ଓ ସଂସ୍କୃତି' ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହାଦ୍ୱାରା ଦେଶ ବିଦେଶରେ ଓଡ଼ିଶାର ଯଶ ଓ ଗୌରବ ବୃଦ୍ଧି ପାଇଥିବାରୁ ଦୁଇସଂସ୍ଥା ପକ୍ଷରୁ ତାଙ୍କୁ 'ଅସ୍ମିତାର ନାୟକ' ଉପାଧି ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି। ସୂଚନାଯୋଗ୍ୟ ଯେ, ଗତ କିଛିଦିନ ପୂର୍ବେ ଡେରାଡୁନ ଠାରେ ଉତ୍ତରାଖଣ୍ଡ ବିଶ୍ୱ ବିଦ୍ୟାଳୟ ଡ. ସାମନ୍ତଙ୍କୁ ସମ୍ମାନସୂଚକ ଡକ୍ଟରେଟ ପ୍ରଦାନ କରିବା ଫଳରେ ତାଙ୍କର ଡକ୍ଟରେଟ ସଂଖ୍ୟା ୬୧ରେ ପହଞ୍ଚିଛି। ସେହିପରି ତାମିଲନାଡୁର ମଦୁରାଇ ଠାରେ ଆୟୋଜିତ ରବୀନ୍ଦ୍ର ସାହିତ୍ୟ ସମାରୋହରେ ମଧ୍ୟ ତାଙ୍କୁ ସ୍ୱତନ୍ତ୍ର ଭାବରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନ ପକ୍ଷରୁ ସଭାପତି ତଥା 'ଓଡ଼ିଶା ଭାସ୍କର' ମୁଖ୍ୟ ସଂପାଦକ ପ୍ରଦୋଷ ପଟ୍ଟନାୟକ, ସମ୍ପାଦକ ଦିଲ୍ଲିପ ହାଲି, ଯୁବ ସଂଗଠକ ତନ୍ମୟ ସ୍ୱାଇଁ, ଶିକ୍ଷାବିତ୍ ଅଶୋକ ପାଣ୍ଡେ ଏବଂ ଆଇନଜୀବୀ ମନୋରଞ୍ଜନ ପ୍ରଧାନ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

### କଳା ତାଲିକାଭୁକ୍ତ କମ୍ପାନୀକୁ ୩୦୦ କୋଟି ଟଙ୍କାର କାମ ଦେଲେ ସରକାର

## ବିଜେଡି ଆଣିଲା ଦୁର୍ନୀତି ଅଭିଯୋଗ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଗଷ୍ଟ ମାସରେ ବିଧାନସଭାରେ ଯେଉଁ କମ୍ପାନୀକୁ କଳା ତାଲିକା ଭୁକ୍ତ ହୋଇଥିବା ସଚୂନା ଦେଇଥିଲେ, ସେହି କମ୍ପାନୀକୁ ରାଜ୍ୟ ସରକାର ଅକ୍ଟୋବର ମାସରେ ୩୦୦ କୋଟି ଟଙ୍କାର କାମ ଦେଇଛନ୍ତି, ଯାହା ବିଜେପି ସରକାରଙ୍କ ଦୁର୍ନୀତିକୁ ପଦାକୁ ଆଣୁଛି ବୋଲି ଶଙ୍ଖ ଭବନ ଠାରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡଃ ଲେନିନ ମହାନ୍ତି କହିଛନ୍ତି। ଦୁଃଖ ଓ ପରିତାପର ବିଷୟ ଯେ, ଏହି କଳା ତାଲିକା ଭୁକ୍ତ କମ୍ପାନୀକୁ ଜନଜାତି ଛାତ୍ରଛାତ୍ରୀ ମାନଙ୍କ ପାଇଁ ଉଦିଷ୍ଟ, ଆଶ୍ରମ ସ୍କୁଲର ପାହ୍ୟାବୃଦ୍ଧି ପାଇଁ ଓ ଜନଜାତି ଐତିହ୍ୟ ଓ ସ୍ୱାଭିମାନ ଭବନ ନିର୍ମାଣ ପାଇଁ ଏହି କାମ ଦିଆଯାଇଛି । ଡଃ ମହାନ୍ତି କହିଥିଲେ ଯେ, ୨୨.୦୮.୨୦୨୪ ତାରିଖରେ ସୁନ୍ଦରଗଡ଼ ସଦର ବିଧାୟକ ଯୋଗେଶ କୁମାର ସିଂଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ମୁଖ୍ୟମବୀ ମୋହନ ଚରଣ ମାଝୀ ସୂଚନା ଦେଇଥିଲେ ଯେ, ୱାପକୋସ ଲିମିଟେଡ଼କୁ ପତ୍ର ସଂଖ୍ୟା ୧୧୨୯/ଡିଏମଏଫ ତା.୦୪.୦୩.୨୦୨୪ ତାରିଖରେ କଳା ତାଲିକା ଭୁକ୍ତ କରି କାର୍ଯ୍ୟରୁ ଅନ୍ତର କରି ଦିଆଯାଇଥିଲା । ଉଲ୍ଲେଖଯୋଗ୍ୟ, ଏହି କମ୍ପାନୀକୁ ସୁନ୍ଦରଗଡ଼ ସହରର ମଧ୍ୟ ଭାଗରେ ଥିବା ବିଜୁଳି ବନ୍ଧ (ପୋଖରୀର) ସୌନ୍ଦର୍ଯ୍ୟକରଣ ପାଇଁ ଡିଏମଏଫ ତରଫରୁ ୩ କୋଟି ୪୨ ଲକ୍ଷ ଟଙ୍କା ବ୍ୟୟ ଅଟକଳ ହୋଇଥିବା କାମ ୱାପକୋସ ଦ୍ୱାରା ସମ୍ପାଦନା କରାଯାଉଥିଲା। ଏହି କାର୍ଯ୍ୟରେ ଅଗ୍ରଗତି ନହେବାରୁ କମ୍ପାନୀକୁ ବାରମ୍ବାର ତାଗିଦ କରାଯାଇଥିଲା, କିନ୍ତୁ ତା ସତ୍ତ୍ୱେ କାମରେ ଅଗ୍ରଗତି ହୋଇ ନଥିବା ଯୋଗୁଁ କମ୍ପାନୀକୁ କଳା ତାଲିକା ଭୁକ୍ତ କରାଯାଇଥିଲା। ଗତ ଅଗଷ୍ଟ ମାସରେ ବିଧାନସଭାରେ ମୁଖ୍ୟମବୀ ଯେଉଁ କମ୍ପାନୀ କଳା ତାଲିକା ଭୁକ୍ତ ହୋଇଥିବା ସୂଚନା ଦେଇଥିଲେ, ସେହି କମ୍ପାନୀକୁ ଅକ୍ଟୋବର ମାସରେ ୩୦୦ କୋଟି ଟଙ୍କାର କାମ କରିବାକୁ କିପରି ଯୋଗ୍ୟତା ପାଇଲା ବୋଲି ଡଃ ମହାନ୍ତି ପ୍ରଶ୍ନ କରିଥିଲେ। ସେହିପରି, ଆମ୍ବ ଟାକୁଆ ଜାଉ ଖାଇ ତନି ମହିଳାଙ୍କ ମୃତ୍ୟୁ ଘଟଣାରେ, ସେ ଅଞ୍ଚଳରେ ଏହି ଘଟଣା ପୂର୍ବରୁ ରାସନ ଦିଆଯାଇଥିଲା କି ନାହିଁ ବୋଲି ବିଧାନସଭାର ଏକ ପ୍ରଶ୍ନର ଉତ୍ତରରେ ସରକାର କହିଛନ୍ତି, ତଥ୍ୟ ସଂଗ୍ରହ ଚାଲିଛି, ଯାହା କେବଳ ସତ୍ୟକୁ ଲୁଚାଇବା ପାଇଁ ଅପଚେଷ୍ଟା ବୋଲି ଡଃ ମହାନ୍ତି କହିଥିଲେ।

### ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ

କଟକ(ଭାସ୍କର ନ୍ୟୁଜ୍): ଦିବ୍ୟାଙ୍ଗମାନେ ସମାଜର ମୁଖ୍ୟ ସ୍ରୋତର ଏକ ଅବିଚ୍ଛେଦ୍ୟ ଅଙ୍ଗ । ସେମାନେ ନିଜକୁ କୌଣସି ଗୁଣରେ କମ ଭାବିବା ଉଚିତ ନୁହେଁ । ଜୀବନର ଯେକୌଣସି ସମସ୍ୟାର ମୁକାବିଲା କରିବା ନିମନ୍ତେ ସେମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି କରାଇବା ଉଚିତ । ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ କଳାବିକାଶ କେନ୍ଦ୍ରରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳନ ଅବସରରେ ବିଶିଷ୍ଟ ବକ୍ତାମାନେ ମତ ପ୍ରକାଶ କରିଛନ୍ତି । କଟକ ମହାନଗର ନିଗମ ମେୟର ସୁବାସ ସିଂହ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦିବ୍ୟାଙ୍ଗଙ୍କ ଉନ୍ନତି ପାଇଁ ଉତ୍ସର୍ଗୀକୃତ ମନୋଭାବ ସହ କାମ କରିବାକୁ ଆହ୍ୱାନ ଦେଇଥିଲେ। ଜିଲ୍ଲାପାଳ ଦତାତ୍ରୟ ଭାଉସାହେବ ସିନ୍ଦେ ଦିବ୍ୟାଙ୍ଗ ପିଲାମାନେ ପାଠ ପଢ଼ିବା ସହ ନିଜକୁ ଆତ୍ମ ନିର୍ଭରଶୀଳ କରିବା ଦିଗରେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମନୋଜ ରଥ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଲୋକନାଥ ପାତ୍ର, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀ କାନ୍ତ ସାହୁ, ଆଇଡ଼ି ସଂଯୋଜକ ଚିତରଞ୍ଜନ ପଣ୍ଡା ପ୍ରମୁଖ ଦିବ୍ୟାଙ୍ଗମାନେ ନିଜର ସ୍ୱତନ୍ତ୍ର ଗୁଣ ସଂପର୍କରେ ଅବଗତ ହୋଇ ସେହି ଗୁଣକୁ ବିକଶିତ କରି ଭିନ୍ନକ୍ଷମତାକୁ ଅତିକ୍ରମ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଆନ୍ତର୍ଜାତିକ ଦିବ୍ୟାଙ୍ଗ ଦିବସରେ ସକାଳେ ବାରବାଟୀ ଷ୍ଟାଡିୟମରୁ ଏକ ରାଲି କଳାବିକାଶ କେନ୍ଦ୍ର ପର୍ଯ୍ୟନ୍ତ ଯାଇଥିଲା ।

### ଡିଜି ସମ୍ମିଳନୀ ସଫଳ ଆୟୋଜନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଡିଜି ସମ୍ମିଳନୀର ସଫଳ ଆୟୋଜନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ବିଧାନସଭାରେ ସମ୍ବର୍ଦ୍ଧିତ କରାଯାଇଛି । ସର୍ବଭାରତୀୟ ଆରକ୍ଷୀ ମହା ନିର୍ଦ୍ଦେଶକ ସମ୍ମିଳନୀ ଭଳି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମକୁ ଭୁବନେଶ୍ୱରରେ ସଫଳତାର ସହ ଆୟୋଜନ ଏବଂ ଏଥିପାଇଁ ମାନ୍ୟବର ପ୍ରଧାନମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରିଥିବାରୁ ଶାସକ ଦଳର ବିଧାୟକ ଓ ମନ୍ତ୍ରୀମାନେ ଓଡ଼ିଶା ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି । ଏଠାରେ ଉଲ୍ଲେଖନୀୟ ଭୁବନେଶ୍ୱରରେ ତିନିଦିନ ଧରି ଡିଜିପି ସମ୍ମିଳନୀ ଚାଲିଥିଲା । ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହମନ୍ତ୍ରୀ ଅମିତ ଶାହ, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲଙ୍କ ସମେତ ସବୁ ରାଜ୍ୟର ଡିଜିପି ଏବଂ ଆଇଜିମାନେ ଉପସ୍ଥିତ ଥିଲେ । ଆଭ୍ୟନ୍ତରୀଣ ସୁରକ୍ଷା ସହ ଅନ୍ତର୍ଘାତୀ ଆକ୍ରମଣ ପ୍ରତିହତ କରିବାକୁ ରାଜ୍ୟ ମଧ୍ୟରେ ସମନ୍ୱୟ ରକ୍ଷା ଓ ଗୁଇନ୍ଦା ତଥ୍ୟର ଆଦାନ ପ୍ରଦାନ ନେଇ ହୋଇଥିଲା ମାନସମନ୍ଥନ।

### ୫ ଇନ୍ସପେକ୍ଟର ଓ ୧୨ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟଙ୍କ ପଦୋନ୍ନତି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମଙ୍ଗଳବାର ବିଭିନ୍ନ ବାଟାଲିୟନ୍‌ର ୫ଜଣ ଇନ୍ସପେକ୍ଟର ଓ ୧୨ଜଣ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟଙ୍କ ପଦୋନ୍ନତି ହେବା ନେଇ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି । ବିଜ୍ଞପ୍ତି ଅନୁଯାୟୀ ଦେଓଗଡ଼ ୪ର୍ଥ ଆଇଆର ବାଟାଲିୟନ୍‌ର ଇନ୍ସପେକ୍ଟର ପବିତ୍ର ମୋହନ ମୁଣ୍ଡଙ୍କୁ ଛତ୍ରପୁର ଅଷ୍ଟମ ବାଟାଲିୟନ୍‌ର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଭାବେ ପଦୋନ୍ନତି ଦିଆଯାଇଛି । ସେହିପରି କୋରାପୁଟ ସପ୍ତମ ଆଇଆର ବାଟାଲିୟନ୍‌ର ଇନ୍ସପେକ୍ଟର ସ୍ୱପ୍ନ କୁମାର ସରକାରଙ୍କୁ ଗଜପତି ତୃତୀୟ ଏସ୍‌ଏସ୍ ବାଟାଲିୟନ୍‌କୁ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଭାବେ ପଦୋନ୍ନତି ଦିଆଯାଇଛି । ଏହିପରି ୫ଜଣ ଇନ୍ସପେକ୍ଟରଙ୍କୁ ବିଭିନ୍ନ ବାଟାଲିୟନ୍‌କୁ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଭାବେ ପଦୋନ୍ନତି ଦିଆଯାଇଥିବା ଜଣାପଡ଼ିଛି । ସେହିପରି କମିଶନରେଟ୍ ପୋଲିସ ଏସ୍‌ଏସ୍ ବାଟାଲିୟନ୍‌ର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟଙ୍କୁ ବବଲୁ କୁମାର ପ୍ରଧାନଙ୍କୁ ରାଉରକେଲା ଚତୁର୍ଥ ବାଟାଲିୟନ୍‌ର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଭାବେ ପଦୋନ୍ନତି ଦିଆଯାଇଛି । ଏହା ବ୍ୟତୀତ କମିଶନରେଟ୍ ପୋଲିସ୍ ଓଏସ୍‌ଏପି ସପ୍ତମ ବାଟାଲିୟନ୍‌ର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଉତ୍କଳ କୁମାର ଆଇଚଙ୍କୁ କୋରାପୁଟ ପ୍ରଥମ ଆଇଆର ବାଟାଲିୟନ୍‌ର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଭାବେ ପଦୋନ୍ନତି ଦିଆଯାଇଛି । ଏହିପରି ଭାବେ ୧୨ଜଣ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟଙ୍କୁ ବିଭିନ୍ନ ବାଟାଲିୟନ୍‌ରେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଭାବେ ପଦୋନ୍ନତି ଦିଆଯାଇଥିବା ଜଣାପଡ଼ିଛି ।

## ୯ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଓ ୭ ଡେପୁଟି କମାଣ୍ଡାଣ୍ଟଙ୍କ ପଦୋନ୍ନତି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମଙ୍ଗଳବାର ୯ଜଣ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଓ ୭ଜଣ ଡେପୁଟି କମାଣ୍ଡାଣ୍ଟଙ୍କୁ ପଦୋନ୍ନତି ଦିଆଯାଇଛି । ଏନେଇ ଗୃହ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ଜାରି ହୋଇଛି । ବିଜ୍ଞପ୍ତି ଅନୁଯାୟୀ ଓଏସ୍‌ଏପି ଷଷ୍ଠ ବାଟାଲିୟନ୍ କଟକର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ତରୁଣ କୁମାର ମଲ୍ଲିକଙ୍କୁ ରାୟଗଡ଼ା ଦ୍ୱିତୀୟ ଆଇଆର ବାଟାଲିୟନ୍ ଭାମିଣୀକୁ ଡେପୁଟି କମାଣ୍ଡାଣ୍ଟ ଭାବେ ପଦୋନ୍ନତି ଦିଆଯାଇଛି । ସେହିପରି କଳିଙ୍ଗନଗର ତୃତୀୟ ଆଇଆର ବାଟାଲିୟନ୍‌ର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ରମେଶ ଚନ୍ଦ୍ର ଖଟୁଆଙ୍କୁ ଏସ୍‌ଓଜି ହବ୍‌କୁ ଡେପୁଟି କମାଣ୍ଡାଣ୍ଟ ଭାବେ ପଦୋନ୍ନତି ଦିଆଯାଇଛି । ଏହିପରି ଭାବେ ୯ଜଣ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟଙ୍କୁ ଡେପୁଟି କମାଣ୍ଡାଣ୍ଟ ଭାବେ ପଦୋନ୍ନତି ଦିଆଯାଇଥିବା ବିଜ୍ଞପ୍ତିରେ ପ୍ରକାଶ ପାଇଛି । ଏହା ବ୍ୟତୀତ କଳାହାଣ୍ଡି ନବମ ଏସ୍‌ଆଇଆର ବାଟାଲିୟନ୍‌ର ଡେପୁଟି କମାଣ୍ଡାଣ୍ଟ ଓଏପିଏସ୍ ସନ୍ତୋଷ କୁମାର ବିଶ୍ୱାଳଙ୍କୁ ରାୟଗଡ଼ା ଭାମିଣୀ ଦ୍ୱିତୀୟ ଆଇଆର ବାଟାଲିୟନ୍‌କୁ ଡେପୁଟି କମାଣ୍ଡାଣ୍ଟ ଭାବେ ପଦୋନ୍ନତି କରାଯାଇଛି । ସେହିପରି ଭଞ୍ଜନଗର ତନରଡା ଅଷ୍ଟମ ଆଇଆର ବାଟାଲିୟନ୍‌ର ବିଭୂତି ଭୂଷଣ ପରିଡ଼ାଙ୍କୁ ଏସ୍‌ଓଜି ଏବଂ ଡିଜିପି ଅଫିସ୍‌କୁ ଡେପୁଟି କମାଣ୍ଡାଣ୍ଟ ଭାବେ ପଦୋନ୍ନତି କରାଯାଇଛି । ଏହିପରି ଭାବେ ୭ଜଣ ଓଏପିଏସ୍‌ଙ୍କୁ ଡେପୁଟି କମାଣ୍ଡାଣ୍ଟ ଭାବେ ବିଭିନ୍ନ ବାଟାଲିୟନ୍‌ରେ ନିଯୁକ୍ତି ଦିଆଯାଇଥିବା ବିଜ୍ଞପ୍ତିରେ ଜଣାପଡ଼ିଛି ।

### ୪ ଟ୍ରେନି ଆଇପିଏସ୍‌ଙ୍କୁ ଏସ୍‌ଡିପିଓ ନିଯୁକ୍ତି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଚାରିଜଣ ଟ୍ରେନି ଆଇପିଏସ୍ ଅଫିସରଙ୍କୁ ବିଭିନ୍ନ ସ୍ଥାନରେ ଏସ୍‌ଡିପିଓ ଭାବେ ନିଯୁକ୍ତି ଦିଆଯାଇଛି । ଏନେଇ ଓଡ଼ିଶା ପୋଲିସ ମୁଖ୍ୟାଳୟରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି । ବିଜ୍ଞପ୍ତି ଅନୁଯାୟୀ ଟ୍ରେନିଂ ଆଇପିଏସ୍ ଅଫିସର ରାମେନ୍ଦ୍ର ପ୍ରସାଦଙ୍କୁ କଳାହାଣ୍ଡି ଜିଲ୍ଲା ବାଲିଗୁଡ଼ା ଏସ୍‌ଡିପିଓ ଭାବେ ନିଯୁକ୍ତି ଦିଆଯାଇଛି । ସେହିପରି ସୋନାଲି ସିଂ ପରମାରଙ୍କୁ ରାଉରକେଲା ବଣାଇ ଏସ୍‌ଡିପିଓ, ଆଜିଙ୍କ୍ୟ ବାବୁରାଓଙ୍କୁ କଳାହାଣ୍ଡି ଜିଲ୍ଲା ସଦର ଏସ୍‌ଡିପିଓ ଓ ଅମ୍ରିତ ପାଲ କୌରଙ୍କୁ ବରଗଡ଼ ଜିଲ୍ଲା ପଦ୍ମପୁର ଏସ୍‌ଡିପିଓ ଭାବେ ନିଯୁକ୍ତି ଦିଆଯାଇଛି । ତେବେ ବରଗଡ଼ ଜିଲ୍ଲା ପଦ୍ମପୁର ଏସ୍‌ଡିପିଓ ବିଭୂତି ଭୂଷଣ ଭୋଇଙ୍କୁ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ବରଗଡ଼ ଜିଲ୍ଲା ମୁଖ୍ୟାଳୟକୁ ବଦଳି କରାଯାଇଛି ।




ଉଦ୍‌ଘାଟନୀ ଉତ୍ସବର ଅବ୍ୟବହିତ ପୂର୍ବରୁ ଆଲୋକ ମାଳାରେ ଝଲସୁଛି ଭୁବନେଶ୍ୱର ଜିଲ୍ଲା ବିଚାର ବିଭାଗୀୟ କମ୍ପ୍ଲେକ୍ସର ନୂତନ ଅଟ୍ଟାଳିକା

### ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ ଓ ମା' ରମାଦେବୀଙ୍କ ଜୟନ୍ତୀ ପାଳିତ

## ଭାଷା ବଞ୍ଚିଲେ ଜାତି ବଞ୍ଚିବ: ଉଚ୍ଚ ଶିକ୍ଷାମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ୧୦ତମ ପ୍ରତିଷ୍ଠା ଦିବସ ତଥା ମା ରମାଦେବୀଙ୍କ ୧୨୫ ତମ ଜୟନ୍ତୀ ବିଶ୍ୱବିଦ୍ୟାଳୟର ନୂତନ ପ୍ରେକ୍ଷାଳୟରେ କୁଳପତି ପ୍ରଫେସର ଅପରାଜିତା ଚୌଧୁରୀଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍ ଯୋଗ ଦେଇ କହିଥିଲେ ଯେ ଭାରତୀୟ ଶିକ୍ଷା ବ୍ୟବସ୍ଥା ଅତି ଉଚ୍ଚ କୋଟିର, ଓଡ଼ିଶାର ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ଦେଶର ପ୍ରଥମ ବିଶ୍ୱବିଦ୍ୟାଳୟ ଯାହା ଖ୍ରୀ.ପୂ. ୩ୟ ଶତାବ୍ଦୀରେ ପ୍ରତିଷ୍ଠା ହୋଇଥିଲା। ଏହା ଉପରେ ଅଧିକ ଗବେଷଣାର ଆବଶ୍ୟକତା ଅଛି ବୋଲି ସେ ଗୁରୁତ୍ୱ ଆରୋପ କରିଥିଲେ। ତକ୍ଷଶିଳା ଓ ନାଳନ୍ଦା ଭାରତୀୟ ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥାର ପ୍ରତୀକ। ଉପନିବେଶିକ ବ୍ୟବସ୍ଥା ଭାରତୀୟ ଶିକ୍ଷାକୁ ଧ୍ୱଂସ କରିବାକୁ ମାକୁଲେ ଶିକ୍ଷାନୀତି ମାଧ୍ୟମରେ ଯୋଜନା କରିଥିଲେ। ୨୦୨୦ ପର୍ଯ୍ୟନ୍ତ ଉପନିବେଶିକ ବ୍ୟବସ୍ଥା ପକାର୍ଯ୍ୟକାରୀ ହେଉଥିଲା। ନୂତନ ଶିକ୍ଷାନୀତି ତାପରେ ଆରମ୍ଭ ହେଲା।ନୂତନ ଶିକ୍ଷା ନୀତି୨୦୨୦ ଏହାର ପରିବର୍ତ୍ତନ ପାଇଁ ଉଦ୍ଦିଷ୍ଟ। ମାତୃ ଭାଷା ବିନା ଶିକ୍ଷା ତଥା ସୃଜନଶୀଳତା ବିକାଶ ଅସମ୍ଭବ ସେ ମତ ବ୍ୟକ୍ତ କରିଥିଲେ। ଏହି ନୂତନ ଶିକ୍ଷା ନୀତିରେ ମାତୃଭାଷାରେ ଶିକ୍ଷା କୁ ଗୁରୁତ୍ୱ ଦିଆ ଯାଇଛି। ଆମ ଜାତି ମହାନ୍ ଜାତି। ଜାତିକୁ ଭାଷା ବଞ୍ଚାଏ ଭାଷା ବଞ୍ଚିଲେ ଜାତି ବଞ୍ଚିବ ବୋଲି ସେ କହିଥିଲେ। ମୁଖ୍ୟ ବକ୍ତା ଇନଫୋସିସର ମାନବ ସମ୍ବଳ ବିଭାଗ ମୁଖ୍ୟ ବବି ପଟ୍ଟନାୟକ କହିଥିଲେ ଯେ ଆଜି ନିଷ୍ପତ୍ତି ନେବା ମହିଳା ସ୍ଥାନ ମାତ୍ର ଶତକଡା ୧୦ ଭାଗ । ଏହାର ପରିବର୍ତ୍ତନ ଜରୁରୀ । କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ କହିଥିଲେ ଯେ ମାତ୍ର ଏକ ଦଶନ୍ଧିରେ ବିଶ୍ୱବିଦ୍ୟାଳୟ ସଫଳତା ହାସଲ କରିଛି। ପ୍ରଥମ ଥର ବି ++ ନାକ ମାନ୍ୟତା ପାଇଛି। ଯାତ୍ରା ଆହୁରି ଅନେକ ବାକି ଅଛି। ମହାବିଦ୍ୟାଳୟର ୬୦ ବର୍ଷର ଐତିହ୍ୟ ମା ରମାଦେବୀଙ୍କ ଆଦର୍ଶକୁ ଓ ପ୍ରେରଣାକୁ ନେଇ ଆମେ ଆଗକୁ ଯିବୁ ବୋଲି କହିଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର୍ ଚଣ୍ଡୀ ଚରଣ ରଥ ସ୍ୱାଗତ ଭାଷଣ ପ୍ରଦାନ ବେଳେ କୁଳସଚିବ ଶ୍ୟାମଳୀ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରଫେସର୍ ଅପରାଜିତା ବିଶ୍ୱାଳ ଧନ୍ୟବାଦ୍ ଅର୍ପଣ କରିଥିଲେ। ଅତିଥିମାନେ କୃତୀ ଛାତ୍ରୀଙ୍କୁ ତଥା କୋଇନା ତମାଙ୍ଗ ପ୍ରଥମ ସ୍ଥାନ, ସ୍ନେହା ନନ୍ଦ ପ୍ରଥମ ରନର ଅପ୍ ଏବଂ ଅଙ୍କିତା ପ୍ରଧାନ ଦ୍ୱିତୀୟ ରନର୍ ଅପ୍ ଭାବେ ୟୁଣିଭର୍ସିଟି କପ୍ ଇଂରେଜୀ ବକ୍ତୃତା ବିଭାଗ ଏଥି ସହ ବିଶ୍ୱବିଦ୍ୟାଳୟ କପ୍ ଓଡ଼ିଆ ବକ୍ତୃତା ପ୍ରତିଯୋଗୀତାରେ ଜ୍ୟୋତି ଶ୍ରୀ ସାହୁ, ସସ୍ମିତା ଦାସ, ଏଲିନା ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। ବେଷ୍ଟ ଏନସିସି କ୍ୟାଡେଟ ଭାବେ ସାଇ ସ୍ମୃତି ଜେନା , ବେଷ୍ଟ ଏନ ଏସ ଏସ୍ ଭଲ୍ୟୁନ୍ଟିୟର ଭାବେ ଶିକ୍ଷା ମହୋତ, କୋମଳ ସେଠୀଙ୍କୁ ପୁରସ୍କୃତ କରିଥିଲେ । ଏହି ଅବସରରେ ଅତିଥିଙ୍କୁ କୁଳପତି ସମ୍ବର୍ଦ୍ଧିତ କରିଥିଲେ।

ଓଡ଼ିଶା
# ଭାସ୍କର
# ସମ୍ପାଦକୀୟ




ଯେହୁ କ୍ଷମା ଗୁଣେ ପର ତିରସ୍କାର
ଉପେକ୍ଷା କରଇ ଭବେ,
ଏହି ଚରାଚର ବ୍ରହ୍ମାଣ୍ଡ ଆୟତ୍ତ
ହୁଅଇ ତାହାର ଲବେ।

-ପଲ୍ଲୀକବି ନନ୍ଦକିଶୋର ବଳ



ବୈକୁଣ୍ଠ ସମାନ ଆହା ଅଟେ ସେହି ଘର,
ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର

-ଭକ୍ତକବି ମଧୁସୂଦନ ରାଓ



## କୃଷକଙ୍କୁ ସରକାରୀ ପ୍ରୋତ୍ସାହନ ସତ୍ତ୍ୱେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାରେ ମନ୍ଥରତା

ଓଡ଼ିଶାରେ ଗତ ଜୁନ୍ ମାସରେ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ବିଜେପି ସରକାର କ୍ଷମତାସୀନ ହେବା ପରେ କୃଷକମାନଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ଏକ ବଡ଼ ପଦକ୍ଷେପ ଗ୍ରହଣ କରିଥିଲେ। ସେମାନଙ୍କ ଦୀର୍ଘଦିନର ଦାବି ପୂରଣ କରି ସରକାର ଚଳିତବର୍ଷ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପିଛା ୩୧୦୦ଟଙ୍କାକୁ ବୃଦ୍ଧି କରିଥିଲେ। ଏହାଦ୍ୱାରା ସେମାନେ ସରକାରଙ୍କୁ ଧାନ ବିକ୍ରିକଲେ ଅନ୍ତତଃ ଆର୍ଥିକ କ୍ଷତିର ସମ୍ମୁଖୀନ ହେବେ ନାହିଁ ବୋଲି ଆଶା କରାଯାଉଛି। ଚାଷୀମାନଙ୍କୁ କ୍ୱିଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍ପି) ୨୩୦୦ଟଙ୍କା ଏବଂ ଇନ୍ପୁଟ୍ ସହାୟତା ବା ବୋନସ୍ ଆକାରରେ ଆଉ ୮୦୦ଟଙ୍କା ଏଭଳି ମୋଟ ୩୧୦୦ଟଙ୍କାର ଅର୍ଥରାଶି ଦେବା ଲାଗି ସରାରଙ୍କ ନିଷ୍ପତ୍ତି ସେମାନଙ୍କୁ ବେଶ୍ ଉତ୍ସାହିତ କରିବା ସ୍ୱାଭାବିକ। ମାତ୍ର ବିସ୍ମୟର ବିଷୟ ହେଉଛି ଯେ, ସରକାରଙ୍କ ଏଭଳି ଲାଭଦାୟକ ନିଷ୍ପତ୍ତି ସତ୍ତ୍ୱେ ଗତ ନଭେମ୍ବର ୨୦ ତାରିଖରୁ ଆରମ୍ଭ ହୋଇଥିବା ଖରିଫ୍ ଧାନ ସଂଗ୍ରହ ଅଭିଯାନ ବିଶେଷ ଫଳପ୍ରଦ ହେଉନାହିଁ ଏବଂ ଚାଷୀମାନେ ସରକାରଙ୍କୁ ଧାନ ବିକ୍ରି କରିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଚଳିତ ଖରିଫ ଋତୁରେ ପଶ୍ଚିମ ଓଡ଼ିଶାର ବରଗଡ଼, ସମ୍ବଲପୁର, ନୂଆପଡ଼ା ଓ କଳାହାଣ୍ଡି ଭଳି ଅଧିକ ଧାନ ଉତ୍ପାଦିତ ହେଉଥିବା ଜିଲ୍ଲାଗୁଡ଼ିରେ ଯଦିଓ ମଣ୍ଡି ଖୋଲି ସାରିଛି, ତଥାପି ଆଶାନୁରୂପ ଧାନ ସଂଗ୍ରହ ନହେବା ସରକାରଙ୍କ ଚିନ୍ତା ବଢ଼ାଇ ଦେଇଛି। ମିଳିଥିବା ସୂଚନା ଅନୁଯାୟୀ ଯେଉଁ ଦୁଇଟି ମୁଖ୍ୟ କାରଣ ଯୋଗୁ ଚାଷୀମାନେ ମଣ୍ଡିରୁ ଧାନ ଉଠାଇବାକୁ କୁଣ୍ଠିତ ହେଉଛନ୍ତି ଏବଂ ଧାନ ସଂଗ୍ରହ ଅଭିଯାନରୁ ଦୂରେଇ ରହୁଛନ୍ତି, ତାହା ହେଉଛି ଉତ୍ପାଦିତ ଧାନର ମାନ ପରୀକ୍ଷା ପାଇଁ ସରକାରଙ୍କ ପଦକ୍ଷେପ ଏବଂ କଟ୍ନୀ-ଛଟ୍ନୀ ଯୋଗୁଁ ସେମାନଙ୍କ ମନରେ ରହିଥିବା ଅସନ୍ତୋଷ। ସରକାର ଏଥର ପ୍ରଥମ କରି ମଣ୍ଡିଗୁଡ଼ିକରେ ସ୍ୱୟଂକ୍ରିୟ ଶସ୍ୟ ବିଶ୍ଳେଷଣକାରୀ ମେସିନ୍ ବସାଇଛନ୍ତି, ଯଦ୍ୱାରା କିଣା ଯାଉଥିବା ଧାନ ଉନ୍ନତ କି ନୁହେଁ, ତାହା ଜଣାପଡିଯିବ। ଏହାଫଳରେ ଧାନକୁ 'ଗ୍ରେଡ୍-ଏ' ଓ ସାଧାରଣ ଗ୍ରେଡ୍ର ଶ୍ରେଣୀଭୁକ୍ତ କରାଯାଇ କ୍ରୟ ମୂଲ୍ୟ ଧାର୍ଯ୍ୟ ହୋଇଛି। ଏହି ବ୍ୟବସ୍ଥାକୁ ଚାଷୀମାନେ ପସନ୍ଦ କରୁନାହାନ୍ତି ଓ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହେଉନାହାନ୍ତି। ସେମାନଙ୍କ ଦ୍ୱାରା ଅମଳ ହୋଇଥିବା ଭଲ ଧାନକୁ ମଧ୍ୟ ସାଧାରଣ ଦର୍ଶାଯିବା ଫଳରେ ଉଚିତ୍ ମୂଲ୍ୟ ପାଇବାରୁ ସେମାନେ ବଞ୍ଚିତ ହେଉଥିବାର ଅଭିଯୋଗ ଶୁଣିବାକୁ ମିଳୁଛି। ପଞ୍ଜାବ ଓ ହରିଆନା ଆଦି ରାଜ୍ୟରେ ଉତ୍ପାଦିତ ହେଉଥିବା ଧାନ ଆମ ରାଜ୍ୟରେ ଅମଳ ଧାନ ଠାରୁ ଯଥେଷ୍ଟ ଉନ୍ନତ ଥିବାରୁ ସେମାନେ ମାନ ନିର୍ଦ୍ଧାରଣ ମେସିନ୍ ପ୍ରଚଳନକୁ ବିରୋଧ କରିବାର ପ୍ରଶ୍ନ ଉଠିନଥାଏ। ମାତ୍ର ଓଡ଼ିଶାର ଚାଷୀ ଏହି ମାନ ନିର୍ଦ୍ଧାରଣ ପ୍ରକ୍ରିୟା ଦ୍ୱାରା ଆର୍ଥିକ ଦିଗରୁ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ଥିବାରୁ ଅନ୍ୟ କିଛି ବିକଳ୍ପ ପନ୍ଥା ଚିନ୍ତା କରାଯିବାର ଆବଶ୍ୟକତା ରହିଛି। ନୂତନ ସରକାର ଏଥର ରାଜ୍ୟରେ ଧାନକ୍ରୟ ସମୟରେ କଟ୍ନୀ-ଛଟ୍ନୀ ଆଦୌ ହେବନାହିଁ ବୋଲି ମୂଳରୁ ସ୍ପଷ୍ଟ କରିଥିଲେ ମଧ୍ୟ କେତେକ ଜିଲ୍ଲାରେ ଏହା ଚାଲିଥିବାର ଅଭିଯୋଗ ହେଉଛି। ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ ଯଥାର୍ଥ ଧ୍ୟାନ ନଦେଲେ ଧାନ ସଂଗ୍ରହ ଧାର୍ଯ୍ୟ ଲକ୍ଷ୍ୟରେ ପହଞ୍ଚିବା ସମ୍ଭବ ହେବନାହିଁ। କେତେକ ଜିଲ୍ଲାରେ ମିଲର୍ମାନେ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହୋଇନାହାନ୍ତି କିମ୍ବା ଏଥିନେଇ ଏଯାବତ୍ ଚୁକ୍ତି ସ୍ୱାକ୍ଷର କରିନଥିବାର ଦେଖାଯାଉଛି। ଏହା ମଧ୍ୟ ଧାନ ସଂଗ୍ରହ ପ୍ରକ୍ରିୟାରେ ଏକପ୍ରକାର ବାଧକ ସାଜିଛି। ଚାଷୀମାନଙ୍କୁ ପ୍ରୋତ୍ସାହନ ଦେବା ପାଇଁ ସରକାରଙ୍କ ପଦକ୍ଷେପ ସତ୍ତ୍ୱେ ରାଜ୍ୟରେ ଧାନ ସଂଗ୍ରହ ଅଭିଯାନ ଉତ୍ସାହଜନକ ନହେବା ନିଶ୍ଚିତ ଭାବରେ ଦୁଃଖଦାୟକ। କୃଷି, ଖାଦ୍ୟ ଯୋଗାଣ ଓ ଖାଉଟୀ କଲ୍ୟାଣ, ରାଜସ୍ୱ ବିଭାଗ ପକ୍ଷରୁ ଏ କ୍ଷେତ୍ରରେ ସମ୍ମିଳିତ ଓ ସମନ୍ୱିତ ପ୍ରୟାସ ଏକାନ୍ତ ଅପରିହାର୍ଯ୍ୟ।

## ବିଭ୍ରାନ୍ତକାରୀ ଜାଗ୍ରତ ପ୍ରହରୀ ଓ ଅସହାୟ ମଣିଷ




ମୀରା ବେଉରା
ଦେଉଳ ସାହି, ତୁଳସୀପୁର, କଟକ
ମୋ: ୯୮୫୩୩୫୦୩୮୪


ଥରେ ବିଖ୍ୟାତ ଗ୍ରୀକ୍ ଦାର୍ଶନିକ ସକ୍ରେଟିସଙ୍କୁ ତାଙ୍କର ଜଣେ ବନ୍ଧୁ ଦେଖାକରି କହିଲେ 'ବନ୍ଧୁ ସକ୍ରେଟିସ ସହରରେ ଯେଉଁ ଗୁଜବ ବ୍ୟାପିଛି ତାହା ତୁମେ ଜାଣିଲଣି। ସେହି ଖବରଟା ବନାଗ୍ନି ପରି ବ୍ୟାପିବାରେ ଲାଗିଛି। ସକ୍ରେଟିସ ଉତ୍ତର ଦେଲେ ପ୍ରଥମେ କୁହ ସେହି ଖବରଟି ସତ୍ୟ ନା ମିଥ୍ୟା ? ତୁମେ ନିଜେ ଅନୁସନ୍ଧାନ କରିଛ କି ? ବନ୍ଧୁ ଜଣକ କହିଲେ ନା ନା ସେହି କଥା ଲୋକେ ସବୁଠାରେ କୁହାକୁହି ହେଉଛନ୍ତି। ଏହାପରେ ସକ୍ରେଟିସ କହିଲେ ଏହା ଭଲ ଖବର କି ? ଏହା ଭଲ ଖବର ନୁହେଁ ବୋଲି ବନ୍ଧୁ ଉତ୍ତର ଦେଲେ। ଏହାପରେ ସକ୍ରେଟିସ କହିଲେ ଯେଉଁ ଖବର ଭଲ ନୁହେଁ କି ସତ୍ୟ ନୁହେଁ ତାହା ତୁମେ ଶୁଣୁଛ କାହିଁକି। ଜୀବନରେ ଅନେକ ଭଲ ଖବର ଥାଉ ଥାଉ ତୁମେ ମିଥ୍ୟା ଓ ଖରାପ ଖବର ଶୁଣୁଛ କାହିଁକି ?

ଏ ତ ଗଲା ସକ୍ରେଟିସଙ୍କର ତାଙ୍କ ବନ୍ଧୁଙ୍କ ପ୍ରତି ମିଥ୍ୟା ସମ୍ବାଦ ପ୍ରତି ସତର୍କ ଓ ସଜାଗ ରହିବାର କଥା।

ହଁ ପାଠକ ବନ୍ଧୁ ଏହି ଉକ୍ତି ଏଠାରେ ଉପସ୍ଥାପନ କରିବାର ଉଦ୍ଦେଶ୍ୟ ହେଉଛି ଆମ ସମାଜକୁ, ଆମ ରାଷ୍ଟ୍ରକୁ ଓ ଆମ ଗଣତନ୍ତ୍ରକୁ ସଚେତନ ଓ ସତର୍କ କରି ଉଚିତ୍ ମାର୍ଗରେ ପରିଚାଳିତ କରିବା ହେଉଛି ଗଣମାଧ୍ୟମର ପ୍ରମୁଖ ଓ ପ୍ରଧାନ ଦାୟିତ୍ୱ। ଗଣମାଧ୍ୟମର ଗୁରୁଦାୟିତ୍ୱ ହେଉଛି ଲୋକଙ୍କ ପାଖରେ ସଠିକ ତଥ୍ୟ ପହଞ୍ଚାଇବା କିନ୍ତୁ ପ୍ରାୟତଃ ଦେଖାଯାଉଛି ସାଂପ୍ରତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି କିଛି ବୈଦ୍ୟୁତିକ ଗଣମାଧ୍ୟମ ଗୁଡିକ ଅଧିକ ସତର୍କ ସଚେତନ କରିବା ଆଳରେ ଏଭଳି ବିଭ୍ରାନ୍ତି କର ଓ କଳ୍ପିତ କାହାଣୀର ତଥ୍ୟ ଦେଇ ସମ୍ବାଦ ପରିବେଷଣ କରୁଛନ୍ତି ଯାହା ଲୋକଙ୍କୁ ଅଯଥା ଛାନିଆ କରି ସେମାନଙ୍କ ଭିତରେ କୋକୁଆ ଭୟ ସୃଷ୍ଟିକରୀ ଅଯଥା ଗୁଜବ ସୃଷ୍ଟି କରିବା ସହ ଏକ ନକାରାତ୍ମକ ମନୋଭାବ ସୃଷ୍ଟି କରୁଛି କହିଲେ ଆଦୌ ଭୁଲ୍ ହେବନାହିଁ। ଏହା ଗଣତନ୍ତ୍ର ପ୍ରତି ନିଶ୍ଚିତ ଭାବେ ପୀଡାଦାୟକ ଯାହା ପ୍ରତି ମୁହୂର୍ତ୍ତରେ ଛୋଟ ଶିଶୁ ଠାରୁ ଆରମ୍ଭ କରି ବୟସ୍କ ବୁଦ୍ଧିଜୀବୀ ପର୍ଯ୍ୟନ୍ତ ସମସ୍ତେ ଅଙ୍ଗେ ନିଭାଇ ଅନୁଭବ କରୁଛନ୍ତି।

ଆଗରୁ ସମ୍ବାଦ ପତ୍ର ଓ ରେଡିଓରେ ବାତ୍ୟା, ବନ୍ୟା, ମହାମାରୀ, ପ୍ରାକୃତିକ ବିପର୍ଯ୍ୟୟ, ବଡ଼ ବଡ଼ ଦୁର୍ଘଟଣା, ସାମ୍ପ୍ରଦାୟିକ ଦଙ୍ଗା, ଓ ତତ୍ଜନିତ କ୍ଷୟକ୍ଷତି ତଥା ନିର୍ବାଚନ ଭିତ୍ତିକ ସମ୍ବାଦ, କ୍ରୀଡା ସମ୍ପର୍କିତ ସମ୍ବାଦ, ଚିକିତ୍ସା ସମ୍ପର୍କିତ ସମ୍ବାଦ ଓ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭକରିଥିବା ବିଶିଷ୍ଟ ବ୍ୟକ୍ତିମାନଙ୍କର ସାକ୍ଷାତକାର ପରିବେଷଣ କରାଯାଉଥିଲା ଯାହା ଲୋକମାନଙ୍କ ଭିତରେ ଗୋଟିଏ ସକାରାତ୍ମକ ମନୋଭାବ ସୃଷ୍ଟି କରି ସେମାନଙ୍କୁ ସଠିକ୍ ପରାମର୍ଶ ଦେଇ ସତର୍କ ଓ ସଚେତନତା ସୃଷ୍ଟି କରୁଥିଲା। ଧିରେ ଧିରେ ଯୁଗ ପରିବର୍ତ୍ତିତ ହୋଇଛି। ସମ୍ବାଦପତ୍ର ଓ ରେଡ଼ିଓର ସ୍ଥାନ ନେଇଛି ଦୂରଦର୍ଶନ ଓ ସାମାଜିକ ଗଣମାଧ୍ୟମ। ଏହା ବର୍ତ୍ତମାନ ସବୁଠାରୁ ଏକ ଶକ୍ତିଶାଳୀ, ପ୍ରଭାବଶାଳୀ ଗଣମାଧ୍ୟମ ଭାବେ ବିଗତ କିଛିବର୍ଷ ହେବ କାର୍ଯ୍ୟ କରୁଛି ଖୁବ୍ ଭଲ କଥା। ବିପର୍ଯ୍ୟୟ ସମୟରେ ଏହି ଦୂରଦର୍ଶନ ଓ ସାମାଜିକ ଗଣମାଧ୍ୟମ ଦେଶର ତଥା ସମାଜର କ୍ଷୟକ୍ଷତି ଠାରୁ ଆରମ୍ଭ କରି ସରକାରଙ୍କର ରୀତିନୀତି, ବ୍ୟବସାୟ, ବାଣିଜ୍ୟ, ସରକାରୀ ଯୋଜନା, ସାମାଜିକ ବ୍ୟବସ୍ଥା ଏବଂ ଅବ୍ୟବସ୍ଥାକୁ ଏହା ଏଭଳି ଢଙ୍ଗରେ ପରିବେଷଣ କରୁଛି ଯାହାକୁ ପଲ୍ଲୀ ଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ବା ଗାଁ ଠାରୁ ସହର ପର୍ଯ୍ୟନ୍ତ ସମସ୍ତେ ଉଦ୍ବିଗ୍ନତାର ସହ ଜାଣିବାକୁ ଚାହିଁ ବସିଛନ୍ତି। କେବଳ ସେତିକି ନୁହେଁ ସରକାରଙ୍କର ଯେତେସବୁ ମାଗଣା ଯୋଜନା, କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, ନିର୍ବାଚନ ସମ୍ପର୍କୀୟ ଅନେକ ତଥ୍ୟ ପ୍ରଦାନ କରେ। ଏହାକୁ ପ୍ରତ୍ୟକ୍ଷଦର୍ଶୀ ଭାବେ ଦେଖି ଜନସାଧାରଣ ମଧ୍ୟ ନିଜକୁ ତିଆରି ବସେ ଏବଂ ସତର୍କ ସଜାଗ ରହି ଆତ୍ମବିଶ୍ୱାସ ସହ ଜୀବନ ଯୁଦ୍ଧରେ ଭେଟୁଥିବା ପ୍ରତ୍ୟେକ ସମସ୍ୟାକୁ ସମାଧାନ କରି ଆଗକୁ ବଢେ। ଏହି ଦୂରଦର୍ଶନ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ମଧ୍ୟ ଆମର ସମ୍ମାନ ବୃଦ୍ଧି କରିବାରେ ସାହାଯ୍ୟ ସହଯୋଗ କରିଥାଏ। ଦୂରଦର୍ଶନକୁ ପ୍ରଚାରର ମାଧ୍ୟମ ରୂପେ ଯେଉଁଭଳି ଭାବେ ଆମର ରାଜନେତାମାନେ ବ୍ୟବହାର କରନ୍ତି ଏହା ଦେଖିଲେ କୌତୂହଳର ସୀମା ରହେନାହିଁ।

ଏହାଛଡା ଗଣମାଧ୍ୟଗୁଡିକ ଜରିଆରେ ଗାଁ ଗଣ୍ଡାର ଜୀବନଚକ୍ର ସହ ସେମାନଙ୍କର ସାମାଜିକ ସମସ୍ୟା, କୃଷି ସମସ୍ୟା, ସ୍ୱାସ୍ଥ୍ୟଗତ ଓ ଶିକ୍ଷାଗତ ସମସ୍ୟା, ଗମନାଗମନ ସମସ୍ୟା ଆଦି ସରକାରଙ୍କ ପାଖରେ ଅତି ସହଜରେ ପହଞ୍ଚିଥାଏ ଏବଂ ଏହାର ସମାଧାନ ମଧ୍ୟ ଏହି ଗଣମାଧ୍ୟମ ଜରିଆରେ ହୋଇଥାଏ। ଦୈନିକ ବଜାର ଦର ମଧ୍ୟ ଏହି ଗଣମାଧ୍ୟମରୁ ଆମେ ଜାଣିବାକୁ ପାଇଥାଉ। ଆଜିର ମଣିଷ ଆଉ ଅଜ୍ଞ ନୁହେଁ। ପ୍ରତ୍ୟେକ ବିଷୟରେ ସୂଚନା ଲାଭ କରିବା ଫଳରେ ମଣିଷ ଅତୀତରେ ଯେଉଁ ବ୍ୟବଧାନ ଅନୁଭବ କରୁଥିଲା ତାହା ଆଜି ଅକ୍ଲେଶରେ ଦୂର ହୋଇଯାଇଛି।

କିନ୍ତୁ ପ୍ରାୟତଃ ଦେଖା ଯାଉଛି ସେ ବାତ୍ୟା ହେଉ, ବନ୍ୟା ହେଉ, ଭୂମିକମ୍ପ ହେଉ, ମହାମାରୀ ହେଉ, ବସ୍, ବିମାନ ଅବା ଟ୍ରେନ୍ ଦୁର୍ଘଟଣା ହେଉ, କୌଣସି ଅଗ୍ନିକାଣ୍ଡ ହେଉ ଅବା ସମାଜରେ ମହିଳା ତଥା କନ୍ୟାମାନଙ୍କ ପ୍ରତି ହେଉଥିବା ବଳାତ୍କାର ଓ ଦୁଷ୍କର୍ମ, ଚୋରି ଡକାୟତି, ହତ୍ୟା, ଏହିଭଳି ଦୁର୍ଘଟଣାଜନିତ ବିପତ୍ତି ସମୟରେ ବୈଦ୍ୟୁତିକ ଗଣମାଧ୍ୟମ ଗୁଡିକ ଯେଉଁଭଳି ଭାବେ ନିଜର ଟିଆର୍ପି ବଢ଼ାଇବା ପାଇଁ ପ୍ରତିଯୋଗିତା ଭିତ୍ତିରେ ସେହି ସବୁ ଘଟଣା ଓ ଦୁର୍ଘଟଣା ଏଭଳି ଅତିରଞ୍ଜିତ କରି ପ୍ରଚାର ପ୍ରସାର କରୁଛନ୍ତି ଫଳରେ ଆମ ସମାଜରେ ଏକ ନକାରାତ୍ମକ ପରିବେଶ ସୃଷ୍ଟି ହେବା ସହ ଜନସାଧାରଣ ଅଯଥା ଭୟର ଶିକାର ହେଉଛନ୍ତି। ଯେମିତିକି କିଛିଦିନ ତଳେ ଆମେ ଭୟଙ୍କର କରୋନା ବ୍ୟାଧିକୁ ଭେଟିଥିଲୁ କିନ୍ତୁ କିଛି ଗଣମାଧମ ଏହି ମହାମାରୀର କରାଳ ରୂପକୁ ଓ ତା'ର ପ୍ରଭାବରେ ଘଟୁଥିବା ବିପତ୍ତିକୁ ତଥା ତତ୍ଜନିତ ମୃତ୍ୟୁସଂଖ୍ୟାକୁ ବୃଦ୍ଧି କରାଇ ଏଭଳି ଭୟବିତ କରାଇଥିଲେ ଯାହାକୁ ଦେଖି ଦେଖି ଅନେକ ଜନସାଧାରଣ ଘରେ ରହି ମଧ୍ୟ ଭୟଙ୍କର ବ୍ୟାଧିର ଶିକାର ହୋଇ ଶେଷରେ ମୃତ୍ୟୁବରଣ କରିଥଲେ। ଜୀବନ ଥାଉ ଥାଉ କେବଳ ଭୟର ଶିକାର ହୋଇ ସେମାନେ ହାର୍ଟଟକ୍ଷକ, ବ୍ଲଡ଼ ପ୍ରେସର ଆଦି ବ୍ୟାଧିର ଶିକାର ହୋଇ ପ୍ରାଣ ହରାଇଲେ। ଆମେ ସମସ୍ତେ ଜାଣୁ ସକଳ ବ୍ୟାଧିର କାରଣ ହେଉଛି ଭୟ ।

ସେହିପରି କୌଣସି ଦୁଘଟଣା ହେଉ, ଦୁଷ୍କର୍ମ ଜନିତ ହତ୍ୟାକାଣ୍ଡ ହେଉ ଅବା ବଳାତ୍କାର ହେଉ। ଏହାକୁ ଏତେ ମାତ୍ରାରେ ଗଣମାଧ୍ୟଗୁଡିକରେ ପ୍ରଚାର, ପ୍ରସାର କରାଯାଉଛି ଯେ ଆମ ଘରେ ରହୁଥିବା ଝିଅଟିର ମନର ଅବସ୍ଥା କଣ ହେଉଥିବ ଆମେ କେବେ ଚିନ୍ତା କରିଛୁ କି? ଏହି ଦୁର୍ଘଟଣାକୁ ଆମେ ଯେଉଁଭଳି ଭାବେ ଦେଖାଉଛୁ କୌଣସି ନୋବେଲ ପୁରସ୍କାର ବିଜେତାଙ୍କୁ ମଧ୍ୟ ଏଭଳି ଦେଖାଇ ନଥିବୁ। ଏହା ନିଶ୍ଚିତ ଏକ ନକାରାତ୍ମକ ପରିବେଶ ସୃଷ୍ଟି କରୁଛି ବୋଲି କହିଲେ ଭୁଲ୍ ହେବନାହିଁ।

ଅନେକ ମହାବାତ୍ୟା ଆଗରୁ ଆସିଛି। ଯେମିତିକି ସୁପର୍ ସାଇକୋଲୋନ୧୯୯୯, ଫାଇଲିନ୨୦୧୩, ହୁଡ୍ହୁଡ୍ ୨୦୧୪, ତିତିଲି ୨୦୧୫, ଫନି ୨୦୧୯, ବୁଲବୁଲ ୨୦୧୯, ଆଖ୍ୟାନ ୨୦୨୦, ୟାସ ୨୦୨୧, ଦାନା ୨୦୨୪ ଆଦି ଆସିଛି। ଅନେକ କ୍ଷୟକ୍ଷତି ମଧ୍ୟ କରିଛି। କିନ୍ତୁ ପ୍ରାୟତଃ ଦେଖାଯାଉଛି ଏବେ ଯେଉଁ ବାତ୍ୟା ଆସୁଛି ସବୁ ଗଣମାଧ୍ୟମ ଗୁଡିକ ଯେଉଁଭଳି ଭାବେ ବାତ୍ୟା, ବନ୍ୟା ମହାମାରୀ ସଂପର୍କରେ ଚର୍ଚ୍ଚା, ଆଲୋଚନା କରୁଛନ୍ତି ତାହା ସାଧାରଣ ଲୋକଙ୍କ ମନରେ କେତେଯେ ଆତଙ୍କ ସୃଷ୍ଟି କରୁଛି ତାହା ଆମେ ଅଙ୍ଗେ ନିଭାଉଛୁ। ଆମେ ଆଜି ବିଜ୍ଞାନ ଯୁଗରେ ପଦାର୍ପଣ କରୁଛୁ ଆଉ ସବୁ ସମସ୍ୟାର ସମାଧାନ ଏବେ ଆମ ହାତ ପାଆନ୍ତାରେ। କିନ୍ତୁ ଦେଖାଯାଉଛି ସମସ୍ୟାର ସମାଧାନ ଆମେ ଯେତିକି ପ୍ରଚାର ପ୍ରସାର କରୁନେ ତା'ଠାରୁ ଢେର୍ ଅଧିକ ଆମେ ବିପଦ ସମ୍ପର୍କରେ ଆଲୋଚନା କରୁଛେ। ପ୍ରତ୍ୟେକ ସମସ୍ୟାକୁ ସମ୍ମୁଖୀନ ହୋଇ ତାକୁ ମୁକାବିଲା କରିବା ଆମର ଦାୟିତ୍ୱ ଓ କର୍ତ୍ତବ୍ୟ ହେବା ଆବଶ୍ୟକ କିନ୍ତୁ ବଡ଼ ଦୁଃଖର କଥା ଆମେ ଆସନ୍ନ ବିପଦକୁ ଦୃଷ୍ଟିରେ ରଖି ଅହରହ ଆତଙ୍କ ସୃଷ୍ଟି କରି ଲୋକଙ୍କୁ ଭୟଭୀତ କରାଇ ଥାଉ। ଆବଶ୍ୟକତା ଠାରୁ ଅଧିକ ବ୍ୟସ୍ତ ରହିବା ଆଦୌ ସଭ୍ୟ ମାନବ ସମାଜ ପାଇଁ ଶୋଭା ପାଏନାହିଁ। ବେଳେ ବେଳେ କିଛି ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ଧର୍ମ ଧର୍ମ ଭିତରେ ବିବାଦ ସୃଷ୍ଟି କରି ସାମ୍ପ୍ରଦାୟିକ ଦଙ୍ଗା ସୃଷ୍ଟି କରିଥାନ୍ତି। ଆଉ ଏହାକୁ କିଛି ବୈଦ୍ୟୁତିକ ଗଣମାଧ୍ୟମ ବାରମ୍ବାର ସେହି ସମ୍ବାଦକୁ ଦେଖାଇ ଲୋକମାନଙ୍କ ଭିତରେ କେତେ ଯେ ଆତଙ୍କ ସୃଷ୍ଟି କରନ୍ତି ତାହା ଆମେ ବେଶ୍ ଅନୁଭବ କରିପାରୁଛୁ। ସେଇଥି ପାଇଁ ୧୯୯୦ ମସିହାରେ ସମ୍ବାଦ ପରିବେଷଣକୁ ନେଇ ଗୋଟିଏ ଗାଇଡ୍ ଲାଇନ୍ ପ୍ରସ୍ତୁତ କରଯାଇଥିଲା ବେଳେବେଳେ ଧର୍ମ ଧର୍ମ ଭିତରେ ଗୁଜବ ସୃଷ୍ଟି କରି ସାଧାରଣ କଥାକୁ ଅତିରଞ୍ଜିତ କରି ଏଭଳି ପରିବେଷଣ କରାଯାଉଛି ଯେ ମାନବ ସଭ୍ୟତା ଅସହାୟ ହୋଇ ଆତଙ୍କିତ ହୋଇପଡୁଛି। ତେଣୁ ଗଣମାଧ୍ୟମ ଗୁଡିକ ଉପରେ ଅଙ୍କୁଶ ଜାରି ହେବା ନିହାତି ଆବଶ୍ୟକ। ନହେଲେ ଏମାନେ ନିଜର ଟିଆର୍ପି ବୃଦ୍ଧି କରିବା ଆଳରେ ସମାଜର ତଥା ରାଷ୍ଟ୍ରର ଅନେକ କ୍ଷତି କରି ବସିବେ ଯାହା ଏକ ଅକ୍ଷମଣୀୟ ଅପରାଧ କହିଲେ ଭୁଲ୍ ହେବନାହିଁ। ଏ ଦିଗ ପ୍ରତି ଯଦି ସରକାର ଏବଂ ବୈଦ୍ୟୁତିକ ଗଣମାଧ୍ୟମର ପ୍ରଯୋଜକ ତଥା ସମ୍ପାଦକ ମାନେ ସତର୍କ ଓ ସଚେତନ ରହିବା ନିହାତି ଆବଶ୍ୟକ।

## ନୀତିବାଣୀ



**ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ,**
**ଅଭ୍ୟୁତ୍ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ।**
**ପରିତ୍ରାଣାୟ ସାଧୁନାଂ ବିନାଶାୟ ଚ ଦୁଷ୍କୃତାମ୍,**
**ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ॥**

**ଭାବାର୍ଥ :** ଯେତେବେଳେ ପୃଥିବୀ ପୃଷ୍ଠରେ ଧର୍ମର ଲୋପ ହୁଏ, ଅଧର୍ମ ବଢ଼ିଯାଏ, ସେତେବେଳେ ଅଧର୍ମର ବିନାଶ ପାଇଁ ମୁଁ ପ୍ରକଟ ହୁଏ । ସାଧୁଙ୍କ ରକ୍ଷା, ଦୁଷ୍ଟଙ୍କ ବିନାଶ ପାଇଁ ଧର୍ମର ସ୍ଥାପନା ଉଦ୍ଦେଶ୍ୟରେ ମୁଁ ସବୁ ଯୁଗରେ ପ୍ରକଟ ହୁଏ ।

## ଶିଳ୍ପ ଦୁର୍ଘଟଣା କାହିଁକି ?




ଯୁଧିଷ୍ଠିର ମହାରଣା
ଆଇନଜୀବୀ
ଓଡ଼ିଶା ହାଇକୋର୍ଟ, କଟକ,


ବିଗତ ଦିନରେ କେତେକ ଶିଳ୍ପ କାରଖାନାରେ ଘଟିଥିବା ଅଭାବନୀୟ ଶିଳ୍ପ ଦୁର୍ଘଟଣା ରାଜ୍ୟର ଶିଳ୍ପନିରାପତ୍ତା ଆଇନ ଓ ତଦ୍ଜନିତ ପରିପାର୍ଶ୍ୱିକ ଘଟଣା ଉପରେ ସବୁଠାରୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗୋଟିଏ ରାଜ୍ୟର ପ୍ରଗତିର ଶିଳ୍ପାୟନର ସ୍ଥାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେବେ ବିଗତ ଦଶବର୍ଷର ରେକର୍ଡ଼କୁ ଦେଖିଲେ ଜଣାଯାଏ ଯେ ଶିଳ୍ପଦୁର୍ଘଟଣା ଦିନକୁ ଦିନ ଉଦ୍ବେଗଜନକ ଭାବେ ଘଟି ଚାଲୁଛି। କମ୍ପାନୀର ବ୍ୟାପକ କ୍ଷତି ହେବା ସହ ନିରୀହ ଖଟିଖିଆ ଲୋକଗୁଡ଼ିକଙ୍କ ଜୀବନ ଦୀପ ଅକାଳରେ ଝଡ଼ିପଡୁଛି। ତେବେ ଶିଳ୍ପ ଦୁର୍ଘଟଣା ପ୍ରସଙ୍ଗରେ ଆଲୋଚନା କଲାବେଳେ ବିଭିନ୍ନ ପ୍ରଶ୍ନ ସ୍ୱାଭାବିକ ଭାବେ ଉଠୁଛି। ପ୍ରାୟତଃ ଦେଖାଯାଇଥାଏ ବଜାରର ମଜୁରୀ ଠାରୁ ଯଥେଷ୍ଟ କମ୍ରେ ଶ୍ରମଶକ୍ତି ମିଳିଯାଉଥିବାରୁ ସେମାନଙ୍କୁ କୌଣସି ପ୍ରକାର ବୈଷୟିକ ଶିକ୍ଷା ଦିଆନଯାଇ ସିଧାସଳଖ ଶିଳ୍ପ କ୍ଷେତ୍ରର ତଳଲା ସ୍ଥାନକୁ ପଠେଇ ଦିଆଯାଉଛି। ଏ ନେଇ ସଚେତନତା ବି ସେପରି ସୃଷ୍ଟି ହୋଇନାହିଁ। କେବଳ ଦେଶରେ ନୁହେଁ ଓଡ଼ିଶାରେ ମଧ୍ୟ କ୍ରମାଗତ ଭାବରେ ଭୟାନକ ଶିଳ୍ପ ଦୁର୍ଘଟଣା ଛୋଟ ହେଉ ବା ବଡ଼ ଘଟିଚାଲିଛି। ଏଠାରେ ସୂଚାଇ ଦିଆଯାଇପାରେ ଯେ, ଓଡ଼ିଶାରେ ଥିବା ଚାରିଗୋଟି ଶିଳ୍ପ ଅଦାଲତ ଓ ଶ୍ରମ ଅଦାଲତରେ ୬୩୪ଟି ସକ୍ରିୟ ବିଚରାଧୀନ ମାମଲାରେ ରହିଛି।

ରାଜ୍ୟରେ ଗଢ଼ି ଉଠିଥିବା ବିଭିନ୍ନ ଛୋଟ ବଡ଼ କଳକାରଖାନାରୁ ଯେଉଁ ଚିମିନ୍ର ଧୂଆଁ ଓ ପାଉଁଶ ସ୍ଥାନୀୟ ପରିବେଶକୁ ପ୍ରଦୂଷିତ କରୁଛି। ଏହାକୁ ବନ୍ଦ କରିବା ପାଇଁ କାରଖାନାରେ 'ଇଏସ୍ପି' ଲଗାଯିବା ବାଧତାମୂଳକ ହୋଇଥିଲେ ବି ବିଜୁଳି ବିଲରୁ ରକ୍ଷା ପାଇବା ପାଇଁ ଏହି ଇଏସ୍ପିକୁ ଚଳାଉନାହାଁନ୍ତି। ତେବେ ଯେଉଁପରି ଭାବରେ କ୍ରମାଗତ ଶିଳ୍ପଦୁର୍ଘଟଣା ଘଟିଚାଲିଛି ଏହା ପାଇଁ ସବୁମହଲରୁ ଉଦ୍ବେଗ ପ୍ରକାଶ ପାଉଥିଲେ ବି ଏହା କିନ୍ତୁ ଅନେକ କଳକାରଖାନାର ମାଲିକଙ୍କ ପାଇଁ ସାମାନ୍ୟ ଘଟଣା ଭାବେ ବିବେଚିତ ହୋଇଥାଏ। ଶିଳ୍ପ ନିରାପତ୍ତା ଆଇନକୁ କଡ଼ାକଡ଼ି କରିବା ପାଇଁ ବିଭିନ୍ନ ସମୟରେ ଭାରତ ସର୍ବୋଚ୍ଚ ଅଦାଲତ ମାନ୍ୟବର ସୁପ୍ରିମକୋର୍ଟ ଓ ମାନ୍ୟବର ହାଇକୋର୍ଟ ଏ ନେଇ ନିଜର ଉଦ୍ବେଗ ପ୍ରକାଶ ତୁରନ୍ତ ଦୃଷ୍ଟାନ୍ତମୂଳକ ଦଣ୍ଡ ବିଧାନ ପାଇଁ ଯେଉଁ ନିର୍ଦ୍ଦେଶନାମା ଦେଇଥିଲେ ତାହା କିନ୍ତୁ ଏବେ ପ୍ରାୟ ଅଳିଆଗଦାରେ ପଡ଼ିଛି କହିଲେ ଅତ୍ୟୁକ୍ତି ହେବନାହିଁ। ସେହିପରି ଶ୍ରମିକଙ୍କୁ ଅଧିକ ମଜୁରୀ ନଦେଇ ଏକ ପ୍ରକାର ଶୋଷଣ କରାଯାଇ କିଛି ଅନାମଧେୟ ଠିକାଦାରଙ୍କ ଦ୍ୱାରା ଶ୍ରମିକ ମାନଙ୍କୁ ଶିଳ୍ପ କେନ୍ଦ୍ରକୁ ଅଣାଯାଇଥାଏ। ସେମାନେ କୌଣସି ତାଲିମ ନ ନେଇ ମଧ୍ୟ ଏହି କାମରେ ହାତ ଦେଉଥିବାରୁ ପରବର୍ତ୍ତୀ ସମୟରେ ସେମାନେ ଦୁର୍ଘଟଣାର ଶିକାର ହୁଅନ୍ତି ଆଉ ଅଧିକାଂଶ ସମୟରେ ନିଜ ଦୋଷ ଛଡ଼ାଇବା ପାଇଁ ଶିଳ୍ପ ସଂସ୍ଥାର ଉଚ୍ଚକର୍ତ୍ତୃପକ୍ଷ ବାହାନା ଦେଖାଇଥାନ୍ତି। ଶିଳ୍ପ ସଂସ୍ଥା ସହିତ ସବୁଜ ପରିବେଶ ଓ ତତ୍କାଳ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ହାତରେ ରଖିବାକୁ ନିୟମଥିଲେ ମଧ୍ୟ ଏହା ପ୍ରାୟତଃ ପାଳନ କରାଯାଉନାହିଁ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଓ ଶିଳ୍ପ ବିଭାଗ ରାଜ୍ୟର ଛୋଟବଡ଼ କଳକାରଖାନାକୁ ପରିଦର୍ଶନର ଯିବାକୁ ବ୍ୟବସ୍ଥା ଥିଲେ ବି ପ୍ରାୟତଃ ସେମାନେ ଯାଇନଥାନ୍ତି। ଦିନକୁ ଦିନ ଯେଉଁପରି ଭାବରେ ଶିଳ୍ପ ଶ୍ରମିକଙ୍କ ଜୀବନ ଜୀବିକା ଉଜୁଡ଼ି ଯାଉଛି ତେଣୁ ବର୍ତ୍ତମାନ ସମୟ ପହଞ୍ଚିଛି ଶିଳ୍ପ ନିରାପତ୍ତା ଆଇନକୁ କଠୋର ଭାବରେ ପାଳନ କରିବା ସହିତ ଏ ନେଇ ସାଧାରଣରେ ସଚେତନତା ସୃଷ୍ଟି ହେଲେ ଶିଳ୍ପ ଦୁର୍ଘଟଣା ନିଶ୍ଚିନ୍ତ ଭାବରେ କମିପାରନ୍ତା।

## ମହାନ ମୁକ୍ତିଯୋଦ୍ଧା ପୂଜ୍ୟପାଦ ଗୋକୁଳାନନ୍ଦ


ଝରଣା ପଟ୍ଟନାୟକ
ଅବସରପ୍ରାପ୍ତ ପ୍ରାଧ୍ୟାପିକା
କୁଆଁସ, ଭଦ୍ରକ


ସ୍ୱାଧୀନତା ପୂର୍ବରୁ ଭାରତର ଇତିହାସ ପ୍ରାୟ ରାଜତନ୍ତ୍ର ବା ରାଜାରାଜୁଡ଼ାଙ୍କ ଇତିହାସ। ପୂର୍ବକାଳର ରାଜାମାନଙ୍କ ଠାରୁ ଆରମ୍ଭ କରି ବ୍ରିଟିଶ ଶାସନ ପର୍ଯ୍ୟନ୍ତ ଭାରତର ଶାସନ ରାଜତନ୍ତ୍ର ଦ୍ୱାରା ନିୟନ୍ତ୍ରିତ। ରାଜା, ବାଦଶାହ ବା ସମ୍ରାଟମାନେ ନିଜର ପ୍ରଶସ୍ତି ଗାନପୂର୍ବକ ନିଜ ବିଷୟରେ ଶିଳାଲେଖ ଖୋଦିତ କରି ପ୍ରୋଥିତ କରିଯାଇଛନ୍ତି, ଏପରିକି ଇନ୍ଦିରାଗାନ୍ଧିଙ୍କ ଜରୁରୀ ପରିସ୍ଥିତିରେ ଶାସନକାଳ ମଧ୍ୟରେ ସେ ମଧ୍ୟ ଇତିହାସ ସମ୍ପର୍କରେ ଏକ ତାମ୍ରପତ୍ର ପ୍ରୋଥିତ କରିବାର ଚେଷ୍ଟା କରିଥିଲେ। ମାତ୍ର ତାହା ବିଫଳ ହୋଇଥିଲା। କିନ୍ତୁ ମହାତ୍ମା ଗାନ୍ଧିଙ୍କ ନେତୃତ୍ୱରେ ଯେଉଁ ସ୍ୱାଧୀନତା ସଂଗ୍ରାମୀମାନେ ରାଜତନ୍ତ୍ର ବିରୁଦ୍ଧରେ ଅହିଂସା ଯୁଦ୍ଧରେ ଅବତୀର୍ଣ୍ଣ ହୋଇଥିଲେ ତା'ର ପ୍ରକୃତ ହିସାବ ଇତିହାସ ରଖିନାହିଁ। ତନ୍ମଧ୍ୟରୁ ଭଦ୍ରକର ଗୋକୁଳାନନ୍ଦ ମହାନ୍ତି ଅନ୍ୟତମ, ତାଙ୍କ ବିଷୟରେ ସେ କିଛି ଲେଖି ନାହାନ୍ତି, ଏପରିକି ନିଜର ଫଟୋ ସେ ଉଠାଇବାକୁ ରାଜି ନଥିଲେ। ଅନ୍ୟମାନଙ୍କ ସହ ଉଠିଥିବା ଫଟୋମାନଙ୍କରୁ ତାଙ୍କ ଫଟୋ ସଂଗୃହୀତ ହେଲା ପରେ ପରିବାରବର୍ଗ ମରଣୋତ୍ତର ତାଙ୍କ ଫଟୋ ଦେଖିବାର ସୁଯୋଗ ପାଇଥିଲେ। ଯାହା ହେଉ ତାଙ୍କ ବିଷୟରେ ଲିଖିତ ଭାବରେ ଜୀବନୀ, ସ୍ମରଣିକା ଆକାରରେ ପ୍ରକାଶ କରିବାର ଉଦ୍ୟମ ସ୍ୱାଗତ ଯୋଗ୍ୟ। କାହିଁକିନା ତାଙ୍କ ଭଳି ସ୍ୱାଧୀନତା ସଂଗ୍ରାମୀ ଭବିଷ୍ୟତ ପିଢ଼ି ପାଇଁ ନିଷ୍ଠା ଓ ଆଦର୍ଶ ଓ ଉଦାହରଣ ସୃଷ୍ଟି କରିଯାଇଛନ୍ତି ଯାହା ପ୍ରେରଣାଦାୟକ ଓ ଅନୁକରଣୀୟ।

ଗୋକୁଳାନନ୍ଦଙ୍କର ପିତା ଉଦୟନାଥ ଥିଲେ ତତ୍କାଳୀନ ବ୍ରିଟିଶ ସରକାରଙ୍କର ଅଧିନରେ ଜମିଦାର। ପ୍ରାଚୁର୍ଯ୍ୟ ମଧ୍ୟରେ ଲାଳିତ ପାଳିତ ହୋଇଥିଲେ ଗୋକୁଳାନନ୍ଦ, ତାଙ୍କର ବଡ଼ବାପା ପୁଅ ଭାଇ ଗଦାଧର ୧୯୦୫ ବଙ୍ଗଭଙ୍ଗ ସମୟରେ ବନ୍ଦେ ମାତରମ ଆନ୍ଦୋଳନର ସମର୍ଥକ ଥିଲେ। ବନ୍ଦେମାତରମ୍ ଧ୍ୱନି ଦେଉଥିବା ଏକ କ୍ଷୁଦ୍ର ଶୋଭାଯାତ୍ରା ଭଦ୍ରକର ରାସ୍ତା ପାର ହେବା ବେଳେ ତାଙ୍କୁ ଦେଖି ଗୋକୁଳାନନ୍ଦ ପ୍ରଭାବିତ ହୋଇଥିଲେ ୬ ବର୍ଷ ସମୟରେ ସ୍ୱଦେଶୀ ଆନ୍ଦୋଳନ ପ୍ରତି। ସେହିଦିନ ଠାରୁ ସ୍ୱଦେଶୀ ଆନ୍ଦୋଳନ ଦେଶ ପ୍ରେମ ଇତ୍ୟାଦି ତାଙ୍କ ମନକୁ ପ୍ରାୟ ସବୁବେଳେ ଆନ୍ଦୋଳିତ କରୁଥିଲା। ୧୯୧୬ ମସିହାରେ ଭଦ୍ରକ ହାଇସ୍କୁଲରୁ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ସେ ଯୋଗଦେଇଥିଲେ ରେଭେନ୍ସା କଲେଜ କଟକରେ। ତା ପୂର୍ବରୁ ସ୍କୁଲ ଜୀବନରେ ଅନେକ ଉଲ୍ଲେଖନୀୟ ଘଟଣାରୁ ତାଙ୍କର ଚରିତ୍ର ଓ ବ୍ୟକ୍ତିତ୍ୱ ସମ୍ପର୍କରେ ଆଭାସ ମିଳେ। ସେଥିମଧ୍ୟରୁ ଗୋଟିଏ ହେଲା ଦିନେ ତାଙ୍କ ବାପା କଲିକତା କମ୍ପାନୀରୁ ଚ୍ୟବନପ୍ରାସ ମଗାଇବାକୁ କହିଥିଲେ। ଗୋକୁଳାନନ୍ଦ ମଗାଇଥିଲେ ଚେନଘଡ଼ି। ପାର୍ସଲ ଆସିବା ପରେ ବାପା ଆଶ୍ଚର୍ଯ୍ୟ ହୋଇଥିଲେ ଓ ଆବଶ୍ୟକ ପଇସା ଦେଇ ପାର୍ସଲ ଛଡ଼ାଇ ବ୍ୟଙ୍ଗ କରି ତାଙ୍କୁ କହିଥିଲେ ସେ ଚ୍ୟବନପ୍ରାସ କମ୍ପାନୀ ଏବେ ଚେନଘଡ଼ି ବ୍ୟବସାୟ କଲେଣି। ଏତିକିରେ ଗୋକୁଳାନନ୍ଦ ବ୍ୟତିବ୍ୟସ୍ତ ହୋଇ ନିଜର ଦୋଷ ସ୍ୱୀକାର ପୂର୍ବକ କ୍ଷମା ପ୍ରାର୍ଥନା କରି ନିଜର ପ୍ରାୟଶ୍ଚିତ୍ତ କରିଥିଲେ। ତାଙ୍କର ବାପା ପୁଅର ଏଭଳି ଆଚରଣରେ ଅତ୍ୟନ୍ତ ଆନନ୍ଦିତ ହୋଇ କୁଣ୍ଢାଇ ପକାଇଥିଲେ। ସେତେବେଳେ ସ୍କୁଲ ଛାତ୍ରମାନେ ଖଦୀ ଚଦର ଖୋଦି ପିନ୍ଧି ସ୍କୁଲକୁ ଯାଉଥିଲେ। ଥରେ ଭୁଲ ବଶତଃ ଏକ ଶାଲ୍ ପିନ୍ଧି ଗ୍ରୀଷ୍ମକାଳରେ ସ୍କୁଲକୁ ଯାଇ ସହପାଠୀମାନଙ୍କର ତୀବ୍ର ପରିହାସର ପାତ୍ର ହୋଇଥିଲେ। ମାତ୍ର ସହପାଠୀମାନଙ୍କ ପରିହାସକୁ ଭ୍ରୂକ୍ଷେପ ନକରି ସହପାଠୀମାନଙ୍କ ପରିହାସର ପରିସୀମାକୁ ମାପିବାକୁ ଯାଇ ପ୍ରତିଦିନ ପ୍ରାୟ ୧୫ ଦିନ ପର୍ଯ୍ୟନ୍ତ ଶାଲ୍ ଘୋଡ଼ି ସ୍କୁଲକୁ ଯାଇଥିଲେ। ସହପାଠୀମାନେ ସମାଲୋଚନା ବା ପରିହାସ ବନ୍ଦ କରିବା ପରେ ସେ ସୂତା ଚଦର ଘୋଡ଼ି ପଢ଼ିବାକୁ ଯାଇଥିଲେ। ଏଥିରୁ ତାଙ୍କ ଦୃଢ଼ ବ୍ୟକ୍ତିତ୍ୱ ତଥା ଯେକୌଣସି ପରିହାସ ଓ ସମାଲୋଚନା ମୁକାବିଲା କରିପାରିବାର ଅନ୍ତର୍ନିହିତ ଶକ୍ତି ସମ୍ବନ୍ଧରେ ଆଭାସ ମିଳେ।

୧୯୧୮ ମସିହାରେ କୃତିତ୍ୱ ସହ ଆଇ.ଏ ପାସ କରି ସେ ଗଣିତ ଓ ଦର୍ଶନ ସହ ଇଂରାଜୀ ଅନର୍ସର ଛାତ୍ର ହୋଇଥିଲେ। ସେ ସମୟର ଛାତ୍ର ହରେକୃଷ୍ଣ ମହତାବ ତାଙ୍କ ଗୋଟିଏ ବର୍ଷ ତଳେ ପଢୁଥିଲେ ଓ ଓଡ଼ିଶା ବିଧାନସଭାର ପ୍ରଥମ ବାଚସ୍ପତି ନନ୍ଦକିଶୋର ଦାସ ଗୋଟିଏ ବର୍ଷ ଉପରେ ପଢୁଥିଲେ। ଭଦ୍ରକ ସହରର ବଙ୍କସାହିର ବାସିନ୍ଦା ବୈଷ୍ଣବ ଦାସ ଯେକି ପ୍ରଥମ ଓଡ଼ିଆ ଆଇ.ଜି. (ପୋଲିସ) ଅଟନ୍ତି ତାଙ୍କ ସହପାଠୀ ଥିଲେ। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଭଦ୍ରକ ହାଇସ୍କୁଲର ପରବର୍ତ୍ତୀ କାଳର ପ୍ରଧାନଶିକ୍ଷକ ଉପେନ୍ଦ୍ର ମହାନ୍ତି ତାଙ୍କର ସହପାଠୀ ଥିଲେ। ଅଗ୍ନିବର୍ଷୀ ବାଗ୍ମୀ ଯଦୁମଣି ମଙ୍ଗରାଜ (କେନ୍ଦ୍ରାପଡ଼ା) ଓ ପରବର୍ତ୍ତୀ ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ମଧ୍ୟ ତାଙ୍କର ସହପାଠୀ ଥିଲେ।

୧୯୧୯ ମସିହାରେ ଜାଲିଆନାୱାଲାବାଗ୍ ଠାରେ ସଂଘଟିତ ଇଂରେଜ ସରକାରଙ୍କର ନରସଂହାର ପରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ରେଭେନ୍ସା କଲେଜ ଛାତ୍ରାବାସକୁ ଆସି ଅତି ମର୍ମସ୍ପର୍ଶୀ ଭାଷାରେ ପଢ଼ା ଛାଡ଼ି ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେବା ପାଇଁ ପ୍ରେରଣା ଦେଇଥିଲେ। ପଞ୍ଜାବ କେଶରୀ ଲାଲା ଲଜପତ୍ରାୟଙ୍କୁ ଭୂତଳଶାୟୀ କରି ଘୋଡ଼ସବାର ପୋଲିସ ଚଢ଼ାଇ ଯେଉଁ ଅତ୍ୟାଚାର ଇଂରେଜ ସରକାର କରିଥିଲେ ତହିଁରେ କ୍ରୋଧିତ ହୋଇ ବି.ଏ.(ଅନର୍ସ) ଶେଷ ବର୍ଷରେ ସ୍ୱାଧୀନତା ସଂଗ୍ରାମରେ ଲମ୍ଫ ଦେବାକୁ ପ୍ରସ୍ତୁତ ହେଉଥିଲାବେଳେ ଯଦୁମଣି ମଙ୍ଗରାଜ (ସହପାଠୀ) ତାଙ୍କୁ ପଲ୍ଲୀ କବି ନନ୍ଦକିଶୋରଙ୍କ ସ୍ୱଗୃହ କୁସୁପୁର ନେଇ ନନ୍ଦକିଶୋରଙ୍କ ସ୍ୱାଧୀନତା ସଂଗ୍ରାମ ଶିବିରରେ ଭର୍ତ୍ତି କରାଇ ନନ୍ଦକିଶୋରଙ୍କ ଦ୍ୱାରା ଉଦ୍ବୁଦ୍ଧ କରାଇଥିଲେ। ଏହି ପୃଷ୍ଠଭୂମିରେ ୧୯୨୧ ମସିହାରେ ଗାନ୍ଧିଜୀଙ୍କ ଆହ୍ୱାନରେ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇ ସ୍ୱାଧୀନତା ସଂଗ୍ରାମରେ ଲମ୍ଫ ପ୍ରଦାନ କରିଥିଲେ। ଇତି ମଧ୍ୟରେ ନିଜର ପିତାମାତା ପୁଅକୁ ସଂସାରୀ କରି ସରକାର ବିରୋଧି ଆନ୍ଦୋଳନରୁ ବିଚ୍ୟୁତ କରିବାକୁ ଚେଷ୍ଟା କରିଥିଲେ। ସେତେବେଳେ ମୟୂରଭଞ୍ଜ ମହାରାଜାଙ୍କ ଇଞ୍ଜିନିୟର ତଥା ପରବର୍ତ୍ତୀ କାଳରେ ଭଦ୍ରକ କଲେଜକୁ ସର୍ବସ୍ୱ ଦାନ କରିଥିବା ଦାନବୀର ଜଗନ୍ନାଥପୁରର ଛକଡ଼ି ମହାନ୍ତିଙ୍କ ଜ୍ୟେଷ୍ଠା କନ୍ୟା କମଳାଙ୍କ ସହ ତାଙ୍କର ବିବାହ କରାଇଥିଲେ।

ମାତ୍ର ବିବାହ ତାଙ୍କୁ ତାଙ୍କ ପଥରୁ ବିଚ୍ୟୁତ କରିପାରିନଥିଲା। ଅସହଯୋଗ ଆନ୍ଦୋଳନରେ ଯୋଗଦେଇ ପଢ଼ାରେ ପୂର୍ଣ୍ଣଚ୍ଛେଦ ପକାଇ ବ୍ରିଟିଶ ସରକାରଙ୍କ କ୍ରୂର ଦୃଷ୍ଟିରେ ପଡ଼ି ପ୍ରଥମ କାରାବରଣ କରିଥିଲେ ଓ ଭଦ୍ରକ ଉପକାରାଗାରରେ ବନ୍ଦୀ ହୋଇ ରହିଥିଲେ। ୧୯୨୨ର ଶେଷ ଭାଗରେ ଜେଲରୁ ଖଲାସ ହୋଇ ସ୍ୱାଧୀନତା ଆନ୍ଦୋଳନରେ ପୂର୍ଣ୍ଣପ୍ରାଣରେ ନିମଗ୍ନ ହୋଇଥିଲେ। ୧୯୨୧ ମସିହାରେ ଜେଲ ଯିବା ପୂର୍ବରୁ ମହାତ୍ମା ଗାନ୍ଧିଙ୍କର ଭଦ୍ରକ ସଭା ଆୟୋଜନର ପୁରୋଭାଗରେ ଥିଲେ। ରେଭେନ୍ସା କଲେଜର ଇତିହାସ ଅଧ୍ୟାପକ ଦୁର୍ଗାଦାସ ସେ ସମୟରେ ଭଦ୍ରକ ଏସ.ଡି.ଓ. ହିସାବରେ ନିଯୁକ୍ତି ପାଇଥାନ୍ତି। ସେ ଗାନ୍ଧିଜୀଙ୍କ ସଭା ନକରାଇବାକୁ ଗୋକୁଳାନନ୍ଦଙ୍କୁ ଅନୁମତି ନେବାକୁ ପରାମର୍ଶ ଦେବାରୁ ଓଲଟି ଗୋକୁଳାନନ୍ଦ ତାଙ୍କୁ, କହିଲେ, "ସାର! ଆମେ ପରା ଆଇନ ଅମାନ୍ୟକାରୀ। ବିନା ଅନୁମତିରେ ସାଧାରଣ ସଭା କରି ଆପଣଙ୍କ ସରକାରଙ୍କ ଆଇନ ଭାଙ୍ଗିବାକୁ ଚାହୁଁ। ଏତିକିରେ ଏସ୍.ଡି.ଓ. କ୍ଷୁବ୍ଧ ହୋଇ ଯେଉଁ ଯେଉଁ ଜାଗାରେ ଗୋକୁଳାନନ୍ଦ ସଭା କରିବାର ଆୟୋଜନ କଲେ ସେହି ସେହି ଜାଗାରେ ୧୪୪ ଧାରା ଜାରି କରି ସଭା ଭଣ୍ଡୁର କରିବାରେ ଚେଷ୍ଟା କଲେ। ମାତ୍ର ସର୍ବଶେଷରେ ରାୟବାହାଦୁର ସୁଦାମ ନାଏକଙ୍କ ବୋହୂ ନିଶାମଣି ଦେଇ ଧନାଟୋଲୀରେ (ଭଦ୍ରକ ସହର ବାହାରେ) ଜାଗା ଦେବାରୁ ଗୋକୁଳାନନ୍ଦ ତାଙ୍କ ସାଥୀମାନଙ୍କ ସହ ମିଶି ସଭା କରାଇଲେ। ମାତ୍ର ଏସ.ଡି.ଓ ସେଠି ପହଞ୍ଚି ୧୪୪ ଧାରା ଜାରି କରି ଗାନ୍ଧିଜୀଙ୍କୁ ଗିରଫ କରିଥିଲେ। ଗିରଫ ଆଦେଶ ଭୁଲ ଥିବାରୁ ଏସ.ଡି.ଓ ଗାନ୍ଧିଜୀଙ୍କୁ କ୍ଷମା ମାଗିଥିଲେ।

୧୯୨୨ ମସିହା ଶେଷବେଳକୁ ଜେଲରୁ ଖଲାସ ହୋଇ ସାରିଲା ପରେ ଗାନ୍ଧି ହାତ କଟା ସୂତା ଓ ହାତ ବୁଣା ଲୁଗାର ପ୍ରଚାର, ପ୍ରସାର ଓ ପ୍ରଚଳନକୁ ମୁଖ୍ୟ କାର୍ଯ୍ୟ ରୂପେ ନିର୍ଦ୍ଦେଶ କରିଥାନ୍ତି। ଗୋକୁଳାନନ୍ଦ ଜେଲରୁ ଖଲାସ ହୋଇ ଏହାକୁ କଂଗ୍ରେସ ସଂଗଠନର ମୁଖ୍ୟକାର୍ଯ୍ୟ ରୂପେ ଗ୍ରହଣ କଲେ। ଏହାର ଉଦ୍ଦେଶ୍ୟ ଥିଲା ମୁଖ୍ୟତଃ ୨ଟି। ପ୍ରଥମଟି ହେଲା ଅର୍ଥନୈତିକ। ହାତ କଟା ସୂତା ଓ ହାତ ବୁଣା ଲୁଗା ଲୋକେ ଯଦି ପିନ୍ଧନ୍ତି ତା'ହେଲେ ଏଥିରେ ନିଯୁକ୍ତି ହୋଇ ବହୁତଲୋକ କାମ ପାଇବେ। ତା ଫଳରେ ନିହାତି ଗରିବ ଲୋକ ହାତରେ ଦୁଇ ପଇସା ହେବ। ଦ୍ୱିତୀୟଟି ହେଲା ବିଦେଶରୁ ଆସୁଥିବା ଲୁଗା ଯଦି ଭାରତୀୟମାନେ ନ ପିନ୍ଧନ୍ତି ଓ ଦେଶୀୟ ବସ୍ତ୍ର ପିନ୍ଧନ୍ତି ତା'ହେଲେ ଏ ଦେଶ ଲୋକଙ୍କ ପଇସା ବିଦେଶୀଙ୍କ ହାତକୁ ଯିବ ନାହିଁ। ପ୍ରକାରାନ୍ତରେ ଇଂରେଜୀ ସରକାର ଦୁର୍ବଳ ହେବେ ଏବଂ ସର୍ବଶେଷରେ ଦେଶ ଛାଡ଼ି ଚାଲିଯିବେ ଏବଂ ଦେଶକୁ ସ୍ୱରାଜ ମିଳିଯିବ। ପ୍ରଥମେ ଗୋକୁଳାନନ୍ଦ ନିଜେ ସୂତା କାଟିବା ଶିଖିଲେ ଓ ଆରମ୍ଭ କଲେ। ନିଜ ମା ବାପ ତଥା ଭାଇ ବନ୍ଧୁମାନେ ତାଙ୍କୁ ଥଟ୍ଟା କଲେ ଓ ଦୁଃଖ ବି ଦେଲେ। ଜମିଦାର ଘର ପିଲା, ସମ୍ଭ୍ରାନ୍ତ କରଣ ଘରର ପିଲା ତନ୍ତୀ କାମ କରୁଛି। ସେ ଏ ସବୁ ଭ୍ରୂକ୍ଷେପ ନକରି ଏହାର ପ୍ରଚାର, ପ୍ରଚଳନ ପାଇଁ ଗାଁ ଗଣ୍ଡାକୁ ଚାଲିଲେ। ବିଶେଷ କରି ଭଦ୍ରକ ଅଞ୍ଚଳ (ବର୍ତ୍ତମାନ ଭଦ୍ରକ ଜିଲ୍ଲା)ରେ ଗ୍ରାମେ ଗ୍ରାମେ ବୁଲିଲେ। କନିକାର ପ୍ରଜା ନେତା, ସେତେବେଳେର ଯୁବକ ଚକ୍ରଧର ବେହେରା, କନିକା ରାଜାଙ୍କ ବିରୁଦ୍ଧରେ ପ୍ରଜାମାନଙ୍କୁ ମତାଉଥାନ୍ତି। ସେ ଗାନ୍ଧିଙ୍କର ଖଦି, ପ୍ରସାର ଓ ପ୍ରଚଳନ ଓ ପ୍ରଚାର କାର୍ଯ୍ୟରେ ଗୋକୁଳାନନ୍ଦଙ୍କୁ କନିକା ଓ ଚାନ୍ଦବାଲି ଅଞ୍ଚଳରେ ସହଯୋଗ କଲେ। କଂଗ୍ରେସ ଯୋଗାଉଥିବା ଗୁଜୁରାଟର ହଳଦିଆ କପା ଓ ତକଲିରେ ସୂତାକଟା ଓ ତନ୍ତଦ୍ୱାରା ଲୁଗାବୁଣା କନିକା ଅଞ୍ଚଳରେ ପ୍ରାୟ ବହୁ ଘରେ ଚାଲିଲା। ଏହି କାର୍ଯ୍ୟରେ ବାସୁଦେବପୁର ବରଣ୍ଡୁଆର ବିଖ୍ୟାତ ସ୍ୱାଧୀନତା ସଂଗ୍ରାମୀ ଗୌରାଙ୍ଗ ମହାନ୍ତି, ବନ୍ତ ସେଣ୍ଡତୀରାର କୃଷ୍ଣ ସେନାପତି, ଭଦ୍ରକ ପୁରୁଣାବଜାରର ଘନଶ୍ୟାମ ସାହୁ, ଭଦ୍ରକ ସରମଙ୍ଗାର ଭୋଳାନାଥ ମହାପାତ୍ର ଓ ସଦାନନ୍ଦ ବେହେରା, ଧାମନଗର ହାତୀଆପଡ଼ାର ଗଣନାଥ ପାଢ଼ୀ ଓ ଆହୁରି ଅନେକ ବ୍ୟକ୍ତିଙ୍କ ସହଯୋଗରେ ଖଦୀ, ପ୍ରଚାର ଓ ପ୍ରସାରରେ ଗୋକୁଳାନନ୍ଦ ପ୍ରଦେଶ କଂଗ୍ରେସ କର୍ମକର୍ତ୍ତାମାନଙ୍କ ଦୃଷ୍ଟି ଆକର୍ଷଣ କରିବାରୁ, ସେମାନେ ଗଞ୍ଜାମ ଜିଲ୍ଲାକୁ ତାଙ୍କୁ ପଠାଇ ଥିଲେ ଓ ସେ ଗଞ୍ଜାମ ଜିଲ୍ଲାର ବୋଇରାଣୀଠାରେ ଖଦୀ କେନ୍ଦ୍ର ସ୍ଥାପନ କରି ପ୍ରଚାର ଓ ପ୍ରସାର କାମ ଚଳାଇଥିଲେ। ତାଙ୍କର ମା' କିନ୍ତୁ ତାଙ୍କ କାର୍ଯ୍ୟରେ ଭାରି ଦୁଃଖିତ ଥିଲେ। ସମସ୍ତଙ୍କୁ କହୁଥିଲେ "ଏ ବଂଶରେ ସବୁଠାରୁ ବେଶୀ ପାଠ ପଢ଼ାଇଥିଲି। ଆଶା କରିଥିଲି ଦିନେ ହାକିମ ହୋଇ ଟେକ ରଖିବ। ମାତ୍ର ପାଠପଢ଼ି, ପାଣ, ହାଡ଼ି, ତନ୍ତୀ କାମ କଲା ଗାନ୍ଧି କଥାରେ ମାତି।" ସମୟ ସମୟରେ କାନ୍ଦୁଥିଲେ ମଧ୍ୟ। ପୁଅ ତାଙ୍କର ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇ ମହତ କାର୍ଯ୍ୟରେ ଝାସ ଦେଇଛି ବୋଲି ଜାଣିପାରି ନଥିଲେ। ଶେଷରେ ଏଭଳି ଦୁଃଖିତ ଅବସ୍ଥାରେ ଥାଇ ବୋଇରାଣୀ ଗଞ୍ଜାମରେ ତାଙ୍କ ପୁଅ ଗୋକୁଳାନନ୍ଦ ଦୂରରେ ଥିବାବେଳେ ସେ ଇହ ତ୍ୟାଗ କଲେ ୧୨.୦୮.୧୯୨୬ରେ। ମାତୃ ବିୟୋଗ ଏପରି ବିଚଳିତ କରିଥିଲା ଯେ ପ୍ରକୃତିସ୍ଥ ହୋଇ ପୁଣି ସାଧାରଣ ଜୀବନକୁ ଫେରିବାକୁ ଗୋକୁଳାନନ୍ଦଙ୍କୁ ବହୁତ ଦିନ ଲାଗିଥିଲା।

୧୯୨୭ ମସିହାରେ ସମଗ୍ର ଓଡ଼ିଶା ପ୍ରଳୟଙ୍କରୀ ବନ୍ୟାରେ କବଳିତ ହୋଇଥିଲା। ପ୍ରାୟ ସବୁ ନଦୀ ବିପଦ ସଂକେତ ଉପରେ ପ୍ରବାହିତ ହୋଇଥିଲେ। ବର୍ତ୍ତମାନର ଭଦ୍ରକ ଜିଲ୍ଲା ସାଳନ୍ଦୀ, ବୈତରଣୀ ଓ ତାର ଶାଖା ନଦୀ, ଉପନଦୀମାନଙ୍କ କରାଳ ବନ୍ୟାରେ ପ୍ରାୟ ଛାରଖାର ହୋଇଯାଇଥିଲା, ଉତ୍କଳମଣି ଗୋପବନ୍ଧୁ ଦାସ ଓଡ଼ିଶାର ସମଗ୍ର ଉପକୂଳ ଅଞ୍ଚଳରେ ବୁଲି ବନ୍ୟାକ୍ଳିଷ୍ଟଙ୍କ ସେବାରେ ନିଜକୁ ନିୟୋଜିତ କରିବା ସଙ୍ଗେ ସଙ୍ଗେ ଗୋକୁଳାନନ୍ଦଙ୍କ ଭଳି ସକ୍ରିୟ କଂଗ୍ରେସ କର୍ମୀ ଓ ନେତାମାନଙ୍କୁ କ୍ଷିପ୍ର ଗତିରେ ବନ୍ୟାଞ୍ଚଳରେ ରିଲିଫ୍ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଲେ ଓ ତାଙ୍କରି ନିର୍ଦ୍ଦେଶରେ ଗୋକୁଳାନନ୍ଦ ତାଙ୍କ ସହଯୋଗୀମାନଙ୍କ ସହ ମିଶି ବନ୍ୟା ଦୁର୍ଗତ ସେବାରେ ନିଜକୁ ନିୟୋଜିତ କରିଥିଲେ। ଏହି ସମୟରେ ମହାତ୍ମାଗାନ୍ଧିଙ୍କୁ ଉତ୍କଳମଣି ଆଣିଥିଲେ ଉପକୂଳ ଓଡ଼ିଶା ଓ ତନ୍ମଧ୍ୟରେ ଭଦ୍ରକର ଅବସ୍ଥା ଦେଖାଇବାକୁ। ମହାତ୍ମାଗାନ୍ଧିଙ୍କ ଗସ୍ତ ମନ୍ତେଇ କୂଳର ଚାରବାଟିଆ ପର୍ଯ୍ୟନ୍ତ ହୋଇଥିଲା। ଏସବୁ ଗ୍ରସ୍ତର ଆୟୋଜନର ଭାର ଗୋକୁଳାନନ୍ଦ, ହରେକୃଷ୍ଣ ମହତାବ, ଚକ୍ରଧର ବେହେରା ଇତ୍ୟାଦି କରିଥିଲେ। ଗାନ୍ଧି ବନ୍ୟା ପ୍ଳାବିତ ଅଞ୍ଚଳ ଓ ଲୋକଙ୍କ ଦୁର୍ଦ୍ଦଶା ଦେଖି ବ୍ୟଥିତ ହୋଇପଡ଼ିଥିଲେ। ଓଡ଼ିଶା ହିଁ ଦେଶରେ ସବୁଠାରୁ ଦରିଦ୍ର ପ୍ରଦେଶ ବୋଲି ମତ ଦେଇଥିଲେ। ମାତ୍ର ତାଙ୍କ ଗୁଜୁରାଟି ବ୍ୟବସାୟୀ ଓ ତାଙ୍କର ସହକାରୀ ଯଥାକ୍ରମେ ଜୀବରାମ କଲ୍ୟାଣଜୀ କୋଠାରୀ ଓ ଈଶ୍ୱରଲାଲ ବ୍ୟାସଙ୍କୁ ଭଦ୍ରକରେ ସ୍ଥାୟୀ ଭାବରେ ରହି ଲୋକଙ୍କ ସେବାରେ ନିୟୋଜିତ ହେବାକୁ ନିର୍ଦ୍ଦେଶ ଦେଇଥିଲେ। ଗୋକୁଳାନନ୍ଦ ତାଙ୍କର ଅନ୍ୟାନ୍ୟ ସାଥୀ ମହମ୍ମଦ ହନିଫ ସେମାନଙ୍କୁ ସହଯୋଗ ଦେଇଥିଲେ ଓ ଅଧୁନା ପ୍ରତିଷ୍ଠିତ ଗରଦପୁର ଗାନ୍ଧି ଓଡ଼ିଶା ବାଳାଶ୍ରମର ମୂଳଦୁଆ ପଡ଼ିଥିଲା।

୧୯୩୦ରେ ଗାନ୍ଧିଜୀଙ୍କର ଲବଣ ସତ୍ୟାଗ୍ରହ ଡାକରା ଏକ ଐତିହାସିକ ଘଟଣା। ଗୋକୁଳାନନ୍ଦ ଏଭଳି ଏକ ଐତିହାସିକ ଆନ୍ଦୋଳନର ସର୍ବାଗ୍ରେ ଥିଲେ ବାଲେଶ୍ୱର ଜିଲ୍ଲାରେ। ସେତେବେଳେ ସରକାରୀ ଡେପୁଟୀ କଲେକ୍ଟର ଚାକିରୀ ଛାଡ଼ି ଗୋପବନ୍ଧୁ ଚୌଧୁରୀ ଗାନ୍ଧିଙ୍କର ଲବଣ ସତ୍ୟାଗ୍ରହର ମୁଖ୍ୟ ପରିଚାଳକ ହୋଇଥିଲେ। ଆଚାର୍ଯ୍ୟ ହରିହରଙ୍କ ନେତୃତ୍ୱରେ ୨୦ଜଣ ସତ୍ୟାଗ୍ରହୀଙ୍କୁ ସେ ତାଲିମ ଦେଇ ବାଲେଶ୍ୱରର ଲାଞ୍ଛୁଡ଼ିକୁ ଲବଣ ସତ୍ୟାଗ୍ରହ ପାଇଁ ପଠାଇଥିଲେ। ଉକ୍ତ ୨୦ ଜଣିଆ ଦଳରେ ଗୋକୁଳାନନ୍ଦ ସର୍ବାଗ୍ରେ ଥାଇ ଆଚାର୍ଯ୍ୟ ହରିହରଙ୍କ ନିର୍ଦ୍ଦେଶରେ ଇଞ୍ଚୁଡ଼ି ଲବଣ ଆନ୍ଦୋଳନର ପ୍ରଥମ ସତ୍ୟାଗ୍ରହୀ ହିସାବରେ ଲୁଣ ମୁଠାଏ ଉଠାଇଲାବେଳେ ଲବଣ ଆଇନ ଭଙ୍ଗ ହେଉଥିବାର ଆଳରେ ବ୍ରିଟିଶ ସରକାରଙ୍କ ନିଯୁକ୍ତ ପୋଲିସ ତାଙ୍କ ବେଟନଥିବା ପିତଳ ଗୁବାରେ ଗୋକୁଳାନନ୍ଦଙ୍କୁ ଦେଇଥିବା ମାଡ଼ରେ ତାଙ୍କ ଅଣ୍ଟା ହାଡ଼ରେ ଜଖମ ମରିବା ପର୍ଯ୍ୟନ୍ତ ଥିଲା। ଏହି ଆନ୍ଦୋଳନରେ ସେ ପ୍ରଥମ ବାଲେଶ୍ୱର ପରେ ବିହାର, ଓଡ଼ିଶା ପ୍ରଦେଶର ପାଟନା କେମ୍ପ ଜେଲରେ ବନ୍ଦୀ ହେଲେ। ଏହି ସମୟରେ ବ୍ରିଟିଶ ସରକାର ଜାଣିଶୁଣି ତାଙ୍କର ପିତାଙ୍କର ମନୋବଳ ଭାଙ୍ଗିବା ପାଇଁ ଗୋଲକାନନ୍ଦ ମହାନ୍ତି ନାମକ ଏକ ଡକାୟତର ମୃତ୍ୟୁ ହୋଇଥିଲେ ହେଁ, ଗୋକୁଳାନନ୍ଦ ମହାନ୍ତି ମୃତ ବୋଲି ତାଙ୍କ ପିତାଙ୍କୁ ଜଣାଇଥିଲେ। ଏଥିରେ ସମଗ୍ର ମହାନ୍ତି ପରିବାର ଓ ବିଶେଷରେ ତାଙ୍କର ସ୍ତ୍ରୀ କମଳା ତିନିଦିନ ଧରି ଅଖିଆ ଅପିଆ ରହିଥିଲେ। ସ୍ତ୍ରୀ କମଳା ବୈଧବ୍ୟ ଦୁଃଖ ଓ ଯନ୍ତ୍ରଣା ଭୋଗ କରିଥିଲେ। ତିନି ଦିନ ପରେ ପାଟନାରେ ଓକିଲାତି କରୁଥିବା ବାଲେଶ୍ୱରର ଗଜେନ୍ଦ୍ର ଦାସଙ୍କ ଗୋକୁଳାନନ୍ଦ ଜୀବିତ ଥିବା ଟେଲିଗ୍ରାମ ପାଇ ସମସ୍ତେ ଆଶ୍ୱସ୍ତ ହୋଇଥିଲେ। ମାତ୍ର ତା୦୭.୧୦.୧୯୩୩ ଓ ତା ୨୩.୦୨.୧୯୩୪ରେ ଯଥାକ୍ରମେ ଗୋକୁଳାନନ୍ଦଙ୍କର ପିତା ଓ ତାଙ୍କର ସ୍ତ୍ରୀ କମଳା ଇହଧାମ ତ୍ୟାଗ କରିଥିଲେ।

୧୯୪୨ର ଭାରତଛାଡ଼ ଆନ୍ଦୋଳନ ଥିଲା କଂଗ୍ରେସ ତଥା ଦେଶବାସୀଙ୍କ ପାଇଁ 'କର ବା ମର'ର ଡାକରା। ଏଥିରୁ କିପରି ବା ବାଦ୍ ପଡ଼ିଥାନ୍ତେ ଗୋକୁଳାନନ୍ଦ। ବାଲେଶ୍ୱର ଜିଲ୍ଲା କଂଗ୍ରେସର ଅନ୍ୟତମ ନେତା ଭାବେ ପରିଗଣିତ ଗୋକୁଳାନନ୍ଦ ସାରା ଜିଲ୍ଲାରେ ଭାରତଛାଡ଼ ଆନ୍ଦୋଳନରେ ସଂଗଠନ କରି ହୁଲୁସ୍ଥୁଲ କରିଥିଲେ। ୧୯୪୩ ମସିହାରେ ଉତ୍ତର ବାଲେଶ୍ୱର ଅଞ୍ଚଳ ପ୍ରବଳ ଘୂର୍ଣ୍ଣିବାତ୍ୟାରେ କ୍ଷତିଗ୍ରସ୍ତ ହେବାରୁ ଲୋକଙ୍କୁ ରିଲିଫ ଯୋଗାଇ ସେଠୁ ଫେରିବା ବାଟେ ୧୯୪୩ରେ ପୋଲିସ୍ ତାଙ୍କୁ ଭାରତରକ୍ଷା ଆଇନ୍ ବଳରେ ସିକ୍ୟୁରିଟି ବନ୍ଦୀ ହିସାବରେ ଗିରଫ କରି ବ୍ରହ୍ମପୁର ଜେଲକୁ ପଠାଇଥିଲେ ସରକାର। ସେଠାରେ ଓଡ଼ିଶାର ପ୍ରାୟ ସମସ୍ତ ନେତୃସ୍ଥାନୀୟ ବ୍ୟକ୍ତି ବନ୍ଦୀ ଥିଲେ ତାଙ୍କ ସହ। ୧୯୪୫ ମସିହା ଡିସେମ୍ବର ୨ ତାରିଖ ସେ ଖଲାସ ହେଲେ ଜେଲରୁ। ୧୯୪୮ ମସିହାରେ ତାଙ୍କର ଶ୍ୱଶୁର କୈଳାଶଚନ୍ଦ୍ର ମନ୍ତ୍ରୀ ଥାଇ ଏକ ମର୍ମନ୍ତୁଦ ମୋଟର ଦୁର୍ଘଟଣାରେ ପ୍ରାଣ ହରାଇବାରୁ ତାଙ୍କ ଆସନର ଉପନିର୍ବାଚନରେ ପ୍ରାର୍ଥୀ ହେବା ପାଇଁ ନେତୃସ୍ଥାନୀୟ ବ୍ୟକ୍ତିମାନେ ପ୍ରସ୍ତାବ ଦେଇଥିଲେ, ସେ ତାହା ପ୍ରତ୍ୟାଖ୍ୟାନ କରି ଗାନ୍ଧିଜୀଙ୍କ ରଚନାତ୍ମକ କାର୍ଯ୍ୟକୁ ବାଛି ନେଇଥିଲେ। ୧୯୫୦ ମସିହାରେ ବାଲେଶ୍ୱର ଜିଲ୍ଲା ବୋର୍ଡର ଚେୟାରମେନ୍ ନିର୍ବାଚିତ ହୋଇ ବାଲେଶ୍ୱର ଜିଲ୍ଲା ସାରା ଉନ୍ନୟନ କାର୍ଯ୍ୟ ଯଥା-ରାସ୍ତାଘାଟ, ସ୍କୁଲ ସ୍ଥାପନ, ଚିକିତ୍ସାଳୟ ନିର୍ମାଣ ଆଦିର ମୂଳଦୁଆ ପକାଇଥିଲେ। ଏହି ସମୟରେ ଜଳେଶ୍ୱରରେ ଏକ ଉଲ୍ଲେଖନୀୟ ଘଟଣା ଘଟିଲା। ନୂତନ ସ୍ୱାଧୀନ ଦେଶରେ କ୍ଷମତାସୀନ ବ୍ୟକ୍ତି ହିସାବରେ ଜନସାଧାରଣ ରେଳଷ୍ଟେସନରେ ତାଙ୍କୁ ସମ୍ବର୍ଦ୍ଧନା ଦେବା ପାଇଁ ଅପେକ୍ଷା କରିଥିବାବେଳେ, ସେ ନିଜର ବୁଟ୍ଚା ଓ ଛତା ଧରି ସମସ୍ତଙ୍କ ଦୃଷ୍ଟିର ବାହାରେ ପ୍ଲାଟଫର୍ମ ତ୍ୟାଗ କରି ପଦାକୁ ଆସିଥିଲେ। ଶେଷରେ ସମ୍ବର୍ଦ୍ଧକମାନେ ନିରାଶ ହୋଇ ତାଙ୍କୁ ସେଠାରେ ନପାଇ ଶେଷରେ ପ୍ଲାଟଫର୍ମ ବାହାରେ ପାଇଥିଲେ।

୧୯୫୨-୧୯୫୭ରେ ସେ ବନ୍ତ-ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀରୁ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ବିଧାନସଭା ନିର୍ବାଚନ ପରେ ତାଙ୍କର ପ୍ରିୟ ବନ୍ଧୁ ନବକୃଷ୍ଣ ଚୌଧୁରୀ ମୁଖ୍ୟମନ୍ତ୍ରୀ ହୋଇ ତାଙ୍କୁ ମନ୍ତ୍ରୀ ହେବାର ପ୍ରସ୍ତାବ ଦେଇଥିଲେ ମଧ୍ୟ ସେ ତାହା ପ୍ରତ୍ୟାଖ୍ୟାନ କରି ନୀଳମଣି ରାଉତରାୟଙ୍କ ଭଳି ସେକାଳର ଯୁବ ନେତାମାନଙ୍କୁ ମନ୍ତ୍ରୀ କରିବାକୁ ପ୍ରସ୍ତାବ ଦେଇଥିଲେ। ତାହା ମଧ୍ୟ କାର୍ଯ୍ୟକାରୀ ହୋଇଥିଲା। ବିଧାନସଭାରେ ସଭ୍ୟ ଥିଲାବେଳେ ସେ ବିଧାୟକ ହିସାବରେ ସେଠାରେ ବକ୍ତୃତା ଦେବାଠାରୁ ନିର୍ବାଚନ ମଣ୍ଡଳୀ ଲୋକଙ୍କ ସମସ୍ୟାରେ ଭାଗିଦାର ହେବା ପାଇଁ ଖଣ୍ଡେ ଥଳୀ ଓ ବୁକୁଚା ପକାଇ ଗାଁକୁ ଗାଁ ବୁଲୁଥିଲେ। ସେମାନଙ୍କର ସମସ୍ୟା ସମାଧାନ ପାଇଁ ନିଜ ହାତରୁ ଖର୍ଚ୍ଚ କରି ଭୁବନେଶ୍ୱର, ବାଲେଶ୍ୱର ଓ ଭଦ୍ରକ ନେବା ଓ ସମସ୍ୟା ସମାଧାନ କରିବା ଦିଗରେ ପଦକ୍ଷେପ ନେଇ ଛାଡ଼ୁଥିଲେ।

୧୯୫୭ରେ ସେ ପ୍ରାର୍ଥୀ ହୋଇନଥିବାରୁ ଭାରତ ସେବକ ସମାଜର ସଂଗଠକ ହିସାବରେ ଲୋକଙ୍କର ଦୈନନ୍ଦିନ ସମସ୍ୟାର ସମାଧାନ ପାଇଁ ଉନ୍ନୟନ ମୂଳକ କାର୍ଯ୍ୟ ବାଲେଶ୍ୱର ଓ କେନ୍ଦୁଝର ଜିଲ୍ଲାରେ ଓ ମୟୁରଭଞ୍ଜ ଜିଲ୍ଲାର କେତେକାଂଶରେ ଆରମ୍ଭ ଓ ସମାପନ ଦିଗରେ ପଦକ୍ଷେପ ନେଇଥିଲେ।

୧୯୬୨ ମସିହାରେ ଲୋକସଭା ନିର୍ବାଚନ। ୧୯୬୧ ମସିହାର ମଧ୍ୟବର୍ତ୍ତୀ ନିର୍ବାଚନରେ ବାଲେଶ୍ୱର ଲୋକସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗୋଟିଏ ଛାଡ଼ି ସବୁ ବିଧାନସଭା ନିର୍ବାଚନ ମଣ୍ଡଳୀରେ ରବୀନ୍ଦ୍ରମୋହନ ଦାସଙ୍କ ନେତୃତ୍ୱରେ ପ୍ରଜାସମାଜବାଦୀ ପ୍ରାର୍ଥୀମାନେ ନିର୍ବାଚିତ ହୋଇଥାନ୍ତି। ତେଣୁ ରବୀନ୍ଦ୍ରମୋହନ ଦାସ ୧୯୬୨ ଲୋକସଭା ନିର୍ବାଚନରେ ବାଲେଶ୍ୱର ଆସନରୁ ପ୍ରଜା ସମାଜବାଦୀ ଦଳର ପ୍ରାର୍ଥୀ ହୋଇଥିବାରୁ କେହି କଂଗ୍ରେସ ପ୍ରାର୍ଥୀ ହେବାକୁ ଡରୁଥାନ୍ତି। ବାଲେଶ୍ୱରର ସ୍ୱନାମଧନ୍ୟ ଓକିଲ ସେ କାଳର ଶଶିକାନ୍ତ ଭଞ୍ଜ କଂଗ୍ରେସ ଟିକଟ ପାଇଁ ପ୍ରସ୍ତାବିତ ହୋଇ ପ୍ରତ୍ୟାଖ୍ୟାନ କରିଥାନ୍ତି। ଗୋକୁଳାନନ୍ଦ କଂଗ୍ରେସ ପ୍ରାର୍ଥୀ ହେବାକୁ ଲାଳାୟିତ ନଥିଲେ ମଧ୍ୟ ତତ୍କାଳୀନ ଦଳୀୟ ନେତା ବିଜୁପଟ୍ଟନାୟକଙ୍କ ଅନୁରୋଧରେ ପ୍ରାର୍ଥୀ ହୋଇଥିଲେ ଓ ବିଜୟୀ ହୋଇଥିଲେ। ଲୋକସଭାରେ ସଭ୍ୟ ଥିଲାବେଳେ ଇସ୍ରାଏଲକୁ ସ୍ୱୀକୃତି ଦେବାପାଇଁ ସେ ଭାଷଣ ଦେଇ ଦୃଢ଼ ଯୁକ୍ତି ଉପସ୍ଥାପନ କରିଥିବାରୁ ଇସ୍ରାଏଲ ଦେଶ ତାଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ ଓ ତାଙ୍କ ଠିକଣାରେ ସେ ଦେଶର ଏକପତ୍ରିକା ତାଙ୍କ ମରିବା ପର୍ଯ୍ୟନ୍ତ ଘରକୁ ୧୫ବର୍ଷ ପଠାଇଥିଲେ। ଏତଦ୍ବ୍ୟତୀତ ହରିଜନ, ଆଦିବାସୀଙ୍କ ପାଇଁ ଚାକିରୀରେ ସଂରକ୍ଷଣ ବ୍ୟବସ୍ଥା ଆରମ୍ଭ କରିବା ପାଇଁ ଦୃଢ଼ ଯୁକ୍ତି ଉପସ୍ଥାପନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅଧିକନ୍ତୁ ଭଦ୍ରକରେ ମୁଖ୍ୟ ଡାକଘର, ଭଦ୍ରକ ଖଡ଼ଗପୁର ରେଳ ଚଳାଚଳ, ତଥା ଉତ୍ତର ବାଲେଶ୍ୱରର ବହୁ ଉପଡାକଘର ପ୍ରତିଷ୍ଠା ତାଙ୍କ ସାଂସଦ ଜୀବନ କାର୍ଯ୍ୟ ଥିଲା। ୧୯୬୭ ମସିହାରେ ସର୍ବଭାରତୀୟ ନିଶା ନିବାରଣ ପରିଷଦ କାର୍ଯ୍ୟରେ ଯୋଗ ଦେଇ ପୁନଶ୍ଚ ଗାନ୍ଧି ଆଦର୍ଶର ଅନ୍ୟତମ କାର୍ଯ୍ୟ ନିଶାନିବାରଣ କାର୍ଯ୍ୟରେ ସକ୍ରିୟ ଭାବରେ ନିଜକୁ ନିୟୋଜିତ କରିଥିଲେ। ୧୯୬୯ କଂଗ୍ରେସ ବିଭାଜନ ପରେ ସେ ଅଖିଳ ଭାରତୀୟ କଂଗ୍ରେସ କମିଟିର ସଦସ୍ୟ ହୋଇଥିଲେ। ୧୯୭୨ ମସିହାରେ ସେ ବାଲେଶ୍ୱର ଜିଲ୍ଲା ସ୍ୱାଧୀନତା ସଂଗ୍ରାମୀ ସଂଘର ସଭାପତି ହିସାବରେ ଜୀବନ ଶେଷ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ। ୧୯୭୪ ମସିହାର ମଧ୍ୟ ଭାଗରେ ପାଟନା କେମ୍ପ ଜେଲର ଅଖାଦ୍ୟରୁ ଆରମ୍ଭ ହୋଇଥିବା ଅର୍ଶ ରୋଗ ଶେଷରେ ମଳଦ୍ୱାର କ୍ୟାନସର ରୋଗରେ ପରିଣତ ହୋଇ ତାଙ୍କୁ କବଳିତ କରିଥିଲା। ଶେଷରେ ପରିବାରବର୍ଗ, ଆତ୍ମୀୟସ୍ୱଜନ, ଅନୁଗତ କର୍ମୀ ଅସଂଖ୍ୟ ଗୁଣଗ୍ରାହୀ ଦେଶବାସୀଙ୍କୁ ଶୋକ ସାଗରରେ ଭସାଇ ୭୫ବର୍ଷ ବୟସରେ ତା ୪.୧୨.୭୪ ରିଖ ଦିନ ସେପୁରକୁ ଯାତ୍ରା କଲେ।



ବାରଙ୍ଗ(ଭାସ୍କର ନ୍ୟୁଜ): ବାରଙ୍ଗ ବ୍ଲକ ମଣ୍ଡଳ ଶିକ୍ଷାଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସହ ମଣ୍ଡଳ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କୁମାର ରଥଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ବାରଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷା ସାବିତ୍ରୀ ଦଳେଇ, ମୁଖ୍ୟବକ୍ତା ଭାବେ ବେଲଗଛିଆ ଗ୍ରାମ ପଞ୍ଚାୟତର ସରପଞ୍ଚ ମାନିନୀ ସାହୁ, ସମ୍ମାନିତ ଅତିଥି ଭାବେ ସହ-ଶିକ୍ଷା ଅଧିକାରୀ ଯମୁନାମଣୀ ହେମ୍ବ୍ରମ, ସେକ୍ସନ ଅଫିସର ସତ୍ୟଭାମା ଦାସ, ନରଣପୁର ଉପ୍ରା ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ନଳିନୀ ଦାସ, ବିଳାଶୁଣି ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ଆଚାର୍ଯ୍ୟ, ସିଆରସିସି ବାବୁଲି ଜେନା, ସଲୋନୀ ପରବିନୀ ପ୍ରମୁଖ ଯୋଗଦେଇ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବାରେ ସମାଜର ସମସ୍ତ ବର୍ଗର ଲୋକଙ୍କ ସକ୍ରିୟ ସହଯୋଗକୁ ଗୁରୁତ୍ୱ ଦେବା ସହ ସହାନୁଭୂତି ବଦଳରେ ନେବାପାଇଁ ସହଯୋଗର ହାତ ବଢ଼ାଇବାକୁ ଉତ୍ସାହିତ କରିଥିଲେ । ଚିତ୍ରାଙ୍କନ, ଆଳୁ ଚାମଚ ଦୌଡ଼, ମିୟୁଜିକ ଚେୟାର, ବକେଟ ବଲ ଇତ୍ୟାଦି ଖେଳର କୃତି ପ୍ରତିଯୋଗୀ ଓ ସମସ୍ତ ଅଂଶଗ୍ରହଣକାରୀଙ୍କୁ ପୁରସ୍କୃତ ସହ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା । ସାଧନକର୍ମୀ ବଂଶୀଧର ବେହେରା, ଗଣେଶ୍ୱର ନାୟକ, ବନଲତା ବେହେରା ପରିଚାଳନା କରିଥିବା ବେଳେ ଭିନ୍ନକ୍ଷମ ସ୍ୱେଚ୍ଛାସେବୀ ଭୀମସେନ ଦାସ, ଚାରୁଲତା ସାହୁ, ଲକ୍ଷ୍ମୀପ୍ରିୟା ବେହେରା ତଥା ବିଇଓ ଅଫିସ କର୍ମଚାରୀବୃନ୍ଦ ସକ୍ରିୟ ସହଯୋଗ କରିଥିଲେ ।

# ଗଣିତ ଓ ବିଜ୍ଞାନ ଶିକ୍ଷକଙ୍କ ବଦଳି ବାତିଲ୍ ଦାବିରେ ଧାରଣା



ରଘୁନାଥପୁର(ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ରଘୁନାଥପୁର ବ୍ଲକ୍ ଅଧିନସ୍ଥ ତଆଁରା ଗ୍ରାମ ପଞ୍ଚାୟତର ରାମଚନ୍ଦ୍ରପୁର ସ୍ଥିତ ଚର୍ଚ୍ଚକାଇ ସରକାରୀ ଉପ୍ରା ବିଦ୍ୟାଳୟର ଦୁଇଜଣ ଶିକ୍ଷକଙ୍କ ମଧ୍ୟରୁ ଜଣେ ଶିକ୍ଷକବଦଳି ଫଳରେ ଗଣିତ ଓ ବିଜ୍ଞାନ ଶିକ୍ଷାଦାନ ଅସୁବିଧା ସୃଷ୍ଟିହେବାରୁ ବଦଳି ଶିକ୍ଷକଙ୍କୁ ବିଦ୍ୟାଳୟକୁ ଫେରାଇ ଆଣିବା ଦାବିରେ ଛାତ୍ରଛାତ୍ରୀ, ଅଭିଭାବକ, ପୁରାତନ ଛାତ୍ରଛାତ୍ରୀ, ପରିଚାଳନା କମିଟିଙ୍କ ଦ୍ୱାରା ବିଦ୍ୟାଳୟ ଫାଟକରେ ତାଲା ପକାଇ ଧାରଣ ଦେଇଥିବା ଦେଖିବାକୁ ମିଳିଛି । ଉକ୍ତ ବିଦ୍ୟାଳୟରେ ଷଷ୍ଠ, ସପ୍ତମ ଶ୍ରେଣୀରେ ୭୧ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରନ୍ତି । ଦୁଇ ଶ୍ରେଣୀ ପାଇଁ ମାତ୍ର ଦୁଇଜଣ ଶିକ୍ଷକଙ୍କ ମଧ୍ୟରୁ ଜଣେ ପ୍ରଧାନ ଶିକ୍ଷୟିତ୍ରୀ ଦାୟିତ୍ୱରେ ରହି ଗଣିତ, ବିଜ୍ଞାନ ପଢ଼ାଉଥିବା ସହକାରୀ ଶିକ୍ଷୟିତ୍ରୀ ଯଶୋବନ୍ତୀ ରାଉତଙ୍କୁ ସିଆରସିସି ଦାୟିତ୍ୱ ଦେବା ଫଳରେ ଗତ ଅକ୍ଟୋବର ମାସରୁ ବିଦ୍ୟାଳୟରେ ଜଣେ ଶିକ୍ଷକ ଥିବାରୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିଲା । ଏସମସିର ଦାବି ଫଳରେ ଗତ ୧୪ ତାରିଖରୁ ଶିକ୍ଷକ ସଞ୍ଜୟ କୁମାର ବେହେରା ବିଦ୍ୟାଳୟରେ ଶିକ୍ଷାଦାନ କରି ଆସୁଥିଲେ ହଠାତ ଗତକାଲି ତାଙ୍କୁ ଏଠାରୁ ଅନ୍ୟତ୍ର ବଦଳି କରାଯାଇଥିବାରୁ ଶିକ୍ଷାଦାନ ଘୋର ବାଧାପ୍ରାପ୍ତ ହୋଇଛି । ଏ ବିଷୟ ନେଇ ଜିଲ୍ଲା ଶିକ୍ଷା ଅଧିକାରୀ, ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ ଜଣାଇବା ସ୍ୱତ୍ତେ କିଛି ସୁଫଳ ମିଳିଲା ନାହିଁ । ବାର୍ଷିକ ପରୀକ୍ଷା ମାତ୍ର ୨/୩ ମାସ ବାକି ଥିବାବେଳେ ଏଭଳି ଶିକ୍ଷାବର୍ଷ ଅଧାରୁ ବାରମ୍ବାର ଶିକ୍ଷକ ବଦଳିକୁ ପ୍ରତିବାଦ କରି ବଦଳି ଶିକ୍ଷକଙ୍କୁ ନ ଫେରାଇ ଆଣିବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟକାଳ ପାଇଁ ଏହି ଧାରଣ ଚାଲୁରହିବ ବୋଲି ଗ୍ରାମବାସି ପକ୍ଷରୁ ନିରଞ୍ଜନ ବେହେରା, ଅରୁଣ ଜେନା, ପ୍ରଶାନ୍ତ କୁମାର ନାୟକ, ଦୀପକ କୁମାର ରାଉତ, ଜ୍ଞାନ ରଞ୍ଜନ ଦାଶ ପ୍ରମୁଖ ଧାରଣାରେ ସାମିଲ ହୋଇଛନ୍ତି ।

# କାର ଲୁଟ୍ ଘଟଣାର ପର୍ଦ୍ଦାଫାସ୍: ଦୁଇ କୋର୍ଟଚାଲାଣ



ପଟ୍ଟାମୁଣ୍ଡାଇ(ଭାସ୍କର ନ୍ୟୁଜ): ଗତ ୩ଦିନ ତଳେ ଫିଲ୍ମ ଷ୍ଟାଇଲରେ କାର ଚୋରି ଘଟଣାର ପର୍ଦ୍ଦାଫାଶ କରିଛି ପଟ୍ଟାମୁଣ୍ଡାଇ ପୋଲିସ । ଗତ ୨୯ତାରିଖରେ ଜଣେ ଦୁର୍ବୃତ୍ତ ଗ୍ରାହକ ସାଜି ଆସି ପଟ୍ଟାମୁଣ୍ଡାଇ ବାଲିପଡ଼ାରେ ଥିବା ବିଶ୍ୱରଂଜନଙ୍କ ଦୋକାନରେ ରଢ଼ର ମୂଲ୍ୟ ବୁଝିଥିଲେ । ପରବର୍ତ୍ତୀ ସମୟରେ ଦୋକାନ ମାଲିକଙ୍କ ଅନ୍ୟ ମନସ୍କର ସୁଯୋଗ ନେଇ ଅଭିଯୁକ୍ତ କାର ଚାବି ଚୋରାଇ ନେବାରେ ସଫଳ ହେବା ସହିତ କାର ଚୋରି କରିଥିଲା । ଦିନ ଦ୍ୱିପହରରେ କାର ଚୋରି ଘଟଣା ଘଟିବା ପରେ ପଟ୍ଟାମୁଣ୍ଡାଇ ବ୍ୟବସାୟୀଙ୍କ ମଧ୍ୟରେ ଛନକା ପଶିଥିଲା । ଏହି ଘଟଣାକୁ ପୋଲିସ ଗୁରୁତ୍ୱର ସହ ନେଇ ତଦନ୍ତ ଆରମ୍ଭ କରିବା ସହ ଆସାମୀକୁ ଗିରଫ କରିବାରେ ସଫଳ ହୋଇଥିଲା । ଦୁଇ ଅଭିଯୁକ୍ତ ପଟ୍ଟାମୁଣ୍ଡାଇ ଅଞ୍ଚଳର । ଅଭିଯୁକ୍ତଙ୍କୁ ଧରିବା ସହ ଅଧିକ ପଚରାଉଚରା ପରେ ଗାଡିକୁ ଭୁବନେଶ୍ୱର ଚିନ୍ତାମଣିଶ୍ୱର ମନ୍ଦିର ପାଖ ଗୁଗୁନାନୀ ହଣ୍ଡା ସୋରୁମ ପଛ ରୟାଲ ଗ୍ୟାରେଜରୁ ଜବତ କରିଥିଲା । ମଙ୍ଗଳବାର ଏହି ଘଟଣାରେ ପୋଲିସ ଦୁଇଜଣଙ୍କୁ କୋର୍ଟ ଚାଲାଣ କରିବା ସହ ଏକ ସାମ୍ବାଦିକ ସମ୍ମିଳନୀ ଡକାଇ ଘଟଣାର ସବିଶେଷ ତଥ୍ୟ ପ୍ରଦାନ କରିଥିଲେ କେନ୍ଦ୍ରାପଡ଼ା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦେବାଶିଷ ଧଳ । ସେପଟେ ପୋଲିସର ତ୍ୱରିତ କାର୍ଯ୍ୟ ଓ ସଫଳତା ପାଇଁ ପଟ୍ଟାମୁଣ୍ଡାଇ ପୋଲିସକୁ ଧନ୍ୟବାଦ ଜଣାଇଛନ୍ତି କାର ମାଲିକ ।

## କ୍ରିକେଟ୍ ଖେଳୁଥିବା ବେଳେ ପଡ଼ିଆରେ ପଡ଼ି ଛାତ୍ର ମୃତ

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ପିଜି ଛାତ୍ରଙ୍କ ପାଇଁ କ୍ରିକେଟ୍ ଖେଳିବା କାଳ ପାଲଟିଲା । କ୍ରିକେଟ୍ ଖେଳୁଥିବା ସମୟରେ ଖେଳ ପଡ଼ିଆରେ ପଡ଼ି ଛାତ୍ରଙ୍କର ମୃତ୍ୟୁ ଘଟିଛି । ଏହି ଘଟଣାକୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ଅଶାନ୍ତ ହୋଇପଡ଼ିଛି । ଡ଼ାକ୍ତରଙ୍କ ଚିକିତ୍ସା ବିଳମ୍ବ କାରଣରୁ ଛାତ୍ରଙ୍କ ମୃତ୍ୟୁ ଘଟିଥିବା କେତେକ ପିଜି ଛାତ୍ର ଅଭିଯୋଗ କରିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ବ୍ରହ୍ମଗିରି ସାତପଡ଼ା ଯଦୁପୁର ଗ୍ରାମର ଓମ୍ ପ୍ରସାଦ ଜେନା ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଦ୍ୱିତୀୟ ବର୍ଷର ପିଜି ଛାତ୍ର ରହିଥିଲେ । ମଙ୍ଗଳବାର ବିଷ୍ଣୁପୁର ଗ୍ରାମ କ୍ରିକେଟ୍ ପଡ଼ିଆରେ ଜୁନିୟର ଛାତ୍ର ଓ ସିନିୟର ଛାତ୍ରଙ୍କ ମଧ୍ୟରେ କ୍ରିକେଟ୍ ପ୍ରତିଯୋଗୀତା ଆରମ୍ଭ ହୋଇଥିଲା । ଓମ୍ ପ୍ରସାଦ ବ୍ୟାଟିଂ କରୁଥିବା ବେଳେ ପଡ଼ିଆରେ ଟଳି ପଡ଼ିଥିଲେ । ସାଙ୍ଗ ଖେଳାଳୀମାନେ ଗୁରୁତର ଅବସ୍ଥାରେ ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ । ଡ଼ାକ୍ତର ଛାତ୍ରଙ୍କ ମୃତ୍ୟୁ ଘୋଷଣା କରିଥିବା ବେଳେ ପୋଲିସ ପହଂଚି ଶବକୁ ଜବତ କରିଛି । ଛାତ୍ରଙ୍କ ପରିବାର ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ଅବହେଳା ଯୋଗୁ ଛାତ୍ରଙ୍କ ମୃତ୍ୟୁ ଘଟିଥିବା ଗଣମାଧ୍ୟମକୁ ସୂଚନା ଦେବା ସହ ସ୍ୱାସ୍ଥ୍ୟକେନ୍ଦ୍ରରେ ତୁମ୍ଭିତୋଫାନ କରିଥିଲେ । ଛାତ୍ରଙ୍କୁ ମୃତ୍ୟୁ ଖବର ଶୁଣିବା ପରେ ଶହ ଶହ ଛାତ୍ର ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଥିଲେ ।

## ରମାଦେବୀ ମହିଳା ସମିତିର ବାର୍ଷିକ ଜୟନ୍ତୀ ଉତ୍ସବ ପାଳିତ




ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପର ଅଗ୍ରଣୀ ମହିଳା ସଙ୍ଗଠନ ରମାଦେବୀ ମହିଳା ସମିତି ପକ୍ଷରୁ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ସମାଜସେବୀ ରମାଦେବୀ ଚୌଧୁରୀଙ୍କ ୧୨୫ତମ ଜନ୍ମଜୟନ୍ତୀ ଉତ୍ସବ ମଙ୍ଗଳବାର ଅପରାହ୍ନରେ ପାରାଦୀପ ପୋର୍ଟ ୱାର୍କରସ ୟୁନିୟନ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି । ସୂର୍ଯ୍ୟମୁଖୀ ସମ୍ପାଦିକା ତଥା ସୁସାହିତ୍ୟିକା ହାରା ମଣି ମହାପାତ୍ର ଅଧ୍ୟକ୍ଷତାରେ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ସମାଜସେବୀ ନିରଞ୍ଜନ ନାୟକ, ସମ୍ମାନିତ ଅତିଥି ଭାବରେ ଶ୍ରମିକ ନେତା ଅନନ୍ତ କୁମାର ଦାସ, କେଦାର ନାଥ ବିଶ୍ୱାଳ, ଦେବବ୍ରତ ସାହୁ ଓ ଅଶୋକ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ନିମନ୍ତ୍ରିତ ଅତିଥିମାନେ ରମାଦେବୀଙ୍କ ଜୀବନ ଓ ସ୍ୱାଧୀନତା ସଂଗ୍ରାମରେ ତାଙ୍କର ପ୍ରତ୍ୟକ୍ଷ ଅବଦାନ ଏବଂ ମହିଳା ସୁରକ୍ଷା ଓ ଅସ୍ପୃଶ୍ୟତା ବିରୋଧୀ ଆନ୍ଦୋଳନରେ ତାଙ୍କର ଅଂଶଗ୍ରହଣ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଉପଲକ୍ଷେ ମା' ରମାଦେବୀଙ୍କ ସ୍ତୁତିଚାରଣ କରି କବିତା ପାଠ ଅନୁଷ୍ଠିତ ହୋଇଥିଲା । କବି ପ୍ରେମଲତା ବାରିକ କବିତା ସଂଯୋଜନା କରିଥିଲେ । ଉତ୍ସବ ପରିଚାଳନା କରିଥିଲେ ପୁଷ୍ପା ଦାସ, ଧରିତ୍ରୀ ସାମଲ, ପ୍ରତିମା ବାରିକ, ସୁକାନ୍ତି ପରିଡ଼ା, ସ୍ନେହଲତା ମହାନ୍ତି, ସଂଯୁକ୍ତା, ସସ୍ମିତା, କଳ୍ପନା, ଜେମାଞ୍ଜଳି, ଟୁନି, ନଳିନୀ, ସୁମିତ୍ରା, ସବିତା, ବବିତା, ମମତା ରଉ ଅନିତା ଏବଂ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ସଂଘମିତ୍ରା ସ୍ୱାଇଁ ।

## ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ସ୍ଥିରୀକୃତ

ବାରିପଦା(ଭାସ୍କର ନ୍ୟୁଜ): ଓଡ଼ିଶା ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା ଅନୁଯାୟୀ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଦୁଇ ଦଫାରେ ଶିରିଡ଼ି-ନାସିକ ଓ ବନାରସ–ଅଯୋଧ୍ୟା ଯାତ୍ରା ସ୍ଥିରିକୃତ କରାଯାଇଛି । ଏଥି ନିମନ୍ତେ ଗତ ୨୨ରୁ ଆସନ୍ତା ୧୨ତାରିଖ ପର୍ଯ୍ୟନ୍ତ ୬୦ ବର୍ଷରୁ ଉର୍ଦ୍ଧ ଓ ୭୫ ବର୍ଷରୁ କମ୍ ନିମ୍ନୋକ୍ତ ଯୋଗ୍ୟତା ପୂରଣ କରୁଥିବା ଓଡ଼ିଶାର ସ୍ଥାୟୀବାସିନ୍ଦା ବ୍ୟକ୍ତିବିଶେଷ ଆବେଦନ କରିପାରିବେ । ଆବେଦନକାରୀ ଆବେଦନ ଫର୍ମକୁ ସଂପୂର୍ଣ ରୂପେ ପୁରଣ କରି ଆବଶ୍ୟକୀୟ ପ୍ରମାଣପତ୍ର ଓ ଦୁଇଗୋଟି ଫଟୋ ସହିତ ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟ ବା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦାଖଲ କରିପାରିବେ । ଅଥବା ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ କରିପାରିବେ । ଆର୍ଥିକ ଦୁର୍ବଳ ଶ୍ରେଣୀ/ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ବରିଷ୍ଠ ନାଗରିକଙ୍କୁ ଗସ୍ତ ଖର୍ଚ୍ଚର ସଂପୂର୍ଣ୍ଣ ରିହାତି ବ୍ୟବସ୍ଥା କରାଯାଇଛି । ୭୦ରୁ ୭୫ ବର୍ଷ ବୟସର ବରିଷ୍ଠ ନାଗରିକମାନେ ଯାତ୍ରା ସମୟରେ ସାଙ୍ଗରେ ୧୮ବର୍ଷ ବୟସରୁ ଉର୍ଦ୍ଧ ଜଣେ ବ୍ୟକ୍ତିଙ୍କୁ ନିଜର ସହାୟକ ଭାବେ ନେଇପାରିବେ । ସହାୟକ ବାବଦକୁ ମୂଳଗସ୍ତ ଖର୍ଚ୍ଚର ୫୦ ଭାଗ ଅର୍ଥ ଅର୍ଥାତ ୧୦,୫୦୦ ଟଙ୍କା ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ପର୍ଯ୍ୟଟନ ନିର୍ଦ୍ଦେଶକ, ଭୁବନେଶ୍ୱରଙ୍କ ନାମରେ ଦରଖାସ୍ତ ସହ ଦାଖଲ କରିବେ । ମୟୂରଭଞ୍ଜ ଜିଲ୍ଲାର ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଉକ୍ତ ଯୋଜନାର ନିଶ୍ଚିତ ଲାଭ ନେବାକୁ ଅନୁରୋଧ । ଉକ୍ତ ତଥ୍ୟ ଜିଲ୍ଲା ପର୍ଯ୍ୟଟକ ଅଧିକାରିଣୀ ସତ୍ୟଭାମା ବେହେରାଙ୍କ ସୂଚନାରୁ ପ୍ରକାଶିତ ।

### ପାଣିଭଣ୍ଡାର ରୋଡ଼ ପାର୍ ହେଲେ ୭୦ ଟିକିଆ ହାତୀପଲ

# ୧୦ ଗ୍ରାମର ୧୦୦୦ ଏକରରୁ ଉର୍ଦ୍ଧ୍ୱ ଧାନଫସଲ ନଷ୍ଟ



ଢେଙ୍କାନାଳ(ଭାସ୍କର ନ୍ୟୁଜ): ଢେଙ୍କାନାଳ ବନଖଣ୍ଡ ମହାବିରୋଡରେ ଅଁଳାକଟା ଫରେଷ୍ଟ ସେକ୍ସନ ଅନ୍ତର୍ଗତ ପାଣିଭଣ୍ଡାର ଓ ରୋଡ ରାସ୍ତାରେ ୬୦-୭୦ ଟିକିଆ ହାତୀପଲ । ଯାହାକୁ ନେଇ ଏବେ ଚିନ୍ତାରେ ଚାଷୀ । ସୂଚନା ଅନୁଯାୟୀ ଏକ ୬୦-୭୦ ଟିକିଆ ହାତୀପଲ ପାଣିଭଣ୍ଡାର ଓ ରୋଡ଼ ରାସ୍ତାରେ ହାତୀ ପାର ହେବାର ଦୃଶ୍ୟ ଦେଖିବାକୁ ମିଳିଥିଲା । ସାନ୍ଧା, କୁମୁସୀ, ପାଣିଭଣ୍ଡାର, ରୋଡ଼, କମର, ପାଳସାହି, ରେଣ୍ଟାପାଟ , ଗଇଲୋ, କୁନ୍ଦେଇପୁର, ପାଟରପଦା, ଅଁଳାକଟା ଏହି ଗାଁ ମାନଙ୍କରେ ହାତୀପଲ ଚାଷ ଜମିକୁ ନଷ୍ଟ କରିବା ସହ ଗାଁ ପାଖ ଜଙ୍ଗଲରେ ଥିବା କାରଣରୁ ଲୋକଙ୍କ ମନରେ ଏକ ପ୍ରକାରର ଭୟର ବାତାବରଣ ସୃଷ୍ଟି ହୋଇଛି । ଖବର ପାଇ ବନ ବିଭାଗର ଏକ ଟିମ ହାତୀ ଘଉଡାଇବା ପାଇଁ ଉଦ୍ୟମ ଜାରି ରହିଛି । ତେବେ ବ୍ରାହ୍ମଣୀ ନଦୀ ପାର ହୋଇ କିଛି ହାତୀ ହିନ୍ଦୋଳ ବନାଞ୍ଚଳରୁ ଦୁଇଦିନ ହେଲା ଏହି ବନାଞ୍ଚଳକୁ ପ୍ରବେଶ କରିଥିବା ସୂଚନା ମିଳିଛି । ଅଞ୍ଚଳରେ ବର୍ଷ ତମାମ ହାତୀଙ୍କ ଉତ୍ପାତ ଦେଖିବାକୁ ମିଳିଛି । ଏହିବର୍ଷ ଦୁଇଦିନ ହେଲାଣି ହାତୀପଲ ବହୁ ଧାନନଷ୍ଟ କରିବାରେ ଲାଗିଛନ୍ତି ।

## ୬୩ ଅଯୋଗ୍ୟ ହିତାଧିକାରୀ ଲୁଟିନେଲେ ବାର୍ଦ୍ଧକ୍ୟ ଭତ୍ତା: ୧୧ରୁ ଉର୍ଦ୍ଧ୍ୱ ପାଇଛନ୍ତି ସୁଭଦ୍ରା ଟଙ୍କା

କାକଟପୁର(ଭାସ୍କର ନ୍ୟୁଜ): ପୁରୀଜିଲ୍ଲା କାକଟପୁର ବ୍ଲକ ଅଧିନସ୍ଥ କୁଣ୍ଢେଇ ପଞ୍ଚାୟତର ବହୁ ଚର୍ଚ୍ଚିତ ପାଟପୁର ସାଡେଙ୍ଗା ଗ୍ରାମରେ ବ୍ୟାପକ ବାର୍ଦ୍ଧକ୍ୟ ଭତ୍ତା କେଲେଙ୍କାରୀ ଏବେ ପଦାକୁ ଆସିଛି । ଉକ୍ତ ରାଜସ୍ୱ ଗ୍ରାମର କିଛି ନ୍ୟର୍ଥସ୍ୱାର୍ଥ ଗୋଷ୍ଠୀ ଓ ସରକାରଙ୍କ ବୁଥ ଲେଭୁଲ କର୍ମଚାରୀ ଓ କିଛି ରାଜନୈତିକ କୁଳିନେତା ଗତ ନିର୍ବାଚନରେ ଭୋଟ ହାତେଇବା ପାଇଁ ହିତାଧିକାରୀଙ୍କ ବୟସ ବୃଦ୍ଧି କରି ଜାଲ ମେଡ଼ିକାଲ ସାର୍ଟିଫିକେଟ ଓ ଭୋଟ ପରିଚୟ ପତ୍ର ଓ ସତ୍ୟପାଠରେ ଜାଲ ପ୍ରମାଣ ପତ୍ର ଦେଇ ବାର୍ଦ୍ଧକ୍ୟ ଭତ୍ତା ଲୁଟିନେବାରେ ସକ୍ଷମ ହୋଇଛନ୍ତି । ବ୍ଲକ ତହବିଲରୁ ଏହି ଅଯୋଗ୍ୟ ହିତାଧିକାରୀଙ୍କ ପାଇଁ ୫ ଲକ୍ଷରୁ ଉର୍ଦ୍ଧ ଅର୍ଥ ତୋଷାରପାତ ହୋଇଥିବା ବେଳେ ଏହାକୁ ତର୍ଜମା କରିବା କିମ୍ବା ପ୍ରକୃତ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରିବାରେ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଫଳ ହୋଇଛନ୍ତି । ଏଠାରେ ସୂଚନାଥାଉ କି ଏହା ପୂର୍ବରୁ ବିଡ଼ିଓ ଥିବା ତୁଷାର ଜ୍ୟୋତି ରଞ୍ଜନ ଉପରୋକ୍ତ ସମସ୍ତ ହିତାଧିକାରୀଙ୍କୁ ଅଯୋଗ୍ୟ ଚିହ୍ନଟ କରିଥିବା ବେଳେ ନୂତନ ବିଡ଼ିଓ କିଭଳି ଭାବେ କାହା ପ୍ରରୋଚନାରେ ଯୋଗ୍ୟ ବିବେଚିତ କରି ସରକାରୀ ଅର୍ଥକୁ ଅପବ୍ୟବହାର କଲେ ତାହା ସାଧାରଣରେ ବିସ୍ମୟ ସୃଷ୍ଟି କରିଛି । ଉକ୍ତ ଜାଲିଆତି ଖବର ପ୍ରଚାରିତ ହେବାପରେ ପାଟପୁର ଗ୍ରାମର ବରିଷ୍ଠ ରାଜନୀତିଜ୍ଞ ତଥା ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ତୁଷାରକାନ୍ତ ସ୍ୱାଇଁ, କୁଣ୍ଢେଇ ବିକାଶ ମଞ୍ଚ ସମ୍ପାଦକ କ୍ଷେତ୍ର ମୋହନ ସାହୁ ଏ ସଂକ୍ରାନ୍ତରେ ବଳିଷ୍ଠ ଦସ୍ତାବିଜ ଦେଇ ପୁରୀ ଜିଲ୍ଲାପାଳ ଓ ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇଙ୍କୁ ଅଭିଯୋଗ କରିବା ପରେ ବ୍ଲକ କର୍ମଚାରୀ ଏବଂ ବୁଥ ଲେଭୁଲ ଅଫିସରଙ୍କ ମନରେ ଛନକା ପଶିଛି । ଏହି ଦସ୍ତାବିଜ ଜିଲ୍ଲାପାଳ ପାଇବାପରେ ଚିଠି ନମ୍ବର ୨୪୪୩ / ତା ୨୮/୧୧/୨୦୨୪ ରେ ତୁରନ୍ତ ଅଭିଯୋଗ ଉପରେ ଛାନଭିନ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଡ଼ିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଉକ୍ତ ଅଯୋଗ୍ୟ ହିତାଧିକାରୀଙ୍କ ତାଲିକାରେ ୬୩ ଜଣ ଅଯୋଗ୍ୟ ହିତାଧିକାରୀ ଭତ୍ତା ଲୁଟିନେବାରେ ସକ୍ଷମ ହୋଇଛନ୍ତି । ଅନ୍ୟପକ୍ଷରେ ଗ୍ରାମର ଏକାଧିକ ବ୍ୟକ୍ତି ବାର୍ଦ୍ଧକ୍ୟ ଭତ୍ତା ପାଉଥିବା ବେଳେ ତାଙ୍କଠାରୁ ସେମାନଙ୍କ ବଡ଼ଭାଇଙ୍କ ବୟସ ପ୍ରାୟ ଦଶବର୍ଷ ସାନ ହୋଇଥିବା ଦେଖିବାକୁ ମିଳିଛି । ୨ ବର୍ଷ ଭିତରେ ଯୋଗ୍ୟ ହିତାଧିକାରୀଙ୍କ ଠାରୁ ଅଯୋଗ୍ୟ ହିତାଧିକାରୀ ୫ରୁ ୭ ବର୍ଷ ବୟସ ବଢ଼ାଇ ଭତ୍ତା ପାଇବାରେ ସକ୍ଷମ ହୋଇଛନ୍ତି । ଏଭଳି ଜାଲିଆତି ଘଟଣାକୁ ନେଇ ଆମ ପ୍ରତିନିଧି ବିଡ଼ିଓ ବିଷ୍ଣୁ ଗୋବିନ୍ଦଙ୍କୁ ପଚାରିବାରେ ସେ ଏ ସମ୍ପର୍କରେ ଅବଗତ ଅଛନ୍ତି ଏବଂ ଜିଲ୍ଲାପାଳଙ୍କ ଚିଠି ପାଇବା ପରେ ଏକ ଥ୍ରୀ ମ୍ୟାନ କମିଟି ଗଠନ କରାଯାଇ ଅନୁସନ୍ଧାନ କରାଯିବା ସହିତ ଅଯୋଗ୍ୟ ହିତାଧିକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଅର୍ଥ ଫେରସ୍ତ ପାଇଁ ଯୋଜନା କରାଯିବ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି ।

# ୨୧୯ ଲି. ଦେଶୀମଦ ଜବତ: ମହିଳାଙ୍କ ସମେତ ୩ କୋର୍ଟଚାଲାଣ



ବାଲୁଗାଁ(ଭାସ୍କର ନ୍ୟୁଜ): ମଙ୍ଗଳବାର ପୂର୍ବାହ୍ନରେ ଖୋର୍ଦ୍ଧା ଜିଲ୍ଲା ଅବକାରୀ ଅଧିକ୍ଷକ ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ବାଲୁଗାଁ, ବାଣପୁର ଥାନା ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ବାଲୁଗାଁ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା । ଚଢ଼ାଉ ବେଳେ ୨୧୯ ଲିଟର ଦେଶୀମଦ ଜବତ ହୋଇଥିବା ବେଳେ ୩ଜଣ ଚୋରା ମଦ ବେପାରୀଙ୍କୁ ଗିରଫ କରାଯାଇଛି । ଅଭିଯୁକ୍ତ ହେଲେ ବାଲୁଗାଁ ଥାନା ଅନ୍ତର୍ଗତ ବଡ଼କୁଳ ଛକ ନିକଟସ୍ଥ ରାମଚନ୍ଦ୍ର ସାହୁଙ୍କ ନିକଟରୁ ୧୦୮ ଲିଟର, କୃଷ୍ଣ ମୋହନ ସାହୁଙ୍କ ନିକଟରୁ ୧୦୨ ଲିଟର ଓ ବାଣପୁର ଥାନା ଅନ୍ତର୍ଗତ କୁରୁଞ୍ଜିପୁର ଗ୍ରାମର ମମତା ପଲେଇଙ୍କ ନିକଟରୁ ୯ ଲିଟର ଦେଶୀ ମଦ ଜବତ କରାଯାଇଛି । ଅଭିଯୁକ୍ତଙ୍କ ବିରୁଦ୍ଧରେ କେଶ ନଂ ୧୯୪,୧୯୫,୧୯୬/୨୪ରେ ପୃଥକ ଭାବେ ମାମଲା ରୁଜୁ କରି କୋର୍ଟଚାଲାଣ କରାଯାଇଥିବା ବାଲୁଗାଁ ଅବକାରୀ ଅଧିକାରୀ ସୁଜିତ କୁମାର ମୁଦୁଲି ସୂଚନା ଦେଇଛନ୍ତି । ଉକ୍ତ ଚଢ଼ାଉରେ ବାଲୁଗାଁ ଅବକାରୀ ଅଧିକାରୀ ଶ୍ରୀ ମୁଦୁଲିଙ୍କ ସମେତ ଉପ ଅଧିକାରୀ ସଞ୍ଜୟ କୁମାର ମୁଦୁଲି, କନେଷ୍ଟବଳ ଆଶୀଷ କୁମାର ପ୍ରଧାନ, ଚିନ୍ମୟୀ ଦାସ, ତୁଷାର ଚମ୍ପତି, କାଳୁ ପ୍ରଧାନ ପ୍ରମୁଖ ସାମିଲ ଥିଲେ ।

## ଏଣିକି ଆକାଶ ମାର୍ଗରୁ ମୁଖ୍ୟ ବିଦ୍ୟୁତ୍ ସଂଯୋଗ ଉପରେ ନଜର ରଖିବ ଡ୍ରୋନ୍ କ୍ୟାମେରା



ମାଲକାନଗିରି(ଭାସ୍କର ନ୍ୟୁଜ): ବନ୍ୟା ବାତ୍ୟା ଓ ପ୍ରାକୃତିକ ବିପର୍ଯ୍ୟୟ ବେଳେ ଆଉ ଲୋକଙ୍କୁ ଅଧିକ ସମୟଧରି ବିଦ୍ୟୁତ ପାଇଁ ଅପେକ୍ଷା କରିବାକୁ ପଡିବ ନାହିଁ । ମାଲକାନଗିରି ଜିଲ୍ଲା ଟାଟା ପାୱାର କମ୍ପାନୀରେ ପ୍ରଥମେ ଥର ଲାଗି ନିୟୋଜିତ ହେଲା ଡ୍ରୋନ କ୍ୟାମେରା । ବିଦ୍ୟୁତ ବିଭାଗ ପକ୍ଷରୁ ଏକ ଅତ୍ୟାଧୁନିକ ଡ୍ରୋନ ସର୍ଭେ ଆରମ୍ଭ ହୋଇଥିବା ଦେଖିବାକୁ ମିଳିଛି । ଡ୍ରୋନରେ ଅତ୍ୟାଧୁନିକ କ୍ୟାମେରା ସହ ଉନ୍ନତ ମାନର ଯନ୍ତ୍ର ବ୍ୟବହୃତ ହୋଇଛି । ଯାହାଦ୍ୱାରା ଆକାଶ ମାର୍ଗରୁ ବଡ଼ ବଡ଼ ବିଦ୍ୟୁତ୍ ଖୁଣ୍ଟର ତ୍ରୁଟି ଏବଂ ବିଭିନ୍ନ ସ୍ଥାନରେ ଥିବା ଗ୍ରିଡ ଷ୍ଟେସନ୍‌ରେ ନଜର ରଖାଯିବ । ମାଲକାନଗିରି ଜିଲ୍ଲାରେ ବହୁତ୍ ଜଙ୍ଗଲ ପାହାଡ଼ ଥିବା ଯୋଗୁଁ ଏହି ଡ୍ରୋନ ୧୨୦ ଫୁଟ୍ ଉଚ୍ଚତାରେ ୧୦ କିଲୋମିଟର ପର୍ଯ୍ୟନ୍ତ ଅତିକ୍ରମ କରି ତ୍ରୁଟି ଖୋଜିବାରେ ସାହାଯ୍ୟ ହେବ ବୋଲି ନିର୍ବାହୀ ଯନ୍ତ୍ରୀ କହିଛନ୍ତି ।

## ଆରଆଇ ଅଫିସ୍ ଅସ୍ଥାୟୀ କର୍ମଚାରୀଙ୍କୁ ଭୂଜାଲି ଚୋଟ

ଟାଙ୍ଗୀ(ଭାସ୍କର ନ୍ୟୁଜ): ଖୋର୍ଦ୍ଧା ଜିଲ୍ଲାର ଚିଲିକା ତହସିଲ ଅଧିନସ୍ଥ ସୋରଣ ଗ୍ରାମରେ ଥିବା ଆରଆଇ ଅଫିସରେ କାର୍ଯ୍ୟ କରୁଥିବା ଅସ୍ଥାୟୀ କର୍ମଚାରୀ ମନୋରଞ୍ଜନ ହରିଚନ୍ଦନଙ୍କୁ ଭୁଜାଲି ଚୋଟ । ଏହି ଆକ୍ରମଣ ସୋରଣ ଆରଆଇ ଅଫିସ ଗେଟ ସମ୍ମୁଖରେ ଘଟିଛି । ରକ୍ତ ଜୁଡୁବୁଡୁ ହୋଇ ଗୁରୁତର ହୋଇଥିବା ମନୋରଞ୍ଜନ ହରିଚନ୍ଦନଙ୍କୁ ଟାଙ୍ଗୀ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା । ମାତ୍ର ଅବସ୍ଥା ସଙ୍ଗୀନ କାରଣରୁ ଗୁରୁତର ମନୋରଞ୍ଜନଙ୍କୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଛି । ଅନ୍ୟପଟରେ ଆକ୍ରମଣକାରୀ ସୋରଣ ଗ୍ରାମର ଟୁକୁ ମହାରଣାଙ୍କୁ ଟାଙ୍ଗୀ-କୁହୁଡ଼ି ପୋଲିସ ଧରିଥିବା ଟାଙ୍ଗୀ ଥାନା ଅଧିକାରୀ ସୂଚନା ଦେଇଛନ୍ତି ।

## ଜଗତସିଂହପୁରରୁ ଶିଶୁ ଶ୍ରମିକ ଉଦ୍ଧାର



ଜଗତସିଂହପୁର(ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲାରେ ଦିନକୁ ଦିନ ବୃଦ୍ଧି ପାଉଛି ଶିଶୁ ଶ୍ରମିକଙ୍କୁ କାର୍ଯ୍ୟରେ ଲଗାଇ ସେମାନଙ୍କୁ ନିର୍ଯାତନା ଓ ଶୋଷଣ ଅତ୍ୟାଚାର ବିରୋଧରେ ବାରମ୍ବାର ଖବର ପ୍ରକାଶ ପାଉଥିବା ବେଳେ ତାହା ରୋକାଯାଇ ପାରୁନଥିବା ସଦ୍ୟତମ ଘଟଣାରୁ ସହଜରେ ଜଣାପଡୁଛି । ତେବେ ଖବର୍ ଅନୁଯାୟୀ ଜଗତସିଂହପୁର ଜିଲ୍ଲାର ଚାଇଲ୍ଡ ହେଲ୍ପ ଲାଇନର କର୍ମକର୍ତ୍ତା ଦେବୀପ୍ରସାଦ ତ୍ରିପାଠୀ ଓ ରୁଚିକା ସମାଜ ସେବା ସଂଗଠନର ଜିଲ୍ଲା ସଂଯୋଜକ ବଟକୃଷ୍ଣ ସାହୁ ଏବଂ ରଚିକାର ଟିମ୍ ମେମ୍ବର ସାରଳା ପ୍ରଶନ ଖଟୁଆଙ୍କ ମିଳିତ ସହଯୋଗରେ ଜଗତସିଂହପୁର ଜିଲ୍ଲା ଅଧିନ ରାହାମା ବଜାରର ମହାବୀର ଚା ଦୋକାନରେ କାର୍ଯ୍ୟରତ ଅବସ୍ଥାରେ ଶିଶୁ ଶ୍ରମିକ ସମୀର ମୁଣ୍ଡାଙ୍କୁ ଉଦ୍ଧାର କରାଯାଇ ଜଗତସିଂହପୁର ଚାଇଲ୍ଡ ଲାଇନ୍‌କୁ ହସ୍ତାନ୍ତର କରାଯାଇଛି ।

## ବାବା ବିଶ୍ୱନାଥ କ୍ୟାଣ୍ଟିନ୍‌ରେ ଅଗ୍ନିକାଣ୍ଡ

ଜଗତସିଂହପୁର(ଭାସ୍କର ନ୍ୟୁଜ): ଜଗତସିଂହପୁର ସହରର ମଧ୍ୟ ସ୍ଥଳରେ ଥିବା ବାବା ବିଶ୍ୱନାଥ କ୍ୟାଣ୍ଟିନରେ ଗ୍ୟାସ ଲିକ ହୋଇ ନିଆଁ ଲାଗିବା ସହିତ ଗୋଟିଏ ଗ୍ୟାସ ଟାଙ୍କି ଫାଟି ଯାଇଛି । ଗ୍ୟାସ ଟାଙ୍କି ଫାଟି ଯିବାରୁ ରୋଷେଇ ହୋଇଥିବା ସ୍ଥାନର ଘର ଆଜବେଷ୍ଟ ଉଡିଯାଇଛି । ଅପରାହ୍ନରେ ଘଟିଥିବା ଏହି ଅଗ୍ନିକାଣ୍ଡରେ କାହାର କିଛି କ୍ଷତି ଘଟିନଥିଲେ ମଧ୍ୟ କ୍ୟାଣ୍ଟିନର ଆସବାପତ୍ର ଓ ଲକ୍ଷ ଲକ୍ଷ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଛି । କ୍ୟାଣ୍ଟିନରେ ଖାଉଥିବା ଲୋକ ଓ କର୍ମଚାରୀ ଜୀବନ ବିକଳରେ ବାହାରକୁ ଧାଇଁ ପଳାଇ ଆସିଥିଲେ । ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ।

## ଅନ୍ତେବାସୀ ଛାତ୍ରୀ ଗର୍ଭବତୀ, ଯୁବକ ଗିରଫ

ଗୁଣୁପୁର(ଆ:ପ୍ର) ରାୟଗଡା ଜିଲ୍ଲା ଗୁଣୁପୁର ପୁଟାସିଂ ବାଳିକା ବିଦ୍ୟାଳୟର ୧୦ ଶ୍ରେଣି ଅନ୍ତେବାସୀ ଛାତ୍ରୀ ଗର୍ଭବତୀ ଥିବା ଜଣାପଡିଛି । ଛାତ୍ରୀର ବାପା ଗୁଣୁପୁର ଥାନାର ଲିଖିତ ଅଭିଯୋଗ କରିଥିବା ଗୁଣୁପୁର ଥାନା ଅଧିକାରୀ ଉତ୍ତମ କୁମାର ସାହୁଙ୍କ ପକ୍ଷରୁ ସୁଚନା ମିଳିଛି । ଛାତ୍ରୀ ସହ ଅନୈତିକ ସମ୍ପର୍କ ରଖିଥିବା ଚିନାରିଗୁଡା ଗ୍ରାମର ଯୁବକକୁ ପୋଲିସ୍ ଗିରଫ କରିଛି । ଛାତ୍ରୀଜଣକ ହଷ୍ଟେଲରେ ରହି ପାଠ ପଢୁଥିଲେ । ଛାତ୍ରୀଙ୍କ ସ୍ୱାସ୍ଥ୍ୟ ଖରାପ ହେବାରୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଦେଖି ସନ୍ଦେହ ହେବାରୁ ଗୁଣୁପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ପରୀକ୍ଷା କରିଥିଲେ । ସେଠାରେ ଛାତ୍ରି ଜଣକ ଗର୍ଭବତୀ ଥିବା ଜଣାପଡିଥିଲା ।

# ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ




ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ପିଙ୍ଗଳାକ୍ଷୀ ପବ୍ଲିକ୍ ୱେଲଫେୟାର ଅର୍ଗାନାଇଜେସନ୍ ଆନୁକୂଲ୍ୟରେ ଓ ଜିଲ୍ଲା ପ୍ରଶାସନ ପୁରୀ ସହାୟତା କ୍ରମେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ମଙ୍ଗଳବାର ଦିନ ପାଳିତ ହୋଇଯାଇଛି । ଏହି ଦିବସରେ ୨ଶହରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗ ଜନ, ଦିବ୍ୟାଙ୍ଗ ଛାତ୍ରଛାତ୍ରୀ, ରତ୍ନାକର ଦାଶ ଦୃଷ୍ଟିହୀନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରଛାତ୍ରୀ, ପିଙ୍ଗଳାକ୍ଷୀ କଲେଜ ଅଫ୍ ସ୍ପେସିଆଲ୍ ଏଜୁକେସନ୍‌ର ପ୍ରଶିକ୍ଷାର୍ଥୀ, ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, ନିମାପଡ଼ା ବାଳକ ଉଚ୍ଚ ବିଦ୍ୟାଳୟ ଓ ନିମାପଡ଼ା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଏନ୍‌ସିସି ଛାତ୍ରଛାତ୍ରୀ, ନିମାପଡ଼ା ବାଳକ ଉଚ୍ଚ ବିଦ୍ୟାଳୟ ଓ ନିମାପଡ଼ା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ସ୍କାଉଟ୍ ଆଣ୍ଡ ଗାଇଡ୍ ଛାତ୍ରଛାତ୍ରୀ, ସମାଜସେବୀ ଓ ସାଧାରଣ ଜନତା ଅଂଶଗ୍ରହଣ କରିଥିଲେ । ଏହି ଦିବ୍ୟାଙ୍ଗଜନ ଅଧିକାର ଓ ଅଧିନିୟମ ପଦଯାତ୍ରା ନିମାପଡ଼ା ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟରୁ ବାହାରି ନିମାପଡ଼ା ବଜାର ମଧ୍ୟ ଦେଇ ପୁନଶ୍ଚ ବାଳକ ଉଚ୍ଚ ବିଦ୍ୟାଳୟରେ ସମାପନ ହୋଇଥିଲା । ଉକ୍ତ ପଦଯାତ୍ରା ପ୍ରାତଃ ୯ ଘଟିକା ସମୟରେ ସାଂସଦ ପ୍ରତିନିଧି ମୀନଲତା ମହାନ୍ତି, ନିମାପଡ଼ା ତହସିଲଦାର ବସନ୍ତ କୁମାର ହାତୀ, ମଣ୍ଡଳ ଉନ୍ନୟନ ଅଧିକାରୀ ଡ଼ଃ ଅଭିଜିତ ଷଡ଼ଙ୍ଗୀ, ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଚିନ୍ମୟ ଦାସ, ନିମାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷା, ସରକାରୀ ବାଳକ ଓ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ, ଅନୁଷ୍ଠାନର ସଭାପତି ଗଗନ ବିହାରୀ ଦାସ, ଉପ-ସଭାପତି ପଦ୍ମଲୋଚନ ମହାନ୍ତି, ବିଶିଷ୍ଟ ଶିକ୍ଷାବିତ୍ ଓ ସମାଜସେବୀ ଗୋବିନ୍ଦ ଚନ୍ଦ୍ର ନାୟକ, ସମାଜସେବୀ ପବିତ୍ର ମୋହନ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଭିନ୍ନକ୍ଷମ ଅଧିକାର ଓ ସମ୍ମାନ ପାଇଁ ଶପଥ ଗ୍ରହଣ କରିବା ସହ ପଦଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ମଧ୍ୟାହ୍ନ ୧୨ ଘଟିକା ସମୟରେ ଲକ୍ଷ୍ମୀ ବିହାର, ତଳଅଣ୍ଡିଆ ବେହେରା ସାହି ନିକଟସ୍ଥ ଅନୁଷ୍ଠାନ ପ୍ରାଙ୍ଗଣରେ ଏକ ଦିବ୍ୟାଙ୍ଗଜନ ଅଧିକାର ଓ ଅଧିନିୟମ ଶୀର୍ଷକ ସଭା ଆୟୋଜିତ ହୋଇଯାଇଛି । ସଭାରେ ୧୫୦ରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗଜନ, ଛାତ୍ରଛାତ୍ରୀ, ସମାଜସେବୀ, ବୁଦ୍ଧିଜୀବୀ ଯୋଗ ଦେଇଥିଲେ । ଏହି ଅବସରରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ମାନଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା । ନିମାପଡ଼ାର ବିଶିଷ୍ଟ ବ୍ୟବସାୟୀ ତଥା ସାମଜସେବୀ କ୍ଷେତ୍ରବାସୀ ବିଶ୍ୱାଳ ଓ ତାଙ୍କର ଧର୍ମପତ୍ନୀ ଶାନ୍ତଶିଳା ବିଶ୍ୱାଳଙ୍କୁ ଉପଢ୍ୌକନ ଓ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପଟ୍ଟଚିତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯିବା ସହ ତହସିଲଦାର ଓ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲ । କାର୍ଯ୍ୟକ୍ରମକୁ ଗିତିନନ୍ଦା ପଟ୍ଟନାୟକ, ଜନ୍ମେଜୟ ସ୍ୱାଇଁ, ସୁଶ୍ରୀ ମୌସୁମୀ ରାୟସିଂ, ପ୍ରଜ୍ଞା ପରମିତା ପରିଡ଼ା, ବିଶ୍ୱଜିତ ମହାର୍ଥୀ ପରିଚାଳନା କରିଥିଲେ ।

## ଅସହାୟ ବୃଦ୍ଧାଙ୍କ ଗୁହାଳରୁ ୧୧ ଛେଳି ଚୋରି

ବାରଙ୍ଗ(ଭାସ୍କର ନ୍ୟୁଜ): ବାରଙ୍ଗରେ ଚୋରମାନେ ଗୁହାଳରେ ପଶି କଳାକନା ବୁଲାଇଛନ୍ତି । ମାର୍ଥାପୁର ଗ୍ରାମର ସନ୍ଧ୍ୟାରାଣୀ ପ୍ରଧାନ ନାମକ ଜଣେ ଅସହାୟ ବୃଦ୍ଧାଙ୍କ ଗୁହାଳରୁ ୧୧ଟି ଛେଳି ଚୋରି ହୋଇଥିବା ଗୋଡିସାହି ଫାଣ୍ଡିରେ ବୁଧବାର ଅଭିଯୋଗ ହୋଇଛି । ଅଭିଯୋଗ ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ସୂଚନା ଅନୁସାରେ ମଙ୍ଗଳବାର ସକାଳେ ଗୁହାଳରେ ଛେଳିନଥିବା ଦେଖିବା ମାତ୍ରେ ବୃଦ୍ଧାଙ୍କ ହୋସ ଉଡିଯାଇଥିଲା । ତାଙ୍କର କୌଣସି ବ୍ୟବସାୟ ନଥିବା ବେଳେ ସେ କେବଳ ଛେଳି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ । ତାଙ୍କର ବର୍ଷକର ଏକମାତ୍ର ରୋଜଗାର ଥିଲା ଛେଳି । ଛେଳି ଲାଳନପାଳନ କରି ଯାହା ଦୁଇ ପଇସା ରୋଜଗାର ହେଉଥିଲା ସେଥିରେ ପରିବାର ଚଳିଯାଉଥିଲା । ସନ୍ଧ୍ୟାଙ୍କ ସ୍ୱାମୀ ଆରପାରିକୁ ଚାଲିଯିବା ପରଠାରୁ ସନ୍ଧ୍ୟା ଛେଳି ଚରାଇ ଦୁଇଝିଅଙ୍କୁ ଧରି ପରିବାର ପ୍ରତିପୋଷଣ କରନ୍ତି । ହେଲେ ଚୋରଦଳ ସବୁ ତକ ଛେଳି ଚୋରି କରି ନେଇଥିବାରୁ କିଭଳି ପରିବାର ପ୍ରତିପୋଷଣ କରିବେ ସେ ନେଇ ଚିନ୍ତାରେ ପଡ଼ିଯାଇଛନ୍ତି ।

# ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ



ବାରିପଦା(ଭାସ୍କର ନ୍ୟୁଜ): ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଓ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ସ୍ଥାନୀୟ ସହିଦ ସ୍ମୃତି ଭବନ ଠାରେ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ-୨୦୨୪ ପାଳିତ ହୋଇଯାଇଛି । ଭିନ୍ନକ୍ଷମଙ୍କ ଅନ୍ତର୍ଭୁକ୍ତି, ଅଭିଗମ୍ୟତା ଏବଂ ସଶକ୍ତିକରଣକୁ ପ୍ରୋତ୍ସାହନ ଦେବା ପାଇଁ ଆୟୋଜିତ ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ହେମକାନ୍ତ ସଞ୍ଜୟ ଯୋଗ ଦେଇଥିବା ବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡଃ ବିଜୟ କୁମାର ଦାସ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅବିନାଶ ପାଣି ଓ ପ୍ରତିଧ୍ୱନି ଏନ୍‌ଜିଓର ନିର୍ଦ୍ଦେଶକ ଡଃ ଶିରୀଷ ଚନ୍ଦ୍ର ଭୋଳ ପ୍ରମୁଖ ମଞ୍ଚାସୀନ ଥିଲେ । ଭିନ୍ନକ୍ଷମଙ୍କ ଅଧିକାର ତଥା କଲ୍ୟାଣକୁ ଆଗକୁ ବଢ଼ାଇବା ପାଇଁ ଜିଲ୍ଲା ପ୍ରଶାସନ ପ୍ରତିଶ୍ରୁତିବଦ୍ଧ ଓ ଭିନ୍ନକ୍ଷମ ବ୍ୟକ୍ତିଙ୍କ ସାମାଜିକ ସୁରକ୍ଷା ଏବଂ ସଶକ୍ତିକରଣ ନିମନ୍ତେ ସମସ୍ତ ଅଂଶଗ୍ରହଣକାରୀ ଏବଂ ସମର୍ଥକଙ୍କୁ ଅଧିକ ଅନ୍ତର୍ଭୂକ୍ତ କରିବା ତଥା ସୁବିଧାଜନକ ପରିବେଶ ସୃଷ୍ଟି ପାଇଁ ଅନେକ ଯୁଗାନ୍ତକାରୀ ପଦକ୍ଷେପ ନିଆଯାଇଛି ବୋଲି କହିଥିଲେ ଜିଲ୍ଲାପାଳ ଶ୍ରୀ ସଞ୍ଜୟ । ଭିନ୍ନକ୍ଷମଙ୍କୁ ସଶକ୍ତ କରିବାରେ ସଭିଙ୍କର ମିଳିତ ଯୋଗଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଭିନ୍ନକ୍ଷମଙ୍କୁ ସମାଜର ସବୁସ୍ତରରେ ସାମାଜିକ ସୁରକ୍ଷା ଯୋଗାଇ ଦେଇ ସେମାନଙ୍କୁ ସ୍ୱାବଲମ୍ବୀ କରାଇବା ବର୍ତ୍ତମାନର ସବୁଠାରୁ ବଡ ଆବଶ୍ୟକତା ବୋଲି ଡଃ ଦାସ ନିଜର ବାର୍ତ୍ତା ରଖିଥିଲେ । କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରି ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ବେହେରା ଭିନ୍ନକ୍ଷମଙ୍କ କଲ୍ୟାଣ ନିମନ୍ତେ ଜିଲ୍ଲାରେ ଚାଲିଥିବା ଯୋଜନା ଯଥା ପେନ୍‌ସନ ଯୋଜନା, ଛାତ୍ରବୃତ୍ତି, ଛାତ୍ରଛାତ୍ରୀଙ୍କ ପାଇଁ ଲାପଟପ୍ ଆଦି ଉପରେ ସୂଚନା ପ୍ରଦାନ କରିଥିଲେ । ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ଭିନ୍ନକ୍ଷମ ଦମ୍ପତି ସୁମତି ପୃଷ୍ଟି, ଅଜୟ କୁମାର ପୃଷ୍ଟି ଓ ଲକ୍ଷ୍ମୀନାରାୟଣ ଧୀର ଓ କଞ୍ଚନୀ ଭଞ୍ଜଙ୍କୁ ବିବାହ ପ୍ରୋତ୍ସାହନ ରାଶି ବାବଦକୁ ୨,୫୦,୦୦୦/- ଟଙ୍କା ଲେଖାଏଁ ଆର୍ଥିକ ସହାୟତା, ଜଣେ ଭିନ୍ନକ୍ଷମ ଛାତ୍ର ଅନୁପମା ବେରାଙ୍କୁ ୪୯,୫୦୦/- ଟଙ୍କା । ଛାତ୍ର ବୃତି ପ୍ରଦାନ କରିଛନ୍ତି । ଏଠାରେ ସୂଚନା ଥାଉ କି, ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳନ ଅବସରରେ ସକାଳ ଘ. ୯ .୩୦ ସମୟରେ ଏକ ସଚେତନତା ରାଲିର ଆୟୋଜନ କରାଯାଇଥିଲା । ଉଭୟ ସକ୍ଷମ ଓ ଭିନ୍ନକ୍ଷମ ଲୋକଙ୍କୁ ଅନ୍ତର୍ଭୁକ୍ତ କରି ଏହି ରାଲି କଲେକ୍ଟୋରେଟ୍ ପରିସରରୁ ଆରମ୍ଭ ହୋଇ ବାରିପଦା ଷ୍ଟାଡିଅମରେ ସମାପ୍ତ ହୋଇଥିଲା । ସହିଦ ସ୍ମୃତି ଭବନରେ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ନିମନ୍ତେ ଅନେକ କ୍ରୀଡା ଓ ସାଂସ୍କୃତିକ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା । ଶେଷରେ ବିଭିନ୍ନ କୃତି ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।




ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ପଞ୍ଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟ ଅର୍ଥନୀତି ବିଭାଗର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ବିଭାଗୀୟ ମୁଖ୍ୟ ଅଧ୍ୟାପକ ଡ. ପଦ୍ମଲୋଚନ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଅର୍ଥନୈତିକ ବିକାଶରେ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଭୂମିକା ଶୀର୍ଷକ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ରୂପେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ.ସୁଚିତ୍ର କୁମାର ସାହୁ ଯୋଗଦାନ କରି ଆର୍ଥିକ ସାକ୍ଷରତା ଓ ଡିଜିଟାଲ ଦେୟ ଉପରେ ଗୁରୁତ୍ୱାରୋପ କରିଥିଲେ । ବିଷୟ ବିଶେଷଜ୍ଞ ଭାବେ ଟାଙ୍ଗିସ୍ଥିତ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର କଳା ଓ ସମାଜ ବିଜ୍ଞାନର ମୁଖ୍ୟ ସହକାରୀ ପ୍ରଫେସର ସୁଶାନ୍ତ କୁମାର ନାୟକ ଯୋଗଦାନ କରି ଆର୍ଥିକ ଅନ୍ତର୍ଭୁକ୍ତିକରଣ ଦ୍ୱାରା କିଭଳି ଦାରିଦ୍ର ଦୂରିକରଣ, ନିୟୋଜନ ସୃଷ୍ଟି, ଦେଶ ଆର୍ଥିକ ସ୍ୱାବଲମ୍ବୀ ହୋଇପାରୁଛି ସେ ସମ୍ପର୍କରେ ଗଭୀର ଭାବେ ଆଲୋକପାତ କରିଥିଲେ । ଅନ୍ୟତମ ବିଶେଷଜ୍ଞ ଭାରତ ସରକାରଙ୍କ ଅନୁବନ୍ଧିତ ଭୁବନେଶ୍ୱରସ୍ଥିତ ସିପେଟ ଅନୁଷ୍ଠାନର ପ୍ରଶାସନିକ ଅଧିକାରୀ ଜୟନ୍ତ କୁମାର ଦାସ, ଭାରତ ସରକାର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକାରୀ ଯୋଜନାର ସଫଳ ରୂପାୟନ ଓ ଦୃତ ଅର୍ଥ ନୈତିକ ବିକାଶ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଦ୍ୱାରା ସମ୍ଭବ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ ।

## ବଡ଼ଦୋଡଙ୍ଗାରେ ସବର୍ଣ୍ଣ-ଅସବର୍ଣ୍ଣ ମୁହାଁମୁହିଁ

# ପ୍ରଶାସନର ହସ୍ତକ୍ଷେପ ପରେ ବି ତୁଟିପାରୁନି ଜମି ବିବାଦ



ଭଞ୍ଜନଗର,(ଭାସ୍କର ନ୍ୟୁଜ): ବେଲଗୁଣ୍ଠା ତହସିଲ ଅନ୍ତର୍ଗତ ଗାଙ୍ଗପୁର ଥାନା ଅଧୀନ ବଡଦୋଡଙ୍ଗା ଗ୍ରାମରେ ଥିବା କିଛି ପତିତ ସରକାରୀ ଜମିରେ ହୋଇଥିବା ଧାନ ଫସଲକୁ ନେଇ ଗ୍ରାମର ସବର୍ଣ୍ଣ ଓ ଅସବର୍ଣ୍ଣ ଲୋକଙ୍କ ମଧ୍ୟରେ ଏବେ ଏକପ୍ରକାର ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି । ବହୁବର୍ଷ ଧରି ଗ୍ରାମରେ ଥିବା କିଛି ସରକାରୀ ଜମିରେ ଗ୍ରାମବାସୀ ଫସଲ ଅମଳ କରି ଆସୁଥିଲେ । ସେଥିରୁ ମିଳୁଥିବା ଧାନ ଫସଲର ଲାଭରୁ ଗାଁର ବିଭିନ୍ନ ପର୍ବପର୍ବାଣୀ ଓ ଠାକୁରଙ୍କ ନୀତିକାନ୍ତି ଚାଲୁଥିଲା। ହେଲେ ଚଳିତବର୍ଷ ଗାଁର ଅସବର୍ଣ୍ଣ ସାହିଲୋକମାନେ ଉକ୍ତ ଜମିରେ କରିଥିବା ଧାନ ଫସଲକୁ ଗାଁ କୋଠକୁ ଦେବାକୁ ରାଜି ନହେବାକୁ ନେଇ ବିବାଦ ଉପୁଜିଛି । ଅସବର୍ଣ୍ଣ ସଂପ୍ରଦାୟର ଲୋକମାନେ ଯେହେତୁ ସେମାନେ ସବୁକିଛି ଖର୍ଚ୍ଚ କରି ଫସଲ କରିଛନ୍ତି ତେଣୁ ଉକ୍ତ ଫସଲ ଉପରେ ସେମାନଙ୍କ ପୂର୍ଣ୍ଣ ଅଧିକାର ରହିଛି ବୋଲି ଦାବି କରୁଛନ୍ତି । ସେପଟେ ପୂର୍ବରୁ ଗାଁର ନୀତିକାନ୍ତି ଯେପରି ଚାଲୁଥିଲା ଓ ଗାଁରେ ଯେପରି ଭାଇଚାରା ଭାବ ରହିଥିଲା ତାକୁ ସେଭଳି ବଜାୟ ରଖିବାକୁ ସବର୍ଣ୍ଣ ଲୋକମାନେ ପ୍ରୟାସ କରୁଥିବାରୁ ଏବେ ଉଭୟ ସବର୍ଣ୍ଣ ଓ ଅସବର୍ଣ୍ଣ ମଧ୍ୟରେ ଏକପ୍ରକାର ବିବାଦୀୟ ସ୍ଥିତି ସୃଷ୍ଟି ହୋଇଛି । ଏକଥା ଜଣାପଡିବା ପରେ ଏଥିରେ ବେଲଗୁଣ୍ଠା ତହସିଲ କାର୍ଯ୍ୟାଳୟ ପକ୍ଷରୁ ହସ୍ତକ୍ଷେପ କରାଯାଇଥିଲା । ଚଳିତବର୍ଷ ଆରମ୍ଭରୁ ଜମି ଭିତରକୁ କେହି ନପଶିବାକୁ ପ୍ରଶାସନ ଲାଲ ପତାକା ପୋତିଥିଲା । ତଥାପି ଜୋର ଜବରଦସ୍ତ ଏହି ସରକାରୀ ପତିତ ଜମିରେ ଧାନ ଫସଲ କରାଯାଇଥିଲା । ଏବେ ଧାନ ପାଚି ସାରିଲାଣି । ଅମଳ ପାଇଁ ଅସବର୍ଣ୍ଣ ସାହିଲୋକମାନେ ପ୍ରସ୍ତୁତ ହେଉଥିବା ବେଳେ ଏହାକୁ ବିରୋଧ କରି ସବର୍ଣ୍ଣ ଲୋକମାନେ ପୁଣି ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଏହାର ଏକ ସମାଧାନ ପନ୍ଥା ବାହାର କରିବାକୁ ସୋମବାର ଉପଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠକୁ ଗ୍ରାମର ଉଭୟ ପକ୍ଷକୁ ଡକା ଯାଇଥିଲା । ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବଡଦୋଡଙ୍ଗା ଗ୍ରାମର ସମସ୍ତ ପରିବାରର ଲୋକମାନେ ରୁଣ୍ଡ ହୋଇଥିବା ଦେଖିବାକୁ ମିଳିଥିଲା । ପରେ ଗାଙ୍ଗପୁର ପୋଲିସ ସହାୟତାରେ ଉଭୟ ପକ୍ଷର ୧୦ଜଣ ଲେଖାଏଁ ଲୋକଙ୍କୁ ନେଇ ଉପଜିଲ୍ଲାପାଳ ଅନୀଲ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସିଥିଲା । ଏହି ବୈଠକ ଦୀର୍ଘ ସମୟ ବସିଥିଲେ ମଧ୍ୟ ଏଥିରୁ କୌଣସି ନିଷ୍କର୍ଷ ବାହାରି ପାରିନଥିଲା । ଫଳରେ ଉପଜିଲ୍ଲାପାଳ ଉଭୟ ପକ୍ଷଙ୍କୁ ପୁଣି ୫ ଦିନ ସମୟ ଦେଇଛନ୍ତି । ୫ ଦିନ ମଧ୍ୟରେ ଘଟଣାର ଆପୋଷ ସମାଧାନ ନହେଲେ ପ୍ରଶାସନ ତାର ନିଷ୍ପତ୍ତି ଗ୍ରହଣ କରିବ ବୋଲି ଚରମବାଣୀ ମଧ୍ୟ ଶୁଣାଇ ଦିଆଯାଇଛି । ତେବେ ଏହି ସମୟରେ ଉଭୟ ପକ୍ଷରୁ କେହିବି ସଂପୃକ୍ତ ଧାନଜମି ଭିତରେ ପଶିବାକୁ ବାରଣ କରାଯାଇଛି ବୋଲି ଉପଜିଲ୍ଲାପାଳ ସେଠୀ ସୂଚନା ଦେଇଛନ୍ତି । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଭଞ୍ଜନଗର ଏସଡିପିଓ ସୁଜିତ୍ କୁମାର ନାୟକ, ବେଲଗୁଣ୍ଠା ତହସିଲଦାର କଳାକୃଷ୍ଣ ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ । ଶାନ୍ତିଶୃଙ୍ଖଳା ଦୃଷ୍ଟିରୁ ଗାଙ୍ଗପୁର ଥାନା ଅଧିକାରୀମାନେ ଉପସ୍ଥିତ ରହିଥିଲେ ।

## ଟ୍ରେନ୍‌ରେ କଟି ଯୁବକ ମୃତ

କଣ୍ଟାବାଞ୍ଜି, (ଭାସ୍କର ନ୍ୟୁଜ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ରାୟପୁର ରେଳ ସେକ୍ସନର ହରିଶଙ୍କର ତୁରେକେଲା ମଧ୍ୟରେ ଜଣେ ଯୁବକ ଟ୍ରେନ୍‌ରେ କଟି ମୃତ୍ୟୁ ହୋଇଛି । ଯୁବକ ଜଣଙ୍କ ହେଲେ ଶୁକଦେବ ବେହେରା (୨୦) । ଯୁବକ ଜଣଙ୍କ ଖପ୍ରାଖୋଲ ଥାନା ପୁଟୁଳାମହୁଲ ଗ୍ରାମର । ହରିଶଙ୍କର ରୋଡ ତୁରେକେଲା ମଧ୍ୟରେ ଥିବା ରେଳୱେ କିମି ଖମ୍ବ ନମ୍ବର୍ ୧୪୮/୩୬ ନିକଟରେ ଯୁବକ ଟ୍ରେନ୍‌ରେ କଟି ମୃତ୍ୟୁ ହୋଇଥିବା ବେଳେ ଘଟଣା ସ୍ଥଳରେ ପଡ଼ିଥିବା ମୋବାଇଲରୁ ପରିବାରବର୍ଗଙ୍କୁ ଫୋନ୍ କଲା ପରେ ପରିଚୟ ମିଳିଥିଲା । କଣ୍ଟାବାଞ୍ଜି ଜିଆର୍‌ପି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ୍ ଜବତ କରି କଣ୍ଟାବାଞ୍ଜି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ମଙ୍ଗଳବାର ହସ୍ତାନ୍ତର କରିଛି । ଟିଟିଲାଗଡ ଜିଆର୍‌ପି ଥାନା ଏକ ଅପମୃତ୍ୟୁ ମାମଲା ନଂ ୫୨/୩/୧୨/୨୪ ରୁଜୁ କରି ଅଧିକ ତଦନ୍ତ କରୁଥିବା କଣ୍ଟାବାଞ୍ଜି ଫାଣ୍ଡି ଅଧିକାରୀ ରାମ କିଶୋର ସାହୁ ସୂଚନା ଦେଇଛନ୍ତି ।

## ବୁଦ୍ଧେଶ୍ୱର ପୀଠ ଉନ୍ନତି ପାଇଁ ୫ କୋଟିର ପ୍ରସ୍ତାବ



ଢେଙ୍କାନାଳ, (ଭାସ୍କର ନ୍ୟୁଜ): ରାଜ୍ୟର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ଶୈବପୀଠ ବୁଦ୍ଧେଶ୍ୱର କ୍ଷେତ୍ରର ନୂତନ ପରିଚାଳନା କମିଟି ଗଠନ କରାଯିବା ପରେ ଗ୍ରାମରେ ମୁରବୀମାନଙ୍କୁ ନେଇ ମନ୍ଦିର ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଭାପତି ପୂର୍ବତନ ନଗରପାଳ ନରହରି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପସଭାପତି ବିପିନ ବିହାରୀ ସେଠୀ ସଂପାଦକ ହୃଦାନନ୍ଦ ମହାରଣା ସହସଂପାଦକ ସନ୍ତୋଷ ବିହାରି, କୋଷାଧ୍ୟକ୍ଷ ସୁରେନ୍ଦ୍ର କୁମାର୍ ପୃଷ୍ଟି, ବରିଷ୍ଠ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ସାହୁ, ଦୁଆରୀ ମଲ୍ଲିକ, କୈଳାଶ ମଲ୍ଲିକ, ବିଶ୍ୱଜିତ ସାହୁ, ଅଶୋକ ଚନ୍ଦ୍ର ଗୁରୁ, ରମେଶ ଚନ୍ଦ୍ର ପାତ୍ର, ଭବାନୀ ଶଙ୍କର ପୋଥାଳ, ଗୁଲୁଗୁଲ୍ ସାହୁ, ସୁନାକର ବେହେରା, କମଳ ମହାରଣାଙ୍କ ସମେତ ବହୁ ସଭ୍ୟ ଉପସ୍ଥିତ ଥିଲେ । ଗାଁ ମୁରବୀ ଦିଲ୍ଲୀପ କୁମାର ଦାସ, ପବିତ୍ର ସାହୁ, କାଳନ୍ଦୀ ସାହୁ ଗୋପାଳ ମଲିକ, ବିଦ୍ୟାଧର ପାତ୍ର, ସୁରେଶ ଚନ୍ଦ୍ର ସାହୁ, କନିଷ୍ଠ ଯନ୍ତ୍ରୀ ଶକ୍ତି ପ୍ରସାଦ ସାହୁ, ଥାନାଧିକାରୀ ମନସ୍ୱିତା ମହାନ୍ତି ଉପସ୍ଥିତ ରହି ଉନ୍ନୟନ କାର୍ଯ୍ୟର ଚିଠା ପ୍ରସ୍ତାବ ଆଗତ କରିଥିଲେ । ବ୍ରାହ୍ମଣୀ ନଦୀକୂଳରେ ସୁଲେଇପାଳ ମୌଜାରେ ଥିବା ଅର୍ବାନ ବନୀକରଣକୁ ବଣଭୋଜି ଉପଯୋଗୀ କରାଇବା, ବୁଦ୍ଧେଶ୍ୱର ନାଳକୁ ବୋଟିଂ ଉପଯୋଗୀ, ଶ୍ମଶାନକୁ ସ୍ୱର୍ଗପଥ, ମନ୍ଦିରଠାରୁ ମାଳବନ୍ଧ ଯାଏ ରାସ୍ତା, ଚନ୍ଦନ ବଗିଚା ପୁନରୁଦ୍ଧାର, ସ୍ୱତନ୍ତ୍ର ଭୋଗ, ରୋଷଘର, ଡାଇନିଂ ଘର, ପେଭର ବିଛା, ମହୋତ୍ସବ ମଣ୍ଡପ, ଥଣ୍ଡା ପାଣି, କାର୍ଯ୍ୟାଳୟ ଶନି ମନ୍ଦିର, ବିଶ୍ରାମାଗାର, ପୃଷ୍ଟୀ ପୋଖରୀ ଠାରୁ ମନ୍ଦିର ଯାଏ ବିକଳ୍ପ ରାସ୍ତା, ସହରର ପ୍ରବେଶ ପଥରେ ୩ଟି ତୋରଣ କରାଯିବା ନିମନ୍ତେ ସ୍ଥାନୀୟ ବିଧାୟକ ଶତ୍ରୁଘ୍ନ ଜେନା, ସାଂସଦ ରୁଦ୍ର ନାରାୟଣ ପାଣି, ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା, ଢେଙ୍କାନାଳ ଜିଲ୍ଲାପାଳ ଓ ପର୍ଯ୍ୟଟନ ସଚିବଙ୍କୁ ଜଣାଇବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି ।

## ୧୧ରେ ଚଇତି ମହୋତ୍ସବ

ମୁନିଗୁଡ଼ା, (ଭାସ୍କର ନ୍ୟୁଜ): ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ସଦରମହକୁମା ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ସୋମବାର ବିଡ଼ିଓ କୃଷ୍ଣଚନ୍ଦ୍ର ଦଳପତିଙ୍କ ଅଧ୍ୟକ୍ଷତାରେ ମୁନିଗୁଡ଼ାରେ ଚଳିତବର୍ଷ ବ୍ଲକସ୍ତରୀୟ ଚଇତି ଉତ୍ସବ ଧୁମ୍‌ଧାମ୍‌ରେ ପାଳନ କରିବା ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସହକାରୀ ଯନ୍ତ୍ରୀ ଐଶ୍ୱରୀୟ ଭଞ୍ଜଦେଓଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଦୁଖିନୀ ନୁଣ୍ଡୁକା, ତହସିଲଦାର ଏମ୍.ଅନୁରାଧା, ଥାନା ଆଇଆଇସି ସୌଦାମିନୀ ବେହେରା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଶିଷ ପଣ୍ଡା, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସନ୍ତୋଷ ସୁନା, ସାଂସଦ ପ୍ରତିନିଧି ରଜନୀ କାନ୍ତ ପାଡାଲୁ, ବିଧାୟକ ପ୍ରତିନିଧି ମାନସ ରଞ୍ଜନ ବେହେରା, ବିଜେପି ନେତା ରାମଚନ୍ଦ୍ର ବେହେରା, ବରିଷ୍ଠ ସାମ୍ବାଦିକ ଗୋରାଙ୍ଗ ଚରଣ ରାଉତ, ରାଜୀବ ଲୋଚନ ଦାସ, ଉମାକାନ୍ତ ନିମାଲପୁରୀ, ହାଡିପା ଗୌଡ, ଲକ୍ଷ୍ମୀ ବେହେରା, ନନ୍ଦ କିଶୋର ବେହେରା, ମନୋରଞ୍ଜନ ଦଳେଇ, କୈଶଲ ଦୁବେ, ସଞ୍ଜୟ ନାଗ, ବାପି ସାହୁକାର ସମେତ ବହୁ ସାମ୍ବାଦିକ ଯୋଗ ଦେଇଥିବା ବେଳେ ବ୍ଲକ କର୍ତ୍ତୃପକ୍ଷ ହାତ ଗଣତି ସାମ୍ବାଦିକଙ୍କୁ ସୂଚନା ଦେଇଥିବା ବେଳେ ଅନ୍ୟ ସାମ୍ବାଦିକଙ୍କୁ ଅଣଦେଖା କରାଯାଇଛି ବୋଲି ସାମ୍ବାଦିକ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା । ହେଲେ ଚଳିତ ବର୍ଷ ୧୧ ଓ ୧୨ ତାରିଖ ଦୁଇଦିନିଆ ଚଇତି ଉତ୍ସବ ସ୍ଥାନୀୟ କଲେଜ ପଡ଼ିଆରେ ନିର୍ମାଣ ହେବାକୁ ଯାଉଥିବା ଚଇତି ମଣ୍ଡପରେ ଅନୁଷ୍ଠିତ ହେବ । ପ୍ରଥମ ଦିନରେ ମଶାଲ ଶୋଭାଯାତ୍ରା କରାଯିବା ସହ ପଞ୍ଚାୟତମାନଙ୍କରେ ଲୁଚି ରହିଥିବା ଲୁକ୍କାୟିତ ପ୍ରତିଭାମାନଙ୍କର ଚୈତି ମଣ୍ଡପରେ ସେମାନେ ତାଙ୍କର କଳା ସାଂସ୍କୃତିକ କାର୍ଯ୍ୟକ୍ରମରେ ପରିବେଷଣ କରିବାକୁ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଛି । ଏଥିପାଇଁ ପ୍ରତ୍ୟେକ ପଞ୍ଚାୟତର ସରପଞ୍ଚ ଓ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯିବା ସହ କ୍ରୀଡ଼ା ଓ ମିନି ମାରାଥନକୁ ସଂଯୋଜନା କରିବାକୁ ବିଇଓ ଏବଂ ଏବିଇଓଙ୍କୁ ଦାୟିତ୍ୱ ଦିଆଯାଇଛି । ଷ୍ଟଲ୍‌ଗୁଡିକର ପ୍ରଦର୍ଶନୀ ନିମନ୍ତେ ଲାଇନ୍ ଡିପାର୍ଟମେଣ୍ଟ ଦାୟିତ୍ୱ ନେଇଥିବା ବେଳେ ଶାନ୍ତି ଶୃଙ୍ଖଳା ବଜାୟ ରଖିବାକୁ ମୁନିଗୁଡା ପୋଲିସ ଦାୟିତ୍ୱ ବହନ କରିବେ । ଏହି କାର୍ଯ୍ୟକ୍ରମ ପାଇଁ ବିଭିନ୍ନ କମିଟି ଗଠନ କରାଯାଇଛି । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିପିଓ ମନୋରଞ୍ଜନ ବେହେରା, ମଙ୍ଗଳ ବିଭାଗର କୃଷ୍ଣଚନ୍ଦ୍ର ବେହେରା, ବିପିଏମ୍ କ୍ଷୀରୋଦ ଭୂୟାଁ, ରେଞ୍ଜର ଅନୀଲ କୁମାର ବାଲା, ସିଡିପିଓ ଡାଳିମ୍ବ ନାୟକ, ନିଳାମ୍ବର ବିଭାର, ପ୍ରକାଶ କରସିକା ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ ।

## ତୃତୀୟ ବ୍ରାହ୍ମଣୀ ବନ୍ଦାଣ ଓ ନାଗନାଥେଶ୍ୱର ମହୋତ୍ସବ

# ‘ଗମନାଗମନର ସୁବିଧା ଦ୍ୱାରା ଅଞ୍ଚଳର ବିକାଶ ସମ୍ଭବ’



ଢେଙ୍କାନାଳ, (ଭାସ୍କର ନ୍ୟୁଜ): ଢେଙ୍କାନାଳ ସଦର ବ୍ଲକ୍ ବଣସିଂହ ଏବଂ ଚାଉଳିଆ ପଞ୍ଚାୟତର ବ୍ରାହ୍ମଣୀ ନଦୀକୂଳସ୍ଥିତ ବଡନାଗେନା ଠାରେ ଓଡ଼ିଶାର ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଭାବେ ପରିଚିତ ଶ୍ରୀ ଶ୍ରୀ ବାବା ନାଗନାଥେଶ୍ୱର ମହାଦେବ ଏବଂ ସେଠାରେ ପ୍ରବାହିତ ହେଉଥିବା ସ୍ରୋତସ୍ୱିନୀ ଉତ୍ତରବାହୀ ବ୍ରାହ୍ମଣୀ ବନ୍ଦାଣ ଓ ନାଗନାଥେଶ୍ୱର ମହୋତ୍ସବର ଦ୍ୱିତୀୟ ସଂଧ୍ୟାରେ ସଭାପତି ସୁଦାମ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗ ଦେଇ ଅଞ୍ଚଳର ବିକାଶ କରିବାକୁ ହେଲେ ଗମନାଗମନର ସୁବିଧା ପ୍ରଥମେ ଆବଶ୍ୟକ ବୋଲି କହିଥିବା ବେଳେ ଏହାକୁ ଦୃଷ୍ଟିରେ ରଖି ଏହି ପୀଠର ଉନ୍ନତି ନିମନ୍ତେ ରାସ୍ତାଘାଟର ସୁବିଧା କରାଯାଇଥିଲା ବୋଲି କହିଥିଲେ । ଅନ୍ୟପକ୍ଷେ ପର୍ଯ୍ୟଟନଙ୍କୁ ଆକୃଷ୍ଟ କରିବା ପାଇଁ ୪୨କୋଟି ବ୍ୟୟରେ ଏକ ନୂତନ ରାସ୍ତା ନିର୍ମାଣ ଚାଲିଛି ଯାହାଦ୍ୱାରା ଓଡିଶା ତଥା ବାହାର ପର୍ଯ୍ୟଟକମାନେ ଏହି ସର୍ବପୁରାତନ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଭାବେ ପରିଚିତ ଏହି ପୀଠକୁ ଆସିବା ସହଜ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅଞ୍ଚଳରେ ଗଢି ଉଠିଥିବା ଏହି ଉତ୍ସବକୁ ବଞ୍ଚାଇ ରଖିବା ପାଇଁ ପଞ୍ଚାୟତ ପାଣ୍ଠିରୁ ନାଗନାଥେଶ୍ୱର ପୀଠ ନିକଟରେ ଦୋକାନ ଗୃହ ନିର୍ମାଣ କରାଯାଇ ମନ୍ଦିର ପରିଚାଳନା ଓ ଅନୁଷ୍ଠାନର ସ୍ଥାୟିତ୍ୱ ପାଇଁ ପ୍ରୟାସ କରାଯିବା ଉଚିତ୍ ବୋଲି କହିଥିଲେ । ଏହି ଉତ୍ସବରେ ଅନ୍ୟତମ ଅତିଥି ଭାବେ ପୂର୍ବତନ ସାଂସଦ ମହେଶ ସାହୁ ଯୋଗଦେଇ ଗ୍ରାମବାସୀଙ୍କ ଭାବାବେଗ ଓ ସହଯୋଗ ଦ୍ୱାରା ଏହି ମହୋତ୍ସବ ହୋଇପାରୁଛି ବୋଲି କହିବା ସହିତ ଏହା ବାଲିଯାତ୍ରା ଠାରୁ ଉଚ୍ଚକୋଟିର ବୋଲି ମତ ଦେଇଥିବାବେଳେ ଏହି ପୀଠର ଇତିହାସକୁ ପୁନର୍ଜୀବିତ କରିବା ଉଦ୍ଦେଶ୍ୟରେ ଏକ ସ୍ମରଣିକା ପ୍ରକାଶ ପାଇବା ଆବଶ୍ୟକ ବୋଲି କହିଥିଲେ । ଏହି ଅନୁଷ୍ଠାନର ସ୍ଥାୟିତ୍ୱ ପାଇଁ ସ୍ଥାୟୀ ବ୍ୟବସ୍ଥାର ଆବଶ୍ୟକ ରହିଛି । ଦଳମତ ନିର୍ବିଶେଷରେ ସମସ୍ତେ ଏକ ହୋଇ ଅନୁଷ୍ଠାନକୁ ବଞ୍ଚାଇବାର ସମୟ ଆସିବା ସହିତ ନିକଟରେ ବୋହି ଯାଉଥିବା ବ୍ରାହ୍ମଣୀର ଜଳକୁ ପ୍ରଦୂଷଣ କରିବା ପାଇଁ ଚେଷ୍ଟା କରିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ, ଜିଲ୍ଲାପରିଷଦ ସଭ୍ୟା ପୂର୍ଣ୍ଣିମା ଦେହୁରୀ, ଚାଉଳିଆ ସରପଞ୍ଚ ବାବୁଲି ରାଉତ ପ୍ରମୁଖ ଉଦ୍‌ବୋଧନ ଦେଇ ଏହି ଗ୍ରାମର ବିକାଶ ନିମନ୍ତେ ବିଭିନ୍ନ ଯୋଜନା କରାଯାଉଛି ବୋଲି ପ୍ରକାଶ କରିଥିଲେ । ଏ ସମସ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ଲୋକକଳା ସଂଘ ଉପସଭାପତି ଅବନୀ କୁମାର ମିଶ୍ର ସଂଯୋଜନା କରିଥିବାବେଳେ ଶିକ୍ଷକ ବିକ୍ରମ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରାରମ୍ଭରେ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ପୀଠ ପାର୍ଶ୍ୱ ଦେଇ ପ୍ରବାହିତ ହେଉଥିବା ସ୍ରୋତସ୍ୱିନୀ ଉତରବାହୀ ବ୍ରାହ୍ମଣୀ ନଦୀର କୋଳରେ ବନ୍ଦାଣ ଉତ୍ସବ ଗ୍ରାମବାସୀଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଶତାଧିକ ଗ୍ରାମବାସୀ ଉପସ୍ଥିତ ରହି ଏହି ବନ୍ଦାଣ ଉତ୍ସବ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିଥିଲେ । ପରେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ସଂଧ୍ୟାରେ ଅନୁଷ୍ଠିତ ହେବ ବୋଲି ନାଗନାଥେଶ୍ୱର ଆଞ୍ଚଳିକ ଉନ୍ନୟନ ପରିଷଦ ତଥା ମହୋତ୍ସବ କମିଟି ପକ୍ଷରୁ ସୂଚନା ଦିଆଯାଇଛି ।

## ୨୦୦୨ ବ୍ୟାଚ୍‌ର ବନ୍ଧୁମିଳନ



କଣ୍ଟାପଡ଼ା,(ଭାସ୍କର ନ୍ୟୁଜ): ଅଡଶପୁରସ୍ଥିତ ପୁରାତନ ଆଦର୍ଶ ଶିକ୍ଷାନୁଷ୍ଠାନ ପ୍ରାଚୀ ଏକାଡେମୀ ଉଚ୍ଚ ବିଦ୍ୟାଳୟର ୨୦୦୨ ବ୍ୟାଚ୍‌ର ଛାତ୍ରଛାତ୍ରୀ ଦୀର୍ଘ ୨୨ ବର୍ଷ ପରେ ଏକତ୍ରିତ ହୋଇଛନ୍ତି । ଏହି ଅବସରରେ ସାମାଜିକ ସଙ୍ଗଠନ ପ୍ରାଚୀ ଏକାଡେମୀ ଅଭୁଲା କାହାଣୀ ମାଧ୍ୟମରେ ସ୍ଥାନୀୟ ଆମ୍ରପଲ୍ଲି ରିସୋର୍ଟ ଠାରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସତୁରି ଜଣ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇ ପୁରୁଣା ସ୍ମୃତିକୁ ଉଜାଗର କରିଥିଲେ । ଦିବଂଗତ ବନ୍ଧୁମାନଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରିଥିଲେ । ପରିଚାଳନାରେ ପାପକ ମହାପାତ୍ର, ସୂର୍ଯ୍ୟକାନ୍ତ ସାହୁ, ଦିଗନ୍ତ ରାୟ, ଗୋବିନ୍ଦ ମୁଦୁଲି, ବିଜୟ କୁମାର ମଲ୍ଲିକ, ସମୀର ସାହୁ, ସୁଦର୍ଶନ ସାହୁ, ପ୍ରଦେଶ ଛାୟା, ବିଭୁତି ଭୂଷଣ ଦିକ୍ଷୀତ, କବିନ୍ଦ୍ର ପ୍ରଧାନ, ଜ୍ୟୋତି ପ୍ରକାଶ ସ୍ୱାଇଁ, ରୁଦ୍ରାଣି ପ୍ରଧାନ, ସୋନାଲିକା ମହାପାତ୍ର, ପେଙ୍ଗୁଇନ ରାଉତ, ସ୍ମିତାଶ୍ରୀ ମହାପାତ୍ର, ବିଶ୍ୱମ୍ଭର, ସ୍ମୃତିରଞ୍ଜନ ମହାନ୍ତି, ଶୈଳଜା ମହାପାତ୍ର, ସୁନନ୍ଦା ସ୍ୱାଇଁ, ଲିଲିବାଳା ଖଟାଇ, ମିନତୀ ପ୍ରଧାନ, ଗାୟତ୍ରୀ ରାଉତ, ଲକ୍ଷ୍ମୀପ୍ରିୟା ନାୟକ, ଦେବସ୍ମିତା ବିଶ୍ୱାଳ, ଗୀତାଞ୍ଜଳୀ ପରିଡା, ସୁଶ୍ରୀ ସଙ୍ଗୀତାଙ୍କ ସମେତ ଅନେକ ବନ୍ଧୁ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ । ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ଶିକ୍ଷକ ନିଯୁକ୍ତି ଦାବିରେ ବିଇଓଙ୍କୁ ସ୍ମାରକପତ୍ର



ମାଲକାନଗିରି, (ଭାସ୍କର ନ୍ୟୁଜ): ଗୁଣାତ୍ମକ ଶିକ୍ଷା ପାଇଁ ସ୍କୁଲଗୁଡ଼ିକରେ ଆବଶ୍ୟକ ପର୍ଯ୍ୟାପ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଯଦି ଶିକ୍ଷକ ଅଭାବ ଥିବେ ଗୁଣାତ୍ମକ ଶିକ୍ଷା କିପରି ପାଇବେ ଛାତ୍ରଛାତ୍ରୀ । ଏଭଳି ଅଭିଯୋଗ ଆଣି ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ୍‌ର ତଳସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସ୍କୁଲ ପରିଚାଳନା କମିଟି ଏବଂ ଚାଉଳମେନ୍ଦି ପଞ୍ଚାୟତ ମଲଲୀଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ବିଇଓ ସୁମିତ ବିଶ୍ୱାସଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଉଭୟ ସ୍କୁଲରେ ତୁରନ୍ତ ଶିକ୍ଷକ ପଦ ପୂରଣ କରିବାକୁ ସେମାନେ ଦାବି କରିଛନ୍ତି । ସ୍ମାରକପତ୍ରରେ ଉଲ୍ଲେଖ ରହିଛି ଯେ, ସ୍ଥାନୀୟ ତଳସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମୋଟ ୨୪୫ ଜଣ ଛାତ୍ରଛାତ୍ରୀ ପଢୁଛନ୍ତି । ଶିକ୍ଷାଦାନ ପାଇଁ ପ୍ରଧାନଶିକ୍ଷୟିତ୍ରୀଙ୍କୁ ମିଶାଇ ଏଠାରେ ୫ଜଣ ଶିକ୍ଷୟିତ୍ରୀ ଅଛନ୍ତି । ପ୍ରଧାନଶିକ୍ଷୟିତ୍ରୀ ଅଫିସ୍ କାର୍ଯ୍ୟ ତୁଲାଉଥିବାରୁ ଶିକ୍ଷାଦାନ କରିପାରୁନାହାନ୍ତି । ଅନ୍ୟ ୪ଜଣ ଶିକ୍ଷୟିତ୍ରୀରେ ପ୍ରଥମରୁ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ପଢାଇବା ସମ୍ଭବ ହୋଇପାରୁନି । ଏଥିଯୋଗୁ ପିଲାଙ୍କ ପାଠପଢା ବାଧାପ୍ରାପ୍ତ ହେଉଛି । ତେଣୁ ସ୍କୁଲରେ ଆବଶ୍ୟକ ଶିକ୍ଷକ ନିଯୁକ୍ତି ଦାବିରେ ବିଇଓଙ୍କୁ ଏକ ଦାବିପତ୍ର ଦେଇଥିବା କହିଛନ୍ତି । ସେହିପରି ଚାଉଳମେଦୀ ପଞ୍ଚାୟତ ମଲଲୀଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୯୦ ଛାତ୍ରଛାତ୍ରୀଙ୍କ ପାଇଁ ୪ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଥିଲେ। ସେମାନଙ୍କ ମଧ୍ୟରୁ ୨ ଜଣ ଶିକ୍ଷକ ସିଆର୍‌ସିସି ଭାବେ ଯିବା ପରେ କେବଳ ୨ ଶିକ୍ଷକରେ ଚାଲିଛି ଏହି ବିଦ୍ୟାଳୟ । ଫଳରେ ଶିକ୍ଷାଦାନ ଗୁରୁତର ବାଧାପ୍ରାପ୍ତ ହେଉଛି । ଏଥିଯୋଗୁ ପିଲାଙ୍କ ଭବିଷ୍ୟତ ଅନ୍ଧାର ହେବାରେ ଲାଗିଛି । ଏହାର ପ୍ରତିବାଦରେ ସ୍କୁଲ ପରିଚାଳନା କମିଟି ପକ୍ଷରୁ ମଙ୍ଗଳବାର ବିଇଓଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରାଯାଇଛି । ସୂଚନାଥାଉ କି, ବ୍ଲକରେ ୧୧୫ଜଣ କନିଷ୍ଠ ଶିକ୍ଷକ ନିଯୁକ୍ତି ହୋଇଛନ୍ତି । ସେମାନଙ୍କ ମଧ୍ୟରୁ କେବଳ ୯୬ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଛନ୍ତି । ଯାହା ସମୁଦ୍ରକୁ ଶଙ୍ଖ । ଏ ସମ୍ପର୍କରେ ଆମେ ବିଇଓ ଶ୍ରୀ ବିଶ୍ୱାସଙ୍କୁ ପଚାରିବାରୁ କହିଛନ୍ତି, ମଲଲୀଗୁଡ଼ା ସ୍କୁଲରେ ଗୋଟିଏ ସପ୍ତାହ ମଧ୍ୟରେ ଶିକ୍ଷକ ନିଯୁକ୍ତି ଦିଆଯିବ । ସେହିପରି ତଳସାହି ସ୍କୁଲରେ ଶିକ୍ଷକ ନିଯୁକ୍ତି ଲାଗି ସେ ଡିଇଓଙ୍କୁ ଜଣାଇଛନ୍ତି । କୌଣସି ଉତ୍ତର ଆସିନାହିଁ । ତଥାପି ଏହି ସ୍କୁଲରେ କିପରି ଶିକ୍ଷକ ନିଯୁକ୍ତି ହେବେ ସେ ଦିଗରେ ଉଦ୍ୟମ କରିବେ ।

## ଘଡ଼େଇ ମହାବିଦ୍ୟାଳୟ ପକ୍ଷରୁ ନର୍ସିଂ କଲେଜ ଛାତ୍ରୀଛାତ୍ରଙ୍କ ଶପଥପାଠ

ମାଲକାନଗିରି, (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ଘଡ଼େଇ ଆବାସିକ ମହାବିଦ୍ୟାଳୟ ତରଫରୁ ବିଏସ୍‌ସି ନର୍ସିଂ କଲେଜ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ଲ୍ୟାମ୍ପ ଲାଇଟିଂ ଓ ଶପଥ ପାଠ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ପ୍ରାରମ୍ଭରେ ନର୍ସିଂ ପ୍ରତିଷ୍ଠାତା ଫ୍ଲୋରେନ୍ସ ନାଇଟେଙ୍ଗଲଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସିଏଚ୍‌ଏମ୍ ଜଗନ୍ନାଥ ରାଓ ଯୋଗଦେଇ ନର୍ସିଂ ଛାତ୍ରୀଛାତ୍ରଙ୍କୁ ଏହି ବୃତ୍ତିଗତ ଶିକ୍ଷାକୁ ଭଲ ପାଇବା ସହ ଭବିଷ୍ୟତରେ କିପରି ସଫଳତା ପାଇପାରିବେ ସେ ନେଇ କହିଥିଲେ । ମୁଖ୍ୟବକ୍ତା ନର୍ସିଂ ଅଧୀକ୍ଷକ ସଂଯୁକ୍ତା ସେଠୀ ଯୋଗଦେଇ ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କୁ ଶପଥ ପାଠ କରାଇଥିଲେ । କଠିନ ପରିଶ୍ରମ, ସାମାଜିକ ସେବା ସହ ନର୍ସମାନଙ୍କ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବିଷୟରେ କହିଥିଲେ । ଅନୁଷ୍ଠାନର ସଭାପତି ଡ. ସୁରେଶ ଚନ୍ଦ୍ର ଘଡ଼ାଇ ନର୍ସିଂ ଅଧିକାରୀଙ୍କୁ ଉତ୍ତମ ସେବିକା ଭାବେ ସମ୍ମାନିତ କରିଥିଲେ । ନର୍ସିଂ ପାଠ୍ୟକ୍ରମ ଦ୍ୱାରା ସେବା କ୍ଷେତ୍ରରେ ସାମିଲ ହୋଇଥିବା ଛାତ୍ରଛାତ୍ରୀ ଓ ସେମାନଙ୍କର ଅଭିଭାବକମାନଙ୍କୁ ଧନ୍ୟବାଦ ଦେଇଥିଲେ । ଉତ୍ସବରେ ଅଧ୍ୟାପିକା ସସ୍ମିତା ଖିତି, ଋତୁଶ୍ରୀ ଭତ୍ରା ଓ ଏନ୍. ଲିଖିତା ବେହେରା ମଞ୍ଚ ପରିଚାଳନା କରିଥିଲେ । ଅଧ୍ୟାପିକା ପ୍ରିୟଙ୍କା ସୁନା ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରତୀକ୍ଷା କୁଜୁର ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

## ନାବାଳିକାକୁ ଗଣଦୁଷ୍କର୍ମ ଅଭିଯୋଗ

ବାମରା, (ଭାସ୍କର ନ୍ୟୁଜ): ସମ୍ବଲପୁର ଜିଲ୍ଲା ମହୁଲପାଲି ଥାନା ଅଞ୍ଚଳର ଜଣେ ନାବାଳିକାକୁ ଗଣଦୁଷ୍କର୍ମ ହୋଇଥିବା ନେଇ ଅଭିଯୋଗ ହୋଇଛି । ସୂଚନା ଅନୁସାରେ, ଗତ ୨୭ରୁ ଜରାବଗା ପଞ୍ଚାୟତ ରଙ୍ଗବତୀ ବିଲୁଙ୍ଗ ଠାରେ ଆରମ୍ଭ ହୋଇଥିବା ଫୁଟ୍‌ବଲ୍ ମ୍ୟାଚ୍ ସହିତ ଯାତ୍ରା ଅନୁଷ୍ଠିତ ହୋଇଥିଲା । ଗତ ୩୦ ତାରିଖ ଦିନ ନାବାଳିକା ଜଣକ ଅନ୍ୟ ଦୁଇଜଣ ଯୁବକଙ୍କ ସହିତ ଯାତ୍ରା ଦେଖିବାକୁ ଆସିଥିଲେ । ତେବେ ଉକ୍ତ ଦୁଇ ଜଣ ଯୁବକଙ୍କ ସହ ନାବାଳିକାକୁ ଭଲ ପାଉଥିବା ଯୁବକଙ୍କ ସହ ଗଣ୍ଡଗୋଳ ହୋଇଥିଲା । ସ୍ଥାନୀୟ ଲୋକଙ୍କ ହସ୍ତକ୍ଷେପ ପରେ ସମାଧାନ ହୋଇଥିଲା । ନାବାଳିକାକୁ ଭଲ ପାଉଥିବା ଯୁବକ ଓ ତାଙ୍କର କେତେକ ସହଯୋଗୀ ନାବାଳିକା ଘରକୁ ଫେରୁଥିବା ସମୟରେ ପିଛା କରିଥିଲେ । ବିଲୁଙ୍ଗ ବ୍ରିଜ୍ ନିକଟରେ ନାବାଳିକାକୁ ଏକୁଟିଆ ପାଇ ସଂପୃକ୍ତ ତିନିଜଣ ଯୁବକ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି । ଏନେଇ ପୀଡ଼ିତାଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯାଇଥିଲା । ଅଭିଯୋଗକୁ ଭିତ୍ତିକରି ମହୁଲପାଲି ଥାନା ଅଧିକାରୀ ଓ କୁଚିଣ୍ଡା ଉପଖଣ ପୋଲିସ ଅଧିକାରୀ ଘଟଣାର ତଦନ୍ତ କରି ୩ଜଣ ଯୁବକଙ୍କୁ ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଛନ୍ତି । ମାଜିଷ୍ଟ୍ରେଟରଙ୍କ ସମ୍ମୁଖରେ ଧାରା ୧୬୧ରେ ନାବାଳିକାର ବୟାନ ରେକର୍ଡ କରାଯାଇଛି ।

# ଆମ୍ବ ଚାଷ ଉପରୁ ଚାଷୀ ମୁହଁ ଫେରାଉଛନ୍ତି

## ମିଳୁନି ପ୍ରୋତ୍ସାହନ ରାଶି





ନିଆଳି, (ଭାସ୍କର ନ୍ୟୁଜ): ନିଆଳି ବ୍ଲକ୍‌ର ଚାଷୀମାନଙ୍କ ପାଇଁ ଆସିଥିଲା ଆମ୍ବଚାରା । ଚାଷୀ ଆମ୍ବ ଚାଷ କରି ଭଲ ଦୁଇ ପଇସା ରୋଜଗାର କରିବେ ବୋଲି । କିନ୍ତୁ ପ୍ରୋତ୍ସାହନ ରାଶି ନମିଳିବାରୁ ଗଛ ସବୁର ଯତ୍ନ ନିଆଯାଇ ପାରୁନାହିଁ । ଏମିତିକି ନିଆଳି ବ୍ଲକ୍‌ରେ ଜଳସେଚନର ସୁବିଧା କି ବାଡର ସୁବିଧା କରାଯାଇ ପାରୁନି । ଏଥିପାଇଁ ଚଳିତ ବର୍ଷ ନିଆଳି କୃଷି ଉଦ୍ୟାନ ପକ୍ଷରୁ ଚାଷୀମାନଙ୍କ ନିମନ୍ତେ ମାତ୍ର ୩୦୦ ଆମ୍ବ ଗଛ ଆସିଥିବା ବେଳେ, ଗତ ୨୦୨୨-୨୩ ମଧ୍ୟ ସେହି ୩୦୦ ଆମ୍ବ ଗଛ ଆସିଥିଲା । ନିୟମ ଅନୁସାରେ ଏକର ପ୍ରତି ୪୦ଟି ଗଛ ଯୋଗାଇ ଦିଆଯାଇଛି । ପ୍ରତ୍ୟେକ ଗଛ ପିଛା ପାଣି ବ୍ୟବସ୍ଥା ଓ ରକ୍ଷଣାବେକ୍ଷଣ ବ୍ୟବସ୍ଥା ପାଇଁ ୩ ବର୍ଷ ଯାଏ ୩୦୦ ଗଛକୁ ମୋଟ ୩୬,୦୦୦ ଟଙ୍କା ଯୋଗାଇ ଦିଆଯାଏ । ପ୍ରଥମ ବର୍ଷ ପ୍ରୋତ୍ସାହନ ରାଶିର ଷାଠିଏ ପ୍ରତିଶତ ଓ ପରବର୍ତ୍ତୀ ଦୁଇ ବର୍ଷ କୋଡିଏ ପ୍ରତିଶତ ହିସାବରେ ଦେବାର ନିୟମ ରହିଛି । ନିଆଳି ବ୍ଲକ୍‌ରେ ଚାଷୀଙ୍କୁ ଏସବୁ ସୁବିଧା ମିଳିବ ବୋଲି ବିଭାଗ ପ୍ରତିଶ୍ରୁତି ଦେଇଥିଲା । ଫଳରେ ଚାଷୀମାନେ ଗଛ ଲଗେଇବା ସହ ରକ୍ଷଣାବେକ୍ଷଣ କରିଥିଲେ । ପ୍ରଥମ ବର୍ଷ ଚାଷୀଙ୍କୁ କିଛି ସହାୟତା ରାଶି ମିଳିଥିବା ଜଣେ କି ଦୁଇଜଣ ଚାଷୀଙ୍କୁ ସହାୟତା ମିଳିଥିବା ବେଳେ ଅନ୍ୟମାନଙ୍କୁ କିଛି କିଛି ସାହାଯ୍ୟ ମିଳିଛି । ବହୁତ ଚାଷୀ ବାଦ୍ ପଡିଛନ୍ତି । ଏହି ଅର୍ଥ ରାଶି ମନରେଗା ଯୋଜନାରେ ମିଳିଥାଏ । ଚାଷୀମାନେ ସି-୧ ଓ ସି-୨ ଫର୍ମ ଭରିଥାନ୍ତି । କିନ୍ତୁ ବାରମ୍ବାର ଭରିକି ଦେଇଥିଲେ ମଧ୍ୟ ଟଙ୍କା ପାଇବାରୁ ବାଦ୍ ପଡିଛନ୍ତି । ଚଳିତ ବର୍ଷ ନିଆଳି ବ୍ଲକ୍‌କୁ ଅନ୍ୟ ଏକ ଯୋଜନାରେ ୩୫୦୦ ଆମ୍ବ ଗଛ ବିକ୍ରି ଚାରାରେ ୨୦୦୦ ଗଛ ବିକ୍ରି କରାଯାଇଛି । ବାକି ୧୫୦୦ ଗଛ ବଳିଛି । ଚାଷୀମାନଙ୍କୁ ଗଛର ମୂଲ୍ୟ ୪୫ଟଙ୍କା ଥିବାବେଳେ ତୁରନ୍ତ ସହାୟତା ରାଶି ୨୨.୫୦ ପଇସା ଛାଡ କରୁଥିଲେ ମଧ୍ୟ ଚାଷୀମାନେ ଆମ୍ବଗଛ ନେବାକୁ ଅରାଜି ହେଉଛନ୍ତି । ସରକାରଙ୍କ ପକ୍ଷରୁ ପ୍ରୋତ୍ସାହନ ରାଶି ସଠିକ୍ ସମୟରେ ମିଳୁ ନଥିବାରୁ ଆମ୍ବଚାଷ ପ୍ରତି ଚାଷୀମାନେ ମୁହଁ ଫେରାଉଛନ୍ତି । ଏନେଇ ନିଆଳି ଉଦ୍ୟାନ ବିଭାଗ ଅଧିକାରୀ ପୂର୍ଣ୍ଣଦୟା ପ୍ରିୟବନ୍ଦାଙ୍କୁ ପଚାରିବାରୁ ଜିଲ୍ଲାସ୍ତରର ଯାହା ଆସୁଛି ଆମେ ତାକୁ ଚାଷୀଙ୍କୁ ଦେଉଛୁ।




ବ୍ରଜରାଜନଗର, (ଭାସ୍କର ନ୍ୟୁଜ) : ଆଜି ବ୍ରଜରାଜନଗର ସ୍ଥିତ ପାଟ ଯୋଶୀ ଛକ ମଣ୍ଡଳିଆ ଠାରେ ପ୍ରତିବର୍ଷ ପରି ଏ ବର୍ଷ ମଧ୍ୟ ଗରିବ ଦରିଦ୍ର ଓ ଅସହାୟ ବ୍ୟକ୍ତିଙ୍କ ପାଇଁ ଏକ ପୁରୁଣା ଲୁଗା ସଂଗ୍ରହ ଶିବିର ଅନୁଷ୍ଠିତ ହୋଇଥିବାର ଦେଖିବାକୁ ମିଳିଥିଲା। ତତ୍ ସଙ୍ଗେ ସଙ୍ଗେ ଅନୁଷ୍ଠାନର ଭିନ୍ନକ୍ଷମଙ୍କ ଦ୍ୱାରା ନିର୍ମିତ ଫିନାଇଲ ଓ ବର୍ତ୍ତନ ଧୁଆ ଲିକ୍ୟୁଇଡ ଆଦି ସାମଗ୍ରୀର ବିକ୍ରୟ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ଚିକିତ୍ସାଳୟ ଠାରୁ ଭିନ୍ନକ୍ଷମମାନଙ୍କ ଦ୍ୱାରା ଏକ ରାଲି ବାହାରି ମଣ୍ଡଳିଆ ପାଟଯୋଶୀ ଛକ ଠାରେ ଶେଷ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରଜରାଜନଗର ପୌରାଧକ୍ଷା ଯାଜ୍ଞସେନୀ ଓରାମ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କେନ୍ଦ୍ରୀୟ ଚିକିତ୍ସାଳୟ ମୁଖ୍ୟ ଡାକ୍ତର ଏସ. ମହାନାୟକ, ଉପ ନଗରପାଳ କୃଷ୍ଣ ଗୋପାଲ ସିତାନି, ପୂର୍ବତନ ନଗରପାଳ କିଶୋର ଅଗରୱାଲ, ଏସଡିପିଓ ଚିନ୍ତାମଣି ପ୍ରଧାନ, ବ୍ରଜରାଜନଗର ଥାନା ଅଧିକାରୀ ଧବଳେଶ୍ୱର ସାହୁ, ଏସଆଇ ମାମି ସାହୁ, ପର୍ବତାରୋହୀ ଅଜିତ ପାଢୀ, ସାମାଜସେବୀ ରବି ସୋନି, ଚାନ୍ଦିନୀ ନାଗ ପ୍ରମୁଖ ଏହି ସମାରୋହରେ ଯୋଗଦେଇଥିଲେ। ପୌରାଧକ୍ଷା ଯାଜ୍ଞସେନୀ ଓରାମ ଫିତା କାଟି ଶିବିରର ଶୁଭ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ଏସଡିପିଓ ଚିନ୍ତାମଣି ପ୍ରଧାନ ବହୁସଂଖ୍ୟାରେ ନୂତନ କମ୍ବଳ ଦାନ କରିଥିଲେ। ଏହା ସହିତ ଅଞ୍ଚଳର ଅନେକ ବ୍ୟକ୍ତି ନିଜ ନିଜ ଘରୁ ପୁରୁଣା ଲୁଗା, ପ୍ୟାଣ୍ଟ ସାର୍ଟ, ସ୍ୱଇଟର, କମ୍ବଳ ଜ୍ୟାକେଟ୍ ଆଦି ଗରମ୍ ପୋଷାକ ଦାନ କରିଥିବାର ଦେଖିବାକୁ ମିଳିଥିଲା। ଲକ୍ଷ୍ୟ ଗ୍ରୁପ ର ମୁଖ୍ୟ କିରଣ ଦାସ, ଭିନ୍ନକ୍ଷମ ମାନଙ୍କ ମଧ୍ୟରେ ନିର୍ମଳା ସାରଥୀ, ବାସୁଦେବ ସା, ଲୋକନାଥ ରଣା, ମହେଶ ସାଙ୍ଗ, ଫକିର ବେହେରା, ଭରତ ପ୍ରସାଦ, ଧର୍ମେନ୍ଦ୍ର ପ୍ରସାଦ, ରବିବାରି ମୁଣ୍ଡା, ନୀରା ମୁଣ୍ଡା, ଫିରୋଜ ବେହେରା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିବାର ଦେଖିବାକୁ ମିଳିଥିଲା।

# ଅଙ୍ଗନବାଡି କର୍ମୀଙ୍କୁ ଘାରିଛି ଅଣ୍ଡା ଚିନ୍ତା



- ୩ଟଙ୍କା ଚଢ଼ାଦରରେ କିଣୁଛନ୍ତି
- ଅନେକ ବିଦ୍ୟାଳୟରେ ପିଲାଙ୍କୁ ଦିଆଯାଉନି ଅଣ୍ଡା

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍) : ଏବେ ଅଙ୍ଗନବାଡି କର୍ମୀଙ୍କ ଚିନ୍ତା ବଢ଼ାଇଲାଣି ଅଣ୍ଡାଦର। କିଶୋରୀ, ଗର୍ଭବତୀ ଓ ପ୍ରସୂତିମାନଙ୍କୁ ସରକାର ଅଣ୍ଡା ପ୍ରଦାନ କରିବାର ବ୍ୟବସ୍ଥା କରିଛନ୍ତି। ତେବେ ସରକାର ଅଣ୍ଡା ଗୋଟି ପ୍ରତି ୫ଟଙ୍କା ଦେଉଥିବା ବେଳେ ବଜାରରେ ଏହାର ଦର ୮ଟଙ୍କା। ଏଣୁ ଅଣ୍ଡା ପିଛା ୩ଟଙ୍କା କ୍ଷତି ସହୁଛନ୍ତି କର୍ମୀ। କେବଳ ଅଣ୍ଡାର ଅହେତୁକ ମୂଲ୍ୟବୃଦ୍ଧି ଅଙ୍ଗନବାଡି କର୍ମୀମାନଙ୍କୁ ଘାଇଲା କରୁଛି ତାହା ନୁହେଁ, ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତିରେ ମଧ ଏହା ସମସ୍ୟା ସୃଷ୍ଟି କରୁଛି। ଏହା ସହ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଅଣ୍ଡା ଦର ବୃଦ୍ଧି ଯୋଗୁଁ ଛାତ୍ରଛାତ୍ରୀଙ୍କୁ ଅନେକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନରେ ଅଣ୍ଡା ଦିଆଯାଉ ନାହିଁ। ଖୋଲା ବଜାରରେ ଅଣ୍ଡାର ପାଇକାରୀ ଦର ପ୍ରାୟ ୮ଟଙ୍କା ଥିବା ବେଳେ ସରକାର ମଧ୍ୟାହ୍ନ ଭୋଜନ ବ୍ୟବସ୍ଥାରେ ଅଣ୍ଡାର ଦର ୫ଟଙ୍କା ଧାର୍ଯ୍ୟ କରିଛନ୍ତି। ସବୁଠୁ ବଡ଼କଥା ହେଲା ମଧ୍ୟାହ୍ନଭୋଜନ ବାବଦକୁ ଅଙ୍ଗନବାଡିଗୁଡିକୁ ପିଲା ପିଛା ୮ଟଙ୍କା ସରକାର ଯୋଗାଇ ଦେଉଥିବା ବେଳେ ଏଥିରୁ ଚାଉଳ ବାବଦକୁ ୩୦ପଇସା, ପରିବହନ ଖର୍ଚ୍ଚ ବାବଦକୁ ୦୬ପଇସା ଓ ରନ୍ଧନ ଗ୍ୟାସ ପାଇଁ ୫୦ପଇସା କାଟି ନିଆଯାଉଛି। ଏଥିସହିତ ସକାଳ ସ୍ନାକ୍ସ ବାବଦକୁ କିଛି ଅର୍ଥ ବାଦ କରାଯାଉଛି। ଅର୍ଥାତ ଏସବୁକୁ ବାଦ୍ ଦେଲେ ମଧ୍ୟାହ୍ନ ଭୋଜନ ବାବଦକୁ ଆଉ ମାତ୍ର ୫ଟଙ୍କା ୬୪ପଇସା ରହିବ। ଏଥିରୁ ବୁଝି ନେବାକୁ ହେବ ଯେ ଅଙ୍ଗନବାଡି କେନ୍ଦ୍ରରେ ଜଣେ ପିଲା ପାଇଁ ସରକାର ମଧ୍ୟାହ୍ନଭୋଜନ ବାବଦକୁ କେବଳ ୫ଟଙ୍କା ୬୪ପଇସା ଯୋଗାଇ ଦେଉଛନ୍ତି। ଏଠାରେ ପ୍ରଶ୍ନ ଉଠେ ଯେଉଁଠି ମଧ୍ୟାହ୍ନଭୋଜନ ପାଇଁ ମାତ୍ର ୫ଟଙ୍କା ୬୪ପଇସା ଯୋଗାଇ ଦିଆଯାଏ। ସେଠାରେ ଅଣ୍ଡାକୁ ବାଦ ଦେଲେ ଆଉ ୬୪ପଇସାରେ ମଧ୍ୟାହ୍ନଭୋଜନ ଚଳାଇବା ସମ୍ଭବ ନୁହେଁ। ଏତଦ ବ୍ୟତୀତ ପ୍ରସୂତି, ଗର୍ଭବତୀ ଜନ୍ମରୁ ୭ମାସରୁ ୨ବର୍ଷ ୧୧ମାସ ପର୍ଯ୍ୟନ୍ତ ନବଜାତ ଶିଶୁଙ୍କୁ ପ୍ରତି ମାସରେ ୧୨ଟି ଲେଖାଏଁ ଅଣ୍ଡା ବାଣ୍ଟିବାକୁ ସରକାର ନିୟମ କରିଥିବା ବେଳେ ପ୍ରତି କିଶୋରୀମାନଙ୍କୁ ମାସିକ ୧୬ଟି ଲେଖାଏଁ ଅଣ୍ଡା ବାଣ୍ଟିବାକୁ ନିୟମ ରହିଛି। ଅଣ୍ଡା ବାବଦକୁ ସେହି ୫ଟଙ୍କା ଯୋଗାଇ ଦିଆଯାଉଛି। ଦରରେ ପରିବର୍ତ୍ତନ କରିବାକୁ ଦାବି ହେଉଛି।

## ଡକ୍ଟରେଟ୍ ପାଇଲେ ମାନସ କୁମାର ନନ୍ଦ



ନିମାପଡ଼ା, (ଭାସ୍କର ନ୍ୟୁଜ୍) : ପୁରୀ ଜିଲ୍ଲାର ନିମାପଡ଼ା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନୂଆସନ୍ଥ ଗ୍ରାମର ସ୍ୱର୍ଗତ ଶେଷଦେବ ନନ୍ଦଙ୍କ ଜ୍ୟେଷ୍ଠପୁତ୍ର ମାନସ କୁମାର ନନ୍ଦଙ୍କୁ ଆନ୍ତର୍ଜାତିକ ପ୍ରତିଷ୍ଠିତ ବିଦ୍ୟାଳୟ ଇଣ୍ଟରନ୍ୟାସନାଲ୍ ବିଜିନେସ୍ ସ୍କୁଲ ଅଫ୍ ସ୍କାଣ୍ଡିନାଭିଆ (ଆଇବିଏସ୍ଏସ୍) ଡେନମାର୍କ ତରଫରୁ ସମ୍ମାନ ସୂଚକ ଡକ୍ଟରେଟ୍ ଉପାଧିରେ ଭୂଷିତ କରାଯାଇଛି। ଏଥିନେଇ ଉକ୍ତ ଅଞ୍ଚଳରେ ଆନନ୍ଦର ଲହରୀ ଖେଳି ଯାଇଛି। ଏହି ଆଇବିଏସ୍ଏସ୍ ଭାରତରେ ନଏଡା ସ୍ଥିତ ସମାବର୍ତ୍ତନ ଉତ୍ସବ ଲେମନ୍ ଟ୍ରି ହୋଟେଲରେ ମହାସମାରୋହରେ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ କମିଶନର ଅଫ୍ ଏଜୁକେଶନ୍ ଦିଲ୍ଲୀ ଆର୍.ଏସ୍. ନେହେରା ଅଧକ୍ଷତା କରିଥିଲେ। ଇଡୁମାଇଣ୍ଡି ଲର୍ଣ୍ଣିଂର ପରିଚାଳନା ନିର୍ଦ୍ଦେଶକ ଦେବେଶ ସିଂ ରାଠୋର୍ ଓ ଆଇବିଏସ୍ଏସ୍‌ର ସିଇଓ ମାର୍ଟିନ୍ ନେଲ୍ସନ୍ ଡେନମାର୍କରୁ ଭିଡିଓ ଆଭାସୀ ମାଧ୍ୟମରେ ଉଦ୍‌ବୋଧନ ଦେଇଥିଲେ।

## ପାରାଦୀପ ବନ୍ଦର ତରଫରୁ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳିତ

ପାରାଦୀପ, (ଭାସ୍କର ନ୍ୟୁଜ) : ପ୍ରତିବର୍ଷ ପରି ପାରାଦୀପ ବନ୍ଦର ଓ ପାରାଦୀପ ଲେଡିଜ୍ କ୍ଲବ ସହଯୋଗରେ ପରିଚାଳିତ ଭିନ୍ନକ୍ଷମ ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ ବିଦ୍ୟାଳୟ ଜାଗୃତି ପରିସରରେ ପାରାଦୀପ ବନ୍ଦର ତରଫରୁ ଡିସେମ୍ବର ୩ ତାରିଖ ଦିନ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ବନ୍ଦର ଅଧକ୍ଷ ପି.ଏଲ୍. ହରନାଧ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବନ୍ଦର ଅଧକ୍ଷ ନିଜ ଭାଷଣରେ କହିଥିଲେ କି ମୁଁ ପିଲା ମାନଙ୍କର ନିଷ୍ଠାକୁ ସାଲୁଟ କରୁଛି ଓ ପାରାଦୀପ ବନ୍ଦର ଜାଗୃତି ସ୍କୁଲର ସର୍ବାଙ୍ଗୀନ ଉନ୍ନତି ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବ। ସେ ପ୍ରତିଶ୍ରୁତି ଦେଇଥିଲେ କି ସ୍ୱଳ୍ପ ସମୟ ମଧ୍ୟରେ ସ୍କୁଲର ପିଲାମାନଙ୍କ ପାଇଁ ବୃତ୍ତିଗତ, ବକ୍ତବ୍ୟ ଓ ଅଡିଓ ଥେରାପିଷ୍ଟ ବ୍ୟବସ୍ଥା କରାଯାଇ ନିୟମିତ କ୍ଲାସ କରାଯିବ ଯାହାକି ଆଗାମୀ ଦିନରେ ପିଲାମାନଙ୍କ ମୁହଁରେ ହସ ଫୁଟାଇବ। ଏହି ଅବସରରେ ମୁଖ୍ୟ ଅତିଥି ବନ୍ଦରର ଭିନ୍ନକ୍ଷମ ଅଧିକାରୀ ଓ କର୍ମଚାରୀ ତଥା ଜାଗୃତି ସ୍କୁଲର ଛାତ୍ରଛାତ୍ରୀ ଏବଂ ଶିକ୍ଷକମାନଙ୍କୁ ଉପହାର ପ୍ରଦାନ କରିଥିଲେ। ପାରାଦୀପ ଲେଡିଜ କ୍ଲବ ତରଫରୁ ଜାଗୃତି ସ୍କୁଲକୁ ୨୦,୦୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଏହି ଅବସରରେ ବନ୍ଦରର ପ୍ରଭାରୀ ସଚିବ ଜି ଏଡିସନ ମଞ୍ଚାସୀନ ଥିଲେ। ବନ୍ଦରର ବରିଷ୍ଠ କଲ୍ୟାଣ ଅଧିକାରୀ ନିରୋଜ ପଟ୍ଟନାୟକ ଅତିଥିମାନଙ୍କୁ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ମଞ୍ଚ ପରିଚାଳନା କରିଥିଲେ। ଜାଗୃତିର ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରାଯାଇଥିଲା। ଶେଷରେ କଲ୍ୟାଣ ଅଧିକାରୀ ରାମଚନ୍ଦ୍ର ପ୍ରଧାନ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ବନ୍ଦରର ବିଭାଗ ମୁଖ୍ୟ, ବରିଷ୍ଠ ଅଧିକାରୀ ଓ କର୍ମଚାରି ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ।

## ସ୍କୁଲ ହତାରେ ଜଳିଗଲା ଇଲେକ୍ଟ୍ରି ସ୍କୁଟି ପ୍ରଧାନଶିକ୍ଷକ ଆହତ

ଧାମନଗର, (ଭାସ୍କର ନ୍ୟୁଜ୍) : ଧାମନଗର ବ୍ଲକ ପଧାନୀ ପଞ୍ଚାୟତ କଇଥାଡିହ ପ୍ରାଥମିକ ବିଦ୍ୟାଳୟରେ ଆଜି ଦିନ ୧୧ ଟା ସମୟରେ ଏକ ଅଭାବନୀୟ ଦୁର୍ଘଟଣା ଘଟିଛି। ଦିନ୧୧ ଟା ସମୟରେ ପ୍ରଧାନଶିକ୍ଷକ ତାଙ୍କ ବ୍ୟାଟେରି ଚାଳିତ ସ୍କୁଟିର ଚାବି ଅନ୍ କରିବା ସମୟରେ ହଠାତ୍ ସ୍କୁଟିରୁ ବାହାରିଲା ଧୂଆଁ କିଛି ସମୟ ପରେ ଜଳିଗଲା ସ୍କୁଟି ଓ ପ୍ରଚଣ୍ଡ ଶବ୍ଦ ମଧ କରିଥିଲା। ପ୍ରଧାନଶିକ୍ଷକ ସଙ୍ଗେ ସଙ୍ଗେ ଉପସ୍ଥିତ ବୁଦ୍ଧି କରି ଛାତ୍ରଛାତ୍ରୀଙ୍କୁ ବାହାରକୁ ନେଇ ଯାଇଥିଲେ। ଛାତ୍ରଛାତ୍ରୀମାନେ ବାହାରେ ଆସି ଚିତ୍କାର କରିବାରୁ ଗାଁ ଲୋକ ମାନେ ସ୍କୁଟିକୁ ଲିଭାଇ ଥିଲେ। ପ୍ରଧାନଶିକ୍ଷକ ପରେଶ ସାହୁ ଏହି ସମୟରେ ମଧ ଆହତ ହୋଇଛନ୍ତି। ପ୍ରଧାନଶିକ୍ଷକଙ୍କୁ ମେଡ଼ିକାଲରେ ଭର୍ତ୍ତି କରାଯାଇଛି। ସୂଚନା ଥାଉ କି ଏଭଳି ଅନେକ ବିଦ୍ୟାଳୟ ଓ ମହାବିଦ୍ୟାଳୟ ବାରଣ୍ଡାରେ ଏପରି ସ୍କୁଟିକୁ ରଖୁଛନ୍ତି ଫଳରେ ଛାତ୍ରଛାତ୍ରୀଙ୍କ ଜୀବନ ପ୍ରତି ବିପଦ ରହିଛି। ତେବେ ବିଦ୍ୟାଳୟ ବାରଣ୍ଡାରେ ସ୍କୁଟିକୁ ନରଖିବା ପାଇଁ ପ୍ରଧାନଶିକ୍ଷକଙ୍କୁ ତାଗିଦ୍ କରାଯିବ ବୋଲି ଧାମନଗର ଶିକ୍ଷା ବିଭାଗର ଅତିରିକ୍ତ ଶିକ୍ଷା ଅଧିକାରୀ ବିଜୟ ଲକ୍ଷ୍ମୀ ନାୟକ ସୂଚନା ଦେଇଛନ୍ତି।

## ଏନ୍‌ଟିପିସି ବିଏମ୍ଏସ୍ ପକ୍ଷରୁ ସାଧାରଣ ସଭା



କଣିହାଁ, (ଭାସ୍କର ନ୍ୟୁଜ୍) : ଅନୁଗୋଳ ଜିଲ୍ଲା କଣିହାଁ ସ୍ଥିତ ଏନ୍‌ଟିପିସି ବିଦ୍ୟୁତ୍ ପ୍ରକଳ୍ପରେ ଆସନ୍ତା ୪ ତାରିଖରେ ହେବାକୁ ଥିବା ଶ୍ରମିକ ସଂଗଠନ ନିର୍ବାଚନ ପାଇଁ ଜୋରଦାର ପ୍ରଚାର ଚାଲିଛି। ଏହି ନିର୍ବାଚନରେ ବିଏମ୍ଏସ୍ ସହିତ ଆଉ ୨ଟି ଶ୍ରମିକ ସଂଗଠନ ସାମିଲ ହୋଇଛନ୍ତି। ମଙ୍ଗଳବାର ଅପରାହ୍ନ ୫ଟା ସମୟରେ ପ୍ରକଳ୍ପର ବିକାଶ ଦ୍ୱାର ଫାଟକ ସମ୍ମୁଖରେ ଭାରତୀୟ ମଜଦୁର ସଂଘ ସହବନ୍ଧିତ ବିଦ୍ୟୁତ୍ କର୍ମଚାରୀ ସଂଘ ପକ୍ଷରୁ ଏକ ସାଧାରଣ ସଭା ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରୀୟ ନେତା ଏନ୍‌ବିସି ତଥା ବିଏମ୍ଏସ୍ ରାଷ୍ଟ୍ରୀୟ ଉପସଭାପତି ଏସ୍. ମାଲେଶମ୍, ସମ୍ମାନିତ ଅତିଥି ଭାବେ ବିଏମ୍ଏସ୍ ଓଡ଼ିଶା ପ୍ରଦେଶ ସଭାପତି ବାଦଲ ମହାରଣା, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟା ସୁରଭି ସ୍ୱାଇଁ, ଅନୁଗୋଳ ଜିଲ୍ଲା ଜିଲ୍ଲା ସଂପାଦକ ଅଜୟ ପାଢ଼ୀ, ରାଜ୍ୟ ପ୍ରଦେଶ କୋଷାଧକ୍ଷ ସଞ୍ଜୟ ଦେହୁରୀ ଏନ୍‌ଟିପିସି ମଜଦୁର ସଂଘର ସାଧାରଣ ସମ୍ପାଦକ ତଥା ବିଦ୍ୟୁତ୍ କର୍ମଚାରୀ ସଂଘ ସଭାପତି ବିରେନ୍ଦ୍ର କୁମାର କାନୁନଗୋ ପ୍ରମୁଖ ଯୋଗଦାନ କରିଥିଲେ। ବିଦ୍ୟୁତ୍ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ଶୁଭେନ୍ଦୁ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ସଂଘର୍ଷ, ଆନ୍ଦୋଳନ ଓ କର୍ମଚାରୀଙ୍କ ସମସ୍ୟା ସମାଧାନ ବେଳକୁ ଦେଖ ନାହିଁ କିନ୍ତୁ ନିର୍ବାଚନ ଆସିଲେ ଭୋଟ ନେବାକୁ ମନେପଡେ। ଏଭଳି ପରିସ୍ଥିତିରେ ଆଗାମୀ ୪ତାରିଖ ହେବାକୁ ଥିବା ଏନ୍‌ଟିପିସି କର୍ମଚାରୀ ୟୁନିୟନ ନିର୍ବାଚନରେ ଏହାର ଉଚିତ୍ ଜବାବ୍ ବିଏମ୍ଏସ୍‌ର ମୁଠି ଚକ୍ର ଚିହ୍ନରେ ଭୋଟ ଦେବାକୁ କେନ୍ଦ୍ରୀୟ ନେତା ଏସ୍. ମାଲେଶମ୍ କହିଥିଲେ। ପ୍ରୋଜେକ୍ଟରେ W zero ଗ୍ରେଡ୍‌ରେ ନିଯୁକ୍ତି ପାଇଥିବା ସମସ୍ତ କର୍ମଚାରୀଙ୍କୁ ଶିକ୍ଷାଗତ ଯୋଗ୍ୟତାରେ ନିଯୁକ୍ତି ଦେବାକୁ ଏନଉବିସି ବୈଠକରେ ଉପସ୍ଥାପନା କରିବାକୁ ବିଏମ୍ଏସ୍ ନେତା ପ୍ରତିଶ୍ରୁତି ଦେଇଥିଲେ। ଚଳିତ ବର୍ଷ ନିର୍ବାଚନରେ ବିଏମ୍ଏସ୍ ପ୍ରତି କର୍ମଚାରୀଙ୍କ ବଢୁଛି ବିପୁଳ ସମର୍ଥନ।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ




ବ୍ରହ୍ମପୁର, (ଭାସ୍କର ନ୍ୟୁଜ୍) : ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ନୂତନ ସମ୍ମିଳନୀ କକ୍ଷରେ ଭିନ୍ନକ୍ଷମ ସେଲ ଆନୁକୂଲ୍ୟରେ ଚଳିତ ବର୍ଷର ଥିମ୍ 'ଏକ ଅନ୍ତର୍ଭୁକ୍ତ ଏବଂ ସ୍ଥାୟୀ ଭବିଷ୍ୟତ ପାଇଁ ଭିନ୍ନକ୍ଷମ ନେତୃତ୍ୱକୁ ବୃଦ୍ଧି କରିବା'କୁ ନେଇ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାସ ଅଧକ୍ଷତା କରିଥିଲେ। ଭିନ୍ନକ୍ଷମ ସେଲ୍‌ର ସଦସ୍ୟ ତପନ କୁମାର ସିଂ ନାୟକ ଅତିଥିଙ୍କୁ ସ୍ୱାଗତ କରିବା ସହିତ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଭିନ୍ନକ୍ଷମ ସେଲ ର ସଂଯୋଜକ ଡ଼. ଶାରଦା ପ୍ରସନ୍ନ ରାଉତ ଏହି ଦିବସକୁ ପାଳନ କରିବାର ଉଦ୍ଦେଶ୍ୟ ଏବଂ ଗୁରୁତ୍ୱ ସମ୍ବନ୍ଧରେ ଆଲୋକପାତ କରିଥିଲେ। ପ୍ରଫେସର ବି.ଅଞ୍ଜନ କୁମାର ପୃଷ୍ଟି ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହିତ ସେଲ୍ ଦ୍ୱାରା ବିଭିନ୍ନ ସମୟରେ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ବିଷୟରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ପି.ଜି କାଉନସିଲ୍ ର ଅଧକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାସ ନିଜର ବହୁମୂଲ୍ୟ ବକ୍ତବ୍ୟ ରଖିବା ସହିତ ଭିନ୍ନକ୍ଷମ ଛାତ୍ରଛତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ। ଏମ୍.କେ.ସି.ଜି ମେଡ଼ିକାଲର ବରିଷ୍ଠ ମନସ୍ତତ୍ୱବିତ୍ ଡାକ୍ତର ଆକାଶ ନନ୍ଦ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ମାନସିକ ସ୍ୱାସ୍ଥ୍ୟକୁ ନେଇ ଉପୁଜୁଥିବା ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିବା ସହିତ ଏହି ସମସ୍ୟାଗୁଡ଼ିକୁ କିପରି ଭାବେ ପ୍ରତିହତ କରାଯାଇପାରିବ ସେ ବିଷୟରେ ବୁଝାଇ କହିଥିଲେ। ଡାକ୍ତର ନନ୍ଦ ନିଜର ଅଭିଭାଷଣ ଦ୍ୱାରା ସମସ୍ତଙ୍କୁ ସଚେତନ କରିବା ସହିତ ମାନବିକ ମୂଲ୍ୟବୋଧ ସମ୍ବନ୍ଧରେ ଆଲୋକପାତ କରିଥିଲେ। ରୋଟାରୀ କ୍ଲବର ସଭାପତି ସିଏଆର୍ ଲକ୍ଷ୍ମୀ ତରୁଣ ନିଜର ବକ୍ତବ୍ୟ ରଖିବା ସହିତ ସଂକଳ୍ପ ସ୍କୁଲ୍‌ର ଅଧକ୍ଷ ଇ.ଟି ରାଓ ଭିନ୍ନକ୍ଷମମାନଙ୍କର ବିଭିନ୍ନ ସମସ୍ୟାକୁ ନେଇ ନିଜର ବକ୍ତବ୍ୟ ରଖିଥିଲେ ଏବଂ ଏହି ଅସୁବିଧାର ସମ୍ଭାବ୍ୟ ସମାଧାନ ବିଷୟରେ କହିଥିଲେ। ଉପସ୍ଥିତ ସମସ୍ତ ଅତିଥିମାନେ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ସୁବିଧା ନିମନ୍ତେ ବିଭିନ୍ନ ଉପକରଣ ପ୍ରଦାନ କରିଥିଲେ। ପରିଶେଷରେ ତପନ କୁମାର ସିଂ ନାୟକ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଭିନ୍ନକ୍ଷମ ସେଲ୍ ପକ୍ଷରୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

### କୁକୁଡ଼ା ଫାର୍ମ ମାଲିକଙ୍କ ଦୌରାତ୍ମ୍ୟ

# ନୀଳମାଛିର ହବ୍ ପାଲଟିଛି ଆସିକା



ଆସିକା, (ଭାସ୍କର ନ୍ୟୁଜ୍) : ରାସ୍ତାରେ କୁଢ଼ କୁଢ଼ ପୋଚ ଓ କୁକୁଡ଼ାର ମଳମୂତ୍ରର ଅଂଶ ବିଶେଷ। ବଢୁଛି ନୀଳମାଛି। ବ୍ୟାପୁଛି ରୋଗ। ନିରବ ପ୍ରଶାସନ। ଆସିକା ସାଜିଛି ନୀଳ ମାଛିର ପେଣ୍ଠସ୍ଥଳ। କୁକୁଡ଼ା ମାଲିକ ମାଲାମାଲ, ଜନସାଧାରଣ ହନ୍ତସନ୍ତ। ନୀଳ ମାଛିକୁ ନେଇ କାହିଁକି ଆଖି ବୁଜିଛି ପ୍ରଶାସନ। ଆସିକା ବଡଖୋଲି ଅଞ୍ଚଳର କୁକୁଡ଼ା ଫାର୍ମ ଗୁଡିକର ଅବ୍ୟବସ୍ଥା କାରଣରୁ ସ୍ଥାନୀୟ ଅଞ୍ଚଳରେ ଜନ ଅସନ୍ତୋଷ। ଆସିକା ଭାୟା ନୟାଗଡ଼ ମୁଖ୍ୟରାସ୍ତା ରାଜ୍ୟ ରାଜପଥ ପାର୍ଶ୍ୱରେ ଥିବା କୁକୁଡ଼ା ଫାର୍ମ ଗୁଡିକର ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ଘରକୁ ଘର ବୁଲୁଛି ନୀଳ ମାଛି। ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡର ନଜର ପଡୁନି କାହିଁକି। ଖାଲି ସେତିକି ନୁହେଁ ମୁଖ୍ୟ ସଡ଼କର ଦୁଇ ପାର୍ଶ୍ୱରେ କୁକୁଡ଼ା ଫାର୍ମରୁ ନିର୍ଗତ ଆଳିଆ ଆବର୍ଜନା ଓ ପୋଚ ଗୁଡିକ ପକା ଯାଉଛି, ଯାହା ଫଳରେ ଦୁର୍ଗନ୍ଧରେ ନାକ ଫାଟି ପଡୁଛି। ବିଶେଷ କରି ଆସିକାରୁ ବାଲିପଦର ଯିବା ରାସ୍ତାରେ ଭେଟନଇ ଓ ବଡଖୋଲି ମଧ୍ୟରେ ଥିବା ରାସ୍ତା ପାର୍ଶ୍ୱରେ ଥିବା କୁକୁଡ଼ା ଫାର୍ମ ଗୁଡିକ ସାଜିଛି ଏହି ପ୍ରଦୂଷଣର ମୂଳ କାରଣ। କୁଢ଼ କୁଢ଼ ପୋଚ ସାଙ୍ଗକୁ ପଚା ଅଣ୍ଡା କାରଣରୁ ବଢୁଛି ପ୍ରଦୂଷଣ ଓ ନୀଳ ମାଛିର ପାଦୁର୍ଭାବ। ଏଥିପ୍ରତି କୁକୁଡ଼ା ଫାର୍ମ ମାଲିକ ମାନେ ଯତ୍ନବାନ ହେବା ବଦଳରେ ପ୍ରଦୂଷଣ ବଢାଇବାରେ ଲାଗିଛନ୍ତି। ଉକ୍ତ ଦୁଇ ତିନି କିଲୋମିଟର ଅଞ୍ଚଳରେ ଥିବା ଭେଟନଇ, ବଡଖୋଲି, ଭେଜିପୁଟ, ପାଣ୍ଡିପଥର ଆଦି ଗ୍ରାମରେ ବଢ଼ିବାରେ ଲାଗିଛି ପ୍ରଦୂଷଣ ଓ ନୀଳମାଛିର ବଂଶ ବିସ୍ତାର। ଯାହା ଫଳରେ ସ୍ଥାନୀୟ ଅଞ୍ଚଳରେ ଏଥିଜନିତ ରୋଗର ମାତ୍ରା ବି ବଢ଼ିବାରେ ଲାଗିଛି। ରାଜ୍ୟ ରାଜପଥ ପାର୍ଶ୍ୱରେ କୁକୁଡ଼ା ଫାର୍ମର ଅଂଶ ବିଶେଷ ପକାଇବା ପାଇଁ କିଏ ଅନୁମତି ଦେଲା ବୋଲି ସ୍ଥାନୀୟ ଜନସାଧାରଣ ମହଲରେ ଚର୍ଚ୍ଚା ଜୋର ଧରିଛି। ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ ଏଥିପ୍ରତି ଧ୍ୟାନ ଦେଇ ଉକ୍ତ କୁକୁଡା ଫାର୍ମ ଗୁଡିକ ଉପରେ ପତିବନ୍ଧକ ଲଗାଇଲେ ସ୍ଥାନୀୟ ଜନସାଧାରଣ ଆଶ୍ୱସ୍ତି ପାଇପାରନ୍ତେ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଅନ୍ୟପକ୍ଷରେ ଆସିକାର ବିଭିନ୍ନ ସ୍ଥାନରେ ଏହି ସମସ୍ୟା ରହିଛି। ନୀଳ ମାଛିର ପାଦୁର୍ଭାବ ବଢିବାର ପ୍ରମୁଖ କାରଣ ହେଉଛି ସ୍ଥାନୀୟ ଅଞ୍ଚଳର କୁକୁଡା ଫାର୍ମ ଗୁଡିକର ଅବ୍ୟବସ୍ଥା। କିଛି ହାତ ଗଣତି ଫାର୍ମ ମାଲିକ ନୀତନିୟମ ପାଳନ କରୁଥିବା ବେଳେ ଅଧିକାଂଶ ଫାର୍ମ ମାଲିକ ଅଧିକ ଲାଭ ଆଶାରେ ସ୍ୱଚ୍ଛତା ଉପରେ ଧ୍ୟାନ ନଦେଇ ପ୍ରଦୂଷଣ ବଢ଼ାଇବାରେ ଲାଗି ପଡିଛନ୍ତି। ଦେଖିବାକୁ ବାକି ରହିଲା ଏଥି ଅନ୍ତର୍ଗତ ବିଭାଗ ଏବଂ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ ଏଥିପ୍ରତି କ'ଣ ପଦକ୍ଷେପ ଗ୍ରହଣ କରୁଛି।

### ଦୁର୍ଗନ୍ଧରେ ଫାଟିପଡୁଛି ନାକ, ସମସ୍ୟା ଭୋଗୁଛନ୍ତି ଛାତ୍ରଛାତ୍ରୀ

ଆସିକା ବ୍ଲକ ଅନ୍ତର୍ଗତ ବାବନପୁରୁ, ବଡ଼ଖୋଲି, ଭେଟନଇ ପଞ୍ଚାୟତରେ ଥିବା କୁକୁଡ଼ା ଫାର୍ମ ଯୋଗୁଁ ନିଳମାଛ ସଂଖ୍ୟା ଦିନକୁ ଦିନ ବଢିବା ଲାଗିଛି। ଅଧିକାଂଶ କରି ନିକଟରେ ଥିବା ବିଦ୍ୟାଳୟ ଗୁଡ଼ିକରେ ମଧ୍ୟାହ୍ନ ଭୋଜନ ସମୟରେ ନିଳମାଛି ଖାଦ୍ୟ ବସିବାରୁ ଛାତ୍ରଛାତ୍ରୀମାନେ ହଟହଟା ହେଉଛନ୍ତି। ନିକଟରେ ଥିବା ଗ୍ରାମବାସୀ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ମିଳିନାହିଁ। କୁକୁଡ଼ାମାନଙ୍କ ମଳ ଓ ଫାର୍ମରୁ ନିର୍ଗତ ହେଉଥିବା ମଇଳା ପାଣି ଯୋଗୁଁ ପରିବେଶ ଦୂଷିତ ହେବା ସହ ନା ନା ରୋଗ ବ୍ୟାପୁଛି। ବସ୍ତି ନିକଟରେ କୁକୁଡ଼ା ଫାର୍ମ କରିବା ପାଇଁ ନିୟମ ନଥିଲେ ବି ବହୁ ଫାର୍ମ ଗଢିଉଠିଛି। କୁକୁଡ଼ା ଫାର୍ମ ଅତି ନିକଟରେ ଥିବା ଲୋକେ ରାତ୍ର ସମୟରେ ଦୁର୍ଗନ୍ଧର ଶିକାର ହୋଇ ଭାଗ୍ୟକୁ ଆଦରି ଚୁପଚାପ୍ ରହୁଛନ୍ତି। ଏନେଇ ଫାର୍ମ ମାଲିକମାନଙ୍କୁ ଅଭିଯୋଗ କରିଲେ ଘର ବିକ୍ରି କରି ଚାଲିଯାଅ ବୋଲି ନାଲି ଆଖି ଦେଖାଉ ଥିବା ଅଭିଯୋଗ ହେଉଛି। ବେଳେ ବେଳେ ମୃତ କୁକୁଡ଼ା ଓ ପଚାଅଣ୍ଡା ବି ଖୋଲା ପଡିଆରେ ଫିଙ୍ଗା ଯାଉଥିବା ଦେଖିବାକୁ ମିଳୁଛି। ସରକାରଙ୍କ ନୀତିନିୟମ ଅନୁଯାଇ କୁକୁଡ଼ା ଫାର୍ମ ଗୁଡିକୁ ପାଳନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ୭ ଦଫା ଦାବି ନେଇ ଜିଲ୍ଲା ରିଟେଲର ସଂଘର ଆନ୍ଦୋଳନ

ଜଗତସିଂହପୁର, (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲାରେ କାର୍ଯ୍ୟରତ ରିଟେଲର (ଖୁଚୁରା ବିକ୍ରେତା) ମାନେ ସଙ୍ଘବଦ୍ଧ ଭାବରେ ଜିଲ୍ଲା ରିଟେଲର ସଂଘ ଆହ୍ୱାନରେ ଆନ୍ଦୋଳନ କରିବା ସହିତ ଜିଲ୍ଲାପାଳଙ୍କୁ ୭ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରମୁଖ ଦାବି ମାନଙ୍କ ମଧ୍ୟରେ ଅନ୍ୟରାଜ୍ୟ ଭଳି କ୍ୱିଣ୍ଟାଲ ପିଛା ୨ ଶହ ଟଙ୍କା ପାରିଶ୍ରମିକ ପ୍ରଦାନ, ରିଟେଲର ମାନଙ୍କର କରୋନା ସମୟ ଠାରୁ ଏଯାବତ ବକେୟା ପାରିଶ୍ରମିକ ଅର୍ଥ ଏକ କାଳୀନ ପ୍ରଦାନ, ପରିବହନ ଠିକାଦାରଙ୍କ ଦ୍ୱାରା ଧାର୍ଯ୍ୟ ଓଜନ ମାପ ଅନୁସାରେ ସାମଗ୍ରୀ ପହଞ୍ଚାଣ, ପାରିଶ୍ରମିକ ଅର୍ଥ ପ୍ରଦାନ, ସାମଗ୍ରୀ ବଣ୍ଟନ ସମୟରେ ସର୍ବର ଡାଉନ, ଲିଙ୍କ ଫେଲ୍ ଓ ନେଟୱର୍କର ସ୍ଥାୟୀ ସମାଧାନ, ୩ ବର୍ଷୀୟା ସାନନ୍ଦ ନବୀକରଣ ଓ ଜାତୀୟ ଖାଦ୍ୟ ସୁରକ୍ଷା ୨୦୧୩ ଅନୁସାରେ ଅଗ୍ରୀମ ପାରିଶ୍ରମିକ ପାଇଁ ଦାବି ଉପସ୍ଥାପନ କରିଥିଲେ।




## ରାଶିଫଳ

ବୁଧବାର, ୪ ଡିସେମ୍ବର ୨୦୨୪


**ମେଷ:** ଏହି ରାଶିର ଲୋକଙ୍କ ଆତ୍ମବିଶ୍ୱାସରେ ହ୍ରାସ ଘଟିବ। ନିଜକୁ ଧାର୍ମିକ କାର୍ଯ୍ୟରେ ନିୟୋଜିତ କରିବେ। ଯଦି ଆପଣ ଆଜି ଅନାବଶ୍ୟକ ଖର୍ଚ୍ଚ ଉପରେ ନିୟନ୍ତ୍ରଣ ରଖନ୍ତି, ତେବେ ଏହା ଭଲ ହେବ । ଆଜି ଆପଣଙ୍କର ଆୟ ବୃଦ୍ଧି ପାଇବ ।


**ବୃଷ:** ଆଜି ଆପଣ ଆତ୍ମବିଶ୍ୱାସରେ ପରିପୂର୍ଣ୍ଣ ହେବେ । ଏଥିରେ କୌଣସି ସନ୍ଦେହ ନାହିଁ । ଆପଣଙ୍କର ଭାଇଭଉଣୀ ଏବଂ ଅନ୍ୟ ପରିବାର ସଦସ୍ୟଙ୍କ ସମର୍ଥନ ପାଇବେ । ଯାହା ଆପଣଙ୍କୁ ଖୁସିର ଅନୁଭବ ଦେବ।


**ମିଥୁନ:** ଆପଣ ଆତ୍ମବିଶ୍ୱାସୀ ହେବେ, କିଛି ବିଷୟରେ ମାନସିକ ଚାପ ରହିପାରେ । ଚାପ ଆପଣଙ୍କ ବ୍ୟକ୍ତିତ୍ୱ ଉପରେ ପ୍ରାଧାନ୍ୟ ଦେବାକୁ ଦିଅନ୍ତୁ ନାହିଁ । ଏହାର ନକାରାତ୍ମକ ପ୍ରଭାବ ପଡିପାରେ । ପିତାମାତାଙ୍କ ସ୍ୱାସ୍ଥ୍ୟ ଦୁର୍ବଳ ହୋଇପାରେ।


**କର୍କଟ:** ଯଦି ଆପଣ ସକାରାତ୍ମକ ରୁହନ୍ତି ତେବେ ଦିନଟି ଭଲ ହେବ । ଆଜି, ସୃଜନଶୀଳ କାର୍ଯ୍ୟ ପ୍ରତି ଆପଣଙ୍କର ଆଗ୍ରହ ବୃଦ୍ଧି ପାଇବ । ଆପଣ ମଧ କଠିନ ପରିଶ୍ରମ କରିବେ । ବ୍ୟବସାୟ ବିସ୍ତାର ହେବ କିନ୍ତୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡିପାରେ।


**ସିଂହ:** ବ୍ୟବସାୟ ଦୃଷ୍ଟିରୁ ଆପଣଙ୍କର ଭଲ ଦିନ ରହିବ । ଆର୍ଥିକ ଲାଭ ହେବ, କିନ୍ତୁ ଆପଣଙ୍କର ଦୈନନ୍ଦିନ କାର୍ଯ୍ୟ ବିଶୃଙ୍ଖଳିତ ହୋଇପାରେ, ଯାହା ଆପଣଙ୍କୁ କଷ୍ଟଦାୟକ କରିଦେବ । ଆହୁରି ମଧ, ଆପଣଙ୍କ ମାତାର ସ୍ୱାସ୍ଥ୍ୟ ଭଲ ହୋଇ ନ ପାରେ।


**କନ୍ୟା:** ଆପଣର ଆଚରଣକୁ ନିୟନ୍ତ୍ରଣ କରନ୍ତୁ । କାହା ପାଇଁ କଟୁ ଶବ୍ଦ ନ କହିବା ଆପଣ ପାଇଁ ଭଲ ହେବ । ଏହି ଦିନ ଆପଣ ଆତ୍ମବିଶ୍ୱାସୀ ହେବ, କିନ୍ତୁ ମାନସିକ ଚାପ ହୋଇପାରେ । ଆପଣର ଆୟ ବଢିବ । ଆର୍ଥିକ ଦୃଷ୍ଟିରୁ ଲାଭବାନ ହେବ।


**ତୁଳା:** ଆଜି ଆପଣଙ୍କର ଆର୍ଥିକ ସ୍ଥିତି ଭଲ ରହିବ । ବାର୍ତ୍ତାଳାପରେ ସଂଯମ ରୁହନ୍ତୁ । ଯଦି ଆପଣ ଧାରଣାକୁ ସକାରାତ୍ମକ ରଖନ୍ତି ତେବେ ଭଲ ଫଳାଫଳ ବାହାରକୁ ଆସିପାରେ। ମୋଟ ଉପରେ, ଦିନକୁ ସାଧାରଣ କୁହାଯିବ।


**ବିଛା:** ଆଜି ଆପଣଙ୍କ ମନ ଭଲ ହେବ ନାହିଁ, ଏହାର କୌଣସି ନିର୍ଦ୍ଦିଷ୍ଟ କାରଣ ରହିବ ନାହିଁ, ତଥାପି ନିରାଶା ଆପଣଙ୍କୁ ଘେରି ରହିବ । ଜୀବନ ସାଥୀଙ୍କଠାରୁ ସମର୍ଥନ ପାଇବେ । ପ୍ରକୃତିରେ ବିରକ୍ତିକରତା ଦେଖାଯିବ । ମାନସିକ ଚାପ ହୋଇପାରେ। ଆଜି ଆପଣଙ୍କର ଆୟ ବୃଦ୍ଧି ପାଇବ।


**ଧନୁ :** ଆପଣଙ୍କ ମନରେ ଧର୍ମ ପ୍ରତି ସମ୍ମାନ ରହିବ । ମାନସିକ ଶାନ୍ତି ରହିବ । ମନ ଏବଂ ସ୍ୱରକୁ ନିୟନ୍ତ୍ରଣ କରନ୍ତୁ ଏବଂ ସକରାତ୍ମକ ମନୋଭାବ ଗ୍ରହଣ କର, ନିଶ୍ଚିତ ଭାବରେ ସଫଳତା ପାଇବ । ଆର୍ଥିକ ଲାଭ ହେବ । ଆପଣଙ୍କ ମାତାଙ୍କ ସ୍ୱାସ୍ଥ୍ୟ ଭଲ ରହିବ ନାହିଁ । ଆର୍ଥିକ ଦୃଷ୍ଟିରୁ ଦିନଟି ଭଲ ରହିବ। ଧାର ଦେଇଥିବା ଟଙ୍କା ପାଇବ। ପୁଞ୍ଜି ବିନିଯୋଗ ଲାଭଦାୟକ ହେବ।


**ମକର:** ଦେଶବାସୀଙ୍କ ମନରେ ଅତ୍ୟଧିକ କ୍ରୋଧ ରହିବ। ଆପଣ ଏକାଡେମିକ୍ କାର୍ଯ୍ୟରେ ସଫଳତା ପାଇବେ। ତେଣୁ, ଏକ ସକରାତ୍ମକ ମନୋଭାବ ଗ୍ରହଣ କରି ପ୍ରୟାସ ଜାରି ରଖନ୍ତୁ ସଫଳ ହେବ। ଆଜି ଆପଣଙ୍କର ଆୟ ବୃଦ୍ଧି ପାଇବ। ଭ୍ରମଣ, ବିନିଯୋଗ ଏବଂ ଚାକିରି ଆପଣଙ୍କୁ ଅନୁକୂଳ ସୁବିଧା ଦେବ।


**କୁମ୍ଭ:** ନକାରାତ୍ମକ ଚିନ୍ତାଧାରା ମନରେ ପ୍ରଭାବିତ ହେବ। ଚାକିରିରେ ପଦୋନ୍ନତି ପାଇଁ ସୁଯୋଗ ରହିବ । ମୋଟ ଉପରେ ଦିନକୁ ଭଲ କୁହାଯିବ । ମାତାର ସ୍ୱାସ୍ଥ୍ୟ ଭଲ ହୋଇପାରିବ ନାହିଁ ।


**ମୀନ:** ଆପଣର ବକ୍ତବ୍ୟରେ ମୃଦୁତା ରହିବ, କିନ୍ତୁ ପ୍ରକୃତିରେ କ୍ରୋଧ ମଧ ହୋଇପାରେ, ଯାହା ଆପଣଙ୍କ ସମ୍ପର୍କ ଉପରେ ପ୍ରଭାବ ପକାଇପାରେ, ତେଣୁ ସତର୍କ ରୁହନ୍ତୁ । ଯଦି ଆପଣ ସଜାଗ ରୁହନ୍ତି ତେବେ ଆପଣ ଭଲ ଫଳାଫଳ ପାଇବେ । ସାମଗ୍ରିକ ଭାବେ ଆପଣର ଆୟ ଆଜି ବୃଦ୍ଧି ପାଇବ।




ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ତ୍ରିଭେନ୍ଦ୍ରମ: ସୋମବାର ବିଳମ୍ବିତ ରାତିରେ କେରଳର ଅଲପୁଝା କଳାରକୋଡରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ଯାତ୍ରୀବାହୀ ବସ୍ ଓ କାର୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୫ଜଣ ଡାକ୍ତରୀ ଛାତ୍ରଙ୍କ ଜୀବନ ଯାଇଛି। ଦୁର୍ଘଟଣାଟି ଏତେ ଭୟଙ୍କର ଥିଲା ଯେ ଏଥିରେ କାର୍‌ଟି ସଂପୂର୍ଣ୍ଣ ନଷ୍ଟ ହୋଇଯାଇଛି। କାର୍‌ରେ ଥିବା ୫ଜଣ ପ୍ରଥମବର୍ଷ ଏମବିବିଏସ୍ ଛାତ୍ରଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୨ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ଘଟିବା ସମୟରେ ପ୍ରବଳ ବର୍ଷା ହେଉଥିବାରୁ ଉଦ୍ଧାର କାର୍ଯ୍ୟ ବିଳମ୍ବ ହୋଇଥିଲା। ମୃତକମାନଙ୍କୁ କାର୍ ଭିତରୁ ବାହାର କରିବା ପାଇଁ କାର୍‌ଟିକୁ ଗ୍ୟାସ୍ କଟରରେ କାଟିବାକୁ ପଡ଼ିଥିଲା। ସମସ୍ତ ମୃତକ ଅଲାପୁଝା ମେଡ଼ିକାଲ କଲେଜ ଓ ହସ୍ପିଟାଲର ଛାତ୍ର ବୋଲି ସୂଚନା ଦିଆଯାଇଛି। ସେହିପରି ବସ୍‌ରେ ଥିବା ଯାତ୍ରୀମାନଙ୍କ ମଧ୍ୟରୁ କେତେକ ଆହତ ହୋଇଛନ୍ତି। ଗୁରୁତର ଦୁଇ ଛାତ୍ରଙ୍କୁ ବନ୍ଦନମ୍ ମେଡ଼ିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମୃତକମାନେ କୋଝିକୋଡ, କନ୍ନୁର, ଚେରଥଲା ଓ ଲାକ୍ଷାଦ୍ୱୀପର ବାସିନ୍ଦା ବୋଲି ସୂଚନା ମିଳିଛି। ପୋଲିସ ପକ୍ଷରୁ ସେମାନଙ୍କ ପରିବାରବର୍ଗଙ୍କୁ ଖବର ଦିଆଯାଇଛି। ସମସ୍ତ ମୃତଦେହକୁ ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# କେନ୍ଦ୍ର ରେଳମନ୍ତ୍ରୀଙ୍କ ସୂଚନା
# ଓଡ଼ିଶାରେ ରେଳ ବିକାଶ ପାଇଁ ୭୩,୭୨୩ କୋଟି ମଞ୍ଜୁର



**ନୂତନ ରେଳ ପ୍ରକଳ୍ପ**
- ଗୁଣୁପୁର-ଥେରୁବାଲି
- ଜୁନାଗଡ଼ ରୋଡ-ନବରଙ୍ଗପୁର
- ବାଦାମପାହାଡ଼-କେନ୍ଦୁଝରଗଡ଼
- ମାଲକାନଗିରି-ପଣ୍ଡୁରଙ୍ଗାପୁରମ୍ ଭାୟା ଭଦ୍ରାଚଲମ୍
- ବାଙ୍ଗିରିପୋଷି-ଗୋରୁମହିଷାଣୀ
- ବୁଢ଼ାମରା-ଚାକୁଳିଆ
- ବରଗଡ଼ରୋଡ୍-ନୂଆପଡ଼ାରୋଡ୍
- ସରଡେଗା-ଭାଲୁମୁଡ଼ା ଦୋହରିକରଣ

ନୂଆଦିଲ୍ଲୀ/ଭୁବନେଶ୍ୱର (ବ୍ୟୁରୋ): ଓଡ଼ିଶାରେ ରେଳ ବିକାଶ ପାଇଁ କେନ୍ଦ୍ର ସରକାର ୭୩,୭୨୩ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏ ନେଇ ସୂଚନା ଦେଇଛନ୍ତି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ଏଥିପାଇଁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହା ଓଡ଼ିଶାର ଅର୍ଥନୈତିକ ହିତକୁ ବଜାୟ ରଖିବ ବୋଲି ମଧ୍ୟ ଶ୍ରୀ ବୈଷ୍ଣବ କହିଛନ୍ତି। ଶ୍ରୀ ବୈଷ୍ଣବ କହିଛନ୍ତି ଯେ ଓଡ଼ିଶାରେ ପ୍ରସ୍ତାବିତ ରାୟଗଡ଼ା ରେଳ ମଣ୍ଡଳକୁ ମଞ୍ଜୁରି ମିଳିଛି। ରେଳମଣ୍ଡଳ କାର୍ଯ୍ୟାଳୟ ନିର୍ମାଣ ପାଇଁ ୧୦୭ କୋଟି ଟଙ୍କାର ଟେଣ୍ଡର ଆହ୍ୱାନ କରାଯାଇଛି। ପୂର୍ବତଟ ରେଳପଥ ମଧ୍ୟରେ ପୂର୍ବପରି ୩ଟି ରେଳମଣ୍ଡଳ ରହିବ ବୋଲି ସେ ସୂଚନା ଦେଇଛନ୍ତି। ଅମୃତ ଷ୍ଟେସନ ଯୋଜନାରେ ଓଡ଼ିଶାର ୫୯ଟି ଷ୍ଟେସନକୁ ପୁନର୍ବିକାଶ କରାଯାଉଛି। ମୋଦୀଙ୍କ ଚଳିତ ଶାସନ ସମୟରେ ୧୯,୨୮୯କୋଟି ବ୍ୟୟ ଅଟକଳରେ ୮ଟି ନୂତନ ରେଳ ପ୍ରକଳ୍ପକୁ କ୍ୟାବିନେଟ୍ ଅନୁମୋଦନ ଦେଇଛି। ସେଗୁଡ଼ିକ ମଧ୍ୟରେ ଗୁଣୁପୁର-ଥେରୁବାଲି ନୂତନ ରେଳ ଲାଇନ, ଜୁନାଗଡ଼ ରୋଡ- ନବରଙ୍ଗପୁର ନୂତନ ରେଳଲାଇନ, ମାଲକାନଗିରି-ପଣ୍ଡୁରଙ୍ଗାପୁରମ୍ ଭାୟା ଭଦ୍ରାଚଲମ୍ ନୂତନ ରେଳଲାଇନ୍, ବାଦାମପାହାଡ଼-କେନ୍ଦୁଝରଗଡ଼ ନୂତନ ରେଳଲାଇନ୍, ବାଙ୍ଗିରିପୋଷି-ଗୋରୁମହିଷାଣୀ ନୂତନ ରେଳଲାଇନ୍, ବୁଢ଼ାମରା-ଚାକୁଳିଆ ନୂତନ ରେଳଲାଇନ୍, ସରଡେଗା-ଭାଲୁମୁଡ଼ା ନୂତନ ଦୋହରିକରଣ ରେଳଲାଇନ ଓ ବରଗଡ଼ରୋଡ-ନୂଆପଡ଼ା ରୋଡ ନୂତନ ରେଳଲାଇନ୍‌କୁ କ୍ୟାବିନେଟର ଅନୁମୋଦନ ମିଳିଥିବା ଶ୍ରୀ ବୈଷ୍ଣବ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ ରାଜ୍ୟରେ ରେଳ ଯୋଗାଯୋଗର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଶେଷ ଧ୍ୟାନ ଦେଉଥିବା ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। ଏହି ଅବସରରେ ସେ ଓଡ଼ିଶାର ସାଂସଦମାନଙ୍କ ସହ ମଧ୍ୟ ଆଲୋଚନା କରିଥିବା ସୂଚନା ମିଳିଛି। ଆଲୋଚନାଚକ୍ରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



ଟାଟାଷ୍ଟିଲ ମେରାମଣ୍ଡଳୀ ପକ୍ଷରୁ ଜାତୀୟ ପ୍ରଦୂଷଣ ନିବାରଣ ଦିବସ ପାଳିତ

# ବିଧାୟକଙ୍କ ଦରମା, ପୂର୍ବତନ ବିଧାୟକଙ୍କ ପେନ୍‌ସନ୍ ଓ ବିଧାୟକ ପାଣ୍ଠି ବଢାଇବାକୁ ଦାବି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆଜି ଯେଉଁ ଦରଦାମର ସ୍ଥିତି ରହିଛି ସେଥିରେ ବିଧାୟକ ମାନଙ୍କୁ ଯେଉଁ ଦରମା ମିଳୁଛି ତାହା ଆଦୌ ଯଥେଷ୍ଟ ନୁହେଁ । ବିଧାୟକ ମାନଙ୍କୁ ପ୍ରତି ଦିନ ସାଧାରଣ ଲୋକଙ୍କ ସହିତ ରହିବାକୁ ପଡିଥାଏ । ଲୋକ ମାନଙ୍କ ସୁଖ ଦୁଃଖରେ ସାହାଯ୍ୟ କରିବାକୁ ପଡିଥାଏ । ବିଭିନ୍ନ ପୂଜା ପାର୍ବଣ ଜାନି ଯାତ୍ରା ଆଦିରେ ଲୋକ ମାନଙ୍କୁ ସାହାଯ୍ୟ କରିବାକୁ ପଡିଥାଏ । ତେଣୁ ଏଭଳି ପରିସ୍ଥିତିରେ ଯେତେ ବେତନ ମିଳୁଛି ତାହା ଆଦୌ ଯଥେଷ୍ଟ ନୁହେଁ ।ସେହିପରି ପୂର୍ବତନ ବିଧାୟକ ମାନଙ୍କୁ ମଧ୍ୟ ଯେତିକି ପେନସନ ମିଳୁଛି ତାହା ମଧ୍ୟ ସମୁଦ୍ରକୁ ଶଂଖେ। ବିଧାୟକ ମାନଙ୍କ ଉପରେ କାର୍ଯ୍ୟର ଚାପ ମଧ୍ୟ ରହିଛି । ତେଣୁ ବର୍ତମାନ ବିଧାୟକ ପାଣ୍ଠିରେ ଯେଉଁ ତିନି କୋଟି ଟଙ୍କା ରଖା ଯାଇଥି ତାହା ମଧ୍ୟ ଯଥେଷ୍ଟ ହେଉ ନାହିଁ । ଏହାକୁ ମଧ୍ୟ ବୃଦ୍ଧି କରି ପାଂଚ କୋଟି ଟଙ୍କା କରାଯାଉ । ଆଜି ବିଧାନଭାରେ ଉଭୟ ବିରୋଧୀ ଓ ଶାସକ ଦଳର ବିଧାୟକ ମାନେ ଏହି ଦାବି କରିଥିଲେ । ବାଚସ୍ପତି ସୁରମା ପାଢୀ ମଧ କହିଥିଲେ ଯେ ଗୃହରେ ଏହି ପ୍ରସଙ୍ଗକୁ ନେଇ ଯେଉଁ ଉଦବେଗ ରହିଛି ତାହା ଯଥାର୍ଥ । ଏ ସମ୍ପର୍କରେ ସେ ନିଜେ ମଧ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇବେ ବୋଲି କହିଥିଲେ । ଆଜି ଶୂନ୍ୟକାଳରେ ବିରୋଧୀ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲିକ ସର୍ବ ପ୍ରଥମେ ଏହି ପ୍ରସଙ୍ଗ ଉଠାଇ କହିଥିଲେ ଯେ ଗତ ସରକାର ବେଳେ ଅମର ସତପଥୀଙ୍କ ଅଧକ୍ଷତାରେ ଏକ କମିଟି ଗଠନ କରାଯାଇଥିଲା । ଉକ୍ତ କମିଟି ବିଭିନ୍ନ ରାଜ୍ୟକୁ ଗସ୍ତ କରି ସେଠାରେ ବିଧାୟକ ମାନଙ୍କ ଦରମା ଭତା ସମ୍ପର୍କରେ ଅଧୟନ କରିଥିଲା ଓ ଏ ସମ୍ପର୍କିତ ରିପୋର୍ଟ ପ୍ରଦାନ କରିଥିଲା । ସେ କହିଛନ୍ତି ଯେ ଉକ୍ତ ରିପୋର୍ଟର ସୁପାରିଶକୁ ସରକାର ଲାଗୁ କରନ୍ତୁ । ନ ହେଲେ ପୁଣି ଥରେ ଏକ କମିଟି ଗଠନ କରାଯାଇ ଦରମା ବୃଦ୍ଧି କରାଯାଉ । ବିଜେଡି ବିଧାୟକ ପ୍ରତାପ କେଶରୀ ଦେଓ, କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି, ବିଜେପି ବିଧାୟକ ଭାସ୍କର ମଢେଇ, ସୀମାରାଣୀ ସାହୁ, ସନାତନ ବିଜୁଳି ପ୍ରମୁଖ ଏହି ଦାବିକୁ ସମର୍ଥନ ଜଣାଇଥିଲେ ।

OFFICE OF THE PRINCIPAL CUM SECRETARY
PANCHAYAT SAMITI DEGREE COLLEGE, TUREKELA
AFFILIATED TO RAJENDRA UNIVERSITY
AT/ PO- TUREKELA, DIST- BALANGIR (ODISHA) PIN-767060
Email Id- psdegreecollege2018@gmail.com, Contact-7873995924

ADVERTISEMENT FOR WALK-IN INTERVIEW

Applications are invited from the eligible candidate for the following post to be engaged on Contractual basis at Panchayat Samiti Degree College, Turekela, Dist- Balangir. Interested candidates having requisite qualification should report at the Office of the undersigned with their CV with original and Xerox copies of all Educational Certificate and Mark sheet from H.S.C onwards and two passport size photograph duly self attested by them and attain interview at 10:00 AM on Dt-15.12.2024 (Sunday) in the College Premises.

Requirement Post and Qualification:
1. Lecturer in Odia (2nd Post) – M.A in Odia with Aggregate 55% Mark.
2. Lecturer in Political Science (2nd Post) – M.A in Political Science with Aggregate 55% Mark.
3. Head Clerk P.G with COA (Course of Automation of Internet).

N.B
* No TA/ DA will be paid for attending the said interview.
* The engagement will be purely temporary and may be terminated at any time without assigning any reason thereof.
* The Governing Body reserves the right of Appointment.
* Candidate must have attained the age of 21 and must not be above to 42.

Sd/-Principal - Cum- Secretary

# ମହଙ୍ଗା ହେବ ମୃଦୁ ପାନୀୟ, ସିଗାରେଟ୍, ତମାଖୁ
# ଲାଗୁ ହେବ ୩୫% ଜିଏସ୍‌ଟି



ନୂଆଦିଲ୍ଲୀ : ମୃଦୁ ପାନୀୟ, ସିଗାରେଟ୍ ଏବଂ ଅନ୍ୟାନ୍ୟ ତମାଖୁ ସାମଗ୍ରୀର ଦର ବୃଦ୍ଧି ପାଇବାର ଆଶଙ୍କା ସୃଷ୍ଟି ହୋଇଛି। ଏହିସବୁ ସାମଗ୍ରୀ ଉପରେ ୩୫ ପ୍ରତିଶତ ଜିଏସ୍‌ଟି ଲାଗୁ କରିବା ପାଇଁ ଜିଏସ୍‌ଟି ହାର ନିର୍ଦ୍ଧାରଣ କମିଟି ବୈଠକରେ ଆଲୋଚନା ହୋଇଛି। ବର୍ତ୍ତମାନ ଏହିସବୁ ସାମଗ୍ରୀ ଉପରୁ ୨୮ ପ୍ରତିଶତ ଜିଏସ୍‌ଟି ଆଦାୟ କରାଯାଉଥିବାବେଳେ ରାଜସ୍ୱ ବୃଦ୍ଧି ପାଇଁ ଏପରି ନିଷ୍ପତ୍ତି ନିଆଯାଉଥିବା କୁହାଯାଉଛି। ତେବେ ଏହିସବୁ ସାମଗ୍ରୀ ଉପରେ ୫ ପ୍ରତିଶତ, ୧୨ ପ୍ରତିଶତ, ୧୮ ପ୍ରତିଶତ ଏବଂ ୨୮ ପ୍ରତିଶତ ଜିଏସ୍‌ଟି ଲାଗୁ କରାଯାଇଥାଏ। କିନ୍ତୁ ଆଗକୁ ଏହାକୁ ୩୫ ପ୍ରତିଶତକୁ ବୃଦ୍ଧି କରିବା ପାଇଁ ବିଚାରବିମର୍ଶ ଜାରି ରହିଛି। ବିହାର ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଜିଏସ୍‌ଟି ହାର ନିର୍ଦ୍ଧାରଣ କମିଟିର ମନ୍ତ୍ରୀମାନଙ୍କ ଗୋଷ୍ଠୀଙ୍କୁ ନେଇ ଆୟୋଜିତ ବୈଠକରେ ଏହି ଆଲୋଚନା କରାଯାଇଛି। ଏଥିସହ ପୋଷାକ ଏବଂ ଅନ୍ୟାନ୍ୟ ସାମଗ୍ରୀର ଜିଏସ୍‌ଟି ବୃଦ୍ଧି ପାଇଁ ମଧ୍ୟ ଆଲୋଚନା ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ବୈଠକରେ ମୋଟ ୧୪୮ଟି ସାମଗ୍ରୀ ଉପରେ ଟିକସ ପରିବର୍ତ୍ତନ ପାଇଁ ମନ୍ତ୍ରୀମାନଙ୍କ ଗୋଷ୍ଠୀ ପ୍ରସ୍ତାବ ଦେଇଛି। ୧୫୦୦ ଟଙ୍କାର ଡ୍ରେସ୍ ଉପରେ ୫ ପ୍ରତିଶତ ଟ୍ୟାକ୍ସ ଲାଗୁ ହୋଇଥିବାବେଳେ ୧୫୦୦ରୁ ୧୦ ହଜାର ମଧ୍ୟରେ ୧୮ ପ୍ରତିଶତ ଏବଂ ୧୦ହଜାରରୁ ଅଧିକ ଉପରେ ୨୮ ପ୍ରତିଶତ ଜିଏସ୍‌ଟି ଲାଗୁ କରାଯିବ। ଏହି ସଂଶୋଧନ ରାଜସ୍ୱ ବୃଦ୍ଧି ଉପରେ ସକାରାତ୍ମକ ପ୍ରଭାବ ପକାଇବ ବୋଲି ଆଶା କରାଯାଉଛି। ତେବେ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପରିଷଦ ଏବଂ ରାଜ୍ୟ ଅର୍ଥମନ୍ତ୍ରୀଙ୍କ ସମେତ ପ୍ରସ୍ତାବିତ ପରିବର୍ତ୍ତନଗୁଡ଼ିକ ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ।

# ଭିଜିଲାନ୍ସ ଜାଲରେ ସହକାରୀ ଯନ୍ତ୍ରୀ
# ୮ ବର୍ଷରେ ୧୮ ଫ୍ଲାଟ୍



ଭୁବନେଶ୍ୱର/ଜୟପୁର (ଭାସ୍କର ନ୍ୟୁଜ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଜାଲରେ ଛନ୍ଦି ହୋଇଛନ୍ତି ଆଉଜଣେ ସରକାରୀ ବାବୁ। ଜୟପୁର ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ବିଶ୍ୱନାଥ ପାତ୍ରଙ୍କ ଘରେ ମଙ୍ଗଳବାର ସକାଳୁ ଭିଜିଲାନ୍ସ ପକ୍ଷରୁ ଚଢାଉ ଆରମ୍ଭ ହୋଇଛି। ଏକକାଳୀନ ୬ଟି ସ୍ଥାନରେ ଚଢାଉ ଚାଲିଛି। ଜୟପୁର, ଗଞ୍ଜାମ ଓ ଭୁବନେଶ୍ୱରରେ ଥିବା ଘର ସମେତ ୬ଟି ସ୍ଥାନରେ ଚଢାଉ କରାଯାଇ ବିପୁଳ ପରିମାଣର ସମ୍ପତ୍ତି ଠାବ କରାଯାଇଛି। ତେବେ ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ୮ବର୍ଷର ଚାକିରି ଭିତରେ ଶ୍ରୀ ପାତ୍ର ୧୮ଟି ଫ୍ଲାଟ୍ କିଣି ପାରିଛନ୍ତି। ଜୟପୁରରେ ତାଙ୍କର ଏକ ତିନିମହଲା କୋଠା ଥିବାବେଳେ ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠାର କୋଳିସାହିରେ ୨ ମହଲା ବିଲଡିଂ ଥିବା ସୂଚନା ମିଳିଛି। ତାଙ୍କର ଭୁବନେଶ୍ୱରରେ ୩ ଟି ଫ୍ଲାଟ୍ ରହିଥିବାବେଳେ ଜୟପୁରରେ ଦେଢକୋଟି ମୂଲ୍ୟର ଘର ଓ ଯାଗା ରହିଛି। ତାଙ୍କ ଘରୁ ୮୦୦ ଗ୍ରାମ ସୁନା ଅଳଙ୍କାର ଓ ୧ କେଜି ରୁପା ଅଳଙ୍କାର ମିଳିଛି। ଏହାଛଡ଼ା ତାଙ୍କର ବ୍ୟାଙ୍କରେ ୬୦ଲକ୍ଷର ଜମା ରହିଛି। ବର୍ତ୍ତମାନ ସୁଦ୍ଧା କରାଯାଇଥିବା ଆକଳନ ଅନୁଯାୟୀ ତାଙ୍କ ସମ୍ପତ୍ତିର ମୂଲ୍ୟ ୩ କୋଟି କୁହାଯାଉଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ନେଇ ଶ୍ରୀ ପାତ୍ରଙ୍କ ନାମରେ ଭିଜିଲାନ୍ସ ନିକଟରେ ଅଭିଯୋଗ ହୋଇଥିଲା। ଜୟପୁର ବ୍ଲକ ଅଫିସ ଚାମ୍ବର, ଜୟପୁର ମ୍ୟୁନିସିପାଲିଟି ଅଫିସ ଚାମ୍ବର ଓ ଭୁବନେଶ୍ୱରର ନିଳାଦ୍ରୀବିହାରରେ ଥିବା ସମ୍ପର୍କୀୟଙ୍କ ଘରେ ମଧ୍ୟ ଚଢାଉ ଚାଲିଛି। ଚଢାଉ ପରେ ତାଙ୍କ ସମ୍ପତ୍ତି ସଂପର୍କରେ ସବିଶେଷ ବିବରଣୀ ମିଳିପାରିବ ବୋଲି ଭିଜିଲାନ୍ସର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଏହି ଚଢାଉରେ ଜଣେ ଅତିରିକ୍ତ ଏସ୍‌ପି, ଦୁଇଜଣ ଡିଏସ୍‌ପି, ୮ଜଣ ଇନ୍ସପେକ୍ଟର ଓ ୬ଜଣ ଏଏସ୍‌ଆଇ ସାମିଲ ରହିଛନ୍ତି।

THE SAMBALPUR DISTRICT CO-OPERATIVE CENTRAL BANK LTD.
Phone: (06646) 233157 / 232634
Fax: (06646) 232696
Email: headoffice@sambalpurdccb.com
Website: www.sambalpurdccb.com
IFS Code: ORCB0SBP001
HEAD OFFICE: BARGARH-768028
Ref. No. 3926 CB/CT/2024-25 Date 03.12.2024

QUOTATION CALL NOTICE

Sealed Quotations are invited from reputed Printers having valid GSTIN / PAN for Printing & Supply of NEW YEAR'S WALL DATE PICTURE CALENDAR and STANDARD DIARY-2025 as per our specifications and terms & conditions.

| Sl. No | Name of the articles | Specifications | |
|---|---|---|---|
| | | Details as per sample | |
| 1 | Calendar – 2025 | 14" X 19" size [Bank name Address with Bank logo in all pages | Wall Date Calendar with Picture - Six sheeted - Back to back printing with fine quality [ Art paper] |
| 2 | Standard Diary-2025 | 21.5 X 13.5 cm size (St.) (Bank name & Address with Bank logo on cover) | Rexene Binding- single page [per day] for each date including Saturday & Sunday only with Bank information of the 12 pages. |

The Quotations along with EMD of Rs. 10000.00 (Rupees Ten thousand) only in shape of Demand Draft drawn in favor of Sambalpur District Co-op. Central Bank payable at Bargarh shall be submitted to Sri Sudhir Kumar Bhoi, Asst. General Manager, (O&A), HO of the Bank in his name cover on or before 10th December 2024 up to 3.00 PM, which shall be opened on same day at 3.30 PM by the Asst. General Manager of the Bank in his Office Chamber in presence of the Member of the Purchase Committee. The quotationers or their authorized representatives may attend the tender opening if they desire.

**The authority reserves the right to accept or reject any or all quotations without assigning any reason thereof. The decision of the Purchase Committee shall be final and binding.**

**EMD of the unsuccessful bidders shall be refunded within 7 days of opening of quotations.**

TERMS & CONDITIONS:
1. The quotations must be submitted in letter pad along with experience certificate and clients list if any.
2. Price inclusive of GST and other charges should be mentioned
3. Paper sample/Diary sample as per our specifications must be enclosed
4. Any defects/errors/omissions if found in the printed articles shall be rejected.
5. No advance shall be provided for the purpose.
6. Stock as per order will be delivered at HO point in good condition confirming to our specifications.
7. Payment shall be made by a/c payee cheque / Demand Draft or NEFT/RTGS after proper acknowledgment of stock and Bill.

NB:
Specimen to be verified by the Premises Office H.O: Bargarh on office hour 11.00 AM to 4.00 P.M.

Sd/- Chief Executive Officer

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ପରାକ୍ରମ ଦେଖାଇବେ...

ଜେଟ୍ ଓ ବିମାନ ସାମିଲ୍ ହୋଇ ବିଭିନ୍ନ ଯୁଦ୍ଧ କଳା କୌଶଳ ପ୍ରଦର୍ଶନ କରିବେ । ବେଳାଭୂମିରେ ଜିପ୍ ଯୁଦ୍ଧ କୌଶଳ, ଲ୍ୟାଣ୍ଡମାଇନ ବିସ୍ଫୋରଣ, ଯୁଦ୍ଧ ହେଲିକପ୍ଟରର ଦୁଃସାହସିକ ଉଡାଣ କୌଶଳ ପ୍ରଦର୍ଶନ, ଫ୍ଲାଗ ମାର୍ଚ୍ଚ, ସମୁଦ୍ର ଭିତରୁ ଉଦ୍ଧାର କାର୍ଯ୍ୟ, ଟ୍ୟାଙ୍କ ଗୁଡିକର ଯୁଦ୍ଧ କୌଶଳ, କମାଣ୍ଡଙ୍କ ବନ୍ଧୁକ ଚାଳନା, ଜାହାଜରେ ଯୁଦ୍ଧ ହେଲିକପ୍ଟରର ଅବତରଣ ଏବଂ ଉଡ଼ାଣ, ହେଲିକପ୍ଟରରୁ ଗୋଳା ବର୍ଷଣ, ଜେଟ୍ ବିମାନ ଗୁଡିକର ଯୁଦ୍ଧ କଳା ଏବଂ ଗୋଳା ବର୍ଷଣ, ଆଣ୍ଟି ଏୟାର ଡିଫେନ୍ସ କୌଶଳ, ଯୁଦ୍ଧ ଜାହାଜରୁ ଗୋଳା ବର୍ଷଣ, ଯବାନଙ୍କ ଫାୟାର ଗନ୍ ଡ୍ରିଲ୍ ପ୍ରଭୃତି ଗୋଟିଏ ପରେ ଗୋଟିଏ ଦୁଃସାହସିକ ଯୁଦ୍ଧ କୌଶଳ ପ୍ରଦର୍ଶନ କରିବେ। ମହାମହିମ ରାଷ୍ଟ୍ରପତି ଙ୍କ ଗସ୍ତକୁ ନେଇ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ର ପ୍ରସ୍ତୁତି ଶେଷ ହୋଇଛି।

## ପଣ୍ଡିତ ରଘୁନାଥ...

ହେବେ। ସେହିଦିନ ଭୁବନେଶ୍ୱରରେ ଏକ ନ୍ୟାୟିକ ଅଦାଲତର ନୂଆ ଅଟ୍ଟାଳିକା ଉଦ୍‌ଘାଟନ କରିବେ। ୬ ତାରିଖରେ ରାଷ୍ଟ୍ରପତି ମୟୂରଭଞ୍ଜ ଗସ୍ତରେ ଯାଇ ଉପରବେଡ଼ାଠାରେ ଛାତ୍ରଛାତ୍ରୀ ଓ ଗ୍ରାମବାସୀଙ୍କ ସହ ମତ ବିନିମୟ କରିବେ। ୭ ତାରିଖରେ ବିଭିନ୍ନ ନୂତନ ରେଳପ୍ରକଳ୍ପ, ଆଦିବାସୀ ଗବେଷଣା ଓ ବିକାଶ କେନ୍ଦ୍ର, ଦାଣ୍ଡବୋଷ ବିମାନବନ୍ଦର ଏବଂ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟ ସମେତ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିବାର କାର୍ଯ୍ୟକ୍ରମ ରହିଛି।

# ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀଙ୍କ ପେନ୍‌ସନ୍ ସଂଶୋଧନ ଅତ୍ୟନ୍ତ ଜରୁରି



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀଙ୍କ ପେନ୍‌ସନ୍ ଦୀର୍ଘ ୩୦ ବର୍ଷ ହେଲା ସଂଶୋଧନ ନହେବା ଅତ୍ୟନ୍ତ ପରିତାପର ବିଷୟ। ବ୍ୟାଙ୍କ ଶିଳ୍ପରେ ପେନ୍‌ସନ୍ ଯୋଜନା ୧୯୯୫ ମସିହାରୁ ଲାଗୁ କରାଯାଇଥିଲେ ହେଁ, ପ୍ରତି ୫ ବର୍ଷରେ ବ୍ୟାଙ୍କ କର୍ମଚାରୀଙ୍କ ଦରମା ସଂଶୋଧନ ହେଉଥିବା ସମୟରେ ପେନ୍‌ସନ୍ ସଂଶୋଧନ କରାଯାଉନାହିଁ। ଏହା ଫଳରେ ପେନ୍‌ସନ୍ ଭୋଗୀଙ୍କ ମୂଳ ପେନ୍‌ସନ୍ ୩ ଦଶନ୍ଧି ଧରି ଅପରିବର୍ତ୍ତିତ ରହିଛି। ରିଜର୍ଭ ବ୍ୟାଙ୍କ, କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ କ୍ଷେତ୍ରରେ ପେନ୍‌ସନ୍ ଭୋଗୀଙ୍କର ମୂଳ ପେନ୍‌ସନ୍ ସରକାରୀ କର୍ମଚାରୀଙ୍କ ବେତନ ସଂଶୋଧନ ସହିତ ଏକ ସମୟରେ ସଂଶୋଧିତ ହୋଇଥାଏ; ମାତ୍ର ଅବସର ପ୍ରାପ୍ତ ବ୍ୟାଙ୍କ କର୍ମଚାରୀଙ୍କ ପ୍ରତି ଘୋର ଅନ୍ୟାୟ ହେଉଛି। ସ୍ଥାନୀୟ ରେଡ଼କ୍ରସ୍ ଭବନରେ ମହମ୍ମଦ ନାଜିର ଅହମଦ୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ନିଖିଳ ଓଡ଼ିଶା ଆଲାହାବାଦ୍ ବ୍ୟାଙ୍କ ଅବସରପ୍ରାପ୍ତ କର୍ମଚାରୀ ସଂଘର ୫ମ ତ୍ରୈବାର୍ଷିକ ସମ୍ମିଳନୀକୁ ଉଦ୍‌ଘାଟନ କରି ଅଖିଳ ଭାରତ ଆଲାହାବାଦ୍ ବ୍ୟାଙ୍କ ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ସୁରେଶ ଚାନ୍ଦ୍ ଶର୍ମା ଉପରୋକ୍ତ ମତପୋଷଣ କରି କେନ୍ଦ୍ର ସରକାର ଓ ଭାରତୀୟ ବ୍ୟାଙ୍କ ସଂଘ ତୁରନ୍ତ ବ୍ୟାଙ୍କ ଶିଳ୍ପରେ ପ୍ରଚଳିତ ପେନ୍‌ସନ୍ ଯୋଜନାର ସଂଶୋଧନ କରିବାକୁ ଦାବୀ କରିଥିଲେ। ପ୍ରାୟ ୮ଲକ୍ଷରୁ ଉର୍ଦ୍ଧ୍ୱ ବ୍ୟାଙ୍କ ପେନ୍‌ସନ୍ ଭୋଗୀମାନେ ଗତ ୧୦ ବର୍ଷ ଧରି ଏହି ଦାବୀକୁ ସରକାରଙ୍କ ନିକଟରେ ବିଭିନ୍ନ ସାଂଗଠନିକ କାର୍ଯ୍ୟକ୍ରମ ମାଧ୍ୟମରେ ଉପସ୍ଥାପନ କରିବା ସତ୍ତ୍ୱେ ସରକାର ତାର ସୁବିଚାର କରୁନଥିବାରୁ ଗଭୀର କ୍ଷୋଭ ପ୍ରକାଶ କରିଥିଲେ। ଏହି ସମ୍ମିଳନୀରେ ଇଣ୍ଡିଆନ୍ ବ୍ୟାଙ୍କ, ଭୁବନେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମହା ପ୍ରବନ୍ଧକ ଅରୁଣା ଏମ୍. ମୁଖ୍ୟ ଅତିଥି; ସଚିକାନ୍ତ ଦାସ ଇଣ୍ଡିଆନ୍ ବ୍ୟାଙ୍କ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ମୁଖ୍ୟ ଓ ବୈକୁଣ୍ଠ ନାଥ ଆଚାର୍ଯ୍ୟ, ସଭାପତି ନିଖିଳ ଓଡ଼ିଶା ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ସଂଘ; ସମ୍ମାନୀତ ଅତିଥି ଭାବେ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ମାନଙ୍କର ବିଭିନ୍ନ ସମସ୍ୟାର ଆଶୁ ସମାଧାନ ପାଇଁ ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ସମ୍ମିଳନୀରେ ସମଗ୍ର ଓଡ଼ିଶାରୁ ୧୫୦ ପେନ୍‌ସନ୍ ଭୋଗୀ ଓ ପାରିବାରିକ ପେନ୍‌ସନ୍ ଭୋଗୀ ଯୋଗଦେଇଥିଲେ। ଅଭ୍ୟର୍ଥନା ସମିତିର ସଂପାଦକ ମନମୋହନ ମହାନ୍ତି ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ ଏବଂ ସଂଘର ସାଧାରଣ ସମ୍ପାଦକ ନିରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜ୍ୟସଭା ଉପନିର୍ବାଚନ ପାଇଁ ବିଜ୍ଞପ୍ତି ଜାରି
# ୨୦ରେ ଭୋଟ୍

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ରାଜ୍ୟସଭା ଉପନିର୍ବାଚନ ପାଇଁ ମଙ୍ଗଳବାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଓଡ଼ିଶାର ଗୋଟିଏ ଆସନ ସମେତ ୪ ରାଜ୍ୟରେ ଖାଲି ପଡ଼ିଥିବା ୬ଟି ଆସନ ପାଇଁ ଉପନିର୍ବାଚନ ଅନୁଷ୍ଠିତ ହେବ। ଏ ନେଇ ବିଧାନସଭା ସଚିବାଳୟ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। ବିଜେଡିର ପୂର୍ବତନ ସାଂସଦ ସୁଜିତ କୁମାର ରାଜ୍ୟସଭା ସଦସ୍ୟ ପଦରୁ ଇସ୍ତଫା ଦେବାପରେ ଏହି ଆସନଟି ଖାଲି ରହିଛି। ଆସନ୍ତା ଡିସେମ୍ବର ୨୦ ତାରିଖରେ ଉପନିର୍ବାଚନ ପାଇଁ ଭୋଟଗ୍ରହଣ କରାଯିବ। ୧୦ ତାରିଖ ନାମାଙ୍କନ ଦାଖଲର ଶେଷ ତାରିଖ ରହିଥିବାବେଳେ ୧୧ ତାରିଖରେ ପ୍ରାର୍ଥିପତ୍ର ଯାଞ୍ଚ କରାଯିବ ଓ ୧୩ ତାରିଖ ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ଦିବସ ରଖାଯାଇଛି। ବିଧାନସଭାରେ ସଂଖ୍ୟା ଦୃଷ୍ଟିରୁ ଏହି ଆସନଟି ବିଜେପି ସପକ୍ଷରେ ଯିବ। ତେବେ ବିଜେପି ପକ୍ଷରୁ କାହାକୁ ରାଜ୍ୟସଭାକୁ ପଠାଯିବ ସେ ନେଇ ନିର୍ଦ୍ଦିଷ୍ଟ ସୂଚନା ମିଳିପାରି ନାହିଁ। ମମତା ମହାନ୍ତଙ୍କ ପରି ବିଜେପି ସୁଜିତ କୁମାରଙ୍କୁ ରାଜ୍ୟସଭାକୁ ପଠାଇବା ନା ଆଉ କାହାକୁ ପ୍ରାର୍ଥୀ କରିବ ସେ ନେଇ ମଧ୍ୟ ଚର୍ଚ୍ଚା ଆରମ୍ଭ ହୋଇଛି। ଗତ ସେପ୍ଟେମ୍ବର ୬ ତାରିଖରେ ସୁଜିତ କୁମାର ରାଜ୍ୟସଭା ପଦରୁ ଇସ୍ତଫା ଦେଇଥିଲେ। ଏହାପରେ ସେ ବିଜେଡିରୁ ଇସ୍ତଫା ଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସାଂସଦ ଭର୍ତ୍ତୃହରି ମହତାବ ଏବଂ ବିଜେପି ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାରଙ୍କ ଉପସ୍ଥିତିରେ ବିଜେପିରେ ଯୋଗ ଦେଇଥିଲେ।

# ୪ ନଂମ୍ବର ୱାର୍ଡ଼ରେ ଡ୍ରେନ ନିର୍ମାଣ ଦାବି

କଟକ(ଭାସ୍କର ନ୍ୟୁଜ୍): କଟକ ମହାନଗର ଦକ୍ଷିଣାଞ୍ଚଳ ନାଗରିକ ସମିତି ପକ୍ଷରୁ ଅବହେଳିତ ୪ ନମ୍ବର ୱାର୍ଡ଼ରେ ଅବିଳମ୍ବେ ୱାପକସ ସର୍ଭେ ରିପୋର୍ଟକୁ କାର୍ଯ୍ୟକାରୀ କରି ୪ଟି ୱାର୍ଡ଼ରେ ଡ୍ରେନ ନିର୍ମାଣ କରିବା ଦାବିରେ ମହାନଗର ନିଗମ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଦୀର୍ଘ ୨ ଦଶନ୍ଧି ଧରି ୱାର୍ଡ଼ ନଂ ୫୬, ୫୭, ୫୮,୫୯କୁ ପଞ୍ଚାୟତରୁ ନିଗମରେ ସାମିଲ କରାଯାଇଥିଲେ ବି ଅଦ୍ୟାବଧି ସାମାନ୍ୟ ମୌଳିକ ସୁବିଧା ସ୍ୱରୂପ ଡ୍ରେନ ନିର୍ମାଣ ହୋଇନାହିଁ। ଅଂଚଳରେ ବର୍ଷର ୮ ମାସ କାଳ ବର୍ଜ୍ୟଜଳ ଜମି ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିସ୍ଥିତି ସୃଷ୍ଟି କରୁଛି ବୋଲି ପ୍ରତିବାଦ ସଭାରେ ଅଭିଯୋଗ କରାଯାଇଛି । ବହୁ ଆଗରୁ ଏ ବିଷୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲେ ବି କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। କେବଳ ସର୍ଭେ କରାଯାଇ ବିଭିନ୍ନ ଆଳରେ ବର୍ଷ ବର୍ଷ ଧରି ଫାଇଲକୁ ନାଳିଫିତା ତଳେ ଚାପି ଦିଆଯାଇଛି ବୋଲି ଅଭିଯୋଗ ହୋଇଛି।

PARADIP PORT AUTHORITY
MARINE DEPARTMENT
No.MD/SPG/I-12/2022/1573 Date:02/12/2024
e -Tender Call Notice
Name of the work : Supply of 01 no. Unmanned Aerial Vehicle (UAV) (Drone) System for Paradip Port Authority including Installation, Commissioning, Certification, Test, Trial and Training for a period of five years (Comprehensive Warranty + Annual Maintenance Contract for 05 Years) including Buy Back. Estimated cost :Rs.1,36,15,000/- Plus GST. Last Date & time of submission of tender through on-line bidding is 17:00 hours on dt.26/12/2024. Technical Bids shall be opened at 16:00 hours on dt. 27/12/2024. For further details, please log on to the Website : https://eprocure.gov.in/eprocure/app .
Deputy Conservator, PPA
PPA/PR/53/2024-2025 / 03/12/2024

ପୂର୍ବ ତଟ ରେଳପଥ
ଟେଣ୍ଡର ସଂ. eT-M-CD-BBS-BT-18-2024
କାର୍ଯ୍ୟର ନାମ : ଚାରି ବର୍ଷର ଅବଧି ନିମନ୍ତେ କୋଚିଂ ଡିପୋ, ଭୁବନେଶ୍ୱର ର କୋଚଗୁଡ଼ିକରେ ଜୈବ ଶୌଚାଳୟ (DRDE ଟାଇପ୍)ର ବାର୍ଷିକ ରକ୍ଷଣାବେକ୍ଷଣ ଏବଂ ସାଂଚାଳନ ବୃଦ୍ଧି।
ବିଜ୍ଞାପିତ ମୂଲ୍ୟ (₹) : 8,75,11,604.99, EMD : ₹ 5,87,600/-, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 11,800/-, ଶେଷ ହେବା ଅବଧି : 48 ମାସ ।
ବିଡ଼୍ ଆରମ୍ଭ ହେବା ତାରିଖ : ତା.05.12.2024ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.19.12.2024ରିଖ 1530 ଘଟିକାରେ ।
ଏହି ଟେଣ୍ଡର ସର୍ନ୍ଦର୍ଭରେ ମାନୁଆଲ ଅଫର ଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ହେଲେ ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଉପରୋକ୍ତ ଇ-ଟେଣ୍ଡର ର ଇ-ଟେଣ୍ଡର କାଗଜପତ୍ର ସହିତ ସମ୍ପୂର୍ଣ୍ଣ ବିସ୍ତୃତ ବିବରଣୀ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ବରିଷ୍ଠ କୋଚିଂ ଡିପୋ ଅଧିକାରୀ/ ଭୁବନେଶ୍ୱର
PR-775/P/24-25

AFFIDAVIT
By virtue of an affidavit sworn before the Executive Magistrate, Tentulikhunti, Dtd. 21.11.2024, I Sri Palad Bhatra, 64yrs, S/o- Mudi Bhatra, At-Lakadi Pala, Po- Kangra, Ps- Tentulikhunti, Dist- Nagarangpur, declare that I have changed my name from Prahallad Bhatra to Palad Bhatra. Palad Bhatra and Prahallad Bhatra being one and same person. This affidavit is required to be produce before the concerned bank Authority for necessary action.

SHORT TENDER / QUOTATATION CALL NOTICE
H-56
NOTICE NO- 1083 / DT
The Sub-Collector , Anandapur-cum-Chairman , RMC , Anandapur invite rate quoted Sealed Tenders from eligible authenticated suppliers / Manufactures /dealers for supply of Grading Equipments for use at different PPCs under RMC , Anandapur . The Bid Document will be available in the website www.kendujhar.odisha.gov.in from 10:00 A.M. of 02.12.2024 to 09.12.2024 upto 5:00 P.M. . . The Bid shall be received on or before 09.12.2024 through Regd. Post and will be opened on dtd.10.12.2024 at 11.30 A.M. in the Office of the Regulated Market Committee , Anandapur.
Sd/-
Sub-Collector-Anandapur
-Cum-
Chairman, RMC, Anandapu
OIPR 01553/11/0004/2425

NIT for Engagement of Social Media Agency for Zilla Parishad, Ganjam 2024
CAD-1763
NIT No.: 11480 /ZP, Dated: 02.12.2024
NOTICE INVITING TENDER (NIT)

Zilla Parishad, Ganjam, Chatrapur is the apex body in 3 tier Panchayati Raj Institutions under Panchayati Raj and Drinking Water Department, Govt. of Odisha. Ganjam District consisting of 22 Panchayat Samities and 503 Gram Panchayats. The main role of Zilla Parishad is to ensure implementation of major flagship schemes of Govt. of India and Govt. of Odisha on Poverty elevation in rural area. The schemes like Rural Housing, MGNREGS, DWSM, GGY, OLM, DDU- GKY, CFC/SFC etc. are being implemented by the Panchayat Samities, Gram Panchayats and other line department agencies. The purpose is to extend the benefits of all such schemes to the eligible beneficiaries without being deprived of their entitlement.

For successful implementation of the above schemes, IEC plays a major tool for reaching to the beneficiaries and communicating the benefits of the different schemes to the grassroot level. With the emerging of social media and acceptance of the social media in rural areas, the platform will be effective for smooth communication of schemes agenda.

For the purpose, Zilla Parishad, Ganjam intends to engage an agency for **"Social Media Management of Zilla Parishad, Ganjam for managing handles of all user profiles"** to explore such opportunity in social media platform for disseminating the information on different schemes as per details furnished in bid paper.

Name of Work: **"Tender for Engagement of Social Media Agency for Zilla Parishad, Ganjam"**

| Sl. No | Description | Dates |
|---|---|---|
| 1 | Mode of available & submission of tender papers. | Off-Line<br>Tender paper is available on **ganjam.odisha.gov.in** |
| 2 | Date of Issue of Notice Inviting Bid | 03.12.2024 at 10:00 AM |
| 3 | Period of availability of Bidding Documents from Website | From: Date: 03.12.2024 at 10:00 AM<br>To: Date: 20.12.2024 up to 3:00 PM |
| 4 | Deadline for Receiving Bids (Hard Copy) | Date: - 20.12.2024 up to 3:00 PM |
| 5 | Time, Date for opening Technical Bids | 20.12.2024 at 4:00 PM |
| 6 | Bid Validity | 90 days from the last date of submission |
| 7 | Officer inviting Bids/Tender Inviting Authority | Chief Development Officer-cum-Executive Officer Zilla Parishad, Ganjam, Chatrapur. |

Sd/- CDO-cum-EO, Zilla Parishad Ganjam, Chatrapur.
OIPR 19372/11/0007/2425

ନୂଆଦିଲ୍ଲୀ: ଗୁଗଲ୍ ମ୍ୟାପ୍‌ରୁ ସ୍ଥାନ ଦେଖି ଭ୍ରମଣ କରିବା ଅତ୍ୟନ୍ତ ବିପଜ୍ଜନକ ହୋଇଛି। କିଛିଦିନ ପୂର୍ବରୁ ଅସମ୍ପୂର୍ଣ୍ଣ ବ୍ରିଜରୁ କାର ଖସିପଡି ତିନି ଜଣଙ୍କର ମୃତ୍ୟୁ ହୋଇଥିଲା। ଉତ୍ତରପ୍ରଦେଶର ବରେଲି ଜିଲାରେ ଗୁଗଲ୍ ମ୍ୟାପ୍ ଯୋଗୁ ପୁଣି ଏକ ଦୁର୍ଘଟଣା ଘଟିଛି। ବରେଲିର ଇଜ୍ଜତ ନଗର ପୋଲିସ ଷ୍ଟେସନ ଅଞ୍ଚଳରେ ଥିବା ପିଲିଭିତ ରୋଡରେ ଅବସ୍ଥିତ ଗୁଗଲ୍ ମ୍ୟାପ୍ ଯୋଗୁ ଏକ କାର କାଲାପୁର କେନାଲରେ ପଡିଯାଇଥିଲା। କାରରେ ତିନି ଜଣ ଥିଲେ। ଘଟଣା ସମ୍ପର୍କରେ ସୂଚନା ପାଇବା ମାତ୍ରେ ପୋଲିସ ଟିମ ଘଟଣାସ୍ଥଳରେ ପହଞ୍ଚିଥିଲେ। ଜେସିବି ସହାୟତାରେ ପୋଲିସ କାରଟିକୁ କେନାଲରୁ ବାହାର କରିଥିଲା। ସୌଭାଗ୍ୟବଶତଃ ତିନିଜଣଙ୍କ ଜୀବନ ବଞ୍ଚି ଯାଇଥିଲା। ଇଜ୍ଜତ ନଗର ପୋଲିସ ଷ୍ଟେସନ ଦାୟିତ୍ୱରେ ଥିବା ଧନଞ୍ଜୟ ପାଣ୍ଡେ କହିଛନ୍ତି, ଅରୟା ବାସିନ୍ଦା ଦିବ୍ୟାଂଶୁଙ୍କ ପୁଅ ମହେନ୍ଦ୍ର ପ୍ରତାପ ସିଂ ଏବଂ ଦୁଇଜଣ ବ୍ୟକ୍ତି ସେମାନଙ୍କ ଟାଟା ଟାଗୋର କାରରେ ଯାଇଥିଲେ। ସେ ଉପଗ୍ରହ ମାଧ୍ୟମରେ ଗୁଗଲ ମ୍ୟାପ ସାହାଯ୍ୟରେ ପିଲିଭିତ ଯାଉଥିଲେ। କାଲାପୁର କେନାଲ ବାରକାପୁର ତିରାହା ଗାଁ ନିକଟରେ କାରଟି କେନାଲରେ ଓଲଟି ପଡିଥିଲା। କାରରେ ଥିବା ତିନିଜଣ ଅଳ୍ପକେ ବର୍ତ୍ତି ଯାଇଥିଲେ। କାରଟି ଏକ କ୍ରେନ ସହିତ ବାହାରକୁ ଅଣାଯାଇଥିଲା।

## ୩ ନୂତନ ଅପରାଧିକ ଆଇନ୍‌ର ସଫଳ ରୂପାୟନକୁ ଉତ୍ସର୍ଗ କଲେ ମୋଦି

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ଚଣ୍ଡିଗଡ଼ଠାରେ ତିନୋଟି ରୂପାନ୍ତରିତ ନୂତନ ଅପରାଧିକ ଆଇନ- ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମର ସଫଳ ରୂପାୟନକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି । ସମବେତ ଜନତାଙ୍କୁ ସମ୍ବୋଧିତ କରି ଶ୍ରୀ ମୋଦୀ କହିଥିଲେ ଯେ ଚଣ୍ଡିଗଡ଼ର ପରିଚୟ ଦେବୀ ମା' ଚଣ୍ଡୀଙ୍କ ସହ ଜଡ଼ିତ, ଯିଏ ସତ୍ୟ ଓ ନ୍ୟାୟ ପ୍ରତିଷ୍ଠା କରୁଥିବା ଶକ୍ତିର ଏକ ରୂପ । ସେ ଆହୁରି ମଧ୍ୟ କହିଛନ୍ତି ଯେ ସମାନ ଦର୍ଶନ ଭାରତୀୟ ନ୍ୟାୟ ସଂହିତା ଏବଂ ଭାରତୀୟ ନାଗରିକ ସୁରକ୍ଷା ସଂହିତାର ସମଗ୍ର ଫର୍ମାଟର ଆଧାର ଥିଲା । ପ୍ରଧାନମନ୍ତ୍ରୀ କହିଥିଲେ ଯେ ଭାରତୀୟ ସମ୍ବିଧାନର ଭାବନାରେ ଅନୁପ୍ରାଣିତ



ହୋଇ ଭାରତୀୟ ନ୍ୟାୟ ସଂହିତା କାର୍ଯ୍ୟକାରୀ ହେବା ଏକ ଚମତ୍କାର ମୁହୂର୍ତ୍ତ, କାରଣ ଦେଶ ବିକଶିତ ଭାରତର ସଂକଳ୍ପ ସହିତ ଭାରତୀୟ ସମ୍ବିଧାନର ୭୫ ବର୍ଷ ପୂର୍ତ୍ତି ଅବସରରେ ଆଗକୁ ବଢ଼ିବାର ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତରେ ରହିଛି । ଦେଶର ନାଗରିକଙ୍କ ପାଇଁ ଆମ ସମ୍ବିଧାନ ଯେଉଁ ଆଦର୍ଶର ପରିକଳ୍ପନା କରିଛି ତାହାକୁ ପୂରଣ କରିବା ଦିଗରେ ଏହା ଏକ ଠୋସ୍ ପ୍ରୟାସ ବୋଲି ସେ କହିଛନ୍ତି। ଏହି ଆଇନର ସିଧା ପ୍ରଦର୍ଶନ ପରିଦର୍ଶନ କରିବାକୁ ପ୍ରଧାନମନ୍ତ୍ରୀ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ତିନୋଟି ନୂତନ ଅପରାଧିକ ଆଇନର ସଫଳ ରୂପାୟନ ଅବସରରେ ସେ ସମସ୍ତ ନାଗରିକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେ ଚଣ୍ଡିଗଡ଼ ପ୍ରଶାସନର ସମସ୍ତ ଅଂଶଗ୍ରହଣକାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଦେଶର ନୂତନ ନ୍ୟାୟ ସଂହିତା ନିର୍ମାଣ ପ୍ରକ୍ରିୟା ଯେତିକି ବ୍ୟାପକ ହୋଇଛି ତାହା ସେତିକି ତଥ୍ୟଭିତ୍ତିକ ବୋଲି ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ଶ୍ରୀ ମୋଦୀ ଏହା ମଧ୍ୟ ଉଲ୍ଲେଖ କରିଥିଲେ ଯେ ସ୍ୱାଧୀନତାର ସାତ ଦଶନ୍ଧି ମଧ୍ୟରେ ନ୍ୟାୟିକ ବ୍ୟବସ୍ଥା ସମ୍ମୁଖୀନ ହୋଇଥିବା ଆହ୍ୱାନ ଉପରେ ଗଭୀର ବିଚାର ବିମର୍ଶ କରିବା ସହିତ ପ୍ରତ୍ୟେକ ଆଇନର ବ୍ୟବହାରିକ ଦିଗକୁ ଅନୁଧ୍ୟାନ କରାଯାଇଥିଲା । ସେ ଆହୁରି ମଧ୍ୟ କହିଛନ୍ତି ଯେ ନ୍ୟାୟ ସଂହିତାର ଭବିଷ୍ୟତ ଦିଗ ଉପରେ ମଧ୍ୟ କାମ କରାଯାଇଥିଲା। ନୂତନ ନ୍ୟାୟ ସଂହିତା ଦିଗରେ ମିଳିତ ପ୍ରୟାସ ପାଇଁ ସୁପ୍ରିମ୍‌କୋର୍ଟ, ହାଇକୋର୍ଟ- ପଞ୍ଜାବ ଓ ହରିୟାଣା ହାଇକୋର୍ଟ ଏବଂ ସମସ୍ତ ସମ୍ମାନିତ ବିଚାରପତିଙ୍କୁ ଶ୍ରୀ ମୋଦୀ କୃତଜ୍ଞତା ଜ୍ଞାପନ କରିଥିଲେ। ବାର୍ ଆଗେଇ ଆସି ଏହାର ମାଲିକାନା ନେଇଥିବାରୁ ସେ ଧନ୍ୟବାଦ ଜଣାଇଛନ୍ତି। ସମସ୍ତଙ୍କ ସହଯୋଗରେ ନିର୍ମିତ ଭାରତର ଏହି ନ୍ୟାୟ ସଂହିତା ଭାରତର ନ୍ୟାୟିକ ଯାତ୍ରାରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଶ୍ରୀ ମୋଦୀ ବିଶ୍ୱାସ ବ୍ୟକ୍ତ କରିଥିଲେ ।

## ରସାୟନ କାରଖାନାରେ ବିସ୍ଫୋରଣ, ୪ ଶ୍ରମିକ ମୃତ

ଭରୁଚ: ଗୁଜରାଟର ଭରୁଚ ଜିଲ୍ଲାରେ ଥିବା ଏକ ରସାୟନ କାରଖାନାରେ ବିସ୍ଫୋରଣ ଘଟିଛି। ଏହି ବିସ୍ଫୋରଣ ଯୋଗୁଁ କାରଖାନାରେ କାମ କରୁଥିବା ୪ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଗୁଜୁରାଟର ଭରୁଚ ଜିଲ୍ଲାର ଅଙ୍କଲେଶ୍ୱର ଜିଆଇଡିସି ଅଞ୍ଚଳରେ ଥିବା ଏକ ଶିଳ୍ପ ୟୁନିଟର ଷ୍ଟୋରେଜ୍ ଟାଙ୍କିରେ ମଙ୍ଗଳବାର ଅପରାହ୍ନରେ ଏହି ଘଟଣା ଘଟିଛି। ଭରୁଚ ଆରକ୍ଷୀ ଅଧୀକ୍ଷକ ମୟୂର ଚାୱ୍ଡା କହିଛନ୍ତି ଯେ ଶିଳ୍ପ ବର୍ଜ୍ୟବସ୍ତୁ ବିଶୋଧନ ପ୍ରସ୍ତୁତ କରୁଥିବା କମ୍ପାନୀ ଡେଟକ୍ସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ପରିସରରେ ଥିବା ଷ୍ଟୋରେଜ୍ ଟାଙ୍କି ଉପରେ ଚଢ଼ି ଶ୍ରମିକମାନେ କାମ କରୁଥିବା ବେଳେ ଏହି ବିସ୍ଫୋରଣ ଘଟିଥିଲା। ପୋଲିସର ଏକ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି ବୋଲି ଚାୱ୍ଡା କହିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଆହତଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରିଛି ।

## କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଭେଟିଲେ ଓଡ଼ିଶା ସାଂସଦ

ନୂଆଦିଲ୍ଲୀ: ଓଡ଼ିଶାର ଆର୍ଥିକ ହିତକୁ ବଜାୟ ରଖାଯିବା ସହ ପୂର୍ବତଟ ରେଳପଥ ମଧ୍ୟରେ ପୂର୍ବପରି ୩ଟି ରେଳ ମଣ୍ଡଳ ରହିବ ବୋଲି କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ



କହିଛନ୍ତି । ମଙ୍ଗଳବାର ନୂଆଦିଲ୍ଲୀରେ ଓଡ଼ିଶାର ଲୋକସଭା ସାଂସଦଙ୍କ ସହ ଆଲୋଚନ ପରେ ଶ୍ରୀ ବୈଷ୍ଣବ କହିଛନ୍ତି, ଓଡ଼ିଶାର ରେଳ ବିକାଶ ପ୍ରସଙ୍ଗରେ ସାଂସଦଙ୍କ ସହ ବିସ୍ତୃତ ଆଲୋଚନା ହେଲା। ବର୍ତ୍ତମାନ ପୂର୍ବତଟ ଏବଂ ଦକ୍ଷିଣତଟ ରେଳଜୋନ୍ ପୁନର୍ଗଠନ ହେଉଥିବା ବେଳେ ଓଡ଼ିଶାର ଆର୍ଥିକ ସ୍ୱାର୍ଥରକ୍ଷା ପ୍ରତି ବିଶେଷ ଧ୍ୟାନ ଦିଆଯାଇଛି । ରେଳ ବିକାଶ ପାଇଁ ୭୩,୭୨୩ କୋଟିରୁ ଅଧିକ ଟଙ୍କା ମଞ୍ଜୁର କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ରେଳମନ୍ତ୍ରୀ କୃତଜ୍ଞତା ଜଣାଇଛନ୍ତି। ସେ କହିଛନ୍ତି, ପ୍ରସ୍ତାବିତ ରାୟଗଡା ରେଳ ମଣ୍ଡଳକୁ ମଞ୍ଜୁର କରାଯାଇଛି । ରେଳ ମଣ୍ଡଳ କାର୍ଯ୍ୟାଳୟ ନିର୍ମାଣ ପାଇଁ ୧୦୭ କୋଟି ଟଙ୍କାର ଟେଣ୍ଡର ଆହ୍ୱାନ କରାଯାଇଛି । ୧୯,୨୮୯ କୋଟି ଟଙ୍କାର ୮ଟି ରେଳ ପ୍ରକଳ୍ପକୁ କେନ୍ଦ୍ର କ୍ୟାବିନେଟ ଅନୁମୋଦନ କରିଛି । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଓଡ଼ିଶା ଇତିହାସରେ ଯାହା କେବେ ହୋଇନଥିଲା ବିଗତ ୧୦ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ସେହି ସମ୍ଭାବନାକୁ ଓଡ଼ିଶା ପାଇଁ ତିଆରି କରିଥିବାରୁ ରାଜ୍ୟବାସୀଙ୍କ ତରଫରୁ ତାଙ୍କୁ ଅଶେଷ କୃତଜ୍ଞତା। ଗତ ଦଶନ୍ଧିରେ ପାଖାପାଖି ୭୫ ହଜାର କୋଟି ଟଙ୍କାର ରେଳ ବଜେଟ ବ୍ୟବସ୍ଥା କରାଯାଇଛି । ଏହି ଅବସରରେ କଟକ ସାଂସଦ ଭର୍ତ୍ତୃହରି ମହତାବ, ବ୍ରହ୍ମପୁର ସାଂସଦ ଡକ୍ଟର ପ୍ରଦୀପ ପାଣିଗ୍ରାହୀ, ଯାଜପୁର ସାଂସଦ ରବୀନ୍ଦ୍ର କୁମାର ବେହେରା, ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, ଆସିକା ସାଂସଦ ଅନୀତା ଶୁଭଦର୍ଶିନୀ, ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ, ଜଗତସିଂହପୁର ସାଂସଦ ବିଭୁପ୍ରସାଦ ତରାଇ, ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, କଳାହାଣ୍ଡି ସାଂସଦ ମାଳବିକା ଦେବୀ ପ୍ରମୁଖ ଉପସ୍ଥିତ ଥିଲେ।

## ମହତାରୀ ବନ୍ଧନ ଯୋଜନାର ଦଶମ କିସ୍ତି ପ୍ରଦାନ କଲେ ବିଷ୍ଣୁଦେବ

ରାୟପୁର: ଛତିଶଗଡ଼ର ୭୦ଲକ୍ଷ ମା' ଓ ଭଉଣୀଙ୍କୁ ମହତାରୀ ବନ୍ଧନ ଯୋଜନାର ଦଶମ କିସ୍ତି ମଙ୍ଗଳବାର ପ୍ରଦାନ କରିଛନ୍ତି ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ । ପ୍ରତ୍ୟେକ ମହିଳାଙ୍କୁ ଜମାଖାତାକୁ ଏକ ହଜାର ଟଙ୍କା ଲେଖାଏଁ ପଠାଯାଇଥିବା ସୂଚନା ଦିଆଯାଇଛି । ଏହି ଅବସରରେ ବିଷ୍ଣୁଦେବ କହିଥିଲେ ଯେ, ମୋ ରାଜ୍ୟର ମା' ଓ ଭଉଣୀମାନଙ୍କ ଆଶୀର୍ବାଦ ମୋତେ କାମ କରିବା ପାଇଁ ଶକ୍ତି ଦେଉଛି । ସେମାନଙ୍କ ଆଖିରେ ଦେଖାଯାଉଥିବା ସ୍ୱାଭିମାନର ଚମକ ମୋ ପାଇଁ ଆତ୍ମସନ୍ତୋଷ ଆଣିଦେଇଛି । ମଙ୍ଗଳବାର ଶ୍ରୀ ସାଏ ରାୟଗଡ଼ ଜିଲ୍ଲାରେ ୧୩୭ କୋଟି ଟଙ୍କା ବ୍ୟୟରେ କାର୍ଯ୍ୟକାରୀ ହେବାକୁ ଯାଉଥିବା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ ସହ ଭୂମିପୂଜନ କରିଥିଲେ । ସେ କହିଥିଲେ ୭୦ଲକ୍ଷ ମହିଳାଙ୍କୁ ଦଶମ କିସ୍ତି ବାବଦରେ ୬୫୨ କୋଟି ଟଙ୍କା ପ୍ରଦାନ କରାଯାଇଛି । ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ନିଜ ଉଦ୍‌ବୋଧନରେ କହିଥିଲେ ଯେ, ସାରଙ୍ଗଗଡ଼-ବିଲାଇଗଡ଼ ଜିଲ୍ଲାର ଦାନସରା ଗ୍ରାମରେ ମା' ଓ ଭଉଣୀମାନଙ୍କ ଉଦ୍ୟମରେ ଅଯୋଧ୍ୟାରେ ଭବ୍ୟ ଶ୍ରୀରାମ ଲଲାଙ୍କ ମନ୍ଦିର ନିର୍ମାଣ କରାଯାଇଛି । ଆମେ ମଧ୍ୟ ଗାଁରେ ହନୁମାନଙ୍କ ପାଖରେ ରାମଲଲାଙ୍କ ମନ୍ଦିର ବନାଉଛୁ । ମହିଳା ଓ ଭଉଣୀମାନଙ୍କୁ ମିଳୁଥିବା ମହତାରୀ ବନ୍ଧନ ଯୋଜନାର ଅର୍ଥରାଶି ମିଳିତ ଭାବେ ଏହି ମନ୍ଦିର ନିର୍ମାଣରେ ବିନିଯୋଗ କରୁଛନ୍ତି । ସେ ଆହୁରି କହିଥିଲେ ଯେ, ଆସନ୍ତାକାଲି ମୁଁ ରାୟପୁରରେ



ପବ୍ଲିକ ସର୍ଭିସ୍ ପରୀକ୍ଷା ଟପ୍ପର୍ସଙ୍କୁ ଭେଟିବି । ସେମାନଙ୍କ ଆଖିରେ ଭରସାର ଚମକ ଥିବା ମୁଁ ଦେଖିପାରିଛି । ପରୀକ୍ଷାରେ ଯେପରି ଆଗାମୀ ଦିନରେ କୌଣସି ଗଡ଼ବଡ଼ ନହୁଏ ସେଥିପାଇଁ ଧ୍ୟାନ ଦେବାକୁ ମୁଁ ବ୍ୟକ୍ତିଭାବେ ଉଦ୍ୟମ କରିବି ବୋଲି ସେ କହିଥିଲେ । ସେହିପରି ରାଜ୍ୟରୁ ଭ୍ରଷ୍ଟାଚାର କରୁଥିବା ବ୍ୟକ୍ତିବିଶେଷଙ୍କୁ ସିବିଆଇ ଜିମା ଦେବି । ମୁଁ ଆଜି ୪୨ କୋଟି ଟଙ୍କା ବିନିମୟରେ ନାଳନ୍ଦା ପରିସରରେ ଭୂମିପୂଜନ କାର୍ଯ୍ୟକ୍ରମ କରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜ୍ଞାନ ଆଧାରିତ ସମାଜ ସ୍ଥାପନ ପାଇଁ ମୁଁ ପ୍ରୟାସ ଆରମ୍ଭ କରିଛି । ଆଜିର ଯୁବପିଢ଼ିଙ୍କୁ ଉପଯୁକ୍ତ ଶିକ୍ଷା ବ୍ୟବସ୍ଥା ସୁନିଶ୍ଚିତ କରିବା ପାଇଁ ମୁଁ ପଦକ୍ଷେପ ଗ୍ରହଣ କରୁଛି ।

## ବାଂଲାଦେଶରେ ହିନ୍ଦୁଙ୍କୁ ଆକ୍ରମଣର ମାଷ୍ଟର ମାଇଣ୍ଡ୍ ୟୁନୁସ୍ ସରକାର: ହସିନା

ଢାକା: ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁଙ୍କ ପ୍ରତି ହିଂସା ଜାରି ରହିଛି। ଦେଶରେ ହୋଇଥିବା ଆକ୍ରମଣ ପରେ ଶେଖ ହସିନା ଭାରତରେ ଅଛନ୍ତି। ବର୍ତ୍ତମାନ ଶେଖ ହସିନା ମଧ୍ୟବର୍ତ୍ତୀକାଳୀନ ସରକାରର ନେତୃତ୍ୱ ନେଉଥିବା ମହମ୍ମଦ ୟୁନୁସଙ୍କ ଉପରେ ବହୁ ହତ୍ୟା ଏବଂ ସଂଖ୍ୟାଲଘୁଙ୍କୁ ଟାର୍ଗେଟ କରିଥିବା ଅଭିଯୋଗ କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ବାଂଲାଦେଶରେ ଘଟିଥିବା ନରସଂହାର ପାଇଁ ମହମ୍ମଦ ୟୁନୁସ ଦାୟୀ। ନ୍ୟୁୟର୍କରେ ଏକ ଆୱାମି ଲିଗ୍ ଇଭେଣ୍ଟକୁ ସମ୍ବୋଧିତ କରି ହସିନା ମନ୍ଦିର, ଚର୍ଚ୍ଚ ଏବଂ ଧାର୍ମିକ ସଂଗଠନ ଇସ୍କନ ଉପରେ ବାରମ୍ବାର ଆକ୍ରମଣ କରିଥିବାରୁ ୟୁନୁସ୍‌ଙ୍କୁ ସମାଲୋଚନା କରିଥିଲେ। ଶେଖ ହସିନା କହିଛନ୍ତି, ମୋ ଉପରେ ସାମୁହିତ ହତ୍ୟାକାଣ୍ଡ ଅଭିଯୋଗ ହୋଇଛି। କିନ୍ତୁ ଏହି ଆକ୍ରମଣର ମାଷ୍ଟରମାଇଣ୍ଡ ହେଉଛି ମହମ୍ମଦ ୟୁନୁସ। ନ୍ୟୁୟର୍କରେ ଏକ ଆୱାମି ଲିଗ୍ ଇଭେଣ୍ଟକୁ ସମ୍ବୋଧିତ କରି ହସିନା ମନ୍ଦିର, ଚର୍ଚ୍ଚ ଏବଂ ଧାର୍ମିକ ସଂଗଠନ ଇସ୍କନ ଉପରେ ବାରମ୍ବାର ଆକ୍ରମଣ କରିଥିବାରୁ ୟୁନୁସ୍‌ଙ୍କୁ ସମାଲୋଚନା କରିଥିଲେ। ଶେଖ ହସିନା କହିଛନ୍ତି, ମୋ ଉପରେ ସାମୁହିତ ହତ୍ୟାକାଣ୍ଡ ଅଭିଯୋଗ ହୋଇଛି। କିନ୍ତୁ ଏହି ଆକ୍ରମଣର ମାଷ୍ଟରମାଇଣ୍ଡ ହେଉଛି ମହମ୍ମଦ ୟୁନୁସ୍। ଶେଖ ହସିନା କହିଛନ୍ତି ଯେ ଆଜି ଶିକ୍ଷକ, ପୋଲିସ, ନେତା, ସମସ୍ତଙ୍କୁ ଆକ୍ରମଣ କରାଯାଉଛି। ହିନ୍ଦୁ, ବୌଦ୍ଧ ଏବଂ ଖ୍ରୀଷ୍ଟିଆନ୍‌ଙ୍କୁ ଟାର୍ଗେଟ୍ କରାଯାଉଛି। ୧୧ଟି ଚର୍ଚ୍ଚ ଏବଂ ଅନେକ ମନ୍ଦିର ଉପରେ ଆକ୍ରମଣ କରାଯାଇଛି। ଇସ୍କନ୍ ଉପରେ ଆକ୍ରମଣ କରାଯାଇଥିଲା। ୟୁନୁସ୍ ସରକାରଙ୍କୁ ପଚାରିବାରୁ ସେ କହିଛନ୍ତି, ବର୍ତ୍ତମାନ ବାଂଲାଦେଶରେ ଅଳ୍ପସଂଖ୍ୟକଙ୍କୁ କାହିଁକି ଟାର୍ଗେଟ କରାଯାଉଛି। ପୂର୍ବତନ ପ୍ରଧାନମନ୍ତ୍ରୀ ଦାବି କରିଛନ୍ତି ଯେ ତାଙ୍କ ପିତା ଏବଂ ବଙ୍ଗଳାଖଣ୍ଡ ଶେଖ ମୁଜିବୁର ରହମାନଙ୍କୁ ହତ୍ୟା କରାଯିବା ଭଳି ଯୋଜନା କରାଯାଇଥିଲା। ହସିନା କହିଛନ୍ତି ଯେ ସେ ବାଂଲାଦେଶ ଛାଡିଛନ୍ତି କାରଣ ସେ 'ନରସଂହାର'ଚାହୁଁନାହାଁନ୍ତି।

### ହରିଆଣା ସରକାରଙ୍କ ନିଷ୍ପତ୍ତି

## ରାସନ ବିତରଣରେ ହେର୍‌ଫେର୍ କଲେ କାର୍ଯ୍ୟାନୁଷ୍ଠାନ



ଚଣ୍ଡୀଗଡ଼: ହରିଆଣା ସରକାର ରାସନ ବିତରଣ ନେଇ ଏକ ବଡ଼ଧରଣର ନିଷ୍ପତ୍ତି ନେଇଛନ୍ତି । ଯେଉଁ ରାସନ ଡିପୋ ମାଲିକମାନେ ଭେଜାଲ୍ କାରବାର କରୁଛନ୍ତି ସେମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ହରିଆଣା ସରକାର ଚେତାଇ ଦେଇଛନ୍ତି । ରାସନ୍ ଡିପୋ ହୋଲଡରମାନଙ୍କୁ ନିୟନ୍ତ୍ରଣ ଭିତରେ ରଖିବା ପାଇଁ ତଥା ରାସନ ସଠିକ୍ ଭାବେ ବିତରଣ ପାଇଁ ସରକାର ଡିପୋ ହୋଲଡରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହାକୁ ଉଲ୍ଲଂଘନ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାଇ ଦେଇଛନ୍ତି । ବହୁ କ୍ଷେତ୍ରରେ ଦେଖାଯାଉଛି ଯେ, ରାସନ ପାଇଁ ଲୋକମାନେ ନିରାଶ ହୋଇ ଫେରୁଛନ୍ତି । ତେଣୁ ସେମାନେ ଯେପରି ନିୟମିତ ରାସନ ପାଇପାରିବେ ସେନେଇ ସୁନିଶ୍ଚିତ କରିବାକୁ ଡିପୋ ହୋଲଡରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏପରିକି ରାସନ ଡିପୋଗୁଡ଼ିକୁ ଲଗାତାର ୩୦ ଦିନ ଖୋଲା ରଖିବା ପାଇଁ ମଧ୍ୟ କୁହାଯାଇଛି । ଏଥିସହ ରାସନ ଡିପୋରେ ସିସିଟିଭି କ୍ୟାମେରା ଲଗାଇବା ପାଇଁ ହରିଆଣା ସରକାର କହିଛନ୍ତି । ଏହି ଡିପୋଗୁଡ଼ିକ ସକାଳୁ ସଞ୍ଜ ଯାଏ ଖୋଲା ରଖିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । ଫଳରେ ଡିପୋ ମାଲିକମାନେ ଆଉ ହେରଫେର କରିବାକୁ ସୁଯୋଗ ପାଇବେ ନାହିଁ ବୋଲି ହରିଆଣା ସରକାରଙ୍କ ପକ୍ଷରୁ କୁହାଯାଇଛି ।

# ବାଣିଜ୍ୟ

Payments Bank

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଶାର ମହିଳାମାନେ ବର୍ତ୍ତମାନ ଏୟାରଟେଲ ପେମେଂଟ୍ସ ବ୍ୟାଙ୍କ ସହିତ ରାଜ୍ୟ ସରକାରଙ୍କ ସୁଭଦ୍ରା ଯୋଜନାର ଲାଭ ଉଠାଇପାରିବେ । ବଞ୍ଚିତ ଏବଂ ଅଣବ୍ୟାଙ୍କିଂ ଅଞ୍ଚଳଗୁଡ଼ିକରେ ୧୦,୧୫୮ ପଏଣ୍ଟ ସମେତ ଓଡ଼ିଶାରେ ଏୟାରଟେଲ୍ ପେମେଂଟ୍ସ ବ୍ୟାଙ୍କର ୨୮ହଜାରରୁ ଅଧିକ ବ୍ୟାଙ୍କିଙ୍ଗ ପଏଣ୍ଟ ରହିଛି । ଯାହାଦ୍ୱାରା ମହିଳା ହିତାଧିକାରୀମାନେ ସହଜରେ କିଛି ମିନିଟ୍ ମଧ୍ୟରେ ବ୍ୟାଙ୍କ ଆକାଉଣ୍ଟ ଖୋଲିପାରିବେ। ଏହି ଆକାଉଣ୍ଟଗୁଡ଼ିକୁ ସୁଭଦ୍ରା ଏବଂ ଅନ୍ୟାନ୍ୟ ପ୍ରତ୍ୟକ୍ଷ ଲାଭ ସ୍ଥାନାନ୍ତର (ଡିବିଟି) ଯୋଜନା ସହିତ ସଂଯୋଗ କରାଯାଇପାରିବ, ଯାହା ଦ୍ରୁତ ଏବଂ ସୁରକ୍ଷିତ ଆର୍ଥିକ ସହାୟତା ସୁନିଶ୍ଚିତ କରୁଛି । ସୁଭଦ୍ରା ଯୋଜନାରେ ଯୋଗ୍ୟ ମହିଳାମାନଙ୍କୁ ୫୦ ହଜାର ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି, ଯାହାକୁ ୫ ବର୍ଷ ମଧ୍ୟରେ ବାର୍ଷିକ ୧୦ ହଜାର ଟଙ୍କା ହିସାବରେ ବଣ୍ଟନ କରାଯାଉଛି। ଏହି ପଦକ୍ଷେପ ସମ୍ପର୍କରେ ମତବ୍ୟକ୍ତ କରି ଏୟାରଟେଲ ପେମେଂଟ୍ସ ବ୍ୟାଙ୍କର ମୁଖ୍ୟ ପରିଚାଳନା ଅଧିକାରୀ ଗଣେଶ ଅନନ୍ତ ନାରାୟଣନ କହିଛନ୍ତି, ମହିଳାଙ୍କ ଆର୍ଥିକ ସଶକ୍ତୀକରଣ ପାଇଁ ଓଡ଼ିଶା ସରକାରଙ୍କ ଦୃଷ୍ଟିକୋଣକୁ ସହଯୋଗ କରିବାକୁ ଆମେ ପ୍ରତିଶ୍ରୁତିବଦ୍ଧ। ସୁଭଦ୍ରା ସହ ଲିଙ୍କ୍ ହୋଇପାରୁଥିବା ଆକାଉଣ୍ଟ ଖୋଲିବା ପାଇଁ ବ୍ୟାଙ୍କଗୁଡ଼ିକ ମଧ୍ୟରେ ଚୟନ ହୋଇଥିବା ଯୋଗୁଁ ଆମେ ଆନନ୍ଦିତ।

## ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍‌ର ମୋବାଇଲ ଆପ୍, ଆଇପ୍ରୁ ଏଜ୍‌ର

ମୁମ୍ବାଇ: ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍ସୁରାନ୍ସ ଦ୍ୱାରା ସ୍ୱତନ୍ତ୍ର ଭାବେ ଏହାର ପରାମର୍ଶଦାତାଙ୍କ ପାଇଁ ପ୍ରଦାନ କରାଯାଉଥିବା ଏକ ମୋବାଇଲ ଆପ୍ ଆଇପିଆର୍‌ୟୁ (ଆଇପ୍ରୁ) ଏଜ୍‌ର ଆରମ୍ଭ କରାଯାଇ । ଯାହାକି ୨୦୨୫ ଆର୍ଥିକ ବର୍ଷର ପ୍ରଥମ ଅର୍ଦ୍ଧଭାଗରେ ସେମାନଙ୍କର ଉତ୍ପାଦକତାରେ ୩୭% ବୃଦ୍ଧି ଘଟାଇଛି ଏବଂ ଏହା ସେମାନଙ୍କ ପାଇଁ ଅଧିକ ଆୟ ସୃଷ୍ଟି କରିଛି। ଗୁରୁତ୍ୱପୂର୍ଣ୍ଣ ଭାବେ ଆଇପ୍ରୁ ଏଜ୍‌ର ବ୍ୟବହାର କରୁଥିବା ଏହାର ୯୮.୧% ଏଜେଂଟଙ୍କୁ ସମାନ ଦିନରେ କମିଶନ ପଇଠ କରାଯାଉଛି। ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ହେଉଛି ପ୍ରଥମ ଜୀବନ ବୀମା ପ୍ରଦାନକାରୀ ଯାହା ନିର୍ଦ୍ଦିଷ୍ଟ ବିତରଣକାରୀଙ୍କୁ ସମାନ ଦିନରେ କମିଶନ ପ୍ରଦାନ କରୁଛି। କମ୍ପାନୀର ୨ ଲକ୍ଷରୁ ଅଧିକ ପରାମର୍ଶଦାତାଙ୍କ ଏକ ନେଟ୍‌ୱର୍କ ରହିଛି ଏବଂ କମ୍ପାନୀର ପ୍ରାୟ ୬୧% ଶୀର୍ଷ ପରାମର୍ଶଦାତା ଏବେ ସକ୍ରିୟ ଭାବେ ଏହି ଆପ୍‌ର ବ୍ୟବହାର



କରୁଛନ୍ତି ଯାହା ସେମାନଙ୍କୁ ନିଜର ବ୍ୟବସାୟ ବୃଦ୍ଧି କରିବାରେ ସାହାଯ୍ୟ କରୁଛି । ଏହି ମୋବାଇଲ ଆପ୍ ଏଜେଣ୍ଟଙ୍କ ପାଇଁ ଯାତ୍ରା ସମୟରେ ଏକ ଅଫିସ୍ ଭାବେ କାର୍ଯ୍ୟ କରୁଛି ଯାହା ସେମାନଙ୍କୁ ପ୍ରଶାସନିକ କାର୍ଯ୍ୟକଳାପ ପରିବର୍ତ୍ତେ ନୂତନ ବ୍ୟବସାୟ ବିକାଶ ଉପରେ ଧ୍ୟାନ ଦେବା ପାଇଁ ଅନୁମତି ଦେଇଥାଏ। ଆଇପ୍ରୁ ଏଜ୍ ରିଅଲ-ଟାଇମ କେୱାଇସି ପ୍ରମାଣୀକରଣକୁ ସୁଗମ କରିଥାଏ ଏବଂ ଓସିଆର୍ ଟେକ୍ନୋଲୋଜି ଗ୍ରାହକଙ୍କୁ ଏକ ପେପରଲେସ୍ କ୍ରୟ ଅନୁଭୂତି ପ୍ରଦାନ କରିଥାଏ। ଏହା ଛୋଟ ସହର ଓ ଗ୍ରାମଗୁଡିକରେ ବାସ କରୁଥିବା ଏଜେଂଟମାନଙ୍କ ପାଇଁ ଖୁବ୍ ଉପଯୋଗୀ ଅଟେ। ଏସମ୍ପର୍କରେ ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍ସୁରାନ୍ସର ସେଲ୍ସ, ପ୍ରୋପ୍ରିଏଟାରୀ ଚ୍ୟାନେଲ ବିଭାଗର ମୁଖ୍ୟ ରାଜୀବ ଅରୋରା କହିଛନ୍ତି, ଆମର ମୋବାଇଲ ଆପ୍ ଆଇପ୍ରୁ ଏଜ୍ ଆମର ଏଜେଣ୍ଟମାନଙ୍କୁ ନିଜର ବ୍ୟବସାୟ ବୃଦ୍ଧି କରିବା ପାଇଁ ସକ୍ଷମ କରୁଛି। ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ୬ ମାସରେ ସେମାନଙ୍କ ଉତ୍ପାଦକତାରେ ଆମେ ପରିଲକ୍ଷିତ କରିଥିବା ୩୭% ବୃଦ୍ଧିରୁ ଏହା ପ୍ରମାଣିତ ହୋଇଛି। ଏହାବ୍ୟତୀତ ଏହି ମୋବାଇଲ ଆପ୍‌କୁ ବ୍ୟବହାର କରୁଥିବା ୯୮.୧% ପରାମର୍ଶଦାତାଙ୍କୁ ସମାନ ଦିନରେ କମିଶନ ପଇଠ କରାଯାଉଛି। ଏଭଳି ପଦକ୍ଷେପଗୁଡିକ ଆମକୁ ଦେଶର ସର୍ବାଧିକ ପରାମର୍ଶଦାତା ଅନୁକୂଳ ଜୀବନ ବୀମା ପ୍ରଦାନକାରୀ ସଂସ୍ଥାରେ ପରିଣତ ହେବା ପାଇଁ ସକ୍ଷମ କରିଛି।

## ଆର୍‌ଏସ୍‌ପି ଦ୍ୱାରା ଜାତୀୟ ପ୍ରଦୂଷଣ ନିରାକରଣ ଦିବସ

ରାଉରକେଲା(ଭାସ୍କର ନ୍ୟୁଜ): ସେଲ୍, ରାଉରକେଲା ଇସ୍ପାତ କାରଖାନା, ଅବଶିଷ୍ଟ ଦେଶବାସୀଙ୍କ ସହ ଡିସେମ୍ବର ୨ ତାରିଖ ଦିନ ଜାତୀୟ ପ୍ରଦୂଷଣ ନିରାକରଣ ଦିବସ ପାଳନ କରିଥିଲା। ଏହି ଉତ୍ସବ ପାଳନ ଉପଲକ୍ଷେ ପରିବେଶ ଇଞ୍ଜିନିୟରିଂ ବିଭାଗ ଦ୍ୱାରା ଜ୍ଞାନାର୍ଜନ ଏବଂ ବିକାଶ କେନ୍ଦ୍ର ଠାରେ ଏକ ପରିବେଶ ସଚେତନତା ଅଧିବେଶନ ଆୟୋଜନ କରାଯାଇଥିଲା । ଏହି ଅଧିବେଶନକୁ ୟୁଟିଲିଟି ଓ ପରିବେଶ ବିଭାଗର ମୁଖ୍ୟ ମହାପ୍ରବନ୍ଧକ ହୀରାଲାଲ ମହାପାତ୍ର ଅଧ୍ୟକ୍ଷତା କରି ପରିବେଶର ସ୍ଥାୟିତ୍ୱ ପାଇଁ କାରଖାନାର ପ୍ରତିବଦ୍ଧତାକୁ ଦୋହରାଇଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ପରିବେଶ ବିଭାଗର ଜିଏମ ଇନ ଚାର୍ଜ ପି ସି ଦାସ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଶ୍ରୀ ଦାସ ଚଳିତ ବର୍ଷ ଏହି ଦିବସ ପାଳନର




ବିଷୟବସ୍ତୁ ଉପସ୍ଥାପନ କରିବା ସହିତ ପ୍ରଦୂଷଣ ରୋକିବାର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ପରେ ପରିବେଶ ବିଭାଗର ମହାପ୍ରବନ୍ଧକ ଭିଭିଆର୍ ମୂର୍ତ୍ତି, କାର୍ବନ ଫୁଟ ପ୍ରିଣ୍ଟ ହ୍ରାସ କରିବା ରେ ଆର୍‌ଏସ୍‌ପି ର ପ୍ରୟାସ ଉପରେ ବିସ୍ତୃତ ଉପସ୍ଥାପନା ପ୍ରସ୍ତୁତ କରିବା ସହିତ ପରିବେଶ ପ୍ରଭାବକୁ ଆହୁରି କମ୍ କରିବାକୁ ଭବିଷ୍ୟତର ରଣନୀତି ବିଷୟରେ ବର୍ଣ୍ଣନା କରିଥିଲେ।

## ଭୂଟାନ୍‌କୁ ରପ୍ତାନୀ ହେଲା ଇଞ୍ଜିନିୟରିଂ ଉପକରଣ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପଡ଼ୋଶୀ ରାଷ୍ଟ୍ର ଭୁଟାନକୁ ସଡ଼କପଥରେ ମଙ୍ଗଳବାର ରପ୍ତାନୀ ହୋଇଛି ସର୍ବାଧିକ ଓଜନ ଏବଂ ପରିମାଣର ଇଞ୍ଜିନିୟରିଂ ଉପକରଣ । ଭୁବନେଶ୍ୱର ଶିଳ୍ପ ଉଦ୍ୟୋଗୀ ସଂଘ ସହଯୋଗରେ ଓଡ଼ିଶାରୁ ଭୁଟାନକୁ ରପ୍ତାନୀ ହୋଇଥିବା କାର୍ଯ୍ୟକ୍ରମକୁ ଭୁବନେଶ୍ୱର ମଞ୍ଚେଶ୍ୱରରେ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ତଥା ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ । ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଛନ୍ତି, ଓଡ଼ିଶା ପାଇଁ ଏହା ଏକ ଗୌରବମୟ ମୁହୂର୍ତ୍ତ । ମେକ୍ ଇନ୍ ଇଣ୍ଡିଆ ଯୋଜନା ଅଧୀନରେ ବିଶ୍ୱସ୍ତରୀୟ ଉପକରଣ ପ୍ରସ୍ତୁତ କରିବାରେ ଓଡ଼ିଶା ନିଜର ସ୍ୱାତନ୍ତ୍ର୍ୟମ ପ୍ରତିଷ୍ଠା କରିଛି । ବିଭାଗୀୟ ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା କହିଛନ୍ତି, ଏହି କାର୍ଯ୍ୟକ୍ରମ ଦ୍ୱାରା ବିଦେଶକୁ ଏମ୍‌ଏସ୍‌ଏମ୍‌ଇରୁ ପ୍ରସ୍ତୁତ ଇଞ୍ଜିନିୟରିଂ ଉପକରଣ ରପ୍ତାନୀ କରିବା ଲାଗି ଅଧିକ ପ୍ରୋତ୍ସାହନ ସୃଷ୍ଟି ହେବ । କାର୍ଯ୍ୟକ୍ରମରେ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ସନ୍ଦୀପ ପଟ୍ଟନାୟକ, ଉପାଧ୍ୟକ୍ଷ ଜେ.କେ. ରଥ, ୟୁସିସିଆଇର ସଚିବ ସଞ୍ଜୀବ ମହାପାତ୍ର, ଏଆଇଇବିଏର ଉପାଧ୍ୟକ୍ଷ ସୁବୀର ବାନାର୍ଜୀ, ବି.କେ. ଦାସଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଶିଳ୍ପପତି ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଲିମିଟେଡ୍‌ର ଅନ୍ୟତମ ସଭ୍ୟ ଭୁବନେଶ୍ୱର ଶିଳ୍ପ ଉଦ୍ୟୋଗୀ ସଂଘର ସହାୟତାରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା । କଟକ ଚୌଦ୍ୱାରସ୍ଥିତ ଇଷ୍ଟ ଏଣ୍ଡ ଟେକ୍ନୋଲୋଜି ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ଏହି ଉପକରଣ ତିଆରି କରିଛି । ୨୦୦୭ ମସିହାଠାରୁ ଦେଶ ତଥା ଦେଶ ବାହାରେ ବିଭିନ୍ନ କମ୍ପାନୀକୁ ଏହା ଉପକରଣ ଯୋଗାଇ ଆସୁଛି ।

## ହେୟାର ଆଣ୍ଡ କେୟାର ଅଏଲ୍ ଇନ୍ ସେରମ୍‌ର କାରଣସମୂହ

ନୂଆଦିଲ୍ଲୀ: ଏବେ ପାର୍ଟି ସିଜନ୍ ଆରମ୍ଭ ହୋଇଯାଇଛି, ଯାହା ଅସରନ୍ତି ଉତ୍ସବାନୁଷ୍ଠାନ ଏବଂ ସମ୍ମୋହକ ରାତିଗୁଡିକ ଆୟୋଜନ କରୁଛି। ଆପଣଙ୍କର ପୋଷାକ ଏବଂ ମେକଅପ୍ ଝଲସୁଥିବାବେଳେ ଆପଣଙ୍କର କେଶ ବସ୍ତୁତଃ ସୋ'ଷ୍ଟପର ପାଲଟୁଛି, ଯାହା ଏହାକୁ ସୁସ୍ଥ, ଉଜ୍ଜ୍ୱଳ ଏବଂ ଫ୍ରିଜ-ଫ୍ରି ରଖିବା ଅତ୍ୟାବଶ୍ୟକ କରୁଛି। ବାରମ୍ବାର ଷ୍ଟାଇଲିଂ କରିବା, ପ୍ରଦୂଷଣ ଏବଂ ପାଗ ପରିବର୍ତ୍ତନ କାରଣରୁ ଆପଣଙ୍କ କେଶ୍ ମଳିନ ହୋଇପାରେ, କିନ୍ତୁ ଏକ ଅଏଲ୍-ଇନ୍-ସେରମ୍ ପାର୍ଟି ପାଇଁ ସମ୍ପୂର୍ଣ୍ଣ ଉପଯୋଗୀ କେଶ ପାଇଁ ଏକମାତ୍ର ଗେମ୍ ଚେର ଅଟେ। ଭିଟାମିନ ଇ'ରେ ସମୃଦ୍ଧ ଏକ ଅଏଲ୍-ଇନ-ସେରମ୍ ଆପଣଙ୍କ କେଶକୁ ମୁଲାୟମ, ଔଜଲ୍ୟପୂର୍ଣ୍ଣ ଏବଂ ନିରଳସ ଭାବରେ ପାର୍ଟି-ରେଡି କରି ଗଢ଼ିତୋଳେ। ଏହାର ହାଲୁକାପଣ (ଲାଇଟଓ୍ୱେଟ) ଫର୍ମୁଲା କୌଣସି ପ୍ରକାର ଅଠାଳିଆ ଅବଶେଷ ବିନା ହାଲୁକାପଣ ପୋଷଣ ଯୋଗାଇଦେଉଛି, ଯାହା ଏହାକୁ ଉଭୟ ଦୈନନ୍ଦିନ ଏବଂ ପାର୍ଟି ନିମନ୍ତେ ଷ୍ଟାଇଲିଂ କରିବା ନିମନ୍ତେ ସମ୍ପୂର୍ଣ୍ଣ ସଠିକ କରି ଗଢିତୋଳୁଛି।

## ଟିପିଡବ୍ଲ୍ୟୁଓଡିଏଲ୍ ଦ୍ୱାରା ସୂର୍ଯ୍ୟମିତ୍ର ପ୍ରତିଷ୍ଠା



ବୁର୍ଲା(ଭାସ୍କର ନ୍ୟୁଜ): ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରକ କମ୍ପାନୀ ଟିପିଡବ୍ଲ୍ୟୁଓଡିଏଲ୍ ଦ୍ୱାରା ସମ୍ବଲପୁରର କୁଚିଣ୍ଡାଠାରେ ଏକ ସୋଲାର୍ ପିଭି ଇନଷ୍ଟଲର୍ ଭୋକେସନାଲ୍ ଟ୍ରେନିଂ ସେଣ୍ଟର (ସୂର୍ଯ୍ୟମିତ୍ର) ପ୍ରତିଷ୍ଠା କରାଯାଇଅଛି । କମ୍ପାନୀର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ଉଝଜ) ବିଭାଗ ଦ୍ୱାରା ପ୍ରତିଷ୍ଠିତ ହୋଇଥିବା ଏହି ଟ୍ରେନିଂ ସେଣ୍ଟରର ଉଦଘାଟନ ଗତ ୨୭ ତାରିଖ ଦିନ କରାଯାଇଥିଲା । ଏହି ଉଦଘାଟନୀ ସମାରୋହରେ ଓଡ଼ିଶା ନବୀକରଣ ଯୋଗ୍ୟ ଶକ୍ତି ବିକାଶ ଏଜେନ୍ସି, ସମ୍ବଲପୁରର ସହକାରୀ ନିର୍ଦ୍ଦେଶକ ମିଟୁ ପଣ୍ଡା ଏବଂ କୁଚିଣ୍ଡା ବ୍ଲକର ଅଧ୍ୟକ୍ଷ ଭୁବନେଶ୍ୱର କିଶନ ଯୋଗ ଦେଇଥିଲେ । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମଟି ସୌର ଚଠ ସ୍ଥାପନ, ଏହାର ରକ୍ଷଣାବେକ୍ଷଣ ଏବଂ ଏହାର ମରାମତି କ୍ଷେତ୍ରରେ ତାଲିମ ଏବଂ ସାର୍ଟିଫିକେଟ୍ ପ୍ରଦାନ କରିବା ଦିଗରେ ପରିକଳ୍ପନା କରାଯାଇଛି । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଦ୍ୱାରା ଏକ କୁଶଳୀ ଏବଂ ନିଯୁକ୍ତି ଯୋଗ୍ୟ କାର୍ଯ୍ୟାବଳୀ ସୃଷ୍ଟି କରିବାର ଲକ୍ଷ୍ୟ ରହିଛି । ଏହି ସୁବିଧା ଦ୍ୱାରା ସ୍ଥାନୀୟ ଯୁବକ, ଆକାଂକ୍ଷୀ ପେସାଦାର ଏବଂ ସୌର ଶକ୍ତି ପ୍ରଣାଳୀରେ ବିଶେଷଜ୍ଞ ହେବାକୁ ଚାହୁଁଥିବା ଟେକ୍ନିସିଆନ ଉପକୃତ ହେବେ ବୋଲି ଆଶା କରାଯାଉଛି । ସ୍ଥାନୀୟ ଶ୍ରମଶକ୍ତିକୁ ଉପକୃତ କରିବା ବ୍ୟତୀତ, ଟିପିଡବ୍ଲ୍ୟୁଓଡିଏଲ୍ ଆଶା କରେ ଯେ ଏହି ତାଲିମ କେନ୍ଦ୍ର ଅକ୍ଷୟ ଶକ୍ତି କ୍ଷେତ୍ରରେ ବର୍ଦ୍ଧିତ ଚାହିଦା ପାଇଁ ଏକ କୁଶଳୀ କାର୍ଯ୍ୟାବଳୀ ସୃଷ୍ଟି କରି ଏହି ଅଞ୍ଚଳର ଅର୍ଥନୈତିକ ବିକାଶରେ ମଧ୍ୟ ଯୋଗଦାନ କରିବ ।

## ଆକ୍ସିସ୍ ବ୍ୟାଙ୍କର 'ହର୍ ରାହ ଦିଲ୍ ସେ ଓପନ୍' ଅଭିଯାନ ଉନ୍ମୋଚିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭାରତର ଅନ୍ୟତମ ବୃହତ ଘରୋଇ ବ୍ୟାଙ୍କ ଆକ୍ସିସ୍ ବ୍ୟାଙ୍କ ପକ୍ଷରୁ 'ଦିଲ୍ ସେ ଓପନ୍' ଅଭିଯାନର ପରବର୍ତ୍ତୀ ଅଧ୍ୟାୟ ଆରମ୍ଭ କରାଯାଇଛି। 'ହର ରାହ ଦିଲ ସେ ଓପନ' ନାମକ ଏହି ଅଭିଯାନ ୧ ଲକ୍ଷରୁ ଅଧିକ ବ୍ୟାଙ୍କରଙ୍କ ସମର୍ପଣକୁ ସମ୍ମାନ ଜଣାଉଛି। ଟ୍ରାଞ୍ଜାକସନ୍ ବ୍ୟାଙ୍କିଙ୍ଗ୍ ଯୁଗରେ ଗ୍ରାହକ-ପ୍ରଥମ ଆଭିମୁଖ୍ୟ ଉପରେ ଏହି ଅଭିଯାନ ଗୁରୁତ୍ୱାରୋପ କରୁଛି। ଆକ୍ସିସ୍ ବ୍ୟାଙ୍କ ପକ୍ଷରୁ ୨୦୧୯ରେ ପ୍ରଥମେ 'ଦିଲ୍ ସେ ଓପନ୍' ଅଭିଯାନର ଶୁଭାରମ୍ଭ କରାଯାଇଥିଲା। ନୂଆ ପିଢ଼ିର ଡିଜିଟାଲ୍-ପ୍ରଥମ ପ୍ରାଥମିକତାଠାରୁ ଆରମ୍ଭ କରି ଗ୍ରାମୀଣ ଭାରତ ଏବଂ ସହରାଞ୍ଚଳ ପର୍ଯ୍ୟନ୍ତ ଲୋକଙ୍କ ନିର୍ଦ୍ଦିଷ୍ଟ ଆବଶ୍ୟକତାକୁ ୨୦୨୪ ଅଭିଯାନରେ ଦର୍ଶାଯାଇଛି। ଆକ୍ସିସ ବ୍ୟାଙ୍କର ଡେପୁଟି ମ୍ୟାନେଜିଂ ଡାଇରେକ୍ଟର ରାଜୀବ ଆନନ୍ଦ କହିଛନ୍ତି ଯେ, ଆକ୍ସିସ ବ୍ୟାଙ୍କସର୍ବଦା ଏକ ମୂଲ୍ୟବୋଧ ଉପରେ ଆଧାରିତ ଅନୁଷ୍ଠାନ। ଗ୍ରାହକ-କେନ୍ଦ୍ରୀକରଣ ପ୍ରତି ଆମର ଅତୁଟ ପ୍ରତିବଦ୍ଧତା ସହ ଆମର ଅନନ୍ୟ ମୂଲ୍ୟ ପ୍ରସ୍ତାବର ମୂଳଦୁଆ ସୃଷ୍ଟି କରିଛି। ଯେହେତୁ ଆମେ ଏକ କ୍ରମାଗତ ପରିବର୍ତ୍ତନଶୀଳ ଏବଂ ଆହ୍ୱାନପୂର୍ଣ୍ଣ ବ୍ୟବସାୟିକ ପରିବେଶ ଅତିକ୍ରମ କରୁଛୁ, ଆମେ ନିଶ୍ଚିତ ଯେ ପରିଦୃଶ୍ୟରେ ଯାହା ପରିବର୍ତ୍ତନ ହେଉନା କାହିଁକି ଏକ ସଂସ୍ଥା ଭାବେ ଗ୍ରାହକଙ୍କୁ ପ୍ରାଥମିକତା ଦେବା ପ୍ରାସଙ୍ଗିକ ରହିବ। ଆକ୍ସିସ ବ୍ୟାଙ୍କର ମୁଖ୍ୟ ମାର୍କେଟିଂ ଅଫିସର ଅନୁପ ମନୋହର କହିଛନ୍ତି ଯେ, ଆମର 'ଦିଲ୍ ସେ ଓପନ୍' ଅଭିଯାନ ହର ରାହ ଦିଲ୍ ସେ ଓପନ୍ ହେଉଛି ସେହି ମୂଲ୍ୟବୋଧର ଉତ୍ସବ ଯାହା ଆମ ବ୍ୟାଙ୍କକୁ ଆକାର ଦେଇଛି ଏବଂ ପ୍ରତ୍ୟେକ କର୍ମଚାରୀଙ୍କ ପ୍ରତି ପ୍ରତିବଦ୍ଧତାକୁ ପ୍ରୋତ୍ସାହିତ କରିଛି।

## 'ୱାର୍ଡରୋବ୍ ରିଫ୍ରେସ୍ ସେଲ୍'ର ୧୫ତମ ସଂସ୍କରଣ ଶୁଭାରମ୍ଭ

ନୂଆଦିଲ୍ଲୀ: ଆମାଜନ ଫ୍ୟାଶନ୍ ଏହାର ଐତିହାସିକ ୧୫ତମ ୱାର୍ଡ଼ରୋବ ରିଫ୍ରେସ୍ ସେଲ୍‌ର ଘୋଷଣା କରିଛି ଯାହା ଚଳିତ ଡିସେମ୍ବର ୬ ରୁ ୧୧ ତାରିଖ ପର୍ଯ୍ୟନ୍ତ ଗ୍ରାହକଙ୍କୁ ଆକର୍ଷିତ କରିବ। ଏହି ଶୀତକାଳୀନ ଫ୍ୟାଶନ୍ ସେଲରେ ପୋଷାକ, ଆକ୍ସେସରିଜ୍, ସୌନ୍ଦର୍ଯ୍ୟ ଏବଂ ଅଳଙ୍କାର, ଋତୁର ଆରାମଦାୟକ ଅତ୍ୟାବଶ୍ୟକ ସାମଗ୍ରୀ, ପର୍ବପର୍ବାଣୀ ପୋଷାକ, ଭ୍ରମଣ, ପାର୍ଟି ଏବଂ ବିବାହ ଶୈଳୀକୁ ପୂରଣ କରିବା ଭଳି ବ୍ୟାପକ ଷ୍ଟାଇଲ ରଖାଯାଇଛି। ଏହି ସେଲ୍ ଆମାଜନ ଫ୍ୟାସନର ବିଶାଳ ଚୟନରୁ ପ୍ରସ୍ତୁତ ଏକ କ୍ୟୁରେଟେଡ୍ ସୋକେସ, ଯେଉଁଥିରେ ପୋଷାକ, ସୌନ୍ଦର୍ଯ୍ୟ, ଜୋତା, ଆକ୍ସେସରିଜ୍, ଟ୍ରାଭେଲ ଲଗେଜ୍ ଆଦି ୧.୨ ଲକ୍ଷ ବ୍ରାଣ୍ଡର ୩ ନିୟୁତ ଷ୍ଟାଇଲ୍ ସମେତ ୩୦ ନିୟୁତରୁ ଅଧିକ ପ୍ରଡକ୍ଟ ରହିଛି। ଗ୍ରାହକମାନେ ଟପ୍ ବ୍ରାଣ୍ଡ ଉପରେ ୫୦ରୁ ୮୦% ଏବଂ ଫ୍ୟାସନ ଓ ବିୟୁଟି ପ୍ରଡକ୍ଟରେ ପ୍ରିମିୟମ ବ୍ରାଣ୍ଡ ଉପରେ ସର୍ବନିମ୍ନ ୪୦% ରିହାତି ସହିତ ବୃହତ ସଂଚୟର ମଜା ନେଇପାରିବେ। କଲମ୍ବିଆ, ମୋକୋବାରା, ସ୍ୱାରୋଭସ୍କି, ବସ୍, ନ୍ୟୁ ବାଲାନ୍ସ ଆଦି ଅନେକ ବ୍ରାଣ୍ଡର ନୂତନ ଶୁଭାରମ୍ଭ ରହିଛି । ଟମି ହିଲଫିଗର, ୱାକୋଲ, ଡେଲସି ପ୍ୟାରିସ ଏବଂ ଆସେମ୍ବଲି ଭଳି ପ୍ରିମିୟମ ବ୍ରାଣ୍ଡ ଉପରେ ୧୦% ରିହାତି ସହିତ ନୋ କଷ୍ଟ ଇଏମଆଇ ସୁବିଧା ରହିଛି । ଦୈନିକ ସୀମିତ ସମୟ ଡିଲ ମଧ୍ୟ ରହିଛି ଯାହା ପ୍ରତିଦିନ ସନ୍ଧ୍ୟା ୭ ଟାରୁ ଆରମ୍ଭ ହେବ ଏବଂ ୫ ଲକ୍ଷରୁ ଉର୍ଦ୍ଧ୍ୱ ଷ୍ଟାଇଲ୍ ଉପରେ ଅତିରିକ୍ତ ୧୫% ପର୍ଯ୍ୟ' ରିହାତି ସହ ଏକ୍ସକ୍ଲୁସିଭ୍ 'ବାଏ ମୋର, ସେଭ୍ ମୋର' ଅଫର ରହିଛି । ଏସମ୍ପର୍କରେ ଆମାଜନ୍ ଫ୍ୟାସନ୍ ଆଣ୍ଡ ବିୟୁଟି ଆଇଏନ ର ନିର୍ଦ୍ଦେଶକ ସିଦ୍ଧାର୍ଥ ଭଗତ କହିଛନ୍ତି ଯେ, ଆମାଜନ୍ ଫ୍ୟାସନରେ ଆମେ ଆମର ଗ୍ରାହକମାନଙ୍କୁ ବ୍ରାଣ୍ଡ, ଟ୍ରେଣ୍ଡିଂ ଷ୍ଟାଇଲ, ନୂଆ ଲଞ୍ଚ, ବିରଳ ଆବିଷ୍କାର, ସବୁର ବ୍ୟାପକ ଚୟନ ଏବଂ ସୁବିଧା ପ୍ରଦାନ କରି ଅତ୍ୟାଧୁନିକ ଶୈଳୀ ସହିତ ଅନ୍-ଟ୍ରେଣ୍ଡ ରହିବାକୁ ସଶକ୍ତ କରିବାରେ ବିଶ୍ୱାସ କରୁ। ୱାର୍ଡ଼ରୋବ ରିଫ୍ରେସ୍ ସେଲ୍ ହେଉଛି ଆମର ଗ୍ରାହକମାନଙ୍କର ବିକଶିତ ପସନ୍ଦକୁ ପୂରଣ କରିବା ପାଇଁ ଆମର ରଣନୈତିକ ଦ୍ୱି-ବାର୍ଷିକ କାର୍ଯ୍ୟକ୍ରମ ।



ଚକୋଲେଟ୍ କେବଳ ସ୍ୱାଦିଷ୍ଟ ନୁହେଁ, ଏହା ସ୍ୱାସ୍ଥ୍ୟ ଉପକାରୀ ମଧ୍ୟ। ଏଥିରୁ ମିଳୁଥିବା ଆଣ୍ଟିଅକ୍ସିଡାଣ୍ଟ, ଫ୍ଲେଭୋନୋଏଡସ, ଆଇରନ୍ ଏବଂ ମ୍ୟାଗ୍ନେସିୟମ୍ ପରି ପୋଷକ ତତ୍ତ୍ୱ ମିଳିଥାଏ। ଏହାକୁ ଖାଇବା ଦ୍ୱାରା ହୃଦୟ ସ୍ୱାସ୍ଥ୍ୟଠୁ ଆରମ୍ଭ କରି ବ୍ଲଡ୍ ସୁଗାର ନିୟନ୍ତ୍ରଣରେ ରହିଥାଏ। ଏଥିସହ ଆଉ କି କି ଫାଇଦା ମିଳିଥାଏ, ଜାଣନ୍ତୁ... ସବୁଠୁ ବଡ଼ କଥା ହେଉଛି କି, କେଉଁ ଚକୋଲେଟ୍ ସ୍ୱାସ୍ଥ୍ୟ ପାଇଁ ଉପକାରୀ। ବଜାରରୁ ମିଲ୍କ ଚକୋଲେଟଠୁ ଆରମ୍ଭ କରି ଡାର୍କ ଏବଂ ହ୍ୱାଇଟ୍ ଚକୋଲେଟ୍ ମିଳିଥାଏ। ଏଥିମଧ୍ୟରୁ ଡାର୍କ ଚକୋଲେଟକୁ ସ୍ୱାସ୍ଥ୍ୟ ଉପକାରୀ ଭାବେ ବିବେଚନା କରାଯାଏ। କାରଣ ଏଥିରେ ୭୦% କୋକୋ ଥାଏ। କୋଷକୁ ରକ୍ଷାକରେ- ଫ୍ଲାଭୋନାଇଡ ଏବଂ ପଲିଫେନୋଲ ଚକୋଲେଟରୁ ମିଳିଥାଏ, ଯାହା ଫ୍ରି ରେଡିକାଲକୁ ନଷ୍ଟ କରିଥାଏ ଏବଂ କୋଷଗୁଡ଼ିକୁ କ୍ଷତିରୁ ରକ୍ଷା କରିଥାଏ। ହୃଦୟ ସ୍ୱାସ୍ଥ୍ୟରେ ଉନ୍ନତି ଆଣେ- ଡାର୍କ ଚକୋଲେଟ ନିୟମିତ ଖାଇବା ଦ୍ୱାରା ରକ୍ତଚାପ ଏବଂ ହୃଦରୋଗ ହେବାର ଆଶଙ୍କା କମିଥାଏ। ମସ୍ତିଷ୍କ କାର୍ଯ୍ୟକୁ ବୃଦ୍ଧି କରେ- ଏଥିରେ କ୍ୟାଫେନ୍ ଏବଂ ଥିଓବ୍ରୋମାଇନ୍ ପରି ପୁଷ୍ଟିକର ଖାଦ୍ୟ ମିଳିଥାଏ, ଯାହା ମାନସିକ ସ୍ୱାସ୍ଥ୍ୟକୁ ଏକାଗ୍ର କରିବା ଏବଂ ଉନ୍ନତି କରିବାରେ ସହାୟକ ହୋଇଥାଏ।

## ଶଶା ଖୈତାନଙ୍କ ଅପକମିଙ୍ଗ୍ ଫିଲ୍ମରେ ସାନ୍ୟା



ଅମୀର ଖାନ୍‌ଙ୍କ ସହିତ ଫିଲ୍ମ 'ଦଙ୍ଗଲ'ରୁ ନିଜ କ୍ୟାରିୟର ଆରମ୍ଭ କରିଥିଲେ ସାନ୍ୟା ମଲହୋତ୍ରା । ତା' ପରେ 'ପଟାଖା', 'ବଧାଇ ହୋ', 'ଯଓ୍ୱାନ', 'ସାମ୍ ବାହାଦୁର' ଭଳି ଫିଲ୍ମରେ ତାଙ୍କୁ ଦେଖିବାକୁ ମିଳିଛି । ଆଗକୁ ସାନ୍ୟା 'ସନି ସଂସ୍କାରୀ କୀ ତୁଲସୀ କୁମାରୀ'ରେ ନଜର ଆସିବେ । ସେଥିରେ ତାଙ୍କ ସହିତ ବରୁଣ ଧୱନ ଓ ଜାହ୍ନବୀ କପୁରଙ୍କୁ ଦେଖିବାକୁ ମିଳିବ । ଶଶାଙ୍କ ଖୈତାନ୍ ଫିଲ୍ମର ନିର୍ଦ୍ଦେଶନାରେ ଅଛନ୍ତି । ଏହି ପରିପ୍ରେକ୍ଷୀରେ ସେ କହିଛନ୍ତି, ଚାଲେଞ୍ଜକୁ ମୁଁ ଭୟ କରେନାହିଁ । ଜଣେ ଅଭିନେତ୍ରୀ ଭାବେ ଯାହା ମୋତେ ପରିପକ୍ୱ କରିବ ଯେତେ କଷ୍ଟକର ହେଲେ ବି ସେଭଳି ଚାଲେଞ୍ଜକୁ ପ୍ରାଥମିକତା ଦେଇଥାଏ । ମୁଁ ଭାଗ୍ୟବାନ ଯେ ମୋତେ ଆମ ସମୟର ଶ୍ରେଷ୍ଠ ନିର୍ଦ୍ଦେଶକଙ୍କ ସହିତ କାମ କରିବାର ସୁଯୋଗ ମିଳିଛି । ସେଥିଯୋଗୁ ହିଁ ମୁଁ ଭିନ୍ନ ଧରଣର ଫିଲ୍ମରେ କାମ କରିପାରିଛି । ସେହିପରି ଲୋକଙ୍କର ସମାଲୋଚନାକୁ ମଧ୍ୟ ମୁଁ ଗୁରୁତ୍ୱ ଦିଏନାହିଁ। କାରଣ ସେପରି କଲେ ଫିଲ୍ମ ବାଛିବା ସମୟରେ ମୋର ପସନ୍ଦ ପ୍ରଭାବିତ ହେବ । ମୁଁ କୌଣସି ଗତାନୁଗତିକ ଧାରାରେ ବାନ୍ଧି ହୋଇ ରହିବାକୁ ଚାହେଁନାହିଁ । ସମାନ ସମୟରେ ଦର୍ଶକମାନଙ୍କର ଭରପୁର ମନୋରଞ୍ଜନ ମଧ୍ୟ ମୋର ଲକ୍ଷ୍ୟ । ସେଥିଯୋଗୁ ଫିଲ୍ମ ବାଛିବା ସମୟରେ ଅନେକ ସମୟ ନେଇଥାଏ । 'ସନି ସଂସ୍କାରୀ କୀ ତୁଲସୀ କୁମାରୀ' ବ୍ୟତୀତ ସାନ୍ୟା ମଧ୍ୟ ଅନୁରାଗ କଶ୍ୟପଙ୍କର ଆଗାମୀ ଫିଲ୍ମରେ ନଜର ଆସିବେ । ତାର ଶୀର୍ଷକ ଚୂଡ଼ାନ୍ତ ହୋଇନାହିଁ । ଏକ ତାମିଲ ଫିଲ୍ମରେ ବି ତାଙ୍କୁ ଦେଖିବାକୁ ମିଳିବ ।

## ଯମଜ ସନ୍ତାନର ମାଆ ହେଲେ ଶ୍ରଦ୍ଧା



ଲୋକପ୍ରିୟ ଟେଲି ଅଭିନେତ୍ରୀ ଶ୍ରଦ୍ଧା ଆର୍ଯ୍ୟ। ବର୍ତ୍ତମାନ ସେ ପ୍ରଶଂସକଙ୍କ ସହ ଖୁସି ଖବର ସେୟାର କରିଛନ୍ତି। ଅଭିନେତ୍ରୀ ଶ୍ରଦ୍ଧା ଆର୍ଯ୍ୟ ମାଆ ହୋଇଛନ୍ତି। ସେ ଯାଆଁଳା ସନ୍ତାନକୁ ଜନ୍ମ ଦେଇଛନ୍ତି। ସୋସିଆଲ ମିଡିଆରେ ଏକ ପୋଷ୍ଟ ସେୟାର କରି ଶ୍ରଦ୍ଧା ତାଙ୍କ ପ୍ରଶଂସକଙ୍କ ସହ ମା ହେବାର ଖୁସି ବାଣ୍ଟିଛନ୍ତି। ସେ ଗୋଟିଏ ପୁଅ ଏବଂ ଗୋଟିଏ ଝିଅକୁ ଜନ୍ମ ଦେଇଛନ୍ତି। ନିଜ ପିଲାମାନଙ୍କର ପ୍ରଥମ ଝଲକ ମଧ୍ୟ ଦେଖାଇଛନ୍ତି। ସେ ଏକ ଭିଡିଓ ସେୟାର କରିଛନ୍ତି। ଯେଉଁଥିରେ ସେ ତାଙ୍କର ଯାଆଁଳା ପିଲାମାନଙ୍କୁ କୋଳରେ ଧରିଥିବାର ନଜର ଆସିଛନ୍ତି । ଭିଡିଓ ସେୟାର କରିବାବେଳେ ଶ୍ରଦ୍ଧା ଲେଖିଛନ୍ତି – ଏହି ଦୁଇ ଜଣ ଆମ ପରିବାରକୁ ପୂରା କରିଛନ୍ତି। ଆମର ହୃଦୟ ଦ୍ୱିଗୁଣିତ। ସେ ହ୍ୟାସଟ୍ୟାଗରେ ମଧ୍ୟ କହିଛନ୍ତି ଯେ ତାଙ୍କର ଏକ ପୁଅ ଏବଂ ଝିଅ ଅଛି। ୨୦୨୧ ମସିହାରେ ରାହୁଲ ଏବଂ ଶ୍ରଦ୍ଧା ଆର୍ଯ୍ୟ ବିବାହ କରିଥିଲେ। ସେ ଚଳିତ ବର୍ଷ ସେପ୍ଟେମ୍ବର ୧୫ ରେ ଗର୍ଭବତୀ ଥିବା ଘୋଷଣା କରିଥିଲେ। ବର୍ତ୍ତମାନ ପ୍ରଶଂସକ ଏବଂ ତାରକାମାନେ ଶ୍ରଦ୍ଧା ଏବଂ ରାହୁଲଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଆଲମିରାରେ ଏହିସବୁ ଜିନିଷ ରଖୁଥିଲେ... ଲାଗି ରହିବ ଧନ ଅଭାବ



*ବାସ୍ତୁ ଶାସ୍ତ୍ରରେ ଅନେକ ନିୟମ ବର୍ଣ୍ଣନା କରାଯାଇଛି । ଯାହା ପାଳନ କରିବା ଦ୍ୱାରା ଜୀବନରେ ଥିବା ସମସ୍ୟା ଦୂର ହେବା ସହ ଆର୍ଥିକ ସମସ୍ୟା ମଧ୍ୟ ଦୂର ହୋଇଥାଏ । ତେବେ ଏଭଳି ଏକ ବାସ୍ତୁ ଟିପ୍ସ ଜାଣନ୍ତୁ ଯାହାର ପାଳନ କରିବା ଦ୍ୱାରା ଘରେ କଦାପି ଧନର ଅଭାବ ହେବ ନାହିଁ ଅଯଥାରେ ଟଙ୍କା ଖର୍ଚ୍ଚ ମଧ୍ୟ ହେବ ନାହିଁ । ସେହିଭଳି ଏପରି କିଛି ଜିନିଷ ମଧ୍ୟ ରହିଛି, ଯାହାକୁ ଆଲମିରାରେ ରଖିବା ଦ୍ୱାରା କାଙ୍ଗାଳ ହୋଇଯିବେ । ଧନର ଅଭାବ ଲାଗି ରହିବ ।*

- ବାସ୍ତୁ ଶାସ୍ତ୍ର ଅନୁସାରେ ଧନ ରଖିବା ସ୍ଥାନରେ ଭୁଲ୍‌ରେ ମଧ୍ୟ ଭଙ୍ଗା କିମ୍ବା ଫାଟି ଯାଇଥିବା କାଚ ରଖନ୍ତୁ ନାହିଁ । ଏହାକୁ ଅଶୁଭ ବୋଲି କୁହାଯାଏ । ଭଙ୍ଗା କାଚ ରଖିବା ଦ୍ୱାରା ଘରେ ନକରାତ୍ମକ ଶକ୍ତି ପ୍ରବେଶ କରିବା ସହ ଆର୍ଥିକ ସ୍ଥିତି ଦୁର୍ବଳ ହୋଇଥାଏ । ଯେତେ ରୋଜଗାର କଲେ ମଧ୍ୟ ନିଅଣ୍ଟ ହୋଇଥାଏ ।
- ଉପହାରରେ ମିଳୁଥିବା ଜିନିଷକୁ ମଧ୍ୟ ଆଲମିରାରେ ରଖନ୍ତୁ ନାହିଁ । ପର୍ସରେ ମଧ୍ୟ ରଖନ୍ତୁ ନାହିଁ । ଏହାଦ୍ୱାରା ଧନ ସଞ୍ଚୟ ହୋଇ ରହିନଥାଏ । ଧନର ଅଭାବ ଲାଗି ରହିଥାଏ । ବାସ୍ତୁ ଅନୁସାରେ ଉପହାରରେ ମିଳୁଥିବା ଜିନିଷକୁ ପର୍ସ କିମ୍ବା ଆଲମିରାରେ ରଖନ୍ତୁ ନାହିଁ ।
- ପର୍ସରେ କଦାପି ଛୁରୀ ରଖନ୍ତୁ ନାହିଁ । ବାସ୍ତୁ ଅନୁଯାୟୀ ଏହା ଅଶୁଭ । ଏପରି କରିବା ଦ୍ୱାରା ଧନହାନୀ ହୋଇଥାଏ । ପୁରୁଣା ବିଲ୍‌କୁ ମଧ୍ୟ ପର୍ସରେ ରଖନ୍ତୁ ନାହିଁ ।
- ଭୁଲ୍‌ରେ ମଧ୍ୟ ଆଲମିରାରେ କଳା ରଙ୍ଗର ପୋଷାକ ରଖନ୍ତୁ ନାହିଁ । ଏହାଦ୍ୱାରା ମା'ଲକ୍ଷ୍ମୀ ଅସନ୍ତୁଷ୍ଟ ହୋଇଥାଆନ୍ତି । କଳା ପୋଷାକ ରଖିବା ଦ୍ୱାରା ଆର୍ଥିକ କ୍ଷେତ୍ରରେ ଉନ୍ନତି ହୋଇନଥାଏ । ଧନ ଅଯଥାରେ ଖର୍ଚ୍ଚ ହୋଇଯାଏ । ଧନ ରଖୁଥିବା ସ୍ଥାନକୁ ସର୍ବଦା ସ୍ୱଚ୍ଛ ରଖନ୍ତୁ । ଟଙ୍କା ରଖୁଥିବା ସ୍ଥାନରେ ମା'ଲକ୍ଷ୍ମୀ ଓ ଗଣେଶଙ୍କ କଏନ୍ ରଖନ୍ତୁ ।

## ଆଇଏଏସ୍ ଅଫିସର ହେବାକୁ ଚାହୁଁଥିଲେ ରାଶି



ଅଭିନେତ୍ରୀ ରାଶି ଖାନ୍ନା ନିଜର ନିଖୁଣ ଅଭିନୟ ମାଧ୍ୟମରେ ଦର୍ଶକଙ୍କ ବେଶ୍ ପ୍ରଶଂସା ସାଉଣ୍ଟିଛନ୍ତି। କେବଳ ବଲିଉଡ୍‌ରେ ନୁହେଁ, ଦକ୍ଷିଣ ଭାରତୀୟ ଫିଲ୍ମ ଇଣ୍ଡଷ୍ଟ୍ରିରେ ମଧ୍ୟ ସେ ନିଜ ଅଭିନୟର ଯାଦୁ ଦେଖାଇଛନ୍ତି। ନିକଟରେ ଅଭିନେତା ବିକ୍ରାନ୍ତ ମେସିଙ୍କ ସହ 'ଦି ସାବରମତି ରିପୋର୍ଟରେ' ତାଙ୍କୁ ଦେଖିବାକୁ ମିଳିଥିଲା। ଅଭିନୟ ବ୍ୟତୀତ ବିଭିନ୍ନ ସାମାଜିକ କାର୍ଯ୍ୟରେ ମଧ୍ୟ ସେ ବହୁବାର ନଜରକୁ ଆସିଛନ୍ତି। ନିକଟରେ ସେ ଏକ ସାକ୍ଷାତ୍‌କାର ଦେଇ ନିଜ ଜୀବନର ଅନେକ କାହାଣୀକୁ ପ୍ରଘଟ କରିଛନ୍ତି। ରାଶି ଅଭିନେତ୍ରୀ ହେବା ପାଇଁ ନୁହେଁ, ବରଂ ଜଣେ ଆଇଏଏସ୍ ଅଧିକାରୀ ହେବାକୁ ଚାହୁଁଥିଲେ ବୋଲି ଏହ ସାକ୍ଷାତ୍‌କାରରେ ପ୍ରକାଶ କରିଛନ୍ତି। ଦିଲ୍ଲୀରେ ଜନ୍ମଗ୍ରହଣ କରିଥିବା ରାଶିଙ୍କର ସ୍କୁଲ୍ ପାଠପଢ଼ା ମଧ୍ୟ ରାଷ୍ଟ୍ରୀୟ ରାଜଧାନୀରେ ହୋଇଥିଲା। ସ୍କୁଲ ଏବଂ କଲେଜରେ ପଢିବା ବେଳେ ସେ ଅଧ୍ୟୟନରେ ସର୍ବୋତ୍ତମ ଥିଲେ।

ଧୀରେ ଧୀରେ ଆଇଏଏସ୍ ଅଧିକାରୀ ହେବାକୁ ସେ ସ୍ୱପ୍ନ ଦେଖିବା ଆରମ୍ଭ କରିଥିଲେ। ସେଥିପାଇଁ ସେ ନିଜର ପ୍ରସ୍ତୁତି ମଧ୍ୟ ଚଳାଇଥିଲେ ବୋଲି ରାଶି କହିଛନ୍ତି। ତେବେ କଲେଜରେ ପଢ଼ିବା ସମୟରେ ତାଙ୍କୁ ମଡେଲିଂ କରିବା ପାଇଁ ଅଫର ଆସିଥିଲା। ସେ ଉକ୍ତ ଅଫରକୁ ଗ୍ରହଣ କରିଥିଲେ। ରାଶି ଧୀରେ ଧୀରେ ନିଜ ମଡେଲିଂ କ୍ୟାରିୟର ଆରମ୍ଭ କରିଥିଲେ ଏବଂ ସେଥିରେ ତାଙ୍କୁ ସଫଳତା ମିଳିଥିଲା। ଏହାପରେ ଅଭିନୟ କ୍ଷେତ୍ରରେ ପାଦ ଥାପିବାକୁ ମଧ୍ୟ ରାଶିଙ୍କୁ ଅଫର୍ ଆସିଥିଲା। ୨୦୧୩ରେ ରିଲିଜ୍ ହୋଇଥିବା ସୁଜିତ ସରକାରଙ୍କ ନିର୍ଦ୍ଦେଶିତ 'ମାଡ୍ରାସ କାଫେ' ହେଉଛି ରାଶିଙ୍କ ଅଭିନୀତ ପ୍ରଥମ ଫିଲ୍ମ। ଏହି ଚଳଚ୍ଚିତ୍ରରେ ସେ ଅଭିନେତା ଜନ୍ ଆବ୍ରହାମଙ୍କ ସ୍ତ୍ରୀ ଭୂମିକାରେ ନଜରକୁ ଆସିଥିଲେ। ଏହା ପରେ ସେ ସାଉଥ୍ ଫିଲ୍ମ ଇଣ୍ଡଷ୍ଟ୍ରିରେ କାମ କରିବାକୁ ସୁଯୋଗ ପାଇଥିଲେ।

## ମୃତ୍ୟୁ ଦିନ କହିବ 'ମୃତ୍ୟୁ ଘଣ୍ଟା'

ସାଧାରଣତଃ ଏହା ଜାଣିବାକୁ ସମସ୍ତଙ୍କର ଆଗ୍ରହ ଥାଏ ଯେ, ସେ କେତେଦିନ ବଞ୍ଚିବେ ବା ତାଙ୍କ ଆୟୁଷ କେତେ। ବର୍ତ୍ତମାନ କୃତ୍ରିମ ବୁଦ୍ଧିମତା(ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ-ଏଆଇ)ର ଯୁଗ। ଆଉ ଏହି ଟେକ୍ନୋଲୋଜି ସାହାଯ୍ୟରେ ଆପଣ ଏବେ ନିଜ ମୃତ୍ୟୁ ଦିନ ମଧ୍ୟ ଜାଣିପାରିବେ। ନିକଟରେ ଏଆଇ ସାହାଯ୍ୟରେ ଏକ ମୃତ୍ୟୁ ଘଣ୍ଟା ତିଆରି କରାଯାଇଛି, ଯାହା ହେଉଛି ଏକ ଆପ୍। ଏହା ସାହାଯ୍ୟରେ ଜଣେ ବ୍ୟକ୍ତିର ମୃତ୍ୟୁ ଦିନ ପ୍ରାୟତଃ ସଠିକ୍ ଭାବରେ ନିର୍ଣ୍ଣୟ କରାଯାଇପାରେ। ଏକ ମାର୍କେଟ ଇଣ୍ଟେଲିଜେନ୍ସ ଫାର୍ମ ଅନୁଯାୟୀ, ଏହି ମୃତ୍ୟୁ ଘଣ୍ଟା ଆପ୍‌ର ଫଳାଫଳ ଏତେ ସଠିକ୍ ଯେ ଜୁଲାଇରେ ଏହା ଲଞ୍ଚ୍ ହେବା ପରଠାରୁ ଏପର୍ଯ୍ୟନ୍ତ ଏହାକୁ ୧,୨୫,୦୦୦ ଲୋକ ଡାଉନଲୋଡ୍ କରିସାରିଲେଣି। ପାଞ୍ଚ କୋଟି ଅଂଶଗ୍ରହଣକାରୀ ଏବଂ ୧୨୦୦ରୁ ଅଧିକ ଜୀବନ ପ୍ରତ୍ୟାଶା ଅଧ୍ୟୟନ(ଲାଇଫ୍ ଏକ୍ସପେକ୍ଟାନ୍‌ସି ଷ୍ଟଡିଜ୍) ଆଧାରରେ ଏହି ଆପ୍ ପ୍ରସ୍ତୁତ କରାଯାଇଛି। ଏହି ଆପ୍ ଜଣେ ବ୍ୟକ୍ତିଙ୍କ ଖାଦ୍ୟ, ବ୍ୟାୟାମ, ଚାପ ସ୍ତର ଏବଂ ନିଦ୍ରା ବିଷୟରେ ସୂଚନା ବ୍ୟବହାର କରି ସେହି ବ୍ୟକ୍ତିଙ୍କ ମୃତ୍ୟୁର ସମ୍ଭାବ୍ୟ ଦିନର ଅନୁମାନ ଲଗାଇଥାଏ। ଏହି ଆପ୍‌ର ଡେଭ୍‌ଲପର ବ୍ରେଣ୍ଟ ଫ୍ରାନ୍ସନ୍‌ଙ୍କ କହିବାକଥା, ଏହାର ଫଳାଫଳ ଭରସାଯୋଗ୍ୟ। ସୁସ୍ଥ ଜୀବନଶୈଳୀ ଥିବା ଲୋକଙ୍କ ମଧ୍ୟରେ ଏହି ଡେଥ୍ କ୍ଲକ୍ ବହୁତ ଲୋକପ୍ରିୟ ହେଉଛି ଏବଂ ଫିଟନେସ୍ ଓ ସ୍ୱାସ୍ଥ୍ୟ ବର୍ଗରେ ଏହି ଆପ୍ ଶୀର୍ଷରେ ଅଛି। ସୂଚନାଯୋଗ୍ୟ ଯେ, ସରକାର ଏବଂ ବୀମା କମ୍ପାନୀଗୁଡ଼ିକ ପାଇଁ ଅର୍ଥନୈତିକ ଏବଂ ଆର୍ଥିକ ହିସାବ ଦୃଷ୍ଟିରୁ ଲୋକଙ୍କ ଆୟୁଷ ସର୍ବଦା ଗୁରୁତ୍ୱପୂର୍ଣ୍ଣ ରହିଆସିଛି। ଏହାରି ଆଧାରରେ ସରକାର ଏବଂ ବୀମା କମ୍ପାନୀଗୁଡ଼ିକ ଜୀବନ ବୀମା ଓ ପେନ୍‌ସନ୍ ପାଣ୍ଠିରେ ପଲିସି କଭରେଜ୍ ଗଣନା କରିଥା'ନ୍ତି। ଏହି ଡେଥ୍ କ୍ଲକ୍ ଆପ୍ ୟୁଜରମାନଙ୍କୁ ଏପରି କିଛି ପରାମର୍ଶ ମଧ୍ୟ ଦେଇଥାଏ, ଯାହା ଦ୍ୱାରା ସେମାନେ ସେମାନଙ୍କର ଜୀବନଶୈଳୀ ଉନ୍ନତ କରି ମୃତ୍ୟୁ ହାରକୁ ହ୍ରାସ କରିପାରିବେ। ଏକ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଜଣେ ବ୍ୟକ୍ତିଙ୍କ ଆୟୁଷ ଏବଂ ତାଙ୍କ ଆର୍ଥିକ ଅବସ୍ଥା ମଧ୍ୟରେ ସିଧାସଳଖ ପାର୍ଥକ୍ୟ ଦେଖିବାକୁ ମିଳିଛି। ଆମେରିକୀୟ ମେଡିକାଲ୍ ଆସୋସିଏସନ୍ ଦ୍ୱାରା ପ୍ରକାଶିତ ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ଧନୀ ଏବଂ ଗରିବ ଲୋକଙ୍କ ମଧ୍ୟରେ ଜୀବନ କାଳର ପାର୍ଥକ୍ୟ ପୁରୁଷଙ୍କ ମଧ୍ୟରେ ୧୫ ବର୍ଷ ଏବଂ ମହିଳାଙ୍କ ମଧ୍ୟରେ ୧୦ ବର୍ଷ ରହିଛି। ଅର୍ଥାତ୍ ଧନୀ ପୁରୁଷମାନେ ଗରିବ ପୁରୁଷଙ୍କ ତୁଳନାରେ ହାରାହାରି ୧୫ ବର୍ଷ ଅଧିକ ବଞ୍ଚନ୍ତି।



Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



# ଆମ କଳାହାଣ୍ଡି





## ଜନଜାତି ଯୁବ ବିନିମୟ କାର୍ଯ୍ୟକ୍ରମ ଶୁଭାରମ୍ଭ

# ଜିଲ୍ଲାର ୩୦ ଯୁବକଯୁବତୀଙ୍କ ମୁମ୍ବାଇ ଯାତ୍ରା

ଭବାନୀପାଟଣା, (ଭାସ୍କର ନ୍ୟୁଜ): ସ୍ଥାନୀୟ ଅଟାଙ୍ଗଗୁଡ଼ା ଠାରେ ଥିବା କଳାହାଣ୍ଡି ଜିଲ୍ଲା ୬୪ ବାଟାଲିୟନ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ କ୍ୟାମ୍ପ ପରିସରରେ ୧୬ତମ ଜନଜାତି ଯୁବ ଆଦାନପ୍ରଦାନ କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟ ଯାତ୍ରାର ଶୁଭାରମ୍ଭ ହୋଇଛି । କେନ୍ଦ୍ର ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟର ନେହେରୁ ଯୁବ କେନ୍ଦ୍ର ମାଇଁ ଭାରତ କଳାହାଣ୍ଡି ଶାଖା ଏବଂ ୬୪ ବାଟାଲିୟନ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ ପକ୍ଷରୁ ଆୟୋଜିତ ଏହି ଯୁବ ବିନିମୟ କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲାର ଭବାନୀପାଟଣା ବ୍ଲକର ମାଓ ପ୍ରବଣ ତଥା ଆଦିବାସୀ ଅଧ୍ୟୁଷିତ ଯୁଗସାଇପାଟଣା ଅଞ୍ଚଳରୁ ୩୦ଜଣ ଯୁବକ ଯୁବତୀ ମୁମ୍ବାଇକୁ ଯାତ୍ରା କରିଛନ୍ତି । ସେଠାରେ ଚଳିତ ମାସ ୪ ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଏକ ଯୁବ



ଶିବିରରେ ସେମାନେ ଯୋଗଦେବେ । ଶିବିରରେ ଛତିଶଗଡ଼ ଓ ମଧ୍ୟପ୍ରଦେଶ ଭଳି ରାଜ୍ୟର ଜନଜାତି ଯୁବକ ଯୁବତୀମାନେ ଅଂଶଗ୍ରହଣ କରିବେ ବୋଲି ଜଣାପଡିଛି । କଳାହାଣ୍ଡି ଜିଲ୍ଲାରୁ ଯାଉଥିବା ଏହି ଜନଜାତିର ଯୁବଗୋଷ୍ଠୀଙ୍କ ଯାତ୍ରାର ଶୁଭାରମ୍ଭ କରିବା ନିମନ୍ତ ସ୍ଥାନୀୟ ସିଆରପିଏଫ୍ କ୍ୟାମ୍ପ ଅଟାଙ୍ଗଗୁଡା ଠାରେ ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏଥିରେ କଳାହାଣ୍ଡି ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ (ସାଧାରଣ), ୬୪ ବାଟାଲିୟନ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ କମାଣ୍ଡେଣ୍ଟ ପଙ୍କଜ ଚୌଧୁରୀ, ଉପ କମାଣ୍ଡେଣ୍ଟ ସଚ୍ଚିଦାନନ୍ଦ ପାତ୍ର ତଥା ନେହେରୁ ଯୁବ କେନ୍ଦ୍ରର ଜିଲ୍ଲା ଯୁବ ଅଧିକାରୀ ପ୍ରସନ୍ନ କୁମାର ମେହେର ପ୍ରମୁଖ ଯୋଗଦେଇ ଶିବିରର ବିଭିନ୍ନ କାର୍ଯ୍ୟକ୍ରମରେ କିଭଳି ଭାବେ ଶାନ୍ତିଶୃଙ୍ଖଳା ରକ୍ଷା କରି ଜିଲ୍ଲାର କଳା ସଂସ୍କୃତିକୁ ପରିବେଷଣ କରି କଳାହାଣ୍ଡି ମାଟିକୁ ସୁନାମ ଆଣିପାରିବେ ସେ ନେଇ ବିଭିନ୍ନ ସୂଚନା ଦେଇଥିଲେ । ପରେ ପରେ ୬୪ ସିଆର୍‌ପିଏଫ୍ କମାଡେଣ୍ଟ ପଙ୍କଜ ଚୌଧୁରୀ ଓ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ପତାକା ଦେଖାଇ ଏହି ଯାତ୍ରାର ଶୁଭାରମ୍ଭ କରିଥିଲେ । କଳାହାଣ୍ଡି ଜିଲ୍ଲାର କଳା ଓ ସଂସ୍କୃତି ପରମ୍ପରା, କ୍ରୀଡ଼ା ଓ ଦର୍ଶନୀୟ ସ୍ଥାନମାନଙ୍କ ସମ୍ପର୍କରେ ନିଜ ଅନୁଭୂତିକୁ ଅନ୍ୟ ରାଜ୍ୟର ଯୁବକଯୁବତୀମାନଙ୍କ ମଧ୍ୟରେ ବାଣ୍ଟିବା ଓ ସେମାନଙ୍କ ରାଜ୍ୟ କଳା ସଂସ୍କୃତି ଓ ପରମ୍ପରା କ୍ରୀଡା ତଥା ଦର୍ଶନୀୟ ସ୍ଥାନମାନଙ୍କ ସମ୍ପର୍କରେ ଜ୍ଞାନ ଆହରଣ କରି ଆମ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ପାଇଁ ଅନୁପ୍ରାଣିତ ହେବାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ଏଭଳି ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ବୋଲି ଅତିଥିମାନେ ପ୍ରକାଶ କରିଥିଲେ ।

# ଯୁବ ରେଡକ୍ରସ ଓ ରେଡ୍ ରିବନ୍ କ୍ଲବ ପକ୍ଷରୁ ବିଶ୍ୱ ଏଡ୍‌ସ ଦିବସ

ଭବାନୀପାଟଣା, (ଭାସ୍କର ନ୍ୟୁଜ): ବିଶ୍ୱ ଏଡ୍‌ସ ଦିବସ-୨୦୨୪ ପାଳନ ଉପଲକ୍ଷେ ସ୍ଥାନୀୟ ଭବାନୀପାଟଣା ସରକାରୀ ମହିଳା ମହାବିଦ୍ୟାଳୟର ଯୁବ ରେଡକ୍ରସ୍ ଓ ରେଡ୍ ରିବନ୍ କ୍ଲବ୍ ପକ୍ଷରୁ ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏହି ଅବସରରେ ଛାତ୍ରୀ ଓ ସ୍ୱେଚ୍ଛାସେବୀମାନଙ୍କ ମଧ୍ୟରେ ଏଡ୍‌ସ୍ ଓ ଏଚ୍‌ଆଇଭି ସମ୍ପର୍କିତ ପ୍ରବନ୍ଧ ଲିଖନ, ତର୍କ, ଚିତ୍ରାଙ୍କନ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତାମାନ ଆୟୋଜନ କରାଯିବା ସହ ଏକ ଏଡ୍‌ସ ସଚେତନତା ରାଲିର ଆୟୋଜନ ମଧ୍ୟ କରାଯାଇଥିଲା । ଛାତ୍ରୀମାନଙ୍କ ମଧ୍ୟରେ ଏଚ୍‌ଆଇଭି ଓ ଏଡ୍‌ସ ଏବଂ ଯୌନ ସଂକ୍ରମଣ ରୋଗର କାରଣ ତଥା ନିରାକରଣ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଯୁବ ରେଡକ୍ରସ୍ ଓ ରେଡ୍ ରିବନ୍ କ୍ଲବର ପରାମର୍ଶଦାତା ଡ଼. ରଜନୀକାନ୍ତ ଜେନା ସ୍ୱାଗତ ଅଭିଭାଷଣ, ଅତିଥି ପରିଚୟ ପ୍ରଦାନ ସହ ରେଡ୍ ରିବନ କ୍ଲବର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ । ମହାବିଦ୍ୟାଳୟର ଅଧକ୍ଷ ଡ଼. ତ୍ରିଲୋଚନ ଜେନା ଶିବିର ଆୟୋଜନର ଉଦ୍ଦେଶ୍ୟ ଏବଂ ଏଚ୍‌ଆଇଭି ଏବଂ ଏଡ୍‌ସ ରୋଗର ଭୟାବହତା ଓ ଏହି ରୋଗକୁ ରୋକିବାରେ ଯୁବଗୋଷ୍ଠୀ ବିଶେଷକରି ଛାତ୍ରୀମାନଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ସଚେତନତା କାର୍ଯ୍ୟକ୍ରମର ଅତିଥି ଭାବେ କଳାହାଣ୍ଡି ଜିଲ୍ଲା ସଦର ମହକୁମା ହସ୍ପିଟାଲର ଆଇସିଟିସି-୧ର ପରାମର୍ଶଦାତା ରାମଚନ୍ଦ୍ର ବସନ୍ତିଆ ଯୋଗଦେଇ ଏଚ୍‌ଆଇଭି ଓ ଏଡ୍‌ସ କିପରି ବିଭିନ୍ନ ଉପାୟରେ ସଂକ୍ରମିତ ହୁଏ ଏବଂ ଏହାକୁ କିପରି ରୋକାଯାଇପାରିବ ସେ ଦିଗରେ ସବିଶେଷ ଆଲୋଚନା କରିଥିଲେ । କଳାହାଣ୍ଡି ସଦର ମହକୁମା ହସ୍ପିଟାଲର



ଆଇସିଟିସି-୨ର ପରାମର୍ଶଦାତା ମାନସ ରଞ୍ଜନ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଯୌନ ସଂକ୍ରମିତ ରୋଗର ବିଭିନ୍ନ କାରଣ ଏବଂ ନିରାକରଣ ବିଷୟରେ ଆଲୋଚନା କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀମାନଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା । ସରକାରୀ ମହିଳା ଉଚ୍ଚ ମାଧମିକ ବିଦ୍ୟାଳୟର ଯୁବ ରେଡକ୍ରସ୍ ପରାମର୍ଶଦାତା ଶଙ୍କର ଦଳେଇ ମଞ୍ଚ ପରିଚାଳନା କରିବା ସହ ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ଯୁବ ରେଡକ୍ରସର ସ୍ୱେଚ୍ଛାସେବୀ, ଛାତ୍ରୀ, ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ପୂର୍ଣ୍ଣ ସହଯୋଗ କରିଥିଲେ ।

# ବସ୍-କାର୍ ମୁହାଁମୁହିଁ

## ଅଳ୍ପକେ ବର୍ତ୍ତିଲେ କାର୍ ଚାଳକ

ନର୍ଲା (ଭାସ୍କର ନ୍ୟୁଜ) ଭବାନୀପାଟଣାରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ବରାଳଦେବୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି । ସୂଚନା ଅନୁଯାୟୀ, ସୋମବାର ବିଳମ୍ବିତ ରାତିରେ ରାଜ୍ୟ ରାଜପଥ ୨୬ରେ ନର୍ଲା ଚାରିଛକ ଠାରେ ଥିବା ପୂର୍ତ୍ତ ବିଭାଗର ପୋଲ ସହ ବସ୍ ଧକ୍କା ହୋଇଥିଲା । ବସ୍‌ଟି ଭବାନୀପାଟଣାରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବାବେଳେ ସାମ୍ନାପଟୁ ଆସୁଥିବା ଏକ କାର୍‌କୁ ମଧ୍ୟ ଆଘାତ ଲାଗିଛି । କାର୍ ଚାଳକ ଅଳ୍ପକେ ବର୍ତ୍ତି ଯାଇଥିବା ଜଣାପଡିଛି । ବସ୍‌ର ଜଣେ ଯାତ୍ରୀ ଆହତ ହୋଇଥିବାବେଳେ ଅନ୍ୟ ଯାତ୍ରୀ ସମସ୍ତେ ସୁରକ୍ଷିତ ଥିବା ଜଣାପଡ଼ିଛି । ସୂଚନା ପାଇ ନର୍ଲା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ପ୍ରଥମେ ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି । ନର୍ଲା ପୋଲିସ ଅଧିକ ତଦନ୍ତ ଜାରି ରଖିଛି ।

## ଶାସ୍ତ୍ରୀ ସ୍ୱରୂପ ବିଦ୍ୟାନିକେତନର ବିଜ୍ଞାନ ମେଳା

# ୧୨ ପ୍ରକଳ୍ପକୁ ପୁରସ୍କୃତ କଲେ ବିଚାରକ ମଣ୍ଡଳୀ






ଭବାନୀପାଟଣ, (ଭାସ୍କର ନ୍ୟୁଜ): ଛାତ୍ରଛାତ୍ରୀଙ୍କୁ ବିଜ୍ଞାନ ଶିକ୍ଷା ପ୍ରତି ଅଧିକରୁ ଅଧିକ ଆକର୍ଷିତ କରିବା ସହ ସେମାନଙ୍କ ଅନ୍ତର୍ନିହିତ ପ୍ରତିଭାକୁ ବିକଶିତ କରିବା ପାଇଁ ସ୍ଥାନୀୟ ଶାସ୍ତ୍ରୀ ସ୍ୱରୂପ ବିଦ୍ୟା ନିକେତନ ଠାରେ ଏକ ବିଜ୍ଞାନମେଳା ଅନୁଷ୍ଠିତ ହୋଇଥିଲା । ବିଭିନ୍ନ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ବହୁ ପ୍ରକଳ୍ପ ଏଥିରେ ପ୍ରଦର୍ଶିତ ହୋଇଥିଲା ବେଳେ ବିଚାରକ ମଣ୍ଡଳୀ ୧୨ଟି ପ୍ରକଳ୍ପକୁ ପୁରସ୍କାର ପାଇଁ ଚୟନ କରିଥିଲେ । ଏହି ବିଜ୍ଞାନ ମେଳାକୁ ବିଦ୍ୟାଳୟର ଚେୟାରପର୍ସନ ନମିତା ସାହୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିବା ବେଳେ ଏଥିରେ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ପୋଲିସ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଜୟରାମ ସାହୁ ଉପସ୍ଥିତ ରହି ଛୋଟ ଛୋଟ ପିଲାମାନଙ୍କ ଦ୍ୱାରା ପ୍ରସ୍ତୁତ ପ୍ରକଳ୍ପ ଗୁଡିକ ବୁଲି ଦେଖିଥିଲେ ଓ ପିଲାମାନଙ୍କୁ ଉତ୍ସାହିତ କରିଥିଲେ । ସ୍ଥାନୀୟ ଶାସ୍ତ୍ରୀଜୀ ମହିଳା ମହାବିଦ୍ୟାଳୟର ଅଧକ୍ଷ ଦିଗେଶ୍ୱର ବେମାଲ ଓ ବିଜ୍ଞାନ ଅଧ୍ୟାପକ ଅଟଳ ବିହାରୀ ନାୟକ ବିଚାରକ ଭାବେ ଉପସ୍ଥିତ ରହି ପ୍ରକଳ୍ପଗୁଡିକର ମୂଲ୍ୟାୟନ କରିଥିଲେ । ମୁଖ୍ୟଅତିଥି ନମିତା ସାହୁ ଓ ସମ୍ମାନିତ ଅତିଥି ଜୟରାମ ସାହୁ ପ୍ରମୁଖ ପୁରସ୍କାର ପାଇଁ ମନୋନୀତ ପ୍ରକଳ୍ପଗୁଡିକୁ ପୁରସ୍କାର ପ୍ରଦାନ କରିଥିଲେ । ଶାସ୍ତ୍ରୀ ସ୍ୱରୂପ ବିଦ୍ୟାନିକେତନର ପ୍ରଧାନ ଶିକ୍ଷୟିତ୍ରୀ ଓ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନେ ଉପସ୍ଥିତ ରହି ପ୍ରଦର୍ଶନୀର ପରିଚାଳନା କରିଥିଲେ । ଏହି ଅବସରରେ ପରିବେଶ ସୁରକ୍ଷା ସମ୍ପର୍କିତ ଏକ ଚିତ୍ତାକର୍ଷକ ନୃତ୍ୟ ନାଟିକା ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା ।

# ୭ ମଣ୍ଡି ଉଦ୍‌ଘାଟିତ

କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ଯୋରାଡବରା ପ୍ୟାକ୍ସ ଅଧୀନରେ ଥିବା ଏକାତରା, ଯୋରାଡବରା, ସାପଲହରା, ରେଗେଡା, ବିଜାପାଟି, ଖଲିଆପାଲି ଓ ଭଟାପଲା ମଣ୍ଡି ପ୍ୟାକ୍ସ ସଭାପତି ଦେବରାଜ ରଣାଙ୍କ ନେତୃତ୍ୱରେ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଜିଲ୍ଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, କର୍ଲାମୁଣ୍ଡା ତହସିଲଦାର ଅରୁଣ ବର୍ଗେ, ଉପନିବନ୍ଧକ କଳାହାଣ୍ଡି ପ୍ରମୋଦ ସାହୁ, ସହକାରୀ ସହ ନିବନ୍ଧକ ସମବାୟ ସମିତି ସମୂହ ଭବାନୀପାଟଣା ମଧୁସୁଦନ ମେହେର, ସଂପାଦକ ନିୟନ୍ତିତ ବଜାର, କମିଟି କେସିଙ୍ଗା ଜ୍ୟୋତି ରଞ୍ଜନ ଦାଶ, ରେଗେଡା ସରପଞ୍ଚ ଦିପ୍ତିରାଣୀ ସାହୁ, ଯୋରାଡବରା ସରପଞ୍ଚ କ୍ଷିତି ସୁତା ସାହୁ , ସାପଲହରା ସରପଞ୍ଚ ରାଜେଶ୍ୱରୀ ସେନାପତି ଓ ବୋରପଦର ସରପଞ୍ଚ ସୁବାସ ସାହୁ ଉପସ୍ଥିତ ରହି ବିଭିନ୍ନ ମଣ୍ଡି ଉଦ୍‌ଘାଟିତ କରିଥିଲେ । ଏଥିରେ ଚାଷୀମାନେ ନିଜର ଧାନ ଚାଷ ଉପରେ ହୋଇଥିବା ମଣ୍ଡିକୁ କିପରି ସୁଚାରୁରୂପେ ଧାନ ବିକ୍ରୟ କରିବେ ସେ ଉପରେ ମଞ୍ଚାସୀନ ଅତିଥିମାନେ ମତବ୍ୟକ୍ତ କରିଥିଲେ । ଯୋରାଡବରା ପ୍ୟାକ୍ସ ଅଧୀନରେ ନୂତନ କରି ହୋଇଥିବା ମଣ୍ଡିଗୁଡିକରେ ଆଗାମୀ ବର୍ଷରେ ଆର୍‌ଏମ୍‌ସି ସେଡ୍ ଓ ଆର୍‌ଏମ୍‌ସି ଫଡ କରିବା ପାଇଁ ଜିଲ୍ଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂଦେଓ



ପ୍ରତିଶ୍ରୁତି ଦେଇଛନ୍ତି । ବୋରପଦର ଭଟାପଲା ମଣ୍ଡି ଉଦ୍‌ଘାଟନ କାର୍ଯ୍ୟକ୍ରମକୁ ସମାଜସେବୀ କ୍ଷିର ସାଗର କୁମାର ମଞ୍ଚ ପରିଚାଳନା କରିଥିବା ବେଳେ ସରପଞ୍ଚ ସୁବାସ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲାପାଳଙ୍କ ଜିଲ୍ଲାସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର

ଭବାନୀପାଟଣା, (ଭାସ୍କର ନ୍ୟୁଜ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ସଭାଗୃହଠାରେ ମଙ୍ଗଳବାର ଜିଲ୍ଲାପାଳଙ୍କ ଜିଲ୍ଲାସ୍ତରୀୟ ଯୁଗ୍ମ ଜନଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଓ ଆରକ୍ଷୀ ଅଧିକ୍ଷକ ଅଭିଳାଷ ଜୀ ଯୋଗଦେଇ ଲୋକଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ଏହି ଶିବିରରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ୧୧୭ ଗୋଟି ଆପତ୍ତି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା, ସେଥିରୁ ବ୍ୟକ୍ତିଗତ ୯୧ ଗୋଟି ଓ ସାମୂହିକ ୨୪ ଗୋଟି ରହିଥିବା ବେଳେ ୧୦ ଗୋଟି ଆପତ୍ତି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା । ୨ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ଏହି ଶିବିରରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବେସାମରିକ ଯୋଗାଣ, ଜଳସେଚନ, ସାମାଜିକ ସୁରକ୍ଷା, ପୂର୍ତ୍ତ, ବିଦ୍ୟୁତ, ଶିଶୁ ସୁରକ୍ଷା, ଗ୍ରାମ୍ୟ ଉନ୍ନୟନ, ଅବକାରୀ, ତହସିଲ, ବ୍ଲକ ଇତ୍ୟାଦି ବିଭାଗୀୟ ଅଧୀନରେ କାର୍ଯ୍ୟକାରୀ ହେବାକୁ ଥିବା ସମ୍ପର୍କିତ ଆପତ୍ତି ଅଭିଯୋଗର ଶୁଣାଣି କରି ଏହି ସବୁ ସମସ୍ୟାର ତୁରନ୍ତ ସମାଧାନ କରିବା ନିମନ୍ତେ ଆବଶ୍ୟକ



ପଦକ୍ଷେପ ନେବା ପାଇଁ ଜିଲ୍ଲାପାଳ ଏଥି ସହିତ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଦୟାମୟ ପାଢ଼ି, ପିଡିତୁଡା ମୁନୀନ୍ଦ୍ର ହୋନନାଗା, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ଃ. ନିହାରେନ୍ଦ୍ର ପଣ୍ଡା, ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାର, ଜିଲ୍ଲା ପଞ୍ଚାୟତ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକ, ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ପବିତ୍ର କୁମାର ସାହୁ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୁଜିବୁନ ନିଶା, ଜିଲ୍ଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାୟ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବିରେନ୍ଦ୍ର କୁମାର କହଁରଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ, ସ୍ଥାନୀୟ ତହସିଲଦାର, ବିଡିଓ, ପୌରପାଳିକା ନିର୍ବାହୀ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ । ଏହି ଜନଶୁଣାଣି ଶିବିରର ପରିଚାଳନାରେ ସହକାରୀ ନିର୍ଦ୍ଦେଶକ ଜିଲ୍ଲା ସ୍ୱଚ୍ଛ ସଞ୍ଜୟ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଡେପୁଟି ଜିଲ୍ଲାପାଳ ଚନ୍ଦ୍ରଦାଶ ମହାନନ୍ଦିଆ ସହଯୋଗ କରିଥିଲେ । ଆସନ୍ତା ଡିସେମ୍ବର ୯ରେ ଗୋଲାମୁଣ୍ଡା ବ୍ଲକରେ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହେବ । ସମ୍ପୃକ୍ତ ଅଞ୍ଚଳର ଜନସାଧାରଣ ଏହି ଶିବିରରେ ନିଜର ନାମ ପଞ୍ଜୀକରଣ କରି ରହିଥିବା ବ୍ୟକ୍ତିଗତ, ସାମୂହିକ ଆପତ୍ତି ଅଭିଯୋଗ ସିଧାସଳଖ ଭାବେ ଜିଲ୍ଲାପାଳିଙ୍କୁ ଭେଟି ଜଣାଇ ପାରିବେ ।

# ସରିଲା କେସିଙ୍ଗା ବ୍ଲକର ଅନାସ୍ଥା ପ୍ରସ୍ତାବ

କେସିଙ୍ଗା,(ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକର ଶେଷ ଅନାସ୍ଥା ପ୍ରସ୍ତାବ ପାଇଁ ଆଲୋଚନା ସହିତ ଗୁପ୍ତ ମତଦାନ ମଙ୍ଗଳବାର ସମାପ୍ତ ହେଇଛି । ବ୍ଲକର ଫଟକାମାଲ ପଞ୍ଚାୟତରେ ଥିଲା ବର୍ଷର ଶେଷ ଅନାସ୍ଥା । ୧୨ ୱାର୍ଡ ବିଶିଷ୍ଟ ଫଟକାମାଲ ଗ୍ରାମ ପଞ୍ଚାୟତରେ ଅନୁଷ୍ଠିତ ଅନାସ୍ଥାରେ ୧୦ଜଣ ୱାର୍ଡ ସଭ୍ୟ/ ସଭ୍ୟା ଗୁପ୍ତ ମତଦାନ କରିଛନ୍ତି । ସେମାନେ ମତଦାନ କରି ବାହାରକୁ ଆସି କହିବା ଅନୁଯାୟୀ ନିଶ୍ଚିତ ଭାବେ ପଦ ହରାଇବେ କେସିଙ୍ଗା ସରପଞ୍ଚ ସଂଘ ସଭାପତି ସୁବୋଧ ରଣା । ହେଲେ ଭୋଟ୍ ଗଣତି ବେଳେ ଦେଖିବାକୁ ମିଳିଥିଲା ଭୋଟ ବାକ୍ସ ଭିତରେ କିଏ ଜଣେ ୱାର୍ଡ ସଭ୍ୟ/ ସଭ୍ୟା କିଛି କେମିକାଲ ପକାଇ ଭୋଟିଂ ଚିଟ୍‌ଗୁଡ଼ିକୁ ନଷ୍ଟ କରିବା ପାଇଁ ଚେଷ୍ଟା ହୋଇଥିଲା ଯାହାକି ନିର୍ବାଚନ ଅଧିକାରୀ ଭାବରେ ଦାୟିତ୍ୱ ତୁଲାଇ ଥିବା ଅଧିକାରୀ ତହସିଲଦାର ମଧ୍ୟ ମାନିଛନ୍ତି । ତଦନ୍ତ ଚାଲିଛି ଯିଏ ଏହିପରି ଖଳ କାମ କରିଥିଲା ତାଙ୍କ ବିରୁଦ୍ଧରେ ଆଇନର ଆଶ୍ରୟ ନିଆଯିବ ବୋଲି ସାମ୍ବାଦିକମାନଙ୍କ ସହିତ କଥାବାର୍ତ୍ତା ସମୟରେ ସେ ପ୍ରକାଶ କରିଥିଲେ । ଆଜି ନିର୍ବାଚନ ଅଧିକାରୀ ଭାବେ କେସିଙ୍ଗା ତହସିଲଦାର ପ୍ରଶାନ୍ତି ପ୍ରଧାନ ଦାୟିତ୍ୱ ତୁଲାଇ ଥିବାବେଳେ ଶାନ୍ତିଶୃଙ୍ଖଳା ଦାୟିତ୍ୱରେ ଭବାନୀପାଟଣା ସଦର ଥାନା ଅଧିକାରୀ ନରେଶ ପ୍ରଧାନ ସମେତ ଦୁଇ ପ୍ଲାଟୁନ ପୋଲିସ ମୁତୟନ ହୋଇଥିଲେ ।

# ପୁଣି ପାଣି ପାଇଁ ରାଜରାସ୍ତାଙ୍କୁ ଓହ୍ଲାଇଲେ ଚାଷୀ

ଧର୍ମଗଡ, (ଭାସ୍କର ନ୍ୟୁଜ): ଦିନକୁ ଦିନ ଚାଷୀଙ୍କ ଭିତରେ ଉତ୍ତେଜନା ବୃଦ୍ଧି ପାଉଛି । କେତେବେଳେ ରାଜରାସ୍ତା ଅବରୋଧ କରୁଛି ତ କେତେବେଳେ ପ୍ରଶାସନ କାର୍ଯ୍ୟାଳୟକୁ ଘେରୁଛି । ଗତ କିଛିଦିନ ତଳେ ଧର୍ମଗଡ଼ ଠାରେ ମୁଖ୍ୟ ରାସ୍ତା ୧୩୦ସି ରାସ୍ତା ଅବରୋଧ କରି ଆନ୍ଦୋଳନ କରିଥିବା ବେଳେ ବେଶ୍ କିଛି ଦିନ ଅନ୍ତରରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଆନ୍ଦୋଳନ କରିଥିଲା । ମଙ୍ଗଳବାର ପୁଣି ରାଜରାସ୍ତାଙ୍କୁ ଓହ୍ଲାଇଛି ଚାଷୀ । କୋକସରା ବ୍ଲକ ମୋଟେର-ଜୟପୁର ଜାତୀୟ ରାଜପଥ ୨୬ନଂ ଅବରୋଧ ସହ ଆନ୍ଦୋଳନ କରିଛି ଚାଷୀ । ଖରିଫ ଚାଷ ଅମଳ ପରେ ରବି ଚାଷ ପ୍ରସ୍ତୁତି ପାଇଁ ସଜବାଜ ହୋଇଛି ଚାଷୀ । ହେଲେ ଉପ ଇନ୍ଦ୍ରାବତୀ କେନାଲ ଡିଭିଜନ ପକ୍ଷରୁ ଚଳିତ ବର୍ଷ ଜଳ ଯୋଗାଣ ବନ୍ଦ ହେବାକୁ କିଛି ଦିନ ତଳେ ସୂଚନା ଦେଇଥିଲା । ଏହାପରେ ଚାଷୀଙ୍କ ଭିତରେ ଘୋର ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ପ୍ରଶାସନ ଓ ଚାଷୀଙ୍କ ମଧ୍ୟରେ ଘନ ଘନ ଆଲୋଚନା ହୋଇଥିଲେ ହିଁ କୌଣସି ନିର୍ଣ୍ଣୟ ନିଷ୍ପତ୍ତି ହୋଇ ପାରି ନଥିଲା । ବାରମ୍ବାର ପ୍ରଶାସନ ଚାଷୀଙ୍କୁ ଆଶ୍ୱସ୍ତି ଦେଇଥିଲେ ହିଁ ପରବର୍ତ୍ତୀ ସମୟରେ ପ୍ରଶାସନର ଦୋମୁହାଁ ନୀତିକୁ ଚାଷୀ ବିଶ୍ୱାସ କରିପାରି ନାହିଁ । ମଙ୍ଗଳବାର କୋକସରା ଉପାଧ୍ୟକ୍ଷ ରାଜୁ ଅଗ୍ରୱାଲ ଓ ଶିବ ପ୍ରଧାନୀଙ୍କ ନେତୃତ୍ୱରେ ହଜାର ହଜାର ଚାଷୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ୨୬ନଂ ଜାତୀୟ ରାଜପଥ ଅବରୋଧ ପରେ ମୋଟେର-ଜୟପୁର, ଜୟପାଟଣା ରାସ୍ତାରେ ଚଳାଚଳ ଠପ୍ ହୋଇପଡିଛି । ଶହ ଶହ ଯାନବାହନ ଅଟକି ରହିଥିବା ବେଳେ ଲୋକେ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେଉଥିବା ଦେଖାଯାଇଛି । ଘଟଣାସ୍ଥଳରେ ଉପ ଇନ୍ଦ୍ରାବତୀ




କେନାଲ ଡିଭିଜନ ଅଧିକାରୀ, ସହକାରୀ ଜିଲ୍ଲାପାଳ, କୋକସରା ତହସିଲଦାର, ଜୟପାଟଣା ତହସିଲଦାର ଆନ୍ଦୋଳନ ସ୍ଥଳରେ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରିଥିଲେ ମଧ୍ୟ କୌଣସି ସକରାତ୍ମକ ନିଷ୍ପତ୍ତି ହୋଇ ପାରି ନାହିଁ । ନିଜ ଜିଦ୍‌ରେ ଅଟଳ ରହିଛନ୍ତି ଚାଷୀ । କୋକସରା ବ୍ଲକକୁ ଉପର ଇନ୍ଦ୍ରାବତୀ ଜଳସେଚନ ପ୍ରକଳ୍ପର କେନାଲ ଓ ଉଠା ଜଳସେଚନ ପ୍ରକଳ୍ପ ଜରିଆରେ ଚକିତ ରବି ଋତୁ ପାଇଁ ଜଳ ଯୋଗାଣ ବନ୍ଦ ରହିବା ପୂର୍ବରୁ କେନାଲ ଡିଭିଜନ ସୂଚନା ଦେଇଥିଲେ । ପ୍ରଶାସନ ଓ ଉପର ଇନ୍ଦ୍ରାବତୀ ଜଳସେଚନ ପ୍ରକଳ୍ପ ଅଧିକାରୀଙ୍କ ସ୍ଥାନୀୟ ଚାଷୀ ପୂର୍ବରେ ଆଲୋଚନା କରିଥିଲେ ହିଁ ବିଫଳ ହୋଇଥିଲା । ଜଳ ଯୋଗାଣ ଅନିଶ୍ଚିତ ହେବାରୁ ଚାଷୀଙ୍କ ଭିତରେ ଆନ୍ଦୋଳନର ଦାନା ବାନ୍ଧିଥିଲା । କୋକସରା ବ୍ଲକରେ ଉପର ଇନ୍ଦ୍ରାବତୀ ଉଠା ଜଳସେଚନ ପ୍ରକଳ୍ପ ଜରିଆରେ ୧୧ ହଜାର ହେକ୍ଟର ଚାଷ ଜମିରେ ଚାଷ ହେଉଥିବା ବେଳେ ସର୍ବାଧିକ ୧୮କିମି କେନାଲ ରହିଛି । ଚଳିତ ଖରିଫ ଚାଷରେ ଅଭାବୀ ବର୍ଷା ଓ ରୋଗ ପୋକ ଆବିର୍ଭାବ ହୋଇ ଅନେକ କ୍ଷତି ସାମ୍ନା କରିଛି ଚାଷୀ । ଏହାର ଭରଣ କରିବାକୁ ଯାଇ ରବି ଫସଲରେ ଆଶା ବାନ୍ଧିଥିବା ବେଳେ ଜଳ ଯୋଗାଣ ବନ୍ଦ ରହିବା ଚାଷୀଙ୍କୁ ଆଘାତ ଦେଇଛି । ଏହି ଆନ୍ଦୋଳନରେ କୋକସରା, ଜୟପାଟଣା, ଧର୍ମଗଡ ଓ ଦଣ୍ଡପାଟ ଅଞ୍ଚଳ ହଜାର ହଜାର ଚାଷୀ ସାମିଲ ହୋଇଛନ୍ତି । ତେବେ ଖବର ଲେଖା ହେବା ପର୍ଯ୍ୟନ୍ତ କୌଣସି ନିର୍ଣ୍ଣୟ ସମାଧାନ ହୋଇ ନ ଥିବା ବେଳେ ଆନ୍ଦୋଳନ ଜାରି ରହିଛି ।

# ରାଶିଫଳ

ବୁଧବାର, ୪ ଡିସେମ୍ବର ୨୦୨୪



**ମେଷ:** ଏହି ରାଶିର ଲୋକଙ୍କ ଆତ୍ମବିଶ୍ୱାସରେ ହ୍ରାସ ଘଟିବ। ନିଜକୁ ଧାର୍ମିକ କାର୍ଯ୍ୟରେ ନିୟୋଜିତ କରିବେ । ଯଦି ଆପଣ ଆଜି ଅନାବଶ୍ୟକ ଖର୍ଚ୍ଚ ଉପରେ ନିୟନ୍ତ୍ରଣ ରଖନ୍ତି, ତେବେ ଏହା ଭଲ ହେବ । ଆଜି ଆପଣଙ୍କର ଆୟ ବୃଦ୍ଧି ପାଇବ ।



**ବୃଷ:** ଆଜି ଆପଣ ଆତ୍ମବିଶ୍ୱାସରେ ପରିପୂର୍ଣ୍ଣ ହେବେ । ଏଥିରେ କୌଣସି ସନ୍ଦେହ ନାହିଁ । ଆପଣଙ୍କର ଭାଇଭଉଣୀ ଏବଂ ଅନ୍ୟ ପରିବାର ସଦସ୍ୟଙ୍କ ସମର୍ଥନ ପାଇବେ । ଯାହା ଆପଣଙ୍କୁ ଖୁସିର ଅନୁଭବ ଦେବ।



**ମିଥୁନ:** ଆପଣ ଆତ୍ମବିଶ୍ୱାସୀ ହେବେ, କିଛି ବିଷୟରେ ମାନସିକ ଚାପ ରହିପାରେ । ଚାପ ଆପଣଙ୍କ ବ୍ୟକ୍ତିତ୍ୱ ଉପରେ ପ୍ରାଧାନ୍ୟ ଦେବାକୁ ଦିଅନ୍ତୁ ନାହିଁ । ଏହାର ନକାରାତ୍ମକ ପ୍ରଭାବ ପଡିପାରେ । ପିତାମାତାଙ୍କ ସ୍ୱାସ୍ଥ୍ୟ ଦୁର୍ବଳ ହୋଇପାରେ।



**କର୍କଟ:** ଯଦି ଆପଣ ସକାରାତ୍ମକ ରୁହନ୍ତି ତେବେ ଦିନଟି ଭଲ ହେବ । ଆଜି, ସୃଜନଶୀଳ କାର୍ଯ୍ୟ ପ୍ରତି ଆପଣଙ୍କର ଆଗ୍ରହ ବୃଦ୍ଧି ପାଇବ । ଆପଣ ମଧ୍ୟ କଠିନ ପରିଶ୍ରମ କରିବେ । ବ୍ୟବସାୟ ବିସ୍ତାର ହେବ କିନ୍ତୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡିପାରେ।



**ସିଂହ:** ବ୍ୟବସାୟ ଦୃଷ୍ଟିରୁ ଆପଣଙ୍କର ଭଲ ଦିନ ରହିବ । ଆର୍ଥିକ ଲାଭ ହେବ, କିନ୍ତୁ ଆପଣଙ୍କର ଦୈନନ୍ଦିନ କାର୍ଯ୍ୟ ବିଶୃଙ୍ଖଳିତ ହୋଇପାରେ, ଯାହା ଆପଣଙ୍କୁ କଷ୍ଟଦାୟକ କରିଦେବ । ଆହୁରି ମଧ୍ୟ, ଆପଣଙ୍କ ମାତାର ସ୍ୱାସ୍ଥ୍ୟ ଭଲ ହୋଇ ନ ପାରେ।



**କନ୍ୟା:** ଆପଣର ଆଚରଣକୁ ନିୟନ୍ତ୍ରଣ କରନ୍ତୁ । କାହା ପାଇଁ କଟୁ ଶବ୍ଦ ନ କହିବା ଆପଣ ପାଇଁ ଭଲ ହେବ । ଏହି ଦିନ ଆପଣ ଆତ୍ମବିଶ୍ୱାସୀ ହେବ, କିନ୍ତୁ ମାନସିକ ଚାପ ହୋଇପାରେ । ଆପଣର ଆୟ ବଢିବ । ଆର୍ଥିକ ଦୃଷ୍ଟିରୁ ଲାଭବାନ ହେବ।



**ତୁଳା:** ଆଜି ଆପଣଙ୍କର ଆର୍ଥିକ ସ୍ଥିତି ଭଲ ରହିବ । ବାର୍ତ୍ତାଳାପରେ ସଂଯମ ରୁହନ୍ତୁ । ଯଦି ଆପଣ ଧାରଣାକୁ ସକାରାତ୍ମକ ରଖନ୍ତି ତେବେ ଭଲ ଫଳାଫଳ ବାହାରକୁ ଆସିପାରେ। ମୋଟ ଉପରେ, ଦିନକୁ ସାଧାରଣ କୁହାଯିବ।



**ବିଛା:** ଆଜି ଆପଣଙ୍କ ମନ ଭଲ ହେବ ନାହିଁ, ଏହାର କୌଣସି ନିର୍ଦ୍ଦିଷ୍ଟ କାରଣ ରହିବ ନାହିଁ, ତଥାପି ନିରାଶା ଆପଣଙ୍କୁ ଘେରି ରହିବ । ଜୀବନ ସାଥୀଙ୍କଠାରୁ ସମର୍ଥନ ପାଇବେ । ପ୍ରକୃତିରେ ବିରକ୍ତିକରତା ଦେଖାଯିବ । ମାନସିକ ଚାପ ହୋଇପାରେ। ଆଜି ଆପଣଙ୍କର ଆୟ ବୃଦ୍ଧି ପାଇବ।



**ଧନୁ :** ଆପଣଙ୍କ ମନରେ ଧର୍ମ ପ୍ରତି ସମ୍ମାନ ରହିବ । ମାନସିକ ଶାନ୍ତି ରହିବ । ମନ ଏବଂ ସ୍ୱରକୁ ନିୟନ୍ତ୍ରଣ କରନ୍ତୁ ଏବଂ ସକରାତ୍ମକ ମନୋଭାବ ଗ୍ରହଣ କର, ନିଶ୍ଚିତ ଭାବରେ ସଫଳତା ପାଇବ । ଆର୍ଥିକ ଲାଭ ହେବ । ଆପଣଙ୍କ ମାତାଙ୍କ ସ୍ୱାସ୍ଥ୍ୟ ଭଲ ରହିବ ନାହିଁ । ଆର୍ଥିକ ଦୃଷ୍ଟିରୁ ଦିନଟି ଭଲ ରହିବ। ଧାର ଦେଇଥିବା ଟଙ୍କା ପାଇବ। ପୁଞ୍ଜି ବିନିଯୋଗ ଲାଭଦାୟକ ହେବ।



**ମକର:** ଦେଶବାସୀଙ୍କ ମନରେ ଅତ୍ୟଧିକ କ୍ରୋଧ ରହିବ। ଆପଣ ଏକାଡେମିକ୍ କାର୍ଯ୍ୟରେ ସଫଳତା ପାଇବେ। ତେଣୁ, ଏକ ସକରାତ୍ମକ ମନୋଭାବ ଗ୍ରହଣ କରି ପ୍ରୟାସ ଜାରି ରଖନ୍ତୁ ସଫଳ ହେବ। ଆଜି ଆପଣଙ୍କର ଆୟ ବୃଦ୍ଧି ପାଇବ। ଭ୍ରମଣ, ବିନିଯୋଗ ଏବଂ ଚାକିରି ଆପଣଙ୍କୁ ଅନୁକୂଳ ସୁବିଧା ଦେବ।



**କୁମ୍ଭ:** ନକାରାତ୍ମକ ଚିନ୍ତାଧାରା ମନରେ ପ୍ରଭାବିତ ହେବ। ଚାକିରିରେ ପଦୋନ୍ନତି ପାଇଁ ସୁଯୋଗ ରହିବ । ମୋଟ ଉପରେ ଦିନକୁ ଭଲ କୁହାଯିବ । ମାତାର ସ୍ୱାସ୍ଥ୍ୟ ଭଲ ହୋଇପାରିବ ନାହିଁ ।



**ମୀନ:** ଆପଣର ବକ୍ତବ୍ୟରେ ମୃଦୁତା ରହିବ, କିନ୍ତୁ ପ୍ରକୃତିରେ କ୍ରୋଧ ମଧ୍ୟ ହୋଇପାରେ, ଯାହା ଆପଣଙ୍କ ସମ୍ପର୍କ ଉପରେ ପ୍ରଭାବ ପକାଇପାରେ, ତେଣୁ ସତର୍କ ରୁହନ୍ତୁ । ଯଦି ଆପଣ ସଜାଗ ରୁହନ୍ତି ତେବେ ଆପଣ ଭଲ ଫଳାଫଳ ପାଇବେ । ସାମଗ୍ରିକ ଭାବେ ଆପଣର ଆୟ ଆଜି ବୃଦ୍ଧି ପାଇବ।




ପ୍ରସ୍ତୁତି
ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯